76th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୨୧ ● କଟକ ● ମଙ୍ଗଳବାର ● ୨୮ ମାର୍ଚ୍ଚ-୨୦୨୩ ● ତୁଳା ୨୨ ● ସାଲ୍ ୧୪୩୦
CUTTACK ● TUESDAY ● 28 MARCH-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

# ଦେଶରେ ବଢୁଛି ସଂକ୍ରମଣ
## ଦିନକରେ ୬ ସଂକ୍ରମିତଙ୍କ ମୃତ୍ୟୁ

ନୂଆଦିଲ୍ଲୀ : ସାରା ଦେଶରେ କରୋନା ଭାଇରସ ରୋଗ ବୃଦ୍ଧି ପାଉଛି । ଗତକାଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅପଡେଟ୍ ହୋଇଥିବା ତଥ୍ୟ ଅନୁଯାୟୀ କ୍ରମାଗତ ଦ୍ୱିତୀୟ ଦିନ ଭାରତରେ ୧,୮୦୦ ରୁ ଅଧିକ ନୂତନ କରୋନା ଜୀବାଣୁ ପଞ୍ଜିକୃତ ହୋଇଛନ୍ତି । ଏହି କାରଣରୁ, ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ ହୋଇଛି । ଏଥି ସହିତ, ୬ ଜଣଙ୍କ ମୃତ୍ୟୁ ହେତୁ ଦେଶରେ କରୋନା କାରଣରୁ ୫,୩୦,୮୩୭ ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଆସନ୍ତା ମାସରେ ସମସ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ସୁବିଧା ଠାରେ ଯୋଜନା ହୋଇଥିବା ଦେଶବ୍ୟାପୀ ମକ୍-ଡ୍ରିଲର ବିବରଣୀ ସମୀକ୍ଷା କରାଯିବ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଭାରତୀୟ ପରିଷଦ ମେଡିକାଲ ରିସର୍ଚ୍ଚ ଦ୍ୱାରା ଜାରି ମିଳିତ ପରାମର୍ଶଦାତା ଅନୁଯାୟୀ ଉଭୟ ସରକାରୀ ତଥା ବେସରକାରୀ ସ୍ୱାସ୍ଥ୍ୟ ସୁବିଧା, ଔଷଧ, ଡାକ୍ତରଖାନା ଶଯ୍ୟା, ଚିକିତ୍ସା ଉପକରଣ ଏବଂ ଉପଲବ୍ଧତା ଉପରେ ନଜର ରଖିବା ଉଦ୍ଦେଶ୍ୟରେ ଏହି ବୈଠକରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଦୁଇଦିନ ତଳେ ଦିଲ୍ଲୀରେ ୧୩୯ ମାମଲା ପଞ୍ଜିକୃତ ହୋଇଛି ଯେଉଁଥିରେ ସଂକ୍ରମଣ ହାର ୪.୯୮ ପ୍ରତିଶତ ରହିଛି । ଶୁକ୍ରବାର ଦିନ ୧୫୨ ଟି ସଂକ୍ରମଣ ହାର ୬.୬୬



ପ୍ରତିଶତ ସହିତ ପଞ୍ଜୀକୃତ ହୋଇଥିବାବେଳେ ଗୁରୁବାର ଦିନ ୧୧୭ ଟି ରୋଗ ୪.୯୫ ପ୍ରତିଶତ ସହିତ ପଞ୍ଜିକୃତ ହୋଇଛି । ଗତ ଅକ୍ଟୋବରରେ ଜାତୀୟ ରାଜଧାନୀ ତିନି ଅଙ୍କରେ ମାମଲା ରେକର୍ଡ କରିଥିଲା । ଦେଶରେ ଇନଫ୍ଲୁଏଞ୍ଜା ରୋଗ ତୀବ୍ର ବୃଦ୍ଧି ପାଇବା ପରେ ଦିଲ୍ଲୀରେ ଗତ କିଛି ଦିନ ମଧ୍ୟରେ ନୂତନ କୋଭିଡ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା ।

# ବିଧାନସଭାରେ ରାହୁଲ ତାତି, ଗୃହ ବାରମ୍ବାର ମୁଲତବୀ

ଭୁବନେଶ୍ୱର (ପିପିଏସ୍): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ଲୋକସଭାରୁ ସଦସ୍ୟତା ରଦ୍ଦ କରାଯିବା ପରେ ଏହାର ପ୍ରଭାବ ଓଡିଶା ବିଧାନସଭାରେ ମଧ୍ୟ ଦେଖିବାକୁ ମିଳିଛି । କଂଗ୍ରେସ ବିଧାୟକ ମାନେ କଳା ପୋଷାକ ପିନ୍ଧି ଆଜି ବିଧାନସଭାରେ ଆସିବା ପରେ ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ଆଜି ପ୍ରଥମାର୍ଦ୍ଧ ବୈଠକରେ କୌଣସି କାର୍ଯ୍ୟ ହୋଇ ପାରି ନାହିଁ । ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳ ଆଦି ହୋଇ ପାରି ନାହିଁ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନକାଳରେ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିବାରୁ ଅପରାହ୍ଣ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ସୋମବାର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାହୁଲ ଗାନ୍ଧୀଙ୍କ ସଦ୍ୟସତା ରଦ୍ଦ ପ୍ରସଙ୍ଗରେ ବିଧାନସଭାରେ କଂଗ୍ରେସ



ସଦସ୍ୟମାନେ ପ୍ରତିବାଦ ଜଣାଇଥିଲେ । ସେମାନେ ଗୃହକୁ କଳା ପୋଷାକ ପିନ୍ଧି ଆସି ପ୍ରତିବାଦ ଜଣାଇଥିଲେ । ଗୃହ ଭିତରେ କଂଗ୍ରେସ ବିଧାୟକମାନେ ନାରାବାଜି ଓ ହୋ-ହଲ୍ଲା କରିଥିଲେ । ସେମାନେ ବାଚସ୍ପତିଙ୍କ ପୋଡିୟମ ତଳେ ଏକଜୁଟ୍ ହୋଇ ପ୍ରତିବାଦ କରିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ସେମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହେଲେ ତାଙ୍କର ଏହି ଅନୁରୋଧର କଂଗ୍ରେସ ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ସେମାନେ ଗୃହ ମଧ୍ୟ ଭାଗକୁ ଯାଇ ମୋଦୀ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଏହାଫଳରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବାରେ ଲାଗିଥିଲା । ଫଳରେ ମଧ୍ୟ ସ୍ୱାଭାବିକ ଭାବେ ଚାଲି ପାରିନଥିଲା । କଂଗ୍ରେସ ବିଧାୟକଙ୍କ ଲଗାତାର ନାରାବାଜି କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ଘୋଷରା କରିଥିଲେ ।

# ଘର ଖାଲି କରିବାକୁ ରାହୁଲ ଗାନ୍ଧୀଙ୍କୁ ନୋଟିସ୍

ନୂଆଦିଲ୍ଲୀ: ରାହୁଲ ଗାନ୍ଧୀଙ୍କ ଉପରେ ଗୋଟିଏ ପରେ ଗୋଟିଏ କୋପ ଦଶା ମାଡ଼ି ଆସୁଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପୁଣି ଏକ ଝଟ୍କା । ଘର ଖାଲି କରିବାକୁ କଂଗ୍ରେସ ନେତାଙ୍କୁ ନୋଟିସ୍ । ଏମପି ପଦ ଯିବା ପରେ ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନିଜର ସରକାରୀ ବଙ୍ଗଳା ଛାଡ଼ିବାକୁ ପଡ଼ିବ । ଗତକାଲି ଏଥିପାଇଁ ଲୋକ ସଭାର ଗୃହ କମିଟି ଏକ ବିଜ୍ଞପ୍ତି ଜାରି କରିଛି ।



ବର୍ତ୍ତମାନ ରାହୁଲ ଦିଲ୍ଲୀର ୧୨ତୁଗଲକ ଲେନ୍ ସ୍ଥିତ ସରକାରୀ ବଙ୍ଗଳାରେ ରହୁଛନ୍ତି । ୨୦୦୪ରୁ ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ଘର ଆବଣ୍ଟନ କରାଯାଇଥିଲା । ତେବେ ଏପ୍ରିଲ ୨୨ସୁଦ୍ଧା ରାହୁଲଙ୍କୁ ଏହି ସରକାରୀ ବାସଭବନ ଛାଡିବାକୁ ପଡ଼ିବ । ଉକ୍ତ ନୋଟିସ୍ ଅନୁଯାୟୀ, ଅଯୋଗ୍ୟ ହେବାର ଏକ ମାସ ମଧ୍ୟରେ ରାହୁଲଙ୍କୁ ତାଙ୍କ ସରକାରୀ ବାସଭବନ ଖାଲି କରିବାକୁ ପଡ଼ିବ ବୋଲି ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ, ଗୁରୁବାର ସୁରଟ କୋର୍ଟ ଏକ ମାନହାନୀ ମାମଲାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇବା ପରେ ଶୁକ୍ରବାର ଲୋକ ସଭା ସଚିବାଳୟ କଂଗ୍ରେସ ନେତା ରାହୁଲଙ୍କୁ ଲୋକ ସଭାରୁ ଅଯୋଗ୍ୟ ଘୋଷିତ କରିବା ସହ ତାଙ୍କ ସଦସ୍ୟତା ପଦ ରଦ୍ଦ କରିଥିଲେ ।

# ଠକେଇ ଅଭିଯୋଗରେ ପ୍ରଯୋଜକ ଅଜିତାଭ ମଲିକ ଗିରଫ

ଭୁବନେଶ୍ୱର (ପିପିଏସ୍): ଠକେଇ ଅଭିଯୋଗରେ ଓଡ଼ିଆ ସିନେମା ଅରୁନ୍ଧତୀର ଅନ୍ୟତମ ପ୍ରଯୋଜକ ଅଜିତାଭ ମଲ୍ଲିକ ଗିରଫ ହୋଇଛନ୍ତି । ଠକେଇ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ଆସିଷ୍ଟାଂଟ ପ୍ରଫେସର । ୮୫ ଲକ୍ଷ ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ୍ ଅଜିତାଭଙ୍କୁ ଗିରଫ କରିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ମହିଳା ଆସିଷ୍ଟାଂଟ ପ୍ରଫେସରଙ୍କୁ କୋଟିଏ ଟଙ୍କାରେ ଘର ବିକ୍ରି କରିବାକୁ କହିଥିଲେ । ଆସିଷ୍ଟାଂଟ ପ୍ରଫେସର ଏଥିରେ ରାଜି ହେବାରୁ ପ୍ରଥମେ ୨୫ ଲକ୍ଷ ଟଙ୍କାର ନଗଦ, ଏହାପରେ ବିଭିନ୍ନ ଆକାରରେ ମୋଟ୍ ୮୫ ଲକ୍ଷ ଟଙ୍କା ଦେଇଥିଲେ ।

# ରାଜ୍ୟରୁ ବଳକା ୨୦ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର (ପିପିଏସ୍): ରାଜ୍ୟରୁ ବଳକା ୨୦ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବାକୁ କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମାର୍ଚ୍ଚ ୩୧ରେ ସରୁଥିବା ଚଳିତ ଖରିଫ ଋତୁରେ ୨୨ତାରିଖ ସୁଦ୍ଧା ୪୪ଲକ୍ଷ ୨୩ ହଜାର ମେଟ୍ରିକ ଟନ ଚାଉଳ ସଂଗ୍ରହ ହୋଇଛି । ଏଥିପାଇଁ ୧୩ ହଜାର ୮୧ କୋଟି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଦେଇଛନ୍ତି ରାଜ୍ୟ ସରକାର । ଆଉ ୮ ଦିନ ମଧ୍ୟରେ ୧୦ଲକ୍ଷ ମେଟ୍ରିକ ଟନର ଚାଉଳ ସଂଗ୍ରହ ହେବାର ଆକଳନ କରାଯାଉଛି । ବଳକା ୨୦ଲକ୍ଷ ମେଟ୍ରିକ ଟନ ଚାଉଳ ମଧ୍ୟରୁ ୧୭ଲକ୍ଷ ଉଷୁନା ଓ ୩ଲକ୍ଷ ମେଟ୍ରିକ ଟନ ଅରୁଆ ଚାଉଳ ଚାଷୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଉଠାଇବାକୁ ଚିଠି ଲେଖି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି ଯେ ଚାଷୀଙ୍କଠାରୁ ସଂଗୃହିତ ମୋଟ ୫୪ ଲକ୍ଷ ମେଟ୍ରିକ ଟନ ଚାଉଳରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ୟ କଲ୍ୟାଣକାରୀ ଯୋଜନା ଜରିଆରେ ୨୪ଲକ୍ଷ ମେଟ୍ରିକ ଟନ ଚାଉଳ ବ୍ୟବହୃତ ହେବ । ପ୍ରାୟ ୩୦ଲକ୍ଷ ମେଟ୍ରିକ ଟନ ଚାଉଳ ଓଡ଼ିଶାରେ ବଳକା ରହିବ । ହେଲେ କେନ୍ଦ୍ର ସରକାର ୧୦ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବାକୁ ଟାର୍ଗେଟ ଦେଇଥିବାରୁ ଏହା ଓଡ଼ିଶା ପାଇଁ ସମସ୍ୟା ଆଣିବ । ବଳକା ୨୦ଲକ୍ଷ ମେଟ୍ରିକ ଟନ ଚାଉଳ ଭାରତୀୟ ଖାଦ୍ୟ ନିଗମ ବା ଏଫସିଆଇ ଓଡ଼ିଶାରୁ ନଉଠାଇଲେ ଲକ୍ଷଲକ୍ଷ ଚାଷୀଙ୍କ ପାଇଁ ସମସ୍ୟା ଉପୁଜିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

# ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର(ପିପିଏସ୍): ଓଆରଏଚଡିସି ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ପୁଣି ୩ ବର୍ଷ ଜେଲ ସଜା ମିଳିଛି । ବିନୋଦଙ୍କୁ ୩ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଭିଜିଲାନ୍ସ କୋର୍ଟ । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡର ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ବିନୋଦ କୁମାରଙ୍କ ସହ ୫ ଜଣଙ୍କୁ ଦଣ୍ଡାଦେଶ କରାଯାଇଛି । ବିନୋଦଙ୍କ ସହ ସିଏ ସ୍ୱସ୍ତି ରଂଜନ ମହାପାତ୍ର, ଆସିଷ୍ଟାଂଟ ଉମେଶ ସ୍ୱାଇଁ , ମ୍ୟାନେଜିଂ ପାର୍ଟନର ରଶ୍ମୀ ପଟ୍ଟନାୟକ ଓ ରତନ ସାହୁଙ୍କୁ ଦଣ୍ଡିତ କରାଯାଇଛି । ଜାଲ୍ କାଗଜପତ୍ରରେ ଘର ଦେବା ମାମଲା ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା ।

# ବିଜେଡିର ଏକଛତ୍ରବାଦ ଶାସନ ବେଶୀଦିନ ଚାଲିବ ନାହିଁ: ମନମୋହନ

ଭୁବନେଶ୍ୱର: ଗଣତନ୍ତ୍ରକୁ ହତ୍ୟା କରି ଏକଛତ୍ରବାଦ ଶାସନ କରୁଛି ବିଜୁ ଜନତା ଦଳ । ଏହା ଆଉ ବେଶି ଦିନ ଚାଲିବ ନାହିଁ । ଗୋଟିଏ ଭୁଲ୍ ପାଇଁ ୧୦୦ଟି ଭୁଲ୍ କରିବା ଆରମ୍ଭ କରିଛି ଶାସକ ବିଜେଡି । ଏଥି ସହ କଳ, ବଳର ଅପବ୍ୟବହାର କରି ବିରୋଧୀଙ୍କୁ ଦମନ କରିବାର ପ୍ରୟାସ କରାଯିବା ଅତ୍ୟନ୍ତ ଲଜ୍ଜାଜନକ । ଆନ୍ଦୋଳନ ଓ ପ୍ରତିବାଦ କରିବା ପାଇଁ ଗଣତନ୍ତ୍ରରେ ସମସ୍ତଙ୍କ ଅଧିକାର ରହିଛି । ଜନତାଙ୍କ ସେବାରେ ଏବଂ ବିଚାରଧାରାକୁ ଭଲପାଉଥିବା ଯୁବନେତାଙ୍କୁ ପୋଲିସ ପ୍ରଶାସନର ଭୟ ଦେଖାଇ ତାଙ୍କ ସ୍ୱରକୁ ଚାପି ଦିଆଯାଇପାରିବ ନାହିଁ । ଶାସକ ବିଜେଡିର ନିର୍ଦ୍ଦେଶରେ ପୋଲିସର ଏଭଳି ପକ୍ଷପାତିତା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ



କହିଛନ୍ତି । ଆଜି ରାଜ୍ୟ ସଭାପତି ଶ୍ରୀ ସାମଲ ଗିରଫ ହୋଇ ଜେଲ୍ ?ରେ ଥିବା ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ଭେଟିଥିଲେ ।

ରାଜ୍ୟ ସରକାର ରକ୍ଷକ ହୋଇ ଭକ୍ଷକ ଭୂମିକା ଅବଲମ୍ବନ କରୁଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ନବ ଦାସ ହତ୍ୟାକାଣ୍ଡକୁ ୨ ମାସ ବିତିବାକୁ ବସିଲାଣି । ଆମେ ସତ୍ୟ ଓ ନ୍ୟାୟ ପାଇଁ ଲଢେଇ କରୁଛୁ । ବିଧାନସଭା ଭିତରେ ଓ ବାହାରେ ଘଟଣାର ସଠିକ୍ ତଦନ୍ତ ଏବଂ ସତ୍ୟାସତ୍ୟର ପର୍ଦ୍ଦାଫଶ ପାଇଁ ବାରମ୍ବାର ଦାବୀ କରାଯାଇଛି । ଏହି ପ୍ରସଙ୍ଗରେ ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଗତ ମାସ ୨୮ତାରିଖ ଦିନ ଆନ୍ଦୋଳନ କରିଥିଲେ । ଆକ୍ରୋଶମୂଳକ ଭାବେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ସମେତ ୨୨ ଜଣ ଯୁବ କାର୍ଯ୍ୟକର୍ତାଙ୍କ ଉପରେ ମିଛରେ ୩୦୭ ଦଫା ସମେତ ଅନ୍ୟାନ୍ୟ ଦଫା ଲଗାଇ ରାତି ଅଧରେ ଜେଲ୍ ?କୁ ପଠାଇ ଦେଇଥିଲେ । ଆଜିକୁ ମାସେ ବିତିଲାଣି । ମିଥ୍ୟା କେସ୍ ଏବଂ ଅନ୍ୟାୟରେ ବିଜେପି କର୍ମୀଙ୍କୁ ଜେଲ୍‌ରେ ଭର୍ତି କରି ଭୟଭୀତ କରିବାର ଶାସକ ବିଜେଡିର ଅପପ୍ରୟାସ ଆଉ ଚଳିବ ନାହିଁ ।

# ୨୯ରୁ ପଶ୍ଚିମା ଝଡ଼

ଭୁବନେଶ୍ୱର: ଆସନ୍ତା ୨୯ ତାରିଖରେ ଆଉ ଏକ ପଶ୍ଚିମା ଝଡ଼ ସୃଷ୍ଟି ହେବ । ଏହାର ପ୍ରଭାବରେ ୩୦ରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶା ଏବଂ ୩୧ରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ସୋମବାର ଅପରାହ୍ନରେ ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ଝଡ ବର୍ଷା ଦେଖିବାକୁ ମିଳିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା କଟକ, ଜଗତସିଂହପୁର, ଢେଙ୍କାନାଳ, ଗଜପତି ଓ ଗଂଜାମ ଜିଲ୍ଲାର କିଛି ସ୍ଥାନରେ ଘଡଘଡି ବିଜୁ ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେ ।

# ବଦଳିଲା ବିଜେଡିର ୬ ମାସ ତଳ ପର୍ଯ୍ୟବେକ୍ଷକ ତାଲିକା ବାଦ୍ ପଡ଼ିଲେ ଟୁକୁନି, ଉଷା, ରୋହିତ ଓ ନଳିନୀ

ଭୁବନେଶ୍ୱର(ପିପିଏସ୍) ବିଜୁ ଜନତା ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ୩୦ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି । ଏହି ତାଲିକାରେ ୯ ଜଣ ମନ୍ତ୍ରୀ ରହିଥିବା ବେଳେ ଅନେକ ବିଧାୟକ ମାନଙ୍କ ମଧ୍ୟ ନାମ ରହିଛି । ବିଜୁ ଜନତା ଦଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଚାରୋଟି ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁରର ଦାୟିତ୍ୱ ଦିଆଯାଇଛି । ସେହିପରି ଗଜପତି ଓ ରାୟଗଡ଼ା ଦାୟିତ୍ୱ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ମିଳିଛି । ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ବାଲେଶ୍ୱର ଦାୟିତ୍ୱ ପ୍ରଦାନ କରାଯାଇଛି । ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ କଟକ, ପ୍ରମିଳା ମଲ୍ଲିକଙ୍କୁ କେନ୍ଦ୍ରାପଡ଼ା, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପୁରୀ, ପ୍ରୀତିରଞ୍ଜନ ଘଡ଼େଇଙ୍କୁ ସୁନ୍ଦରଗଡ଼, ପ୍ରଦୀପ ଅମାତଙ୍କୁ ଗଞ୍ଜାମ ଓ ଅଶୋକ ପଣ୍ଡାଙ୍କୁ ଯାଜପୁର ଦାୟିତ୍ୱ ମିଳିଛି । ସୁଧିର ସାମଲଙ୍କୁ ବଲାଙ୍ଗୀର ପାଇଁ, ପ୍ରତାପ ଜେନାଙ୍କୁ ଭଦ୍ରକ. ଅମରେଶ ଜେନାଙ୍କୁ ଦେବଗଡ, ଅରୁଣ ସାହୁଙ୍କୁ ଜଗତସିଂହପୁର ବିଜୟ ନାୟକଙ୍କୁ କନ୍ଧମାଳ , ରବୀନ୍ଦ୍ର ଜେନାଙ୍କୁ ଖୋର୍ଦ୍ଧା , ଦିବ୍ୟଶଙ୍କର ମିଶ୍ରଙ୍କୁ କୋରାପୁଟ-ମାଲକାନାଗିରି, ଈଶ୍ୱର ପାଣିଗ୍ରାହୀଙ୍କୁ ନବରଙ୍ଗପୁର ଓ ପଦ୍ମନାଭ ବେହେରାଙ୍କୁ ନୟାଗଡ଼ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ସ୍ନେହାଙ୍ଗୀନୀ ଛୁରିଆଙ୍କୁ ନୂଆପଡ଼ା, ପ୍ରଣବ ବଳବନ୍ତରାୟଙ୍କୁ କଳାହାଣ୍ଡି. ପ୍ରଦୀପ ଅମାତଙ୍କୁ ଗଞ୍ଜାମ ସୌଭାଗ୍ୟ ନାୟକଙ୍କୁ ବୌଦ୍ଧ, ସାରଦା ପ୍ରସାଦ ନାୟକଙ୍କୁ ଝାରସୁଗୁଡା , ପ୍ରଶାନ୍ତ ମୁଦୁଲୀଙ୍କୁ ମୟୁରଭଂଜ ଦାୟିତ୍ୱ ଦିଆଯାଇଛି । ଦେବେଶ ଆଚାର୍ଯ୍ୟଙ୍କୁ ସୁବର୍ଣ୍ଣପୁର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି ଦଳ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ଖଣିଖାଦାନରୁ ପାର୍ଟି ଫଣ୍ଡ ସଂଗ୍ରହ ପାଇଁ ପ୍ରଣବଙ୍କୁ ଦାୟିତ୍ୱ ଦିଆଯାଇଛି

ଭୁବନେଶ୍ୱର(ହି.ସ): ବିଜେଡ଼ି ସଂଗଠନ ସମ୍ପାଦକଙ୍କୁ ଅନୁଗୁଳ, ଢେଙ୍କାନାଳ ଓ ସମ୍ବଲପୁର ପର୍ଯ୍ୟବେକ୍ଷକ ନିଯୁକ୍ତି ପ୍ରସଙ୍ଗରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ବିସ୍ଫୋରକ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ମତେ ଲାଗୁନି ତାଙ୍କୁ ସଂଗଠନ ପାଇଁ ଦାୟିତ୍ୱ ଦିଆଯାଇଛି ବୋଲି । ଯେହେତୁ ଏଗୁଡିକ ଖଣି ଖାଦାନ ଅଂଚଳ ; ସେଠାରୁ ପାର୍ଟି ଫଣ୍ଡ ତିଆରି କରିବାକୁ ଦାୟିତ୍ୱ ଦିଆଯାଇଛି । ଆମେ ସେଥିପାଇଁ ଚିନ୍ତିତ ନୁହଁ । ଖଣି ଖାଦାନ ଓ ଶିଳ୍ପରୁ କିପରି ପଇସା ଅସୁଲ କରିପାରିବେ ସେ ଦାୟିତ୍ୱ ନେଇଛନ୍ତି । ସେ ପଇସା



ନିର୍ବାଚନରେ ଖର୍ଚ୍ଚ ହେବ କି ଘରକୁ ଯିବ କି କଣ ହେବ ଅନେକ କଥା ଅଛି । ବ୍ଲାକ ରୋଜର କଥା ବାହାରି ନାହିଁ । ସେଇଟା ଚାପି ହୋଇଯାଇଛି ।ପୁଣି ଥରେ ବାହାରି ପାରେ । ଗୋଟେ କ୍ରୀତଦାସ ଏରିଆର ଦାୟିତ୍ୱ ନେଇ କଣ କରିପାରିବ । ଲୋକ ବଳ ତାଙ୍କ ପାଖରେ ନାହିଁ । ସେମାନଙ୍କର ତିନିଟା ଶକ୍ତି ସରକାରୀ କଳ, ଅର୍ଥ ବଳ ଓ ବାହୁ ବଳ । ଏହାକୁ ନେଇ ନିର୍ବାଚନ ଜିତନ୍ତି । ତାକୁ କେମିତି ପ୍ରତିହତ କରାଯିବ ଆମେ ତାର ଯୋଜନା କରୁଛୁ । ସିବିଆଇ ଓ ଇଡିର ମୁଁ ପ୍ରବକ୍ତା ନୁହେଁ । କିନ୍ତୁ ଓଡ଼ିଶାରେ ଦୁର୍ନୀତି ଯେଭଳି ଭାବେ ହେଉଛି ସିବିଆଇ ଓ ଇଡି ଆସିବା ନିହାତି ଆବଶ୍ୟକ ।

## ସମ୍ପାଦକୀୟ
ନଦୀଗୁଡ଼ିକର ସାସ୍ଥ୍ୟ

## ବାଟେଘାଟେ



ଚବିଶରେ ସାଧାରଣ ନିର୍ବାଚନ
ଏବେଠାରୁ ହଲ୍ଲା ଗୁଲ୍ଲା
ବିଜେଡ଼ି ବିଜେପି ଦୁଇ ଦଳ ଏବେ
କରିଲେଣି ବାଦିପାଲା
କରିବାକୁ ଭାରି ପଲ୍ଲା
ରାହୁଳଙ୍କ ପାଇଁ କଂଗ୍ରେସିଆଙ୍କର
କାନ୍ଦି କାନ୍ଦି ଦିନ ଗଲା
ପ୍ରଚାରରେ ଏବେ ବିଜେଡ଼ି ଆଗରେ
ରାଜକୋଷ ପୂରା ମେଲା
ମନମୋହନଙ୍କ କଟାକ୍ଷ ବଚନ
ନିଆଁରେ ଘିଅ ଢାଳିଲା ।

-ରାହୀ

# ରାଜ୍ୟରେ ଚାଲିଛି ଜାଲ୍ ସାର୍ଟିଫିକେଟ ର୍‍ୟାକେଟ୍
## ୪୧ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ନାମରେ ପ୍ରସ୍ତୁତ ହେଉଥିଲା ଜାଲ୍ ସାର୍ଟିଫିକେଟ, ବହୁ କୋଟି ଟଙ୍କା କାରବାର

ବଲାଙ୍ଗିର (ପିପିଏସ୍): ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ରାକେଟର ପର୍ଦ୍ଦାଫାସ କରିଛି ଜିଲ୍ଲା ପୋଲିସ ।ଆଜି ପୂର୍ବାହ୍ନରେ ବଲାଙ୍ଗିର ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏସପି ନୀତିନ କୁଶଲକର କହିଛନ୍ତି ଯେ, ମାମଲାରେ ଅଦ୍ୟାବଧି ୧୯ ଜଣଙ୍କୁ ଗିରଫ କରାଯାଇଛି । ରିଲାଏନ୍ସ ଏଜୁକେସନାଲ କମ୍ପ୍ଲେକ୍ସର ମାଲିକ ତଥା ଜାଲ୍ ସାର୍ଟିଫିକେଟ ରାକେଟର ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ମିଶ୍ର, ତାର ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରାଯାଇଛି । ଚଢ଼ଉ ବେଳେ ସମ୍ପୃକ୍ତ ସଂସ୍ଥାରୁ ୧ ହଜାରରୁ ୫ ହଜାର ନକଲି ସାର୍ଟିଫିକେଟ ଜବତ ହୋଇଛି । ଏହା ମଧ୍ୟରେ ରହିଛି ୪୧ ୟୁନିଭରସିଟି ଓ ସ୍କୁଲର ନକଲି ସାର୍ଟିଫିକେଟ । କମ୍ପ୍ୟୁଟର, ହାର୍ଡଡିସ୍କ, ମୋବାଇଲ ଓ ଆକାଉଂଟ ଡିଟେଲ୍ସ ମିଳିଛି । ତହସିଲଦାର, ଜଏଂଟ ଡାଇରେକ୍ଟର ଭଳି ଅଧିକାରୀଙ୍କ ନକଲି ରବର ଷ୍ଟାମ୍ପ ମଧ୍ୟ ମିଳିଛି । ଏହି ରାକେଟ୍ ଗୋଟିଏ ସାର୍ଟିଫିକେଟକୁ ଦେଢ଼ ଲକ୍ଷରୁ ୨ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲା । ଏପରିକି ଅଧିକରୁ ଅଧିକ ଗୋଟିଏ ସାର୍ଟିଫିକେଟକୁ ୫ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିଲା । ତେବେ ଆଗକୁ ଏନେଇ ଅଧିକ ତଦନ୍ତ ହେବ । ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହେବ । ଆଗକୁ ମାମଲାରେ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସପି କହିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ୭ରୁ ୮ ବର୍ଷ ହେବ ଏହି ରାକେଟ୍ ଚାଲୁଥିଲା ବୋଲି କହିଛନ୍ତି ଏସପି ନୀତିନ କୁଶଲକର ।

ଏଠାରେ ଉଲ୍ଲେଖଯୋଗ୍ୟ, ନିକଟରେ ବଲାଙ୍ଗିର ଜିଲ୍ଲାରେ ଡାକଘରେ ନିଯୁକ୍ତି ପ୍ରକ୍ରିୟାରେ ସାର୍ଟିଫିକେଟ ଭେରିଫିକେସନ ବେଳେ ଦୁଇ ଜଣଙ୍କୁ ଧରିଥିଲେ ବଲାଙ୍ଗିର ପୋଷ୍ଟାଲ ସୁପରିଟେଣ୍ଡେଂଟ ରାଜେନ୍ଦ୍ର କୁମାର ପଟ୍ଟନାୟକ । ଏନେଇ ସେ ୩୮ ଜଣଙ୍କ ନାମରେ ନକଲି ସାର୍ଟିଫିକେଟ ଦେଇଥିବା ନେଇ ବଲାଙ୍ଗିର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି ପୋଲିସ ୧୪୩/୨୩ ରେ ଏକ ମାମଲା ରୁଜୁ କରିଥିଲା । ଭାରତୀୟ ପିଙ୍ଗଳ କୋଡର ଦଫା ୪୨୦/ ୪୬୫/୪୬୭/୪୬୮/୪୭୧ ଏବଂ ୩୪ ବଳରେ ମାମଲା ରୁଜୁ ହୋଇଥିଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଇନଷ୍ଟିଚ୍ୟୁଟରୁ ମିଳିଥିବା ଡାଏରୀରୁ ନିଯୁକ୍ତି ପାଇଥିବା ଅନେକଙ୍କ ନାମ ମଧ୍ୟ ଜଣାପଡିଛି । ତେବେ ସେମାନେ କେଉଁ କେଉଁ ବିଭାଗରେ କାର୍ଯ୍ୟ କରୁଛନ୍ତି ତାହା ଉପରେ ମଧ୍ୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି କହିଛନ୍ତି ।

## ପୋଷ୍ଟ ମାଷ୍ଟର ନିଯୁକ୍ତି ଯାଞ୍ଚ ବେଳେ ଧରାପଡିଲା ଜାଲ ସାର୍ଟିଫିକେଟ୍

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଡାକ ମଣ୍ଡଳରେ ଗ୍ରାମୀଣ ଡାକ ସେବକ ଶାଖା ପୋଷ୍ଟ ମାଷ୍ଟର ନିଯୁକ୍ତି ପାଇଁ ଯାଂଚ ସମୟରେ ଜାଲ ସାର୍ଟିଫିକେଟ୍ ଦ୍ୱାରା ଆବେଦନ କରାଯାଇ ଥିବା ଜଣାପଡିଛି । ଏନେଇ ପୋଷ୍ଟାଲ ଡିଭିଜନ ପକ୍ଷରୁ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରାଯିବା ସହ ପୋଲିସ ପକ୍ଷରୁ ୧୦୧/୨୩ରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି । ଖବର ମୁତାବକ କେନ୍ଦ୍ରାପଡା ପୋଷ୍ଟାଲ ଡିଭିଜନ ପକ୍ଷରୁ ୩ଟି ବ୍ରାଂଚ ପୋଷ୍ଟ ମାଷ୍ଟର ଓ ୧୨ଟି ସହକାରୀ ବ୍ରାଂଚ ପୋଷ୍ଟ ମାଷ୍ଟର ପଦବୀ ପାଇଁ ୨୭.୦୧.୨୦୨୩ ରେ ଅନଲାଇନରେ ବିଜ୍ଞାପନ ଜାରି କରା ଯାଇଥିଲା । ସେହି ଅନୁଯାଇ ଆବେଦନକାରୀଙ୍କ ମଧ୍ୟରୁ ମନୋନିତ ହୋଇଥିବା ଭଦ୍ରକ ଜିଲ୍ଲା ଲୁଣିଆ ଗ୍ରାମର ହୃଦାନନ୍ଦ ଜେନାଙ୍କ ଝିଅ ଅନିତା ଜେନାଙ୍କ ମେଟ୍ରିକ୍ ସାର୍ଟିଫିକେଟ୍ ଯାଂଚ ବେଳେ ଏହା ଜାଲ ସାର୍ଟିଫିକେଟ୍ ବୋଲି ଧରାପଡିଛି । କେନ୍ଦ୍ରାପଡା ପୋଷ୍ଟାଲ ଡିଭିଜନ ସୁପରିନଟେଣ୍ଡେଣ୍ଟ ଦେବରାଜ ସେଠୀଙ୍କ ସୂଚନା ଅନୁଯାଇ ଅନିତା ଉତରପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦ ଅଧିନ ହରଦୋଇ ସ୍ଥିତ ଆଦର୍ଶ ଆର୍ଯ୍ୟ ଏସ୍ଏସ୍ ଏଚ୍ଏସ୍ଏସ୍ ତରାଉଲି ସେଣ୍ଟରରୁ ପାସ୍ କରିଥିବା ସାର୍ଟିଫିକେଟ୍ ଆଣିଛନ୍ତି । ୱେବ୍‌ସାଇଟ ରୁ ଯାଂଚ ସମୟରେ ଏଭଳି ସ୍କୁଲ ଥିବାବେଳେ ସେଠାରେ ଓଡିଆ ବିଷୟ ପଢାଯାଉ ନଥିଲା ।

# ଆଲବମ୍ ଅଭିନେତ୍ରୀ ରୁଚିସ୍ମିତାଙ୍କ ଆତ୍ମହତ୍ୟା

ବଲାଙ୍ଗିର (ପିପିଏସ୍): ଓଡ଼ିଆ ଆଲବମ୍ ଅଭିନେତ୍ରୀ ରୁଚିସ୍ମିତା ଗୁରୁ ଗତକାଲି ଅପରାହ୍ନରେ ଆତ୍ମହତ୍ୟା କରିଛନ୍ତି । ବଲାଙ୍ଗିର ଟାଉନ୍ ଥାନା ଅନ୍ତର୍ଗତ ସୁଦପଡା ସ୍ଥିତ ତାଙ୍କ ମାମୁଁ ଘରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମାମୁଁ ବାହାରକୁ କୌଣସି କାମରେ ଯାଇ ଫେରିବା ପରେ କୋଠରୀ ବନ୍ଦ ଥିବା ଦେଖି ତାଙ୍କୁ ଡାକିଥିଲେ । ସେ ନଶୁଣିବାରୁ ତାଲପାଲିପଡା ସ୍ଥିତ ନିଜ ଭଉଣୀଙ୍କୁ ଖବର ଦେଇଥିଲେ । ଭଉଣୀ ଆସିବା ପରେ କୋଠରୀ ଭିତରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ଥାନାକୁ ଖବର ଦେଇଥିଲେ । ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବଲାଙ୍ଗିର ଭୀମଭୋଇ ମେଡ଼ିକାଲ ଶବଗୃହରେ ରଖାଯାଇଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଲେ ପୋଲିସ ସେନେଇ ଅଧିକ ତଦନ୍ତ ଜାରୀ ରଖିଥିବା ଏସପି ନୀତିନ



କୁଶଲକର କହିଛନ୍ତି । ଏ ସଂକ୍ରାନ୍ତରେ ବଲାଙ୍ଗିର ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରୀ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, ରୁଚିସ୍ମିତା କିଛି ଓଡ଼ିଆ ଆଲବମରେ ଅଭିନୟ କରିଥିବା ବେଳେ ଉକ୍ତି ସଙ୍ଗୀତ କଣ୍ଠଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଏଥିସହିତ ସମ୍ବଲପୁରୀ ସଙ୍ଗୀତ ଦୁନିଆରେ ସେ ଜଣେ ଆଗ ଧାଡ଼ିର କଳାକାର ଥିଲେ ।




# ଭୁଲା ମନକୁ ବଡ଼ ପୁରସ୍କାର ଭାଗ୍ୟ

କାହାର କେତେବେଳେ ଖୋଲିବ ସେ କଥା କିଏ ବା କହିବ । ରାତାରାତି କୋଟିପତି ହେବାର ଅନେକ କାହାଣୀ ଶୁଣିଥିବେ । କିନ୍ତୁ ଏହା କାହାଣୀ ନୁହେଁ । କାହାଣୀ ଭଳି କିନ୍ତୁ ସତ ଘଟଣା । ବନ୍ଦ ଆଲମିରାରେ ରହିଯାଇଥିଲା ଭାଗ୍ୟ । ମନେ ପଡୁନଥିଲା । କିନ୍ତୁ ହଠାତ ଦିନେ ଖୋଲିଗଲା ବନ୍ଦ୍ କବାଟ । ବଦଳିଗଲା ଭାଗ୍ୟ । ଭୁଲିଯାଇଥିବା ଲଟେରୀ ଟିକେଟ୍ କରାଇଦେଲା କୋଟିପତି । ସୁପରଧନୀ ପାଲଟିଗଲେ ଆମେରିକୀୟ ବ୍ୟକ୍ତି ଜଣକ । ସେ ହୋଇଗଲେ ୮.୯ ମିଲିୟନ୍ ଡଲାର୍ ମାଲିକ । ଆମେରିକାର ଓରେଗନ୍ ବାସୀନ୍ଦା ୱିଲବର୍ ବ୍ରାଉନ୍ । ସେ ଗତ ଖ୍ରୀଷ୍ଟମାସ ଅବସରରେ ସ୍ପ୍ରିଙ୍ଗଫିଲ୍ଡର ମୋଜ୍ ଲଜରେ ମେଗାବାକ୍ସ ଲଟେରୀ ଟିକେଟ କିଣିଥିଲେ । ୨୫ ଡଲାରର ଲଟେରି କିନ୍ତୁ ପୁରସ୍କାର ଥିଲା ୮.୯ ମିଲିୟନ ଡଲାର । କିଛି ସପ୍ତାହରେ ଥିଲା ଉଠାଣ ତାରିଖ । କିନ୍ତୁ ଟିକେଟକୁ ସାଇତିଥିଲେ ବି ଲଟେରି ଉଠାଇବା କଥା ଭୁଲି ଯାଇଥିଲେ ବ୍ରାଉନ୍ । ଫଳରେ ଉଠାଣ ସରିଥିଲା କିନ୍ତୁ ସେ ଲଟେରି ଜିତିଥିବା କଥା ଜାଣିନଥିଲେ । ଏହାରି ଭିତରେ ପାଖାପାଖି ୨ ମାସ ପଳାଇଥିଲା । ପୁଣି ଫେବୃଆରୀରେ ବ୍ରାଉନ୍ ଆଉ ଥରେ ମୋଜ୍ ଲଜ୍ ପରିଦର୍ଶନ ଆସିଥିଲେ । ସେତେବେଳେ ତାଙ୍କର ଲଟେରି ଟିକେଟ୍ କଥା ମନେପଡ଼ିଯାଇଥିଲା । ବହୁତ ଡେରି ହୋଇଯାଇଥିବାରୁ ବ୍ରାଉନଙ୍କର ସେଭଳି କିଛି ଆସା ନଥିଲା । କିନ୍ତୁ ତାଙ୍କ ଭାଗ୍ୟ ଥିଲା ଅଲଗା । ଲଜରେ ସର୍ଭର ଦ୍ୱାରା ନିଜ ଟିକେଟକୁ ସ୍କାନ୍ କରିବା ପରେ ସେ ହୋଇଯାଇଥିଲେ ଆଶ୍ଚର୍ଯ୍ୟ । ହଠାତ ବିଶ୍ୱାସ କରି ପାରିନଥିଲେ । କିନ୍ତୁ ସେ ଜିତିଥିଲେ ବଡ଼ ଆମାଉଣ୍ଟର ଲଟେରୀ । ବ୍ରାଉନ୍ ଏବଂ ତାଙ୍କ ସାଙ୍ଗମାନେ ପରେ ଏହାର ଅନଲାଇନ୍ ଯାଞ୍ଚ କରିଥିଲେ । ଜାଣିବାକୁ ପାଇଲେ ଯେ ସେ ୮.୯ ମିଲିୟନ୍ ଡଲାରର ଜ୍ୟାକପଟ୍ ଜିତିଛନ୍ତି । ଓରେଗନ୍ ଲଟେରୀ ଅନୁଯାୟୀ ବ୍ରାଉନଙ୍କର ଲକି ନଂ ଥିଲା ୧୫, ୩୩, ୩୪, ୪୦, ୪୨, ଏବଂ ୪୭ । ଆଉ ଏହି ଲକି ନଂ ବ୍ରାଉନ୍ ଙ୍କୁ କରିଦେଇଥିଲା ମିଲିୟୋନେଆର ।

# ଆଳୁ ମଞ୍ଚୁରିଆନ୍

ଆବଶ୍ୟକ ସାମଗ୍ରୀ: ସିଝା ଆଳୁ, ମଇଦା, କର୍ଣ୍ଣଫ୍ଲୋର, ଅଦା ଓ ରସୁଣ ପେଷ୍ଟ, କଟା କଞ୍ଚା ଲଙ୍କା, କଟା ରସୁଣ, କଟା ପିଆଜ, କଟା କ୍ୟାପସିକମ୍, ଲଙ୍କା ଗୁଣ୍ଡ, ଟମାଟୋ ସସ୍, ସୋୟା ସସ୍, ଚିଲି ସସ୍, ଭିନେଗାର, ଗୋଲ ମରିଚ ଗୁଣ୍ଡ, ଲୁଣ, ଗରମ ମସଲା ,ତେଲ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ । ମନେ ରଖନ୍ତୁ ବେଶୀ ସିଝାଇବେ ନାହିଁ । ଆଳୁ ସିଝି ଗଲା ପରେ ଚୋପା ଛଡ଼ାଇ ଦେଇ ତାକୁ ପିସ୍ ପିସ୍ କରି କାଟି ଦିଅନ୍ତୁ । ଏହାପରେ ଏକ ପାତ୍ରରେ ମଇଦା, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ, କଲର ପାଉଡର, ଅଦା ରସୁଣ ପେଷ୍ଟ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ବହଳିଆ ମିଶ୍ରଣରେ କାଟି ରଖିଥିବା ଆଳୁକୁ ପକାଇ ଦିଅନ୍ତୁ । ପରେ ପ୍ୟାନରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମସଲା ଗୋଳା ଆଳୁକୁ ପକାଇ ଛାଣନ୍ତୁ । ଆଳୁଟି ଛାଣି ହେବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ କଟା ରସୁଣ, ପିଆଜ, କ୍ୟାପ୍ସିକମ୍ ଓ କଞ୍ଚା ଲଙ୍କା ପକାଇ କିଛି ସମୟ ଭାଜନ୍ତୁ । ମସଲାଟି ଭାଜି ହେବା ପରେ ସେଥିରେ ସୋୟା ସସ୍, ଚିଲି ସସ୍, ଟମାଟୋ ସସ୍ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଅଳ୍ପ ପାଣି ଦେଇ ଗୋଳାଇ ଦିଅନ୍ତୁ ।

# ଆର୍ଥ୍ରାଇଟିସ୍ ଭଲ କରିବ ଟମାଟୋ



ଭୁଲ ଖାଦ୍ୟ-ପେୟ, ଶରୀରରେ ୟୁରିକ୍ ଏସିଡ୍ ବୃଦ୍ଧି କରିବା ସହିତ ହାଡ ସହ ଜଡିତ ସମସ୍ୟା ହେତୁ ଲୋକମାନେ ଆର୍ଥ୍ରାଇଟିସ୍ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଭାରତରେ ଗଣ୍ଠି ଯନ୍ତ୍ରଣା ଭୋଗୁଥିବା ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି କାରଣରୁ ରୋଗୀକୁ କେବଳ ଅସହ୍ୟ ଯନ୍ତ୍ରଣାର ସାମ୍ନା କରିବାକୁ ପଡି ନଥାଏ ବରଂ ଏହି ରୋଗ ହେତୁ ରୋଗୀର ଚାଲିବା-ବୁଲିବା ମଧ୍ୟ କଷ୍ଟକର ହୋଇଯାଏ । ଏହା ଗଣ୍ଠି ସହିତ ମେରୁଦଣ୍ଡକୁ ମଧ୍ୟ ପ୍ରଭାବିତ କରିଥାଏ । ଯଦି ଆପଣ ଆର୍ଥ୍ରାଇଟିସ୍ ସହିତ ସଂଘର୍ଷ କରୁଛନ୍ତି, ତେବେ ଟମାଟୋ ଆପଣଙ୍କୁ ଏହାକୁ ଦୂର କରିବାରେ ସାହାଯ୍ୟ କରିପାରିବ ।କାହିଁକି ହୋଇଥାଏ ଆର୍ଥ୍ରାଇଟିସ୍ ୟୁରିକ୍ ଏସିଡ୍ ବୃଦ୍ଧି ହେତୁ ଏହି ରୋଗ ହୋଇଥାଏ, ଯେଉଁ କାରଣରୁ ଶରୀରର ଗଣ୍ଠିରେ ଛୋଟ ଛୋଟ କ୍ରିଷ୍ଟଲ୍ ଜମା ହେବା ଆରମ୍ଭ ହୁଏ ଯାହା ପରବର୍ତ୍ତୀ ସମୟରେ ଏକ ଆର୍ଥ୍ରାଇଟିସ୍ ରୂପ ନେଇଥାଏ । ଏହା ଗଣ୍ଠି ଯନ୍ତ୍ରଣା ଏବଂ ଫୁଲା ସୃଷ୍ଟି କରେ । ଟମାଟୋରୁ ମିଳୁଥିବା ଫାଇଦା: ସାଧାରଣତଃ ଟମାଟୋର ବ୍ୟବହାର ସୁପ୍, ସାଲାଡ୍ କିମ୍ବା ତରକାରୀରେ ହୋଇଥାଏ, କିନ୍ତୁ ଆପଣ ଏଥିରୁ ଆର୍ଥ୍ରାଇଟିସ୍ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ପାଇପାରିବେ । ଆୟୁର୍ବେଦରେ ଏହାକୁ ରୋଗର ଅବଧି ଭାବରେ ବିବେଚନା କରାଯାଏ । ଟମାଟରରେ ଭିଟାମିନ୍ ସି, ଲାଇକୋପିନ୍, ପୋଟାସିୟମ୍ ମିଳିଥାଏ, ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଯଦି ଆପଣ ଆର୍ଥ୍ରାଇଟିସ୍ ସହିତ ମଧ୍ୟ ସଂଘର୍ଷ କରୁଛନ୍ତି, ତେବେ ଆପଣଙ୍କ ଖାଦ୍ୟରେ ଟମାଟୋ ଅନ୍ତର୍ଭୁକ୍ତ କରନ୍ତୁ । ଏହା ବ୍ୟତୀତ ଟମାଟୋ ରସରେ ଜୁଆଣୀ ମିଶାଇ ପ୍ରତିଦିନ ପିଇବା ଦ୍ୱାରା ଆର୍ଥ୍ରାଇଟିସ୍ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଟମାଟୋରୁ ମିଳୁଥିବା ଅନ୍ୟ ଫାଇଦା: . ପ୍ରତିଦିନ ସକାଳେ ଖାଲି ପେଟରେ ୧ ଗ୍ଲାସ୍ ଟମାଟୋ ରସ ପିଇବା ଦ୍ୱାରା ଓଜନ କମିଥାଏ । . ଟମାଟୋରେ ମିଳୁଥିବା ପୋଷକ ତତ୍ତ୍ୱ ଯେପରିକି ଆଲଫା-ଲିପୋଏକ୍ ଏସିଡ୍, ଲାଇକୋପିନ୍, ଫୋଲିକ୍ ଏସିଡ୍ ଏବଂ ବିଟା-କାରୋଟିନ୍ ପ୍ରୋଷ୍ଟେଟ୍ କର୍କଟ ରୋଗରୁ ରକ୍ଷା କରିଥାଏ । . ପୋଟାସିୟମ୍ ଯୁକ୍ତ ଟମାଟୋ ଖାଇବା ଦ୍ୱାରା ମଧ୍ୟ ହୃଦ୍ ରୋଗରୁ ରକ୍ଷା ହୋଇଥାଏ । . ଏହାକୁ ନିୟମିତ ଖାଇବା ଦ୍ୱାରା ମଧୁମେହ, ଆଖି ଏବଂ ପରିସ୍ରା ରୋଗ, କ୍ରନିକ କୋଷ୍ଠକାଠିନ୍ୟ ଏବଂ ଚର୍ମ ରୋଗରୁ ମୁକ୍ତି ମିଳିଥାଏ ।

# ସବୁଠାରୁ ଛୋଟ ଆଙ୍ଗୁଳି କନିଷ୍ଠାରେ ଲୁଚିଛି ଅର୍ଥ ଓ ବ୍ୟବସାୟ ସଂକେତ



ହିନ୍ଦୁ ଶାସ୍ତ୍ରରେ ହସ୍ତରେଖାରେ ଅନେକ ମହତ୍ତ୍ୱ ଅଛି । ହସ୍ତରେଖା ଦ୍ୱାରା ବ୍ୟକ୍ତିଙ୍କ ଭବିଷ୍ୟତ ସମ୍ପର୍କରେ ଆକଳନ କରାଯାଇଥାଏ । ହସ୍ତରେଖା ଶାସ୍ତ୍ରରେ ଉଭୟ ହସ୍ତର ରେଖା ଅଧ୍ୟୟନ କରାଯାଇଥାଏ । ହାତର ଆଙ୍ଗୁଳି, ମଧ୍ୟ ଭାଗ ଓ ମଣିବନ୍ଧ ବା ଆଙ୍ଗୁଠିର ସଂଯୁକ୍ତ ସ୍ୱରୂପ । ଆଙ୍ଗୁଠି ମଧ୍ୟରେ ସବୁଠାରୁ ଛୋଟ ଆଙ୍ଗୁଳିକୁ କନିଷ୍ଠା କୁହାଯାଏ । କନିଷ୍ଠା ପାଖରେ ଅଛି ରିଂ ଫିଙ୍ଗର । ରିଂ ଫିଙ୍ଗର କନିଷ୍ଠା ଆଙ୍ଗୁଳିରୁ ଯେତିକି ଲମ୍ବା ଥାଏ ସେତିକି ଶୁଭ ବୋଲି କୁହାଯାଏ । ଲମ୍ବା କନିଷ୍ଠା ଦସ୍ତାବିଜ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟକ୍ତିଙ୍କୁ ଦକ୍ଷ କରିଥାଏ । ଏହିଭଳି ବ୍ୟକ୍ତି ପ୍ରତ୍ୟେକ ସରକାରୀ ଦସ୍ତାବିଜ ସାଇତି ରଖିଥାନ୍ତି ଏବଂ ଠିକ ସମୟରେ ଫାଇଲିଂ କରିଥାନ୍ତି । ଏମାନଙ୍କ ଦସ୍ତାବିଜ ସବୁବେଳେ ପ୍ରସ୍ତୁତ ହୋଇରହିଥାଏ । ଏହି ଗୁଣ ଯୋଗୁଁ ବ୍ୟକ୍ତି ବ୍ୟବସାୟ ସହ ଅନ୍ୟ କାର୍ଯ୍ୟରେ ମଧ୍ୟ ସଫଳତା ହାସଲ କରିଥାଏ । ବ୍ୟବସାୟ ସମ୍ବନ୍ଧୀୟ ଆର୍ଥିକ ମାମଲା ସମ୍ପର୍କରେ ଭଲ ଜ୍ଞାନ ଥାଏ । ଫଳସ୍ୱରୂପ ବ୍ୟବସାୟରେ ସଫଳତା ପାଇବାର ସମ୍ଭାବନା ଅଧିକ ଥାଏ । ଚାକିରୀ ଓ ସେବା କ୍ଷେତ୍ରରେ ମଧ୍ୟ ଏହିଭଳି ବ୍ୟକ୍ତି କଠିନ ପରିଶ୍ରମୀ ଓ ଦୃଢ ବିଶ୍ୱାସୀ ହୋଇଥାନ୍ତି । ଏମାନେ ନିଜ ଦାୟିତ୍ୱକୁ ଭଲ ଭାବେ ବୁଝିଥାନ୍ତି । ଏମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବାରେ ମଧ୍ୟ ସକ୍ଷମ ହୋଇଥାନ୍ତି । ଯଦି କନିଷ୍ଠା ଆଙ୍ଗୁଳି ଅସାମାନ୍ୟ ଲମ୍ବା ଥାଏ ତାହେଲେ ବ୍ୟକ୍ତି ଠକ, ଦୁର୍ନୀତିଗ୍ରସ୍ତ, କାଗଜପତ୍ରରେ ହେରଫେର ଆଦି କାମ କରିଥାଏ । କନିଷ୍ଠା ଆଙ୍ଗୁଳି ଯଦି କମ ଲମ୍ବା ଥାଏ ତାହେଲେ ବ୍ୟକ୍ତି ଦାୟିତ୍ୱବାନ ହୋଇନଥାଏ । ଏମାନେ ବେପରୁଆ ଏବଂ ଅସ୍ଥିର ହୋଇଥାନ୍ତି । ଏମାନେ ନିଜ ଜରୁରୀ ଦସ୍ତାବିଜ ସାଇତି ରଖନ୍ତିନି ଏବଂ ଏପଟେ ସେପଟେ ରଖି ଭୁଲି ଯାଇଥାନ୍ତି । ଯାହାଫଳରେ ଠିକ ସମୟରେ ଠିକ କାମ ହୋଇପାରେନାହିଁ । କନିଷ୍ଠା ଆଙ୍ଗୁଳି ସହ ଲାଗି ପାପୁଲିରେ ଅଧିକ ରେଖା ଥାଏ ତାହେଲେ ବ୍ୟକ୍ତିର ଅନେକ ବ୍ୟବସାୟିକ ବନ୍ଧୁ ଥାଆନ୍ତି । ରେଖା କମ ଥିଲେ ସୀମିତ ସୀମାରେ କାର୍ଯ୍ୟ ବ୍ୟବସାୟର ସଂକେତ ରହିଥାଏ ।

# ଆଜିର ରାଶିଫଳ

**ମେଷ** ସରକାରୀ କର୍ମଚାରୀମାନେ ନାନା ପ୍ରକାର ସଂଘର୍ଷ ମଧ୍ୟରେ ବାଟ ଚାଲିଲେ ମଧ୍ୟ କ୍ଷମତା ଶକ୍ତି ବଳରେ ନିଜର ସମୟ ବିତାଇ ତଳୁ ଉପରସ୍ତର ଯାଏ ଆଦୃତି ଓ ମାନ୍ୟତା ଅର୍ଜନ କରିବେ ।

**ବୃଷ** ସରକାରୀ କାର୍ଯ୍ୟରେ ସଫଳତା ପ୍ରାପ୍ତି ହେବ । ଅନେକ ସମସ୍ୟାର ସମାଧାନ ହୋଇ ପରିବାରରେ ହସଖୁସିରେ ବାତାବରଣ ଖେଳାଯିବ ଓ ପାରିବାରିକ ଜୀବନ ଯାପନ ଶାନ୍ତିପୂର୍ଣ୍ଣ ହେବ ।

**ମିଥୁନ** ଆକସ୍ମିକ ଧନପ୍ରାପ୍ତି ହେବ । ଆୟପନ୍ଥାର ପରିବର୍ତ୍ତନ ଆସିବ । ବିଦ୍ୟୁତ୍ ବିଭାଗ, ପ୍ରଶାସନ ବିଭାଗ, ଡାକ ଓ ତାର ବିଭାଗ, ବୈଜ୍ଞାନିକ, ଆୟୁର୍ବେଦ ବିଭାଗ ଓ ପ୍ରିଣ୍ଟମିଡିଆ ବିଭାଗରେ କର୍ମରତ ଥିଲେ ।

**କର୍କଟ** ସାମାଜିକ କ୍ଷେତ୍ରରେ ଅଧିକରୁ ଅଧିକ ଲୋକ ସମର୍ଥନ ପାଇ ସଫଳ ହେବେ । ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଯଶମାନ ବୃଦ୍ଧି ସହିତ ଉତ୍ତମ ଆୟର ପଥ ପରିଷ୍କାର କରିବେ ।

**ସିଂହ** ପରିବାରରେ ମନୋମାଳିନ୍ୟ ଓ ଆର୍ଥିକ ସଂକଟ ଦୂରେଇ ଯିବ । ଭୋଗ ବିଳାସ ଓ ଆନନ୍ଦମୟ ମୁହୂର୍ତ୍ତ ସାଙ୍ଗକୁ ଧାର୍ମିକ କାର୍ଯ୍ୟପ୍ରତି ଆଗ୍ରହୀ ହେବେ । ରାଜନୀତି କ୍ଷେତ୍ରରେ ସୁସମ୍ପର୍କ ସ୍ଥାପନ କରିବେ ।

**କନ୍ୟା** ଗୃହରେ କଲ୍ୟାଣକର କର୍ମ ସମ୍ପାଦନ କରି ପ୍ରଶଂସିତ ହେବେ । ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟ କରି ଚାଲିବା ହିତକର । ଦକ୍ଷତାକୁ କେନ୍ଦ୍ରକରି ଉଚ୍ଚମାନ୍ୟତାରେ ହ୍ରାସ ।

**ତୁଳା** ନିକଟସ୍ଥ ବ୍ୟକ୍ତି ସାହାଯ୍ୟ କରିବା ଦ୍ୱାରା ବ୍ୟବସାୟରେ ସଫଳତା ମିଳିବ ଓ କର୍ମଚାରୀମାନେ ବେଶୀ ଉପକୃତ ହେବେ । କର୍ମକ୍ଷେତ୍ରରେ ଯଶମାନକୁ ଅଧିକ ମହତ୍ତ୍ୱ ଦେବେ ।

**ବିଛା** ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶୀ ଆଘାତ ପାଇବେ । ସୁଯୋଗ ହାତପାହାନ୍ତାରେ ଥିଲେ ମଧ୍ୟ ଶେଷ ସମୟରେ ହରାଇ ମନ ବ୍ୟସ୍ତ ହେବ ।

**ଧନୁ** କର୍ମକ୍ଷେତ୍ରରେ ଶତ୍ରୁମାନେ ଦୂରେଇ ଯିବା ଫଳରେ ସମସ୍ତ ଚିନ୍ତାରୁ ମୁକ୍ତି ମିଳିବ ଓ ମାନସିକ ଶାନ୍ତି ପାଇବେ । ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବୃଦ୍ଧି ପାଇବ ।

**ମକର** ଅକସ୍ମାତ ଧନଲାଭ ହେବ । ଗୃହପାଳିତ ପଶୁଙ୍କ ଦ୍ୱାରା ବିଶେଷ ଲାଭାନ୍ୱିତ ହେବେ । ଅଧିକ ପରିଶ୍ରମ ତୁଳନାରେ ଅଧିକ ପାରିଶ୍ରମିକ ଆଦାୟର ପ୍ରଚେଷ୍ଟା ଚଳାଇବେ ।

**କୁମ୍ଭ** ବଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହ ଶତ୍ରୁତା ମେଣ୍ଟିବା ଫଳରେ ପ୍ରବଳ ଶତ୍ରୁମାନେ ଦୁର୍ବଳ ହେବେ । ବନ୍ଧୁ ମିତ୍ରଙ୍କ ଦ୍ୱାରା ମାନସିକ ଦୁଃଶ୍ଚିନ୍ତା ଦୂର ହେବ ।

**ମୀନ** ଅପରାଧୀମାନେ ଦୁର୍ବଳ ହୋଇଯିବା ଫଳରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବାପାଇଁ ବନ୍ଧୁ ମିତ୍ରଙ୍କ ସହଯୋଗ ମିଳିବ । ନିଜ ଚେଷ୍ଟାରେ ସମସ୍ତ କାର୍ଯ୍ୟରେ ସଫଳତା ମିଳିବ ।

# ଘରେ ଲାଗିଥିବା ବୁଢିଆଣି ଜାଲକୁ ତୁରନ୍ତ କରନ୍ତୁ ସଫା ଘରକୁ

ସୁନ୍ଦର ରଖିବା ପାଇଁ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଯଦି ଘରେ ବୁଢିଆଣି ଜାଲ ଲାଗିଥାଏ ତେବେ ତାହାକୁ ତୁରନ୍ତୁ ସଫା କରିବା ଉଚିତ୍ । ବାସ୍ତୁ ଅନୁସାରେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ । ଏହା ଘରେ ନକାରାତ୍ମକ ଶକ୍ତି ଆଣିଥାଏ । ଏଥି ସହିତ, ଅନେକ ସମସ୍ୟାର ସାମ୍ନା କରିବାକୁ ମଧ୍ୟ ପଡିଥାଏ ,ଯେପରିକି... ୧. ଘରକୁ ଭଲ ଭାବରେ ସଫା କରିବା ଅତ୍ୟନ୍ତ ଜରୁରୀ । ଏହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥାଏ । ଏପରି ଘରେ, ଯେଉଁଠାରେ ମଇଳା ଏବଂ ବୁଢିଆଣି ଜାଲ ରହଥାଏ ସେଠାରେ ଟଙ୍କା ରହେ ନାହିଁ । ଏହା ସହିତ ଅର୍ଥ ସମ୍ବନ୍ଧୀୟ ସମସ୍ୟାର ସାମ୍ନା ସୃଷ୍ଟି କରିଥାଏ । ୨. ଯୋଉଁ ଘରର କାନ୍ଥ ଏବଂ ଛାତଗୁଡିକରେ ବୁଢିଆଣି ଜାଲ ରହିଥାଏ ସେଠାରେ ନକାରାତ୍ମକ ଶକ୍ତି ବଢିଥାଏ । ଏହା ବ୍ୟତୀତ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ । ୩. ଅନେକ ଦିନ ଧରି ଘରେ ବୁଢିଆଣି ଜାଲ ରହିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ । ଏହା ଘରର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ । ୪. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯେଉଁ ଘରେ ବୁଢିଆଣି ଜାଲ ଦେଖାଯାଏ ସେହି ଘରେ ସବୁବେଳେ ସଙ୍କଟ ଘେରି ରହିଥାଏ । ସେହି ଘରର ସଦସ୍ୟମାନଙ୍କୁ ସର୍ବଦା କୌଣସି ନା କୌଣସି ଅସୁବିଧାର ସମ୍ମୁଖୀନ ହୋବାକୁ ପଡିଥାଏ । ଏହା ସହିତ, ବାରମ୍ବାର ବିଫଳତା ମଧ୍ୟ ହାସଲ ହୋଇଥାଏ । ୫. ଯେତେବେଳେ ବି ଘରେ ବୁଢିଆଣି ଜାଲ ହୋଇଥାଏ ଏହାକୁ ତୁରନ୍ତ ସଫା କରିବା ଉଚିତ୍ । ନଚେତ୍ ବିଫଳତା ସହିତ ଦୁର୍ଭାଗ୍ୟ ଏବଂ ଅର୍ଥର ଅଭାବ ସୃଷ୍ଟି କରିଥାଏ ।



# ଜୀବନରେ ସୁଖ ଶାନ୍ତି ପାଇଁ ସିନ୍ଦୂର ମହତ୍ତ୍ୱ

ବାସ୍ତୁ ଦୃଷ୍ଟିରୁ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି । ପ୍ରତ୍ୟେକ ବିବାହିତ ସ୍ତ୍ରୀର ସିନ୍ଦୂର ହେଉଛି ମୁଖ୍ୟ ଭାଗ । ଶାସ୍ତ୍ରରେ କୁହାଯାଇଛି ଯେ ସ୍ତ୍ରୀର ସିନ୍ଦୂର ଲଗାଇବା ଦ୍ୱାରା ସ୍ୱାମୀର ଆୟୁଷ ଲମ୍ବା ହୋଇଥାଏ । ତାଙ୍କୁ ବିଭିନ୍ନ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ । କିନ୍ତୁ ଏହି ସିନ୍ଦୂର ସଧବା ନାରୀର ମଥାରେ ଲାଗିବା ବ୍ୟତୀତ ଘରେ ସୁଖ ଶାନ୍ତି ମଧ୍ୟ ବୃଦ୍ଧି କରିଥାଏ । ତେବେ ଚାଲନ୍ତୁ ଜାଣିବା ସିନ୍ଦୂରକୁ ନେଇ କିଛି ବାସ୍ତୁ ଟିପ୍ସ... ପ୍ରତ୍ୟେକ ଦିନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଦେବା ସମୟରେ ଅଳ୍ପ କିଛି ସିନ୍ଦୂର ପାଣିରେ ମିଶାନ୍ତୁ । ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ୍ ଚିହ୍ନ ତିଆରି କରନ୍ତୁ । ଏହା କରିବା ଦ୍ୱାରା ଘରେ ସୁଖ ଶାନ୍ତି ବୃଦ୍ଧି ପାଇଥାଏ । ଯେଉଁ ଘରେ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ ସର୍ବଦା ଝଗଡା ହେଉଥାଏ, ସେମାନଙ୍କୁ ଏହି ଉପାୟ କରିବା ଆବଶ୍ୟକ । କୁହାଯାଏ, ଘରର ମୁଖ୍ୟ ଦ୍ୱାରରେ ତେଲରେ ସିନ୍ଦୂର ମିଶାଇ ଲଗାଇବା ଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରେ ନାହିଁ । ଏହାକୁ କ୍ରମାଗତ ଭାବରେ ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ଦୂର ହୋଇଥାଏ । ହିନ୍ଦୁ ଧର୍ମ ଅନୁଯାୟୀ ଦେବତାମାନଙ୍କର ପୂଜା ମଧ୍ୟ ବିନା ସିନ୍ଦୂରରେ ଅସମ୍ପୂର୍ଣ୍ଣ ହୋଇଥାଏ । ଅର୍ଥ ହାନୀ ହେଉଥିଲେ ଏହି ସମସ୍ୟାକୁ ଦୂର କରିବା ପାଇଁ ପାଞ୍ଚ ମଙ୍ଗଳବାର ଏବଂ ଶନିବାର ଦିନ ଜସ୍ମିନ୍ ତେଲ ସହିତ ସିନ୍ଦୁର ମିଶ୍ରଣ କରି ଭଗବାନ ହନୁମାନଙ୍କୁ ଚଢାନ୍ତୁ । ଏହା କରିବା ଦ୍ୱାରା ବ୍ୟବସାୟରେ ଅଗ୍ରଗତି ହେବ ଏବଂ ଅର୍ଥ ସହ ଜଡିତ ସମସ୍ତ ସମସ୍ୟା ଦୂର ହୋଇଯିବ । ରୋଗୀ ଉପରେ ସିନ୍ଦୁରକୁ ବୁଲାଇ ଏହାକୁ ଜଳରେ ପ୍ରବାହିତ କରିବା ଦ୍ୱାରା ରୋଗରୁ ଶୀଘ୍ର ମୁକ୍ତି ମିଳିଥାଏ । ଘରର ମୁଖ୍ୟ ଦ୍ୱାରରେ ସିନ୍ଦୂର ଚଢା ହୋଇଥିବା ପ୍ରଭୁ ଶ୍ରୀଗଣେଶଙ୍କର ମୂର୍ତ୍ତି ରଖିବା ଦ୍ୱାରା ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ରହିଥାଏ ।



# ଆର-ଇନଫ୍ରା ଓ ରିଲାଏନ୍ସ ପାୱାର ନିର୍ଦ୍ଦେଶକ ପଦ ଛାଡିଲେ ଅନିଲ ଅମ୍ବାନୀ

ଅନିଲ ଧିରୁଭାଇ ଅମ୍ବାନୀ ଗ୍ରୁପ୍ ବା ରିଲାଏନ୍ସ ଗ୍ରୁପର ଚେୟାରମ୍ୟାନ୍ ଅନିଲ ଅମ୍ବାନୀ ଶୁକ୍ରବାର ରିଲାଏନ୍ସ ପାୱାର ଓ ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଛନ୍ତି । ପୂର୍ବରୁ ସେବି ନିର୍ଦ୍ଦେଶରେ ତାଙ୍କୁ କୌଣସି ତାଲିକାଭୂକ୍ତ କମ୍ପାନୀରେ ସାମିଲ କରାଯାଇ ପାରିବ ନାହିଁ ବୋଲି କୁହାଯାଇଥିଲା । ଏହାପରେ ଅମ୍ବାନୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ରିଲାଏନ୍ସ ପାୱାର ବିଏସଇ ଫାଇଲିଂରେ କହିଛନ୍ତି ଯେ, ଅନିଲ ଅମ୍ବାନୀ ଅଣ କାର୍ଯ୍ୟକାରୀ ନିର୍ଦ୍ଦେଶକ, ସେବିର ନିୟମ ମାନି ରିଲାଏନ୍ସ ପାୱାର ବୋର୍ଡରୁ ହଟିଛନ୍ତି । ସେହିପରି ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର୍ ମଧ୍ୟ ସମାନ କଥା କହିଛି । ସେହିପରି ଉଭୟ କମ୍ପାନୀ କହିଛନ୍ତି ଯେ, ଆର ପାୱାର ଓ ଆର୍ ଇନଫ୍ରାର ନିର୍ଦ୍ଦେଶକ ମଣ୍ଡଳୀ ଶୁକ୍ରବାର ରାହୁଲ ସରୀନଙ୍କୁ ଆସନ୍ତା ୫ ବର୍ଷ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦ ପ୍ରଦାନ କରିଛନ୍ତି । ତେବେ ଏହାକୁ ବୋର୍ଡର ସଦସ୍ୟମାନେ ମଞ୍ଜୁରୀ ଦେବା ବାକି ରହିଛି । ୭୨ ବର୍ଷୀୟ ରାହୁଲ ପ୍ରଶାସନିକ ସେବାରେ ଥିଲେ । ସେ ଦୀର୍ଘ ୩୫ ବର୍ଷ ଧରି ଲୋକଙ୍କ ସେବା କରିଛନ୍ତି । ସେ କେନ୍ଦ୍ର ସରକାରଙ୍କ ସଚିବ ରହି ଅବସର ଗ୍ରହଣ କରିଥିଲେ । ସେହିପରି କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର କହିଛନ୍ତି ଯେ, ଗତ ଏକ ବର୍ଷରେ କମ୍ପାନୀ ପ୍ରାୟ ୮ ଲକ୍ଷ ସେୟାର ହୋଲଡରଙ୍କୁ ଲାଭ ପ୍ରଦାନ କରିଛି । କମ୍ପାନୀର ସେୟାର ୩୨ ଟଙ୍କାରୁ ବୃଦ୍ଧି ପାଇ ୧୫୦ ଟଙ୍କାରେ ପହଁଚିଛି ।

## ଫିଲ୍ମ ଟକ୍

# ବିବାଦରେ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ଲେହେଙ୍ଗା

ଗତ କିଛି ଦିନ ହେବ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ ସ୍ୱରା ଭାସ୍କର । କେବେ କୋର୍ଟରେ ନିଜ ବିବାହକୁ ନେଇ ତ ଆଉ କେବେ ସ୍ୱାମୀ ଫହାଦ ଅହମ୍ମଦଙ୍କୁ ଭାଇ କହି । ଏବେ ପୁଣି ଥରେ ଅଭିନେତ୍ରୀ ତାଙ୍କ ବିବାହ ରୀତିନୀତିରେ ପିନ୍ଧିଥିବା ପୋଷାକକୁ ନେଇ ଖୁବ୍ ଆଲୋଚନା ହେଉଛି ।ଖବର ଅନୁଯାୟୀ, ଦିଲ୍ଲୀରେ ବିବାହ କାର୍ଯ୍ୟ ପରେ ସ୍ୱରା ଏବଂ ଫହାଦ୍ ବରେଲିରେ ରିସେପ୍ସନ୍ କରିଥିଲେ । ଏଥିରେ ଅଭିନେତ୍ରୀ ପାକିସ୍ତାନରୁ ଆସିଥିବା ଲେହେଙ୍ଗା ପିନ୍ଧିଥିଲେ । ଯାହାର ଫଟୋ ସେ ସୋସିଆଲ ମିଡିଆରେ ସେୟାର କରିଥିଲେ । ବର୍ତ୍ତମାନ ଏହାକୁ ନେଇ ନେଟିଜେନ୍ସ ତାଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି । ମାର୍ଚ୍ଚ ୧୯ ରେ ସ୍ୱରା-ଫହାଦ ବରେଲିରେ ଦାୱାତ-ଏ-ଭଲିମା ନାମକ ଏକ ରିସେପ୍ସନ ପାର୍ଟି ରଖିଥିଲେ । ଏଥିରେ ସପା ଯୁବ ନେତା ଫହାଦଙ୍କ ନିକଟବର୍ତ୍ତୀ ଲୋକମାନେ ଯୋଗ ଦେଇଥିଲେ । ଏହି ପାର୍ଟି ପାଇଁ ସ୍ୱରା ପାକିସ୍ତାନରୁ ସ୍ୱତନ୍ତ୍ର ଭାବେ ଲେହେଙ୍ଗା ଅର୍ଡର କରିଥିଲେ । ସ୍ୱରା ପିନ୍ଧିଥିବା ଲେହେଙ୍ଗାକୁ ପାକିସ୍ତାନରୁ ବରେଲିକୁ ସ୍ୱତନ୍ତ୍ର ଭାବେ ଅଣାଯାଇଥିଲା । ଏହି ଲେହେଙ୍ଗାକୁ ପାକିସ୍ତାନୀ ଡିଜାଇନର୍ ଅଲି ଜିଶାନ୍ ଡିଜାଇନ୍ କରିଥିଲେ । ପିଚ୍ ରଙ୍ଗର ଲେହେଙ୍ଗା ଉପରେ ପାକିସ୍ତାନୀ କଳା କାର୍ଯ୍ୟ ଦୃଶ୍ୟମାନ ହେଉଥିଲା । ଭାଲିମା ଆଉଟଫିଟ୍କୁ ନେଇ ସ୍ୱରା ବେଶ ଖୁସି ଥିଲେ । ସେ ଟ୍ୱିଟରରେ ତାଙ୍କର ଭିନ୍ନ ଭିନ୍ନ ଫଟୋ ସେୟାର କରିଥିଲେ । ସ୍ୱରାଙ୍କର ଏହି ଫଟୋ ଦେଖିବା ପରେ କିଛି ୟୁଜର୍ସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ୟୁଜର୍ସଙ୍କ ଅନୁଯାୟୀ, ଅଭିନେତ୍ରୀ ସାବ୍ୟାସାଚି ଏବଂ ମନୀଷ ମଲହୋତ୍ରାଙ୍କ ପରି ଡିଜାଇନରଙ୍କୁ ଛାଡି ପାକିସ୍ତାନୀ ଡିଜାଇନରଙ୍କୁ ପସନ୍ଦ କରିଛନ୍ତି । ସ୍ୱରାଙ୍କ ଏହି ଆଉଟଫିଟ୍କୁ ନେଇ ଜଣେ ୟୁଜର୍ ଲେଖିଛନ୍ତି, 'ଲାହୋର କେବେ ଶିଫ୍ଟ ହେଉଛନ୍ତି',



# ରାହୁଲ ଗାନ୍ଧୀ ଗଣତନ୍ତ୍ର ପାଇଁ ବିପଦ: ଶେଖାୱତ



ନୂଆଦିଲ୍ଲୀ : କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି, ଗାନ୍ଧୀ ପରିବାର ନିଜକୁ ସମସ୍ତଙ୍କଠାରୁ ଅଲଗା ଏବଂ ସମ୍ବିଧାନଠାରୁ ଉର୍ଦ୍ଧ୍ୱରେ ବିବେଚନା କରନ୍ତି । ରାହୁଲ ଗାନ୍ଧୀଙ୍କ ସଂସଦର ସଦସ୍ୟତା ବାତିଲ କରିବାରେ ଭାଜପା କିମ୍ବା ସରକାରଙ୍କର କୌଣସି ହାତ ନାହିଁ ଏବଂ ଆଇନର ଏହା ପଦକ୍ଷେପ ହେଉଛି । ଏକ ଖବରଦାତା ସମ୍ମିଳନୀରେ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, କଂଗ୍ରେସ ନେତାମାନେ ନ୍ୟାୟିକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଚିତ୍କାର କରୁଛନ୍ତି । ଏହା ଦର୍ଶାଉଛି ଯେ, ଗାନ୍ଧୀ ପରିବାର ନିଜକୁ ଦେଶର ନ୍ୟାୟିକ ପ୍ରକ୍ରିୟା, ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସମ୍ବିଧାନଠାରୁ ଉର୍ଦ୍ଧ୍ୱରେ ବିବେଚନା କରନ୍ତି । ରାହୁଲଙ୍କୁ ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ସୁପ୍ରିମ କୋର୍ଟ ଅନେକ ସୁଯୋଗ ଦେଇଛନ୍ତି କିନ୍ତୁ ସେ କ୍ଷମା ମାଗିବାକୁ ମନା କରି ଦେଇଛନ୍ତି । ରାହୁଲ ଭାବୁଥିଲେ ଯେ ନ୍ୟାୟପାଳିକା ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ବିଚାର କରିବାକୁ ସାହସ କରିବେ ନାହିଁ । ଆଇନ ତା' ବାଟରେ କାର୍ଯ୍ୟ କରିଛି ଏବଂ ଏଥିରେ ଭାଜପା କିମ୍ବା ସରକାରଙ୍କ ହାତ ନାହିଁ । ଯେଉଁମାନେ ଦେଶରେ ଗଣତନ୍ତ୍ର ବିପଦରେ ଅଛନ୍ତି ବୋଲି ଦାବି କରୁଛନ୍ତି, ସେମାନେ ଆଇନଗତ ନିଷ୍ପତ୍ତି ବିରୋଧରେ ରାସ୍ତାରେ ଯାଇ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅପମାନ କରୁଛନ୍ତି । ଶେଖାୱତ ଆହୁରି ମଧ୍ୟ କହିଛନ୍ତି, ରାହୁଲ ଗାନ୍ଧୀ ଗଣତନ୍ତ୍ରର ବିଭିନ୍ନ ସ୍ତମ୍ଭକୁ ଚ୍ୟାଲେଞ୍ଜ ତଥା ଅପମାନିତ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ । ଏହିପରି ଲୋକମାନେ ଗଣତନ୍ତ୍ର ପାଇଁ ବିପଦ କାରଣ ସେମାନେ ନିଜକୁ ଏହାଠୁ ଉର୍ଦ୍ଧ୍ୱରେ ବିବେଚନା କରନ୍ତି । ରାହୁଲ ଦେଶପ୍ରେମୀ ତଥା ସ୍ୱାଧୀନତା ସଂଗ୍ରାମୀ ସାଭରକରଙ୍କୁ ମଧ୍ୟ ଅପମାନ କରୁଛନ୍ତି । ଯଦି ରାହୁଲ ଗାନ୍ଧୀ ପ୍ରକୃତରେ ସାଭରକରଙ୍କୁ ଜାଣିବାକୁ ଚାହାନ୍ତି ତେବେ ସେ ଆଣ୍ଡାମାନ ନିକୋବର ଜେଲକୁ ଯାଇ ସେଠାରେ କିଛି ସମୟ ବିତାଇବା ଉଚିତ୍ । ତା'ପରେ ସେ ଜାଣିବେ ଯେ ସାଭରକର କିଏ ଏବଂ ସେ କି ପ୍ରକାର ବଳିଦାନ ଦେଇଥିଲେ । ସୂଚନାଯୋଗ୍ୟ, ୨୦୧୯ରେ ରାହୁଲଙ୍କ 'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ ତାଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ୨ ବର୍ଷ ଜେଲଦଣ୍ଡ ହେବା ପରେ ତାଙ୍କ ଲୋକ ସଭା ସଭ୍ୟପଦ ଚାଲିଯାଇଛି । ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଛନ୍ତି, ମୋର ନାମ ସାଭରକର ନୁହେଁ, ମୋର ନାମ ଗାନ୍ଧୀ ଏବଂ ଗାନ୍ଧୀ କାହାକୁ କ୍ଷମା ମାଗନ୍ତି ନାହିଁ ।

# ସାହସ ଓ ବଳିଦାନ ହେଉଛି ଗାନ୍ଧୀ ପରିବାରର ସାମର୍ଥ୍ୟ: ରାହୁଲ

ନୂଆଦିଲ୍ଲୀ: ସତ୍ୟ, ସାହସ ଓ ବଳିଦାନ ଗାନ୍ଧୀ ପରିବାରର ଦାୟିତ୍ୱବୋଧ ଓ ସାମର୍ଥ୍ୟ ବୋଲି ଦର୍ଶାଉ ଥିବା ଗୋଟାଏ ନୂଆ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଆଜି କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ତାଙ୍କ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ସେୟାର୍ କରିଛନ୍ତି । ପ୍ରଥମେ ରାହୁଲ୍‌ଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଇନ୍‌ଷ୍ଟାଗ୍ରାମ୍ କରିଥିବା ଏହି ପୋଷ୍ଟ୍‌ରେ ସେମାନଙ୍କ ବାପା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶବ ଶୋଭାଯାତ୍ରା କଥା ସ୍ମରଣ କରି ପ୍ରିୟଙ୍କା କହିଛନ୍ତି, ସେଦିନ ବାପାଙ୍କ ଶବ ଯାଉଥିବା ସେନା ଟ୍ରକ୍ ପଛେ ପଛେ ଚାଲି ଚାଲି ଯିବାକୁ ରାହୁଲ୍ ଜିଦ୍ କରିଥିଲେ । ପ୍ରିୟଙ୍କା କହିଛନ୍ତି, ଆଜି ମୋର ମନେପଡୁଛି ୩୨ ବର୍ଷ ତଳେ ମୋ ବାପାଙ୍କ



ଶବ ନେଇ ଯାଉଥିବା ଟ୍ରକ୍ ପଛେ ପଛେ ଚାଲି ଚାଲି ଯିବାକୁ ରାହୁଲ୍ କିପରି ଜିଦ୍ ଧରିଥିଲା । ଖରାରେ ସେ ଟ୍ରକ୍ ପଛେ ପଛେ ଚାଲି ଚାଲି ଯାଇଥିଲା । ମୋ ବାପାଙ୍କ ଶବ ତ୍ରିରଙ୍ଗା ପତାକାରେ ଆବୃତ ହୋଇଥିଲା । ଦେଶ ପାଇଁ ଆତ୍ମବଳି ଦେଇଥିବା ମୋ ବାପାଙ୍କୁ ଆପଣମାନେ ଅପମାନିତ କରିଛନ୍ତି । ଏବେ ସେ ସହିଦଙ୍କ ପୁଅକୁ ବିଶ୍ୱାସଘାତକ କୁହାଯାଉଛି, ତା'ର ଦେଶାତ୍ମବୋଧକତା ପ୍ରତି ସନ୍ଦେହ କରାଯାଉଛି । ତାକୁ 'ମୀର୍ ଜାଫର୍' କୁହାଯାଉଛି । ରାଜୀବ ଗାନ୍ଧୀଙ୍କ ଶବ ଶୋଭାଯାତ୍ରାର ଭିଡିଓ ଦେଖାଯାଉଥିବା ଏହି 'ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ୍'କୁ ସେୟାର୍ କରି ରାହୁଲ୍ ଗାନ୍ଧୀ ଲେଖିଛନ୍ତି: ସତ୍ୟ, ସାହସ ଓ ବଳିଦାନ- ଏ ହେଉଛି ଆମର ଦାୟ ଏବଂ ସାମର୍ଥ୍ୟ ମଧ୍ୟ । ଭିଡିଓରେ ରହିଛି ତ୍ରିରଙ୍ଗା ପତାକାରେ ଆଚ୍ଛାଦିତ ରାଜୀବ ଗାନ୍ଧୀଙ୍କ ଶବ ଶୋଭାଯାତ୍ରା ଦୃଶ୍ୟ । ଅସଂଖ୍ୟ ଜନତା ଯୋଗ ଦେଇଥିବା ଏହି ଶବ ଶୋଭାଯାତ୍ରା ପ୍ରାୟ ୧୦ ମାଇଲ୍ ପର୍ଯ୍ୟନ୍ତ ଯାଇଥିଲା ।

# ଲୋକସଭାରେ ବାଚସ୍ପତିଙ୍କ ଉପରକୁ ପାମ୍ଫଲେଟ ଫିଙ୍ଗିଲେ ବିରୋଧୀ



ନୂଆଦିଲ୍ଲୀ : ସଂସଦରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଛି । ଫଳରେ ସଂସଦ ଦଶମ ଦିନ ପାଇଁ ଅଚଳ ହୋଇପଡ଼ିଛି । ସୋମବାର ପୁଣି ଥରେ ଭାଜପାର ଏମ୍ପିଙ୍କ ସହିତ ବିରୋଧୀ ଲୋକସଭା ଓ ରାଜ୍ୟସଭାରେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ କରିଛନ୍ତି । ବିରୋଧୀମାନେ ରାହୁଲ ଗାନ୍ଧୀଙ୍କ ଦଣ୍ଡାଦେଶ ଏବଂ ଉଭୟ ଗୃହରେ ଲୋକସଭାରୁ ଅଯୋଗ୍ୟତା ପ୍ରସଙ୍ଗ ଉଠାଇଥିଲେ । ଏଥି ସହିତ, ଆଦାନୀ ପ୍ରସଙ୍ଗ ନେଇ ଜେପିସି ଗଠନ ଦାବି ଉପରେ ଜିଦ ଧରିଥିଲେ । ଏହି ସମୟରେ କିଛି ବିରୋଧୀ ସଦସ୍ୟ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଉପରେ ପାମ୍ଫଲେଟ ମଧ୍ୟ ଫିଙ୍ଗିଥିଲେ । ଏହା ପରେ ଲୋକସଭାକୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାବେଳେ ରାଜ୍ୟସଭାକୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା ।

# ୮ ବର୍ଷର ପିଲାକୁ ବୌଦ୍ଧ ଧର୍ମର ତୃତୀୟ ସର୍ବୋଚ୍ଚ ମାନ୍ୟତା ଦେଲେ ଦଲାଇ ଲାମା

ଡେରାଡୁନ୍ : ଆମେରିକାରେ ଜନ୍ମିତ ମଙ୍ଗୋଲିଆର ଜଣେ ୮ ବର୍ଷ ବୟସ୍କ ପିଲାକୁ ମିଳିଛି ବୌଦ୍ଧ ଧର୍ମର ତୃତୀୟ ସର୍ବୋଚ୍ଚ ମୁଖ୍ୟର ମାନ୍ୟତା । ବୌଦ୍ଧ ଧର୍ମର ଗୁରୁ ଦଲାଇ ଲାମା ପିଲାଟିକୁ ୧୦ମ ଖାଲଖା ଜେଟସୁନ ଧମପା ରିନପୋଚେ ମାନ୍ୟତାରେ ଦେଇଛନ୍ତି । ଏଥିପାଇଁ ମାର୍ଚ୍ଚ ୮ ତାରିଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ହିମାଚଳ ପ୍ରଦେଶର ଧର୍ମଶାଳାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଲାଟିକୁ ମୁକୁଟ ଦେଇ ଦଲାଇ ଲାମା ବିଧିବଦ୍ଧ ଭାବେ ତିବ୍ବତୀୟ ବୌଦ୍ଧ ଧର୍ମର ତୃତୀୟ ସର୍ବୋଚ୍ଚ ମୁଖ୍ୟର ମାନ୍ୟତା ପ୍ରଦାନ କରିଛନ୍ତି । ତେବେ ଏପରି ପଦକ୍ଷେପ ଚାଇନାକୁ ବ୍ୟଥିତ କରିପାରେ । କାରଣ ତିବ୍ବତୀୟ ଅଞ୍ଚଳକୁ ଚାଇନା ନିଜର କହିବା ସହ ସେଠାରେ ନିଜ ଇଚ୍ଛାରେ ବୌଦ୍ଧ ଧର୍ମର ଲୋକଙ୍କ ପାଇଁ ମୁଖ୍ୟ ଚୟନ କରିଥାଏ । ହେଲେ ଭାରତରେ ନିର୍ବାସିତ ଭାବେ ରହୁଥିବା ଦଲାଇ ଲାମା ନିଜ



ଇଚ୍ଛାରେ ୮ ବର୍ଷର ପିଲାଟିକୁ ତୃତୀୟ ସର୍ବୋଚ୍ଚ ନେତାର ମାନ୍ୟତା ଦେଇଛନ୍ତି । ୮ ବର୍ଷୀୟ ପିଲାଟିର ଯମଜ ଭ୍ରାତା ଅଛନ୍ତି । ତାଙ୍କ ବାପା ଗୋଟିଏ ବିଶ୍ୱବିଦ୍ୟାଳୟର ପ୍ରଫେସର । ତାଙ୍କ ଜେଜେ ବାପା ମଙ୍ଗୋଲିଆ ସଂସଦର ପୂର୍ବତନ ସଦସ୍ୟ । ୧୯୯୫ରେ ଦଲାଇ ଲାମା ଏକାଦଶ ପାଞ୍ଚେମ ଲାମାଙ୍କ ନାଁ ଘୋଷଣା କରିଥିଲେ । ଏହି ସମୟରେ ଚାଇନା ସୁରକ୍ଷା କର୍ମୀମାନେ ଉକ୍ତ ବ୍ୟକ୍ତି ଓ ତାଙ୍କ ପରିବାର ଲୋକଙ୍କୁ ଅପହରଣ କରି ନେଇଥିଲେ । ସେବେଠାରୁ ତାଙ୍କର ଆଉ ସ୍ୱରଶବ୍ଦ ନାହିଁ । ଏହାପରେ ଚାଇନା ପାଞ୍ଚେମ ଲାମା ଭାବେ ନିଜର ପ୍ରତିନିଧିଙ୍କୁ ତିବ୍ବତୀୟ ବୌଦ୍ଧ ଧର୍ମ ପାଇଁ ନିଯୁକ୍ତି କରିଥିଲା ।

# ଅଭିନେତା ତଥା ପୂର୍ବତନ ସାଂସଦ ଇନୋସେଣ୍ଟଙ୍କ ପରଲୋକ

କୋଚି: ୭୫ ବର୍ଷୀୟ ଜନପ୍ରିୟ ମଲୟାଲମ୍ ଅଭିନେତା ତଥା ପୂର୍ବତନ ଲୋକସଭା ସାଂସଦ ଇନୋସେଣ୍ଟଙ୍କର ରବିବାର ରାତିରେ କୋଚିସ୍ଥିତ 'କୋଚି ଲେକ୍‌ଶୋର୍ ହସ୍ପିଟାଲ୍'ରେ ଦେହାନ୍ତ ହୋଇଯାଇଥିବା କଥା 'ପିଟିଆଇ' ରିପୋର୍ଟ କରିଛି । 'ଏଲ୍‌ଡିଏଫ୍' ଟିକେଟ୍‌ରେ ବିଜୟୀ ହୋଇ ୧୬ତମ ଲୋକସଭାରେ ଚଲାକୁଡ଼ୀ ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରିଥିବା ଇନୋସେଣ୍ଟଙ୍କର ରାତି ପ୍ରାୟ ୧୦.୩୦ରେ ଦେହାନ୍ତ ହୋଇଯାଇଥିବା କଥା ଡାକ୍ତରଖାନା ଜାରି କରିଥିବା ବିବୃତିରେ ଉଲ୍ଲେଖ କରିଛି । ମାର୍ଚ୍ଚ ୩ ତାରିଖରୁ ଚିକିତ୍ସାଧୀନ ଥିବା ଇନୋସେଣ୍ଟଙ୍କର ରବିବାର ଦିନ ହୃଦ୍ଘାତ ହୋଇଥିଲା । କୋଭିଡ୍-୧୯ ଯୋଗୁଁ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇଯାଇଥିବା ଇନୋସେଣ୍ଟଙ୍କର ଏକାଧିକ ଅଙ୍ଗ ବିଅକାମିକା ହୋଇଯାଇଥିଲା ବୋଲି ଉକ୍ତ ବିବୃତିରେ ଉଲ୍ଲେଖ ଅଛି । ଇନୋସେଣ୍ଟଙ୍କୁ କର୍କଟ ରୋଗ ହୋଇଥିବା କଥା ୨୦୧୨ରେ ଜଣାପଡ଼ିଥିଲା । କର୍କଟ ରୋଗରୁ ଆରୋଗ୍ୟ ହୋଇଛନ୍ତି ବୋଲି ୩ ବର୍ଷ ପରେ ସେ ଘୋଷଣା କରିବା ସହିତ 'ଲାଫ୍ଟର୍ ଇନ୍ ଦି



କ୍ୟାନ୍ସର୍ ୱାର୍ଡ' ନାମକ ପୁସ୍ତକରେ କର୍କଟ ରୋଗ ବିପକ୍ଷରେ ତାଙ୍କ ସଂଗ୍ରାମ କଥା ଲେଖିଥିଲେ । ଦୀର୍ଘ ୧୮ ବର୍ଷ ଧରି ଇନୋସେଣ୍ଟ୍ 'ଆସୋସିଏସନ୍ ଅଫ୍ ମଲାୟାମ୍ ମୁଭି ଆକ୍ଟର୍ସ ଆସୋସିଏସନ୍'ର ଅଧ୍ୟକ୍ଷ ଥିଲେ । ସମାନ ଭାବେ ଗମ୍ଭୀର ଏବଂ ହାସ୍ୟରସ ଅଭିନୟ ପରିସ୍ଫୁଟନ କରିବାର ଦକ୍ଷତା ଯୋଗୁଁ ଇନୋସେଣ୍ଟ୍ ଦର୍ଶକମାନଙ୍କର ଆଦରଣୀୟ ହୋଇପାରିଥିଲେ । ମଲୟାଲମ୍, ତାମିଲ୍ ଓ କନ୍ନଡ଼ ଚଳଚ୍ଚିତ୍ର ଶିଳ୍ପରେ ସେ ଅନ୍ୟୂନ ୭୫୦ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ।

# ଗାନ୍ଧି ପରିବାରକୁ ଭଗବାନ ରାମଙ୍କ ବଂଶ ସହ ଯୋଡ଼ିବା ପ୍ରିୟଙ୍କାଙ୍କ ଅହଙ୍କାର: ଅନୁରାଗ

ନୂଆଦିଲ୍ଲୀ: କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଟାର୍ଗେଟ କରିଛନ୍ତି । ଅନୁରାଗ କହିଛନ୍ତି ଯେ, ଭଗବାନ ରାମଙ୍କ ବଂଶ ସହ ଗାନ୍ଧି ପରିବାରକୁ ଯୋଡ଼ିବା ହେଉଛି ପ୍ରିୟଙ୍କା ଗାନ୍ଧିଙ୍କର ଅହଙ୍କାର । କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଏମପି ପଦ ରଦ୍ଦକୁ ନେଇ ରବିବାର ପ୍ରିୟଙ୍କା ଗାନ୍ଧି ଏକ ରାଲିରେ ଭାଷଣ ଦେଇ ବର୍ଷିଥିଲେ । ଏମପି ପଦ ରଦ୍ଦକୁ ବିରୋଧ କରି ପ୍ରିୟଙ୍କା ବିଜେପିକୁ କଡ଼ା ସମାଲୋଚନା କରିଥିଲେ । ପ୍ରିୟଙ୍କା କହିଥିଲେ ଯେ, ସେମାନେ ପରିବାରବାଦକୁ ବିରୋଧ କରୁଛନ୍ତି । ତାହେଲେ ଭଗବାନ ରାମ କଣ ? ଭଗବାନ ରାମଙ୍କୁ ବନବାସ ହୋଇଥିଲା । କିନ୍ତୁ ସେ ତାଙ୍କ ଦାୟିତ୍ୱ ନିଜ ପରିବାର ଓ ମାତୃଭୂମି ପ୍ରତି ଅବହେଳା କରି ନଥିଲେ । ଏହା ପରିବାରବାଦ ନୁହଁ କି ? ପରିବାରବାଦ ମଧ୍ୟରେ ପାଣ୍ଡବମାନେ ଆସୁନାହାନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ । ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧିଙ୍କୁ ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ, ନିଜ ଅହଙ୍କାରରୁ ପ୍ରିୟଙ୍କା ଗାନ୍ଧି ପରିବାରକୁ ପ୍ରଭୁ ରାମଙ୍କ ବଂଶ ସହିତ ତୁଳନା କରିଛନ୍ତି । ପ୍ରଭୁ ରାମଙ୍କୁ ଗାନ୍ଧି ପରିବାର ସହ ତୁଳନା କରିବା ଦୁର୍ଭାଗ୍ୟଜନକ ବ୍ୟତୀତ ଆଉ କିଛି କୁହାଯାଇ ନପାରେ । ଭାରତକୁ କେବଳ ଏହି ଦିନ ଦେଖିବା ପାଇଁ ବାକି ରହିଥିଲା । ଭାରତର ଗଣତନ୍ତ୍ର, ସଂସଦ, ଦେଶଠାରୁ ସମସ୍ତଙ୍କ ଉପରେ ଏହି ପରିବାର ନିଜକୁ ଭାବେ ବୋଲି ଅନୁରାଗ କହିଛନ୍ତି । ଆଜି ସେହି ପରିବାର ନିଜକୁ ପ୍ରଭୁ ରାମଙ୍କ ସହ ସମାନ କରୁଛନ୍ତି । ଏହା ହେଉଛି ଭାଇ ଓ ଭଉଣୀଙ୍କ ଏହି ଅହଂକାର ।



ସେହିପରି ରାହୁଲ ଗାନ୍ଧିଙ୍କ ସବରକର ମନ୍ତବ୍ୟକୁ ନେଇ ଅନୁରାଗ ମଧ୍ୟ ଟାର୍ଗେଟ କରିଥିଲେ । ସେ କହିଥିଲେ ଯେ, କଂଗ୍ରେସ ନେତା ରାହୁଲ ସ୍ୱପ୍ନରେ କେବେ ବି ସବରକର ହୋଇପାରିବେ ନାହିଁ । କାରଣ ସେମିତି ଏକ ଦେଶପ୍ରେମୀ ହେବା ପାଇଁ ମନରେ ଦୃଢ଼ ନିଷ୍ଠା, ରାଷ୍ଟ୍ର ଭକ୍ତି ଆବଶ୍ୟକ । ସବରକରଙ୍କ ବିରୋଧରେ ଅପମାନଜନକ ଟିପ୍ପଣି ଦେଇଥିବା ରାହୁଲ ଗାନ୍ଧି ଭୁଲ ମାଗିବା ଉଚିତ୍ ବୋଲି କହିଛନ୍ତି ।

# ଆକାଉଣ୍ଟଧାରୀଙ୍କୁ ଠକ ଘୋଷଣା ପୂର୍ବରୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ପକ୍ଷ ଶୁଣିବା ଉଚିତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ସୋମବାର କହିଛନ୍ତି ଯେ କୌଣସି ଆକାଉଣ୍ଟଧାରୀଙ୍କୁ ଠକ ଘୋଷଣା କରିବା ପୂର୍ବରୁ ବ୍ୟାଙ୍କଗୁଡ଼ିକ ମଧ୍ୟ ସେମାନଙ୍କ ପକ୍ଷ ଶୁଣିବା ଉଚିତ । ଋଣ ନେଇଥିବା ବ୍ୟକ୍ତିଙ୍କ କଥା ମଧ୍ୟ ଶୁଣିବା ଆବଶ୍ୟକ । ଏହା ପରେ ବ୍ୟାଙ୍କଗୁଡ଼ିକ ନିଷ୍ପତ୍ତି ନେବା ଉଚିତ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଯଦି ଏପରି କାର୍ଯ୍ୟାନୁଷ୍ଠାନ ହୁଏ, ତେବେ ଏକ ଯୁକ୍ତିଯୁକ୍ତ ଆଦେଶ ପାଳନ କରାଯିବା ଆବଶ୍ୟକ । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି ଏହିପରି ବ୍ୟକ୍ତିମାନଙ୍କୁ ଶୁଣିବାର ସୁଯୋଗ ଦିଆଯିବା ଜରୁରୀ । ଋଣଗ୍ରହୀତାଙ୍କ ଆକାଉଣ୍ଟକୁ ଜାଲିଆତି ଭାବରେ ଶ୍ରେଣୀଭୁକ୍ତ କରିବାକୁ ନିଷ୍ପତ୍ତି ଏକ ଯୁକ୍ତିଯୁକ୍ତ ଢଙ୍ଗରେ ପାଳନ କରାଯିବା ଉଚିତ । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଆବେଦନ ଉପରେ ଏହି ନିଷ୍ପତ୍ତି ନିଆଯାଇଛି । କୋର୍ଟ କହିଛନ୍ତି ଯେ ଅଡି ଅଲ୍ଟରମ ପାର୍ଟେମର ନୀତିଗୁଡିକ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଦ୍ୱାରା ବ୍ୟାଙ୍କ ଆକାଉଣ୍ଟକୁ ଜାଲିଆତି ଆକାଉଣ୍ଟ ଭାବରେ ବର୍ଗୀକରଣ ଉପରେ ଦିଆଯାଇଥିବା ବିଜ୍ଞପ୍ତି ଅନୁସରଣ କରାଯିବା ଆବଶ୍ୟକ । ଏପରି ନିଷ୍ପତ୍ତି ଏକ ଯୁକ୍ତିଯୁକ୍ତ ଆଦେଶ ଦ୍ୱାରା ନିଆଯିବା ଉଚିତ । ଏହାକୁ ଗ୍ରହଣ କରାଯାଇ ପାରିବ ନାହିଁ ଯେ ମାଷ୍ଟର ସର୍କୁଲାର ପ୍ରାକୃତିକ ନ୍ୟାୟର ନୀତିଗୁଡିକୁ ବାଦ ଦେଇଥାଏ ।

# ୟେଦ୍ୟୁରାପ୍ପାଙ୍କ ଘର ଉପରକୁ ପଥରମାଡ଼

ନୂଆଦିଲ୍ଲୀ : ବରିଷ୍ଠ ବିଜେପି ନେତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରାପ୍ପାଙ୍କ ଶିବମୋଗାର ଶିକାରୀପୁରସ୍ଥିତ ବାସଭବନ ଉପରେ ଟେକାପଥର ମାଡ଼ ହୋଇଛି । ସଂରକ୍ଷଣ ପ୍ରସଙ୍ଗକୁ ବିରୋଧ କରୁଥିବା ବଞ୍ଜାରା ସମ୍ପ୍ରଦାୟର ଲୋକେ ତାଙ୍କ ଘର ଉପରକୁ ପଥର ଫିଙ୍ଗିଥିଲେ । ବିକ୍ଷୋଭକାରୀଙ୍କୁ ହଟାଇବା ପାଇଁ ପୁଲିସ ଲାଠିଚାଳନା କରିଥିବା ଜଣାଯାଇଛି । ଅନୁସୂଚିତ ଜନଜାତି ସମ୍ପ୍ରଦାୟରେ ଆଭ୍ୟନ୍ତରୀଣ ସଂରକ୍ଷଣ ଦାବି କରି ଆସୁଛନ୍ତି ବଞ୍ଜାରା ସମ୍ପ୍ରଦାୟ । କର୍ଣ୍ଣାଟକରେ ୨୦୨୩ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ ଏବଂ ରାଜନୈତିକ ଅସ୍ଥିରତା ଆରମ୍ଭ ହୋଇଛି ଅନୁସୂଚିତ ଜାତି/ଜନଜାତି ସମ୍ପ୍ରଦାୟକୁ ଦିଆଯାଇଥିବା ଆଭ୍ୟନ୍ତରୀଣ ସଂରକ୍ଷଣକୁ ନେଇ ବଞ୍ଜାରା ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଶୁକ୍ରବାର କର୍ଣ୍ଣାଟକର ବିଜେପି ସରକାର ଏସସି/ଏସଟି ସମ୍ପ୍ରଦାୟ ପାଇଁ ଆଭ୍ୟନ୍ତରୀଣ ସଂରକ୍ଷଣ ଘୋଷଣା କରିଛନ୍ତି । ସେହି ଅନୁଯାୟୀ ଅନୁସୂଚିତ ଜାତି ସମ୍ପ୍ରଦାୟକୁ ଦିଆଯାଇଥିବା ୧୭ ପ୍ରତିଶତ ସଂରକ୍ଷଣକୁ ଆଭ୍ୟନ୍ତରୀଣ ଭାବେ ବିଭକ୍ତ କରାଯାଇଥିଲା । ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିବା ସୁପାରିସକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବଞ୍ଜାରା ସମ୍ପ୍ରଦାୟର ମୁଖ୍ୟମାନେ ଦାବି କରିଛନ୍ତି ।



# ପାକିସ୍ତାନରେ କଦଳୀ ଡଜନ ୫୦୦, ଅଙ୍ଗୁର କିଲୋ ୧୬୦୦ ଟଙ୍କା

ଇସଲାମାବାଦ୍ : ପାକିସ୍ତାନରେ ଅର୍ଥନୈତିକ ସଙ୍କଟର ପ୍ରଭାବ ରମଜାନ ମାସରେ ପଡିଛି । ଏଠାରେ ଏକ ଡଜନ କଦଳୀ ମୂଲ୍ୟ ୫୦୦ ଟଙ୍କାରେ ପହଞ୍ଚିଛି । କେବଳ ଏତିକି ନୁହେଁ, ବର୍ତ୍ତମାନ ପାକିସ୍ତାନରେ ଅଙ୍ଗୁର କିଲୋଗ୍ରାମ ୧୬୦୦ ଟଙ୍କାରେ ବିକ୍ରି ହେଉଛି । କେବଳ କଦଳୀ ଏବଂ ଅଙ୍ଗୁର ନୁହେଁ, ଦୈନନ୍ଦିନ ଜିନିଷର ମୂଲ୍ୟ ମଧ୍ୟ ଆକାଶଛୁଆଁ ହେଉଛି । ପିଆଜ ଦର ୨୨୮.୨୮ ପ୍ରତିଶତ ବୃଦ୍ଧି ପାଇଛି । ଅଟା ମୂଲ୍ୟ ୧୨୦.୬୬ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ସମୟରେ ପାକିସ୍ତାନରେ ଡିଜେଲ ଦର ମଧ୍ୟ ୧୦୨.୮୪ ପ୍ରତିଶତ ଏବଂ ପେଟ୍ରୋଲ ୮୧.୧୭ ପ୍ରତିଶତ ମହଙ୍ଗା ବିକ୍ରି ହେଉଛି । ଗରିବ ପାକିସ୍ତାନକୁ ଋଣ ଦେବା ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଅନେକ ସର୍ତ୍ତ ରଖିଛି । ଫେବୃଆରୀ ଆରମ୍ଭରୁ ପାକିସ୍ତାନ ଏବଂ ଆଇଏମଏଫ ମଧ୍ୟରେ ୧.୧ ବିଲିୟନ ଡଲାରର ଋଣ ଛାଡକୁ ନେଇ ଆଲୋଚନା ଚାଲିଛି । ଯଦି ଆଇଏମଏଫ ଏହି ଋଣ ପ୍ରଦାନ କରେ, ତେବେ ପାକିସ୍ତାନର ଅର୍ଥନୀତି ପୁନରୁତ୍ଥାନ ପାଇପାରିବ ।

# ଅରୁଣାଚଳରେ ହେବାକୁ ଥିବା ଜି-୨୦ ବୈଠକରେ ଯୋଗଦେବନି ଚୀନ

ନୂଆଦିଲ୍ଲୀ : ଅରୁଣାଚଳ ପ୍ରଦେଶର ଇଟାନଗରଠାରେ ହେବାକୁ ଥିବା ଜି-୨୦ ବୈଠକରେ ଚୀନ୍ ଯୋଗଦେବାକୁ ମନା କରିଦେଇଛି । ରବିବାର ଅରୁଣାଚଳ ପ୍ରଦେଶର ଇଟାନଗରରେ ଅନୁଷ୍ଠିତ ହେବାକୁ ଥିବା ଜି -୨୦ ବୈଠକରେ ଚାଇନା ଅଂଶଗ୍ରହଣ କରିବ ନାହିଁ । ସରକାରୀ ସୂତ୍ର ଅନୁଯାୟୀ, ଏହି ସଭାରେ ବହୁ ସଂଖ୍ୟାରେ ପ୍ରତିନିଧୀ ଉପସ୍ଥିତ ଥିଲେ । କାରଣ ଆମେରିକା ସମେତ ୫୦ରୁ ଅଧିକ ପ୍ରତିନିଧୀ ଜି-୨୦ ରିସର୍ଚ୍ଚ ଇନୋଭେଶନ ଇନିସିଏଟିଭ ସମାବେଶରେ ଭାଗ ନେଇଥିଲେ । ଜି-୨୦ ପ୍ରତିନିଧୀମାନେ ମଧ୍ୟ ସ୍ଥାନୀୟ ବିଧାନସଭା ପରିଦର୍ଶନ କରିଥିଲେ । ଚାଇନେ ଅରୁଣାଚଳ ଉପରେ ଭାରତର ସାର୍ବଭୌମତ୍ୱକୁ ସ୍ୱୀକୃତି ଦେଉନାହିଁ ଏବଂ ଏହା ଦକ୍ଷିଣ ତିବ୍ବତର ଏକ ଅଂଶ ବୋଲି ଦାବି କରୁଛି । ପୂର୍ବରୁ ପାକିସ୍ତାନର ଆପତ୍ତି ପରେ ଚାଇନା, ତୁର୍କୀ ଏବଂ ସୌଦି ଆରବ ମଧ୍ୟ ଜମ୍ମୁ-କଶ୍ମୀରରେ ଅନୁଷ୍ଠିତ ଜି -୨୦ ସମ୍ମିଳନୀକୁ ବିରୋଧ କରିଥିଲେ ।

# ବିକ୍ରମସିଙ୍ଘେଙ୍କୁ ଭେଟିଲେ ଭାରତୀୟ ପ୍ରତିନିଧି ଦଳ

କଲମ୍ବୋ : ଭାରତର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଙ୍ଘେଙ୍କୁ ଭେଟିଛନ୍ତି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ ପଙ୍କଜ ଜୈନଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତ କରିଥିବା ପ୍ରତିନିଧି ଦଳ ବିକ୍ରମସିଙ୍ଘେଙ୍କୁ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ସମୟରେ ଶକ୍ତି ସହଯୋଗ ପାଇଁ ଚିହ୍ନିତ ପ୍ରାଥମିକ କ୍ଷେତ୍ରଗୁଡିକ ଉପରେ ପଦକ୍ଷେପ ନେବାକୁ ଶ୍ରୀଲଙ୍କା ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ । ଭାରତ ଶ୍ରୀଲଙ୍କାକୁ ୫୦୦ ସୌର ଚାଳିତ ଇନଡୋର ରନ୍ଧନ ପ୍ରଣାଳୀ ମଧ୍ୟ ପ୍ରଦାନ କରିବ ବୋଲି ହାଇ କମିଶନ ସୂଚନା ଦେଇଛନ୍ତି । ନିଗମର ଲଙ୍କା ଇଣ୍ଡିଆ ତୈଳ କମ୍ପାନୀ କହିଛି ଯେ ପେଟ୍ରୋଲିୟମ ସଚିବଙ୍କ ସହ ଆଇଓସି ଅଧ୍ୟକ୍ଷ ଶ୍ରୀକାନ୍ତ ମାଧବ ବୈଦ୍ୟ ମଧ୍ୟ ତ୍ରିନକୋମାଲିଠାରେ ଅବସ୍ଥିତ ଟର୍ମିନାଲ ପରିଦର୍ଶନ କରିଛନ୍ତି ।

# ଅମ୍ରିତପାଲ ଓ ସହଯୋଗୀଙ୍କୁ ଶରଣ ଦେଇଥିବା ମହିଳା ଗିରଫ

ନୂଆଦିଲ୍ଲୀ: ପଳାତକ ଖଲିସ୍ତାନୀ ସମର୍ଥକ ଅମ୍ରିତପାଲ ସିଂହ ଓ ତା'ର ନିକଟ ସହଯୋଗୀକୁ ଶରଣ ଦେଇଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି ପୁଲିସ । ପଟିଆଲାରୁ ଉକ୍ତ ମହିଳାଙ୍କୁ ପଞ୍ଜାବ ପୁଲିସ ଗିରଫ କରିଛି । ଗିରଫ ମହିଳାଙ୍କ ନାଁ ବଲବୀର କୌର ବୋଲି ଜଣାପଡିଛି । ପୁଲିସ ସୂଚନା ମୁତାବକ, ଅମ୍ରିତପାଲ ଓ ତା' ସହଯୋଗୀ ପାପଲପ୍ରିତ ସିଂହଙ୍କୁ ମାର୍ଚ୍ଚ ୧୯ ତାରିଖରେ ପଟିଆଲାର ହରଗୋବିନ୍ଦ ନଗରରେ ରହୁଥିବା ବଲବୀର କୌର ତାଙ୍କ ଘରେ ଶରଣ ଦେଇଥିଲେ । ସେ ଉଭୟଙ୍କୁ ନିଜ ଘରେ ପ୍ରାୟ ୬ ଘଣ୍ଟା କାଳ ଲୁଚାଇ ରଖିଥିଲେ । ଏହା ଜଣାପଡିବା ପରେ ଏବେ ବଲବୀର କୌରଙ୍କୁ ଗିରଫ କରାଯାଇଛି । ଏହାପୂର୍ବରୁ ରବିବାର ଲିଧୁଆନା ଜିଲ୍ଲାର ଖନ୍ନା ସହରରୁ ବଲବନ୍ତ ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିଲା । ଖଲିସ୍ତାନୀ ସମର୍ଥକ ଅମ୍ରିତପାଲ ସିଂହଙ୍କ ନିକଟ ସହଯୋଗୀ ତେଜିନ୍ଦର ସିଂହ ଗିଲ ଓରଫ ଗୋରଖା ବାବାକୁ ସେ ଶରଣ ଦେଇଥିବା ଅଭିଯୋଗ ରହିଛି । ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି । ଶୁକ୍ରବାର ଗୋରଖା ବାବା ମୋବାଇଲରୁ ମିଳିଥିବା ଆପତ୍ତିଜନକ ଭିଡିଓ ପୁଲିସ ଜାରି କରିଥିଲା । ମାର୍ଚ୍ଚ ୧୮ ତାରିଖରୁ ଫେରାର ଅଛି ପଞ୍ଜାବ ଦେ ୱାରିସ ମୁଖ୍ୟ ଅମ୍ରିତପାଲ ସିଂହ । ସେ ପୁଲିସ ଚକମା ଦେଇ ଖସି ପଳାଇଛି । ତାକୁ ଧରିବା ପାଇଁ ପୁଲିସ ଭିନ୍ନ ଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ଜାରି ରଖିଛି ।

# ବାପା ହେଲେ ତେଜସ୍ୱୀ ଯାଦବ

ନୂଆଦିଲ୍ଲୀ: ବାପା ବନିଛନ୍ତି ବିହାରର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ । ସେ ଏକ କନ୍ୟା ସନ୍ତାନର ବାପା ହୋଇଛନ୍ତି । ଏ ନେଇ ସୂଚନା ତେଜସ୍ୱୀ ଯାଦବ ନିଜେ ଦେଇଛନ୍ତି । ତେଜସ୍ୱୀ ଯାଦବ ଏକ ଟୁଇଟ୍ କରି ଲେଖିଛନ୍ତି, 'ଈଶ୍ୱର ଆନନ୍ଦିନ ହୋଇ କନ୍ୟା ରତ୍ନକୁ ଉପହାର ଆକାରରେ ପଠାଇଛନ୍ତି । ତେଜସ୍ୱୀଙ୍କ ଭଉଣୀ ରୋହିଣୀ ଆଚାର୍ଯ୍ୟ ମଧ୍ୟ ଏକ ଟ୍ୱିଟ୍ କରି ନିଜର ଖୁସି ବ୍ୟକ୍ତ କରିଛନ୍ତି । ରୋହିଣୀ ଟ୍ୱିଟ୍ କରିବାର ୬ ମିନିଟ୍ ପରେ ତେଜସ୍ୱୀ ଟିଟ୍ କରିଛନ୍ତି । ଘରକୁ କନ୍ୟା ରତ୍ନ ଆସିବା ପରେ ଲାଲୁ ପ୍ରସାଦ ଯାଦବଙ୍କ ପରିବାରର ସୁଖର ସୀମା ନାହିଁ । ରୋହିନୀ ଆଚାର୍ଯ୍ୟ ଟ୍ୱିଟ୍ କରି କହିଛନ୍ତି ଯେ 'ମୋ ଘର ପ୍ରାଙ୍ଗଣରେ ଆଜି ଖୁସିର ଚିତ୍କାର ଶୁଭୁଛି, ଭଗବାନ ଏପରି ଏକ



ଖୁସିର ଉପହାର ଦେଇଛନ୍ତି ।' ରୋହିନୀ ଆଚାର୍ଯ୍ୟଙ୍କ ଟ୍ୱିଟର ପ୍ରାୟ ଛଅ ମିନିଟ୍ ପରେ ତେଜସ୍ୱୀ ଯାଦବ ଆଜି ସକାଳ ୯.୫୩ ଏକ ଟ୍ୱିଟ୍ କରିଛନ୍ତି । ଏହା ପରେ ଲାଲୁ ପରିବାର ମଧ୍ୟରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ତଥା କର୍ମକର୍ତ୍ତାଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି ।

# ମୁସଲମାନଙ୍କୁ ମିଳୁଥିବା ୪ ପ୍ରତିଶତ ସଂରକ୍ଷଣ ଶେଷ

ବେଙ୍ଗାଲୁରୁ : କର୍ନାଟକର ଭାରତୀୟ ଜନତା ପାର୍ଟି(ଭାଜପା) ସରକାର ରାଜ୍ୟରେ ମୁସଲମାନଙ୍କୁ ଦିଆଯାଉଥିବା ୪ ପ୍ରତିଶତ ସଂରକ୍ଷଣକୁ ଶେଷ କରିଛନ୍ତି । ସରକାର ଏହି ସଂରକ୍ଷଣକୁ ରଦ୍ଦ କରି ଏହାକୁ ଦୁଇ ପ୍ରମୁଖ ସମ୍ପ୍ରଦାୟ ଭିରଶୈବ-ଲିଙ୍ଗାୟତ ଓ ଭୋକାଲଗା ମଧ୍ୟରେ ବାଣ୍ଟି ଦେଇଛନ୍ତି । ଏହି ନିଷ୍ପତ୍ତି ସହିତ ଭାଜପା ସରକାର ୧୦ ପ୍ରତିଶତ ମୁସଲମାନଙ୍କୁ ଆର୍ଥିକ ଦୁର୍ବଳ ବର୍ଗକୁ ଟ୍ରାନ୍ସଫର କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏବେ ଭୋକାଲିଗା ସମ୍ପ୍ରଦାୟକୁ ମିଳୁଥିବା ସଂରକ୍ଷଣ ୪ ପ୍ରତିଶତରୁ ବଢାଇ ୬ ପ୍ରତିଶତ କରି ଦିଆଯାଇଛି । ପଞ୍ଚମସାଲିୟୋଁ ଭିରଶୈବୋଂ ଓ ଅନ୍ୟ ଲିଙ୍ଗାୟତ ଶ୍ରେଣୀଙ୍କ ପାଇଁ କୋଟା ୫ ପ୍ରତିଶତରୁ ବଢାଇ ୭ ପ୍ରତିଶତ କରି ଦିଆଯାଇଛି । ମୁସଲମାନ ସମ୍ପ୍ରଦାୟକୁ ଏବେ ଆର୍ଥିକ ଭାବେ ଦୁର୍ବଳ କୋଟା ଆଧାରରେ ସଂରକ୍ଷଣ ମିଳିବ ।

# ୧୪ତମ କୋଚିଲେଇ ମହୋତ୍ସବ ଉଦ୍‌ଯାପିତ



କଟକ ସଦର, (ପିପିଏସ) : କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତସ୍ଥିତ ସଫିପୁର ଗ୍ରାମରେ ପ୍ରତିଷ୍ଠିତ ମା’ କୋଚିଲେଇଙ୍କ ପୀଠଠାରେ ଗତ ଦୁଇଦିନ ଧରି ଚାଲିଥିବା ୧୪ତମ କୋଚିଲେଇ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ତଥା ବିଜେଡି ରାଷ୍ଟ୍ରିୟ ସାଧାରଣ ସମ୍ପାଦକ ପ୍ରଫୁଲ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ଶେଷ ସନ୍ଧ୍ୟାରେ କଟକ ଜିଲ୍ଲାପାଳ ଭବାନି ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା, ଡାକ୍ତର ଜୟନ୍ତ ପଣ୍ଡା, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଅବନି କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତା ଦ୍ୱାରା ଆୟୋଜିତ କର୍ଯ୍ୟକ୍ରମର ଢେର ପ୍ରଶଂସା କରିଥିଲେ। ସ୍ଥାନୀୟ ସରପଞ୍ଚ ଅଶୋକ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ବିକାଶ ପାଇଁ ଗମନାଗମନ ପଥକୁ ଉନ୍ନତ କରିବା ପାଇଁ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚୟନୀ ଓ ଡାକ୍ତର ଶ୍ରୀ ପଣ୍ଡାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କଟକ ସଦର ବିକାଶ ମଞ୍ଚର ସଭାପତି ସୁବୋଧ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟନାରାୟଣ ପୂଜା ସଂସଦ ପକ୍ଷରୁ ବାଦି ପାଲା ଅନୁଷ୍ଠିତ



ସାକ୍ଷୀଗୋପାଳ (ପିପିଏସ) : ପାଶ୍ଚାତ୍ୟ ଯୁଗରେ ଗୀତା, ଭାଗବତ, ଧାର୍ମିକ ସାହିତ୍ୟ ପୁରାଣ ଓ ସାହିତ୍ୟ ସଂସ୍କୃତି ଏବଂ ପରମ୍ପରା ଆଦି ବିଭିନ୍ନ ନାଟକ ପାଲା ମାଧ୍ୟମରେ ପାଲାକାର ପରିବେଷଣ କରି ଲୋକଙ୍କ ମନରେ ଧାର୍ମିକ ଭାବନାକୁ ଜାଗ୍ରତ କରିଥାନ୍ତି। କିନ୍ତୁ ଏହି ଆଧୁନିକ କମ୍ପ୍ୟୁଟର ଯୁଗର ପ୍ରଭାବ ଏବଂ କଳାକାର ମାନଙ୍କୁ ସରକାରୀ ପ୍ରୋତ୍ସାହନର ଅଭାବ ପାଇଁ ଏହା ବର୍ତ୍ତମାନ ଲୋପ ପାଇବାକୁ ବସିଲାଣି। ଆଜିବି ବହୁ ଗ୍ରାମାଞ୍ଚଳର ସାହିତ୍ୟ ସଂସ୍କୃତି ପ୍ରେମୀ ମାନେ ରାତିରାତି ବସି ପାଲା ଦେଖୁଛନ୍ତି ଓ ଶୁଣୁଛନ୍ତି। ଦୀର୍ଘ ବର୍ଷ ଧରି ଏହି ପରମ୍ପରାକୁ ବଜାୟ ରଖିଆସିଛନ୍ତି ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସତ୍ୟନାରାୟଣ ପୂଜା ସଂସଦ କମିଟିର ସଦସ୍ୟମାନେ। ଚଳିତ ବର୍ଷ ପାରମ୍ପରିକ ବିଧିବିଧାନ ଅନୁଯାୟୀ ୨୬ ତାରିଖ ଶନିବାର ଠାରୁ ଆରମ୍ଭ ହୋଇ ୨୯ ତାରିଖ ବୁଧବାର ଦିନ ପରିସମାପ୍ତି ହେବ। ସତ୍ୟନାରାୟଣ ଦେବଙ୍କର ବାଦି ପାଲା ପ୍ରତ୍ୟହ ସନ୍ଧ୍ୟା ୭ ଘଟିକା ଠାରୁ ହୋଇ ରାତ୍ର ୧ଘଟିକା ପର୍ଯ୍ୟନ୍ତ ୫ ଦିନ ପରିବେଷଣ କରାଯାଉଛି। ଅନେକ ଲୋକ ଏହି ମଣ୍ଡପରେ ଉପସ୍ଥିତ ରହି ପାଲାକୁ ଉପଭୋଗ କରୁଛନ୍ତି। ଚଳିତ ବର୍ଷ ବାଦି ପାଲା ସ୍ୱନାମଧନ୍ୟ ଗାୟକ ପ୍ରଦ୍ୟୁମ୍ନ ପାତ୍ର ଓ ଆଦିତ୍ୟ ନାରାୟଣ ବେହେରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସଂସ୍କୃତିର ପ୍ରଚାର ଓ ଶ୍ରୀହରି କଥାମୃତ ଆଲୋଚନା ହୋଇଥିଲା। ଅନୁଷ୍ଠାନର ସଦସ୍ୟମାନେ ପାଲା ସଂସ୍କୃତିକୁ ବଜାୟ ରଖିବା ପାଇଁ ପ୍ରୟାସ କରିଥିବାରୁ ଉଭୟ ଗାୟକ ସାଧୁବାଦ ଜଣାଇଥିଲେ।

# ବହୁ ଚର୍ଚ୍ଚିତ କ୍ୟାମେରାମେନ୍ ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର ପ୍ରଥମ ସାକ୍ଷ୍ୟ ଗ୍ରହଣ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଦାଲତରେ ଆଜି ବହୁ ଚର୍ଚ୍ଚିତ କ୍ୟାମେରାମେନ୍ ମାନସ ସ୍ୱାଇଁ ହତ୍ୟାକାଣ୍ଡର ପ୍ରଥମ ସାକ୍ଷୀ ଭାବେ ବାଂଶଡା ଥାନା ସଦାନନ୍ଦପୁର ଗ୍ରାମର ବାପୁ ଓରଫ ଦେବାଶିଷ ଜେନାଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣା କ୍ରାଇମବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଛି। ତେବେ ଅଭିଯୁକ୍ତ ଶର୍ମିଷ୍ଠା, ତାର ସହଯୋଗୀ ଝୁନା ଭୋଇ ଏବଂ ଅନ୍ୟ ଦୁଇ ଅପରାଧୀ ଏବେ ଭଦ୍ରକ ଜେଲରେ ବିଚାରାଧୀନ ବନ୍ଦୀ ଭାବରେ ରହିଛନ୍ତି। ରାମନବମୀ ପାଇଁ ଆବଶ୍ୟକୀୟ ପୁଲିସ୍ ସହାୟତା ନମିଳିବାରୁ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ହାଜର ନକରାଇ ଭିଡିଓ କନଫରେନ୍ସି ମାଧ୍ୟମରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତେବେ ସେ ତାଙ୍କ ବୟାନରେ କହିଥିଲେ ଯେ ତାଙ୍କ ଅଂଚଳରେ ସମସ୍ତ ଭିଡିଓ ସୁଟିଂ କଲ୍ ସେ ମାନସ ସ୍ୱାଇଁଙ୍କୁ ଦିଅନ୍ତି। ପଳାସପୁର ଗ୍ରାମର ବଳଭଦ୍ର ଭୋଳଙ୍କ କନ୍ୟା ବାହାଘର କଲ୍ ମଧ ସେ ମାନସକୁ ଦେଇଥିଲେ। ମାନସ ୨୦୨୨ ମସିହା ଫେବୃୟାରୀ ୫ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରୁ ତାର ଜଣେ ସହଯୋଗୀ ଆସି ତାଙ୍କ ପାଖରେ ପହଞ୍ଚିଲା। ତାକୁ ନେଇ ବଳଭଦ୍ର ଭୋଳ ଘରେ ସେ ୬ ତାରିଖ ସକାଳେ ଛାଡି ଆସିଥିଲା ଓ ୭ ତାରିଖ ତା ସ୍କୁଟିରେ ଉଭୟଙ୍କୁ ନେଇ ଫେରିଥିଲା। ପଳାସପୁର ମନ୍ଦିର ପାଖରେ ସ୍ୱାଧିକାର ନ୍ୟୁଜ୍ ଚେନାଲ ସାମ୍ବାଦିକ ଶରତ ପଣ୍ଡା ତାଙ୍କୁ ଅଟକାଇଲା ଓ ସେ ରହିବା ପରେ ତାଙ୍କ ପଛରେ ଥିବା ଓଡି-୦୨-୬୫୯୯ କାର ଯେଉଁଥିରେ ପ୍ରେସ୍ ଲେଖାଥାଇ ଦୁଇଜଣ ପୁରୁଷ ଓ ଦୁଇଜଣ ମହହିଳା ଆସି ମାନସକୁ ମୋବାଇଲ୍, କ୍ୟାମେରା ଓ ଚିପ୍ ମାଗିଥିଲେ। ସେ ମନା କରିବାରୁ ତା ଗାଲକୁ ଦୁଇ ଚାପୁଡା ମାରି କାର୍ ଭିତରକୁ ଘୋଷାରି ନେଇ ବସାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଆଜି ଜେଲ୍‌ରେ ଥିବା ଶର୍ମିଷ୍ଠା ଓ ଝୁନା ଭୋଇକୁ ସେ ଚିହ୍ନିଥିଲା। ମାତ୍ର ଜେଲ୍‌ରେ ଥିବା ରଂଜନ ବିଷୟରେ କିଛି କହିପାରିନଥିଲା। ପ୍ରକାଶଥାଉକି କ୍ରାଇମବ୍ରାଞ୍ଚ ତରଫରୁ ଯେଉଁ ଚିହ୍ନଟ ପ୍ରକ୍ରିୟା (ଟିଆଇ ପ୍ୟାରେଡ) ହୋଇଥିଲା, ସେତେବେଳେ ଶର୍ମିଷ୍ଠା, ତାର ସହଯୋଗୀ ଝୁନା ଓ ବିବେକକୁ ଚିହ୍ନିଥିଲା। ମାତ୍ର ବିବେକ ଆଜି ନିଜର ଅସୁସ୍ଥ ଦର୍ଶାଇ କୋର୍ଟରେ ହାଜର ହୋଇନଥିଲା। ତେବେ ତାର ମାଜିଷ୍ଟ୍ରେଟ୍ ଆଗରେ ଦେଇଥିବା ଫୌଜଦାରୀ କାର୍ଯ୍ୟବିଧି ଆଇନ୍‌ର ୧୬୪ ଦଫାର ବୟାନ କାଗଜପତ୍ର ଅପରପକ୍ଷ ଓକିଲ ପାଇନଥିବାରୁ ଆଜି ତାକୁ ଅପରପକ୍ଷ ଓକିଲ ଜେନା ନକରି ଆସନ୍ତାକାଲି ତାକୁ ଜେରା ପାଇଁ ତାରିଖ ରଖାଗଲା ବୋଲି ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସାମାଜିକ ଅଧିକାର ଉପରେ ଜାତୀୟ କର୍ମଶାଳା




କଟକ, (ପିପିଏସ) : ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସାମାଜିକ ଅଧିକାର ଉପରେ ଏକ ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର କମଳଜିତ ସଂଖ୍ୟ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। ସେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଥିବା ଆଇନ ବିଷୟରେ କହିଥିଲେ। ୩ ବର୍ଷିୟା ଏଲଏଲବି ର ବିଭାଗୀୟ ମୁଖ୍ୟ ହିରଣ୍ୟମୟୀ ମିଶ୍ର ଯୋଗ ଦେଇ କହିଲେ ଯେ, ୨୦୨୩ ସୁଦ୍ଧା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସାମାଜିକ ଅର୍ନ୍ତଭୁକ୍ତିକରଣ ବ୍ୟବସ୍ଥା କରାଯିବା ଏହି କର୍ମଶାଳାର ଲକ୍ଷ୍ୟ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୌମିତ୍ର କୁମାର ଚାଟାର୍ଜି ଦିବ୍ୟାଙ୍କ ବ୍ୟକ୍ତିମାନଙ୍କର ସମସ୍ୟା ଏବଂ ଏହାକୁ କିପରି ସମାଧାନ କରାଯାଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ବିତ୍ତ ନିୟନ୍ତ୍ରକ ଡ. ଚିତ୍ତରଞ୍ଜନ ନାୟକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେନତନା ସୃଷ୍ଟି କରିବାକୁ ନେଇ କର୍ମଶାଳାର ଆୟୋଜନ କରାଯାଇଥିବା କହିଥିଲେ। ବୈଷୟିକ ଅଧିବେଶନରେ ବକ୍ତା ଭାବେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଣ୍ଡର ସେକ୍ରେଟାରୀ ସନ୍ୟାସୀ ବେହେରା ଯୋଗଦେଇ ଆରପିଡବ୍ଲୁଡି ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ, ଦିବ୍ୟାଙ୍ଗ ଅଧିକାର ପାଇଁ ଆଇନଜୀବୀମାନେ କିଭଳି ସାମିଲ ହୋଇପାରିବେ ମତ ଦେଇଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ପ୍ରଫେସର ଦେବୀନ୍ଦର ସିଂହ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ପାଇଁ ସୁବିଧାରୁ ବଞ୍ଚିତ କରାଯାଉଥିବା କହିଥିଲେ। ଧ୍ୱନି ଫାଉଣ୍ଡେସନର ମିହିର ମହାନ୍ତି, କର୍ମଶାଳା ସମ୍ପାଦିକା ଆଦ୍ୟାଶା ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ଡ. ନିଧି ଚୌହ୍ୱାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରାଫ୍ଟସମ୍ୟାନ ନଥିବାରୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ ମନ୍ଥର

# ୨୬ଟିରୁ ୧୪ଟି ରାଜସ୍ୱ ଗ୍ରାମର ବି.ସି.ପି. କାର୍ଯ୍ୟ ଆରମ୍ଭ ୧୨ଟି ବାକି




ଧାମନଗର (ପିପିଏସ) : ଧାମନଗର ବ୍ଲକ ଓ ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମରେ ଜନସଂଖ୍ୟା, ନୂଆ ଖାତାଦାର ଓ କିସମ ପରିବର୍ତ୍ତନ ବୃଦ୍ଧି ହେତୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ (ବି.ସି.ପି.) କାର୍ଯ୍ୟ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଧାମନଗର ତହସିଲ ଅଞ୍ଚଳର ୭ ରୁ ଅଧିକ ରାଜସ୍ୱ ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବିସିପି) ପାଇଁ ୨୦୦୦ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦୀର୍ଘ ୧୨ବର୍ଷ ପରେ ଅର୍ଥାତ ୨୦୧୨ ମସିହାରେ ଏହି କାର୍ଯ୍ୟର ପ୍ରକ୍ରିୟା ଧାମନଗର ତହସିଲ ଅଞ୍ଚଳରେ ଲାଗୁହେଲା। ୨୦୧୨ ମସିହାରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ୭ରୁ ଅଧିକ ରାଜସ୍ୱ ଗ୍ରାମରେ କେତେକ କାର୍ଯ୍ୟ ପ୍ରତି ପ୍ରତିବନ୍ଧକ ଲଗାଇ ବାକୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ।ଯାହା ଫଳରେ ଆଜକୁ ଦୀର୍ଘ ୧୧ ବର୍ଷ ଧରି ଏହି ସବୁ ରାଜସ୍ୱ ଗ୍ରାମର ପାଖାପାଖି ୨୫ ହଜାରରୁ ଅଧିକ ଲୋକେ ବିଭିନ୍ନ ସରକାରୀ ପ୍ରମାଣ ପତ୍ର ସହ ଜମି ଜମା କାଗଜାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସଂଖ୍ୟା ବଢ଼ି ଧାମନଗର ତହସିଲର ୯ ରାଜସ୍ୱ ସର୍କଲ ରାଧାବଲ୍ଲଭପୁର, ରଇପୁର, ଦେଉଳିଡିହ, ସରପୁର, ଧାମନଗର, ଅସୁରାଳି, ସହିଦନଗର, ସୋଧ, କୋଠାର ଅନ୍ତର୍ଗତ ୧୧ ମୂଳ ରାଜସ୍ୱ ଗ୍ରାମ ପଳିକିରୀ, ମୋଉଦପୁର, ଦେଉଳିଡିହି, ଧୂଷୁରୀ, ସରପୁର, ଜୟନଗର, ଧର୍ମାଗତପୁର, ଶ୍ରୀଗଙ୍ଗା, ଗୌଡବିଶି ନୂଆପଡ଼ା, କାକୁଡ଼ିଗଡିଆ, ବୟାଙ୍ଗଡିହରୁ ୧୪ ନୂଆ ହାମଲେଟ ଭିଲେଜ ଯଥା ବାଇଦିପୁର, ଜଗନ୍ନାଥବାଡି, ବନ୍ଧସାହି, ଜଗନ୍ନାଥ ସାହି, ଲେଙ୍କାସାହି, କାଙ୍କରା, ମୁନସୀ ପାଟଣା, କେଳାଙ୍ଗ ଶାସନ, ଶ୍ୟାମଚାନ୍ଦ ପାଟଣା, ବେଲମଳା, ଗୋବିନ୍ଦାଗଡିଆ, ଉଚ୍ଚପଦା, ଆମ୍ବିଳିଗାଁ, ଭଉରିଆଁବାଙ୍କ ଇତ୍ୟାଦି ଗଠନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଏହି ଆଦେଶ ଯୋଗୁଁ ଉପର ୧୧ ଟି ମୂଳ ରାଜସ୍ୱ ମୌଜାର ଲୋକମାନେ ନିମ୍ନଲିଖିତ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଯଥା ୧- ନାମଜାରୀ ନକରି ପାରିବା, ୨- କିସମ ପରିବର୍ତ୍ତନ ନକରି ପାରିବା, ୩- କବଲାମୂଳେ ଦଲିଲ ନକରି ପାରିବା, ୪- ସଂପତ୍ତି ବିଭାଗ ବଣ୍ଟନ ନକରି ପାରିବା ଆଦି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଥିଲା। ତେବେ ଗତ ତା ୧୫/୦୩/୨୦୨୨ ରିଖରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳାଇ ଓ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ତହସିଲକୁ ପାସବୁକ ଘୋଟାଲା ସମ୍ପର୍କିତ ଆର୍ଥିକ ତଦନ୍ତ ପାଇଁ ଆସିଥିବା ସମୟରେ ଏହି ଅସୁବିଧା ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ଅବଗତ କରାଇଥିଲେ। ଆର.ଡି.ସି.ଙ୍କ ପ୍ରତିଶ୍ରୁତି ପରେ ତତ୍ପର ହୋଇଉଠିଥିଲା ରାଜସ୍ୱ ବିଭାଗ। ଏହି ବି.ସି.ପି. ବା ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟପାଇଁ ଧାମନଗର ତହସିଲକୁ ତିନିଜଣ ଅବସରପ୍ରାପ୍ତ ଓ ତିନିଜଣ କାର୍ଯ୍ୟରତ ଏପରି ମୋଟ ୬ଜଣ କର୍ମଚାରୀ ଯୋଗାଇ ଦିଆଯାଇଥିଲା। ପରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟା ଫଳରେ ୭ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ୭ ଟିରେ ପ୍ରୋସେସିଂ ଚାଲିଛି। ଅନ୍ୟ ୧୧ ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଏଯାବତ ଆରମ୍ଭ ହୋଇନାହିଁ। ତେବେ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଚଳିତ ୨୦୨୩ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ସାରିବାକୁ ଚେଷ୍ଟା ଚାଲିଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ମାତ୍ର ନୂତନ ରାଜସ୍ୱ ଗ୍ରାମର ନକ୍ସା ପାଇଁ ଅଙ୍କନକାରୀ (ଡ୍ରାଫ୍ଟସମ୍ୟାନ) ନଥିବାରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ମନ୍ଥର ହେଉଛି ବୋଲି ସୂଚନା ମିଳିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜାନକୀ ବାବୁଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି ବୈଠକ



ଚୌଦ୍ୱାର, (ପିପିଏସ) : ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଜ୍ଞା ପୁରୁଷ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଚୌଦ୍ୱାର ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୁଲ୍ୟରେ ସଂସଦ ସଭାପତି ସମାଜସେବୀ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ଶିଶୁ ସଦନରେ ଆୟୋଜିତ ଏହି ବୈଠକରେ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପ୍ରଦାନ କରିବା ସହିତ ଆସନ୍ତା ଅପ୍ରେଲ ମାସ ୨୧ ତାରିଖ ଦିନ ଜାନକୀ ବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳନ କରାଯିବା ଓ ଏଥିପାଇଁ ବିଭିନ୍ନ ଆୟୋଜନ ପାଇଁ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସାହିତ୍ୟ, ସାମ୍ବାଦିକତା, ସମାଜସେବା ଆଦି କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଚୟନ ଓ ଉତ୍ସବ ପାଇଁ ଅତିଥି ଚୟନ ପାଇଁ ଏକ ୮ଜଣିଆ କମିଟି ଗଠନ କରାଯାଇଥିଲା। ଶରତ ଚନ୍ଦ୍ର ଖୁଣ୍ଟିଆ, ସୁକାନ୍ତ କୁମାର ମହାନ୍ତି, ବୈରାଗୀ ଚରଣ ପ୍ରଧାନ, ବିଜୟ କୁମାର ବେହେରା, ବିଶ୍ୱ କଲ୍ୟାଣ ଦାସ, ଶରତ ଚନ୍ଦ୍ର ସ୍ୱାଇଁ, ଦିବ୍ୟଜ୍ୟୋତି ପାଣି, ପ୍ରେମଚାନ୍ଦ ନାୟକ, ଧୀରେନ୍ଦ୍ର ଚୌଧୁରୀ, ହରିହର ପରିଡ଼ା, ସୁବାସ ସୁବୁଦ୍ଧିରାୟ, ଅଜୟ କୁମାର ଦାସଙ୍କ ସମେତ ସ୍ଥାନୀୟ ବହୁ ବରିଷ୍ଠ ନାଗରିକ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ କୋର୍ଟଗୃହ କାର୍ଯ୍ୟ ବନ୍ଦ

କୋଣାର୍କ, (ପିପିଏସ) : ମାଧିପୁର ମୌଜାରେ ଏକ ବିବାଦୀୟ ସ୍ଥାନରେ କୋର୍ଟ ନିର୍ମାଣ କାର୍ଯ୍ୟକୁ ପାଢ଼ୀସାହି ବାସିନ୍ଦା ମାନେ ବିରୋଧ କରିବା ଯୋଗୁଁ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡିଛି। ଯାହାକି ଚଳିତ ଫେବୃଆରୀ ମାସରେ ସିଭିଲ କୋର୍ଟର ସ୍ଥାୟୀଗୃହ ନିର୍ମାଣ ନିମନ୍ତେ ମାନ୍ୟବର ଉଚ୍ଚନ୍ୟାୟାଳୟ ବିଚାରପତିଙ୍କ କରକମଳରେ ଉଦଘାଟିତ ହୋଇଥିଲା। ନିର୍ଦ୍ଧାରିତ ପ୍ଲଟରେ ବିବାଦ ଥିବାରୁ ବିଭିନ୍ନ ସମୟରେ ଗ୍ରାମବାସୀମାନେ କୋର୍ଟର ଆଶ୍ରୟ ନେଇଥିବା ବେଳେ ଚଞ୍ଚକତା ପୂର୍ବକ କୋର୍ଟ ନାମରେ ଜମିପଟ୍ଟା ଯୋଗାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇଅଛି। ଏହି ଜମିଟି ଗ୍ରାମର ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଥିବା ଗ୍ରାମବାସୀ ମାନେ ଉଚ୍ଚନ୍ୟାୟାଳୟରେ ଆଶ୍ରୟ ନେଇଥିବା ଯୋଗୁଁ ସେଠାର ଆସନ୍ତା ମେ ମାସ ୧ ତାରିଖ ସୁଦ୍ଧା କୌଣସି କାର୍ଯ୍ୟ କରାନଯାଇ ଉକ୍ତ ସମସ୍ୟାର ସମାଧାନ ପାଇଁ ମାନ୍ୟବର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଇଥିବା ଗ୍ରାମବାସୀମାନେ ପ୍ରକାଶ କରିଅଛନ୍ତି। ଏହାକୁ ଅବମାନନା କରି ଠିକାଦାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରେ ଗ୍ରାମବାସୀମାନେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଘଟଣା ସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆଲୋଚନା ହୋଇଥିବା ବେଳେ ଆସନ୍ତା ମେ ୧ ପର୍ଯ୍ୟନ୍ତ କାର୍ଯ୍ୟସ୍ଥଗିତ ରହିଥିବା ଜଣାପଡିଛି। ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅନୁଯାୟୀ ଆଗମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଅଛନ୍ତି।

# କଲ୍ୟାଣ ମଣ୍ଡପ ବିକାଶ କାର୍ଯ୍ୟରେ ବାଧକ ସାଜିଲେ ଚକ୍ରାନ୍ତକାରୀ

କୁଜଙ୍ଗ, (ପିପିଏସ) : ଦୀର୍ଘବର୍ଷ ବିତିଯାଇଥିଲେ ମଧ କୁଜଙ୍ଗ ବ୍ଲକ ଅର୍ନ୍ତଗତ ବାଗୋଇ ପଂଚାୟତରେ କଲ୍ୟାଣ ମଣ୍ଡପ କରାଯିବାକୁ କାହର ମନ ଡାକୁନଥିଲା ଭଳି ଅନୁଭୂତ ହେଉନଥିଲା। ବର୍ତ୍ତମାନର ଦକ୍ଷ ବିଧାୟକ, ସରପଂଚ ବବିତା ସେଠୀ, ଯୁବ ସମାଜସେବି ପ୍ରଫୁଲ ପରିଡାଙ୍କ ଉଦ୍ୟମ କ୍ରମେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ କଲ୍ୟାଣମଣ୍ଡକ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉଗୋଟିଏ କଲ୍ୟାଣିମଣ୍ଡପ ଗ୍ରାମର କେନ୍ଦ୍ରସ୍ଥଳ ତଥା ପଂଚାୟତ କାର୍ଯ୍ୟାଳୟ ନିକଟରେ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟ ନିର୍ମାଣ ହେବା ନିମନ୍ତେ ଗ୍ରାମର ଶତାଧିକ ଜନସାଧାରଣ, ବୁଦ୍ଧିଜିବୀ ଖୁସି ବ୍ୟକ୍ତ କରୁଥିଲା ବେଳେ ଗ୍ରାମର କିଛି କୁଚକ୍ରି ବ୍ୟକ୍ତି ତହସିଲଦାରଙ୍କୁ ଏଠାରେ ଗୋଚର ଥିବା ଯୋଗୁ ନ କରିବାକୁ ଅଭିଯୋଗ କରିଛନ୍ତି। କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ ମାଟିଖୋଳା ସରି ଲେଆଉଟ ଦିଆ ସରିଛି। ଏଠାରେ ପ୍ରଶ୍ନ ଉଠୁଛିଯେ ଉକ୍ତ ଗ୍ରାମ ପଂଚାୟତରେ ଯେଉଁସବୁ ଅନାବାଦି ଗୋଚର ଜମିରେ ଉନ୍ନୟନ ମୂଳକ କାର୍ଯ୍ୟକରାଯାଇଛି ସେତେବେଳେ ଉକ୍ତ ବ୍ୟକ୍ତିମାନେ ପ୍ରତିବାଦ କରିଥିଲେ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ବୋରିକ ମେଲଣ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଫୁଲନଖରା, (ପିପିଏସ) : କଟକ ସଦର ଥାନା ଅନ୍ତର୍ଗତ କୋରକରା ଠାରେ ସଦର ଅଞ୍ଚଳର ସର୍ବ ପୁରାତନ ପୁରାଣ ପ୍ରସିଦ୍ଧ ବୋରିକ ମେଲଣ ପାଇଁ ଶାନ୍ତି କମିଟିର ସଭାପତି ବି.ଏନ୍. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଟକ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଂଜନ ମହାପାତ୍ର ଯୋଗ ମାନନୀୟ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାଇ ସମସ୍ତ ପ୍ରକାର ରୋଷଣୀ, ସାଂସ୍କୃତିକ କାର୍ଯକ୍ରମ କରିବାକୁ ପରାମର୍ଶ ଦେବା ସହ ଉଚ୍ଚ ଶବ୍ଦ ଯୁକ୍ତ ଡି ଜେ ଓ ବକ୍ଷଣକୁ ସମ୍ପୂର୍ଣ ବନ୍ଦ କରିବାକୁ କହିଛନ୍ତି। ମଦ୍ୟପ ଓ ବିଶୃଙ୍ଖଳା କାରୀଙ୍କ କାର୍ଯ୍ୟକଳାପକୁ ମୋଟେ ବରଦକ୍ଷସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏହି ସଭାରେ ଶାନ୍ତି କମିଟି ସାଧାରଣ ସମ୍ପାଦକ ସମୀର ସାମନ୍ତରାୟ, କାର୍ଯକାରୀ ସଭାପତି ଆଲୋକ ସ୍ୱାଇଁ, ମୁଖ୍ୟ ସଂଯୋଜକ ପ୍ରଦୀପ ସ୍ୱାଇଁ, ସହ ସଂଯୋକ ଅକ୍ଷୟ ସ୍ୱାଇଁ ତଥା, ଅଜୟ ବିଶ୍ୱାଳ, ସଚିଦା ନନ୍ଦ ବିଶ୍ୱାଳ, ଯୋଗୀ ନାଥ ବେଉରା, ବେଣୁଧର ମୂଳିଆ, ବ୍ରଜ ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ସନାତନ ସାହୁ,ରବୀନ୍ଦ୍ର ପଣ୍ଡା, ଶରତ ମଲ୍ଲିକ, ଅକ୍ଷୟ ବେଉରା ଓ ସ୍ଥାନୀୟ ସରପଞ୍ଚ ଅଶୋକ ପାତ୍ରଙ୍କ ସମେତ ସ୍ଥାନୀୟ ମୂରବୀ ମାନେ ଭାଗ ନେଇଥିଲେ। ଆସନ୍ତା ଏପ୍ରିଲ ୧୩ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କୋରକରା ସ୍ଥିତ ବୋରିକ ମେଲଣ ପଡିଆ ଠାରେ ଏହି ମେଳଣ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ପ୍ରକାଶ କରାଯାଇଛି।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ଚୌଦ୍ୱାର, (ପିପିଏସ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତସ୍ଥିତ କଲ୍ୟାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦିବ୍ୟଜ୍ୟୋତି ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମତ୍ସ୍ୟ, ପ୍ରାଣୀ ଓ କୃଷି ସଂପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶିଶୁ ମାନଙ୍କୁ ପ୍ରତିଭାବାନ ନାଗରିକ ଭାବରେ ଗଢ଼ିତୋଳିବା ପାଇଁ ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ଅଭିଭାବକମାନେ ଆନ୍ତରିକ ପ୍ରୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା ବିକାଶ ସମିତିର ଉତ୍ତର ପୂର୍ବ ସମ୍ଭାଗର ସଂପାଦକ ମହେନ୍ଦ୍ର କୁମାର ଘଡ଼େଇ, ମଙ୍ଗରାଜପୁର ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡବ, ଶଙ୍ଗରପୁର ସରପଞ୍ଚ ପ୍ରମୋଦିନୀ ଖୁଣ୍ଟିଆ, ମହିଷାଲଣ୍ଡା ସରପଞ୍ଚ କଲ୍ୟାଣୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଏଥିରେ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୋଧ ଚନ୍ଦ୍ର ତ୍ରିପାଠୀଙ୍କୁ ‘ଆଦର୍ଶ ଶିକ୍ଷକ ସମ୍ମାନ’ରେ ସମ୍ମାନିତ କରାଯିବା ସହ ଯୁବ ଶିଳ୍ପୋଦ୍ୟୋଗୀ ହେମନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତି ସଂପାଦକ ଦେବଜିତ୍ ପ୍ରସାଦ ସିଂହଦେଓ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟା ଅନିତା ସାହୁ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଉପଦେଷ୍ଟା ଜୟନ୍ତ କୁମାର ପାତ୍ର, ବିନୋଦ କୁମାର ବରାଳ, ସଞ୍ଜୟ କୁମାର ପରିଡ଼ା, ଅର୍ଜୁନୀ ବେହେରା, ଗୁରୁଜୀ ଓ ଗୁରୁମା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସହ ପ୍ରଧାନଆଚାର୍ଯ୍ୟ ରମାକାନ୍ତ ଓଝାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୋହନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ତିରିଶି ବର୍ଷ ପରେ ବନ୍ଧୁ ମିଳନ ଉତ୍ସବ

କାକଟପୁର, (ପିପିଏସ) : କାକଟପୁର ବ୍ଲକ ଅନ୍ତର୍ଗତ ଶୁକପୋଖରୀ ସତ୍ୟନାରାୟଣ ଉଚ୍ଚବିଦ୍ୟାଳୟର ୧୯୯୩ ମସିହା ମାଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀମାନଙ୍କର ବନ୍ଧୁ ମିଳନ ଉତ୍ସବ ମା ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ତିରିଶି ବର୍ଷ ପରେ ସମସ୍ତ ଛାତ୍ରଛାତ୍ରୀ ଏକାଠି ହୋଇ ନିଜ ନିଜର ପୁରୁଣା ସ୍ମୃତିକୁ ସାଉଁଟି ଥିଲେ। ପୁରାତନ ଛାତ୍ର ହରିହରଙ୍କ ପୌରହିତରେ ଆୟୋଜିତ ଉତ୍ସବରେ ଶିକ୍ଷକ ବସନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ସନ୍ତୋଷ ସାହୁ, ବିଶ୍ୱରଞ୍ଜନ ଦାଶ, ରାଜ କିଶୋର ଜେନା, ଦିଲୀପ ସ୍ୱାଇଁ, ଅଶୋକ ବେହେରା, ପ୍ରମୋଦ ଦାଶ ଙ୍କୁ ଉପଢୌକନ, ପୁଷ୍ପ ଗୁଚ୍ଛ ଦେଇ ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଆର୍ଶୀବାଦ କରିବା ସହ ଦୀର୍ଘ ତିରିଶ ବର୍ଷ ତଳର ଶିକ୍ଷା ଦାନ କରିବା କ୍ଷେତ୍ରରେ ନିଜ ନିଜ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ର ମିଳନ, ଗୀତା, ପ୍ରଣତି, ତୃପ୍ତି ପ୍ରତିମା ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀ ଏହି ବନ୍ଧୁ ମିଳନରେ ଯୋଗ ଦେଇଥିଲେ। ପରେ ନୈଶ ଭୋଜି ର ଆୟୋଜନ କରାଯାଇଥିଲା।

# ବିଜ୍ଞାନର ପ୍ରମୁଖ ଶାଖାଗୁଡ଼ିକୁ ମନେରଖି ଦଧିଚି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ସ୍ଥାନ ପାଇଲେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସରେ




କଟକ, (ପିପିଏସ) : ଦଧିଚି ପବ୍ଲିକ୍ ସ୍କୁଲ୍ ପକ୍ଷରୁ ଅନୁଷ୍ଠାନର ଅଧକ୍ଷ ଡ଼.ମନୋଜ କୁମାର ଦାଶ ତାଙ୍କ ବିଦ୍ୟାଳୟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସରେ ସ୍ଥାନପାଇଛି ବୋଲି ପ୍ରକାଶ କରଛନ୍ତି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ପ୍ରମୁଖ ଶାଖାଗୁଡ଼ିକୁ ମନେରଖି ଇଣ୍ଡିଆବୁକ୍ ଅଫ୍ ରେକର୍ଡ଼ସରେ ଏକ ମାସ୍ ରେକର୍ଡ଼ କରିଛନ୍ତି ବୋଲି ସେ ସୂଚାଇ ଥିଲେ। ସାଂପ୍ରତିକ ପରିସ୍ଥିତିରେ ପାଠପଢାରେ ଦୈନିକ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ସାମନା କରି ଛାତ୍ରଛାତ୍ରୀମାନେ ସଂଘର୍ଷ କରୁଥିବା ବେଳେ ବିଶେଷ କରି ଡ଼ାକ୍ତରୀ ପାଠ ପଢା ପାଇଁ ସେମାନେ ଜୋରଦାର ପ୍ରସ୍ତୁତି କରିଥାନ୍ତି। ଏହି ଡ଼ାକ୍ତରୀ ପାଠ ପଢା ପ୍ରସ୍ତୁତି ସମୟରେ ବିଜ୍ଞାନର ଶହ ଶହ ପ୍ରମୁଖ ଶାଖାକୁ ମନେରଖି ପାଠପଢିବା ବେଶ୍ କଷ୍ଟକର ବ୍ୟାପାର ହୋଇଥିବାବେଳେ ଖୁବ୍ ସ୍ୱଳ୍ପ ସମୟରେ ସଫଳତା ପାଇବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ। ଏସବୁର ସମାଧାନ ସ୍ୱରୂପ ଏକ ସରଳ ଓ ସୁନ୍ଦର ଉପାୟରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ଓ ଗଣିତର ପ୍ରମୁଖ ଜିନିଷ ଗୁଡ଼ିକ ମନେରଖି ପାରୁଛନ୍ତି ଓ ଦୀର୍ଘ ସମୟ ପରେ ମଧ ମନେପକାଇ କାର୍ଯ୍ୟରେ ଲଗେଇ ପାରୁଛନ୍ତି। କଟକ ଜିଲ୍ଲାର ସୁନ୍ଦର ଗ୍ରାମର ବିଦ୍ୟାବିହାର ଠାରେ ଅବସ୍ଥିତ ଦଧିଚି ପବ୍ଲିକ୍ ସ୍କୁଲ୍‌ର ୨୩୪ଜଣ ଛାତ୍ରଛାତ୍ରୀ ଗତ ଫେବୃୟାରୀ ୨୫ତାରିଖରେ ଲୋକପ୍ରିୟ ଓ ବିଶିଷ୍ଟ ଶିକ୍ଷକ ଡ଼.ଅଟଳବିହାରୀ ମଲ୍ଲିକଙ୍କ ନେତୃତ୍ୱରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସରେ ସ୍ଥାନ ପାଇପାରିଛନ୍ତି ବିଜ୍ଞାନର ୧୦୫ଟି ଶାଖାକୁ ମନେରଖି। ଏହି ମାସ ରେକର୍ଡ଼ କରିବାରେ ଦଧିଚି ସ୍କୁଲ ପୂର୍ବଭାରତର ପ୍ରଥମ ସ୍କୁଲଭାବେ ପୁରସ୍କୃତ ହୋଇପାରିଛି। ଏହି ପିଲାମାନଙ୍କର ଚମତ୍କାରିତାରେ ଅଭିଭୂତ ହୋଇ ଇଣ୍ଡିଆବୁକ୍ ଅଫ୍ ରେକର୍ଡ଼ସ୍‌ର ଅଧିକାରୀମାନେ ଅନୁଷ୍ଠାନକୁ ସ୍ୱର୍ଣ୍ଣପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିବାବେଳେ ଏହି ପିଲାମାନଙ୍କୁ ବିସ୍ମୟ ବାଳକର ଆଖ୍ୟା ମଧ ଦେଇଛନ୍ତି। ଅଟଳ ସାର୍ ପ୍ରକାଶ କରିଛନ୍ତି ଯେ ବ୍ୟକ୍ତିଗତ ବର୍ଗରେ ଜଣେ ବା ଦୁଇଜଣ ରେକର୍ଡ଼ କରିବା ସହଜସାଧ୍ୟ କିନ୍ତୁ ଦଳଗତ ବିଭାଗରେ ମାସ୍‌ରେକର୍ଡ଼ କରିବା ଖୁବ୍ କଷ୍ଟ ସାଧ୍ୟ। କିନ୍ତୁ ଦଧିଚିର ପିଲାମାନେ ସୁନ୍ଦରଭାବେ ଏହି ବିରଳ ରେକର୍ଡ଼ କରିଥିବା ବେଳେ ଏହା ଅନ୍ୟମାନଙ୍କ ଉଦାହରଣ ଏବଂ ଆଗାମୀଦିନରେ ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗ୍ରହଣୀୟ ହୋଇପାରିବ। ଗ୍ରାମାଂଚଳ ଶିକ୍ଷାର ବିକାଶ ପାଇଁ ୧୫ବର୍ଷ ତଳୁ ଗଢିଉଠିଥିବା ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଦଧିଚି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ ଏକ ଅଂଶବିଶେଷ ଭାବେ ଦଧିଚି ପବ୍ଲିକ୍ ସ୍କୁଲ୍ ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି ଶିକ୍ଷା ଜଗତରେ। ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ବବିତା ଦାଶ୍, ଡ଼ିନ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ର ନାଥ ଭଟ୍ଟ, ନିର୍ଦ୍ଦେଶକ ବୃନ୍ଦ ଯଥା ସୀମାଂଚଳ ପଣ୍ଡା, ପ୍ରଭାତ କୁମାର ପାଢୀ, ବାସୁଦେବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ୩୫ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ସେମାନଙ୍କର ବିସ୍ମୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଉଲ୍ଲାସଚନ୍ଦ୍ର ବେହୁରା, ସଂଯୋଜନା କରିଥିବାବେଳେ ମାନବ ସମ୍ବଳ ବିକାଶ ବିଭାଗୀୟ ମୁଖ୍ୟ ହରେକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ହ୍ୱାଇଟ୍ କାନ୍‌ଭାସ୍‌ର ଚିଣ୍ଟୁ ମିଶ୍ର, ଅସିତ୍ ସାମଲ, ଜ୍ଞାନରଂଜନ ରାୟ, ସନ୍ତୋଷ ନାୟକ ଓ ପତିତପାବନ ପଣ୍ଡା।

# ପୋଖରୀରେ ବୁଡ଼ି ଶିଶୁ ମୃତ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ତଳବନ୍ଧ ଗ୍ରାମର ଜଣେ ଶିଶୁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ପ୍ରକାଶ ଯେ ରବିବାର ଅପରହ୍ନରେ ତଳବନ୍ଧ ଗ୍ରାମର ବୁଦ୍ଧିରାମ ନାୟକଙ୍କ ୨ବର୍ଷର ଶିଶୁକନ୍ୟା ପ୍ରତ୍ୟାଶା ଖେଳୁଥିବା ସମୟରେ ଘର ନିକଟସ୍ତ ଏକ ପୋଖରୀରେ ପଡ଼ି ଯାଇଥିଲା। ଘର ଲୋକ ଶିଶୁକୁ ଖୋଜାଖୋଜି କରିବା ପରେ ପୋଖରୀରୁ ପ୍ରତ୍ୟାଶାକୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ୟାରିୟର୍ କାଉନସିଲିଂ କାର୍ଯ୍ୟକ୍ରମ



ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଭୁବନେଶ୍ୱରସ୍ଥିତ ଟାଇମ୍ ଇନ୍‌ଷ୍ଟିଚ୍ୟୁଟ୍ ଆନୁକୁଲ୍ୟରେ ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ୟାରିୟର୍ କାଉନସିଲିଂ ସହିତ ପ୍ରଶ୍ନଓ୍ୱାରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସ୍ନାତକ ପରେ ଛାତ୍ରଛାତ୍ରୀମାନେ କିପରି ସେମାନଙ୍କର ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ମୁକ୍ତିପଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କଲେଜ ଦୃଶ୍ୟଶ୍ରାବ ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଟାଇମ୍ ଅନୁଷ୍ଠାନର ସଂଯୋଜକ ଏସ୍.ପି.ମିଶ୍ର, ସହକାରୀ ଅମିତ୍ ମିଶ୍ର ଓ ପ୍ରଦୀପ୍ତ କୁମାର ନାଥ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ତଥ୍ୟ ସହ ନିଯୁକ୍ତି ପ୍ରକ୍ରିୟା ଏବଂ ସ୍ନାତକ ପାଠ ପରେ ଆଉ କେଉଁ କେଉଁ ବିଷୟରେ ପାଠ ପଢ଼ିଲେ ନିଯୁକ୍ତ ମିଳିପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ। ଡକ୍ଟର ଜାକେଶ କୁମାର ମହାପାତ୍ର ଓ ଅଧ୍ୟାପକ ତୁଷାର ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ମୁକ୍ତିପଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍‌ରୁ ପଡ଼ି ମହିଳା ମୃତ



ପାଟଣାଗଡ, (ପିପିଏସ୍): ସହରଠାରୁ ପ୍ରାୟ ୫ କିମି ଦୂର ପାଟଣାଗଡ- ବଲାଙ୍ଗିର ମୁଖ୍ୟ ରାସ୍ତାର ସରମୁହାଣ ନିକଟରେ ବାଇକରୁ ପଡି ଜଣେ ମହିଳା ସଙ୍ଗୀତା ସାହୁ(୪୦)ଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାଯାଇଛି । ପ୍ରକାଶ ଯେ, ବ୍ଲକ ଅନ୍ତର୍ଗତ ସୁନାମୁଦି ଗ୍ରାମର ସଙ୍ଗୀତା ନିଜ ସ୍ୱାମୀ ଦେବବ୍ରତ ସାହୁଙ୍କ ସହିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଜି ସକାଳୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହାସପାତାଳକୁ ବାହରିଥିଲେ। ବଲାଙ୍ଗିରରେ କାମ ସାରି ସ୍ୱାମୀଙ୍କ ସହ ବାଇକ ନମ୍ବର ଓଡି-୧୭ଜେ-୪୭୭୦ରେ ଘରକୁ ଫେରୁଥିଲେ। ତେବେ ନିଜ ଗାଁକୁ ପହଞ୍ଚିବାକୁ ଆଉ ଅଳ୍ପ ବାଟ ବାକି ଥିବା ବେଳେ ଅପରାହ୍ଣ ପ୍ରାୟ ୧ ଘଣ୍ଟା ବେଳକୁ ସରମୁହାଣ ଗ୍ରାମ ନିକଟରେ ଥିବା ପୋଲ ଉପରେ ବାଇକରୁ ଖସି ପଡିଥିଲେ। ତାଙ୍କର ମୁଣ୍ଡ ପଛପଟେ ଶକ୍ତ ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଅତ୍ୟନ୍ତ ଗୁରୁତର ଅବସ୍ଥାରେ ସଙ୍ଗୀତାଙ୍କୁ ପାଟଣାଗଡ ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଚକିତ୍ସାରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ବିଦ୍ୟୁତ ବେଗରେ ପ୍ରଚାରିତ ହେବା ପରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୁଲିସ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

# ତାତି ମୁକାବିଲା ନେଇ ବିଚାର ବିମର୍ଶ



ଟିଟିଲାଗଡ଼, (ପିପିଏସ୍): ତତଲାଗଡ ଭାବରେ ପରିଚିତ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ ଆଜି ଏକ ପ୍ରସ୍ତୁତି ବୈଠକରେ ସତର୍କ ରହିବାକୁ ପ୍ରଶାସନିକ ଅଧିକାରୀଙ୍କୁ ସତର୍କ କରିଛନ୍ତି। ଉପଖଣ୍ଡ ଅନ୍ତର୍ଗତ ସଇଁନ୍ତଲା, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା ତଥା ଟିଟିଲାଗଡ ଆଦି ୫ଟି ବ୍ଲକର ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟ ଅଧିକାରୀ, କଣ୍ଟାବାଞ୍ଜି ଏନଏସି ଏବଂ ଟିଟିଲାଗଡ ପୌର ପରିଷଦର ନିର୍ବାହି ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ଥିବା ବେଳେ ଉପଜିଲାପାଳ ସେମାନଙ୍କୁ ଅଂଶୁଘାତର ମୁକାବିଲା, ନିଆଁ ଦାଉରୁ ସୁରକ୍ଷା, ପାନୀୟ ଜଳର ସୁବ୍ୟବସ୍ଥା ଆଦି ନେଇ ପ୍ରସ୍ତୁତି ସମ୍ପର୍କରେ ବିଷଦ ପରାମର୍ଶ ଦେଇଥିଲେ। ଜଳକ୍ଲିଷ୍ଟ ଗ୍ରାମ ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା, ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରି ଡାକ୍ତରଖାନାରେ ଏସି ଯୁକ୍ତ ଅଂଶୁଘାତ କକ୍ଷ ପ୍ରସ୍ତୁତ ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି କାହାରି ଅଂଶୁଘାତ ଜନିତ ମୃତ୍ୟୁ ହେଲେ୨୪ ଘଣ୍ଟା ମଧ୍ୟରେ ଉକ୍ତ ଅଞ୍ଚଳର ତହସିଲଦାର, ବିଡିଓ ତୁରନ୍ତ ଗସ୍ତ କରିବା ସହ ରିପୋର୍ଟ ପ୍ରଦାନ କରିବେ। ସମସ୍ତ ଅଚଳ ନଳକୂପର ମରାମତି, ବିଦ୍ୟାଳୟ ତଥା ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ପାନୀୟ ଜଳ ସୁନିଶ୍ଚିତ କରିବା, ବ୍ୟାପକ ଜଳଛତ୍ର ଖୋଲିବା, ପ୍ରତ୍ୟେକ ବ୍ଲକରେ ଦୁର୍ବିପାକର ମୁକାବିଲା ନେଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ପ୍ରତିଷ୍ଠା ପାଇଁ ଉପଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ଆସନ୍ତା ଏପ୍ରିଲ ୩ରେ ସମଗ୍ର ଉପଖଣ୍ଡରେ ପଞ୍ଚାୟତ ଠାରୁ ଆରମ୍ଭ କରି ପୌର ପରିଷଦରେ ଛତା ଦିବସ ପାଳନ ସହ ଲୋକଙ୍କୁ ଖରାରେ ବାହାରକୁ ବାହାରିଲେ ଛତା ସହ ଓଦା କନା, ପାଣି ବୋତଲ ପାଖରେ ରଖିବାକୁ ସଚେତନ କରିବାକୁ ଉପଜିଲାପାଳ ସୂଚନା ଦେଇଥିଲେ। ପ୍ରତ୍ୟେକ ବ୍ଲକର ବିଡିଓ, ପୌର ପରିଷଦ, ଏନଏସି ଏନେଇ ଜନପ୍ରତିନିଧି ତଥା ପ୍ରଶାସନିକ ଅଧିକାରୀ, କର୍ମଚାରୀ, ଅଙ୍ଗନବାଡି କର୍ମିଙ୍କୁ ନେଇ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଅଂଶୁଘାତରେ ଶୁନ୍ୟ ଜୀବନ ହାନି ନେଇ ସଭିଏଁ ମିଳିମିଶି କାର୍ଯ୍ୟ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଜୟ ବଜରଙ୍ଗବାଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ରାୟଗଡ (ପିପିଏସ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପୂଜାରୀଗୁଡ଼ା ପଞ୍ଚାୟତ ଅଧିନସ୍ଥ ଡିବାଲପାଡୁ ଗାଁ ଐତିହାସିକ ଜାହାଜ ପଡ଼ିଆ ଠାରେ ବ୍ଲକ୍ ସ୍ତରୀୟ ଜୟ ବଜରଙ୍ଗବାଳି କ୍ରିକେଟ୍ ଟୁର୍ନାମେଣ୍ଟର ଶୁଭ ଉଦ୍ଘାଟନ ହୋଇ ଯାଇଛି। ଆଜିର ପ୍ରଥମ ଦିନର ଖେଳରେ ବାଘଡଙ୍ଗର ଓ କାମଟଣା ମଧ୍ୟରେ ପ୍ରାରମ୍ଭ ହୋଇଥିଲା ଏଥିରେ ବାଘଡଙ୍ଗର ଟିମ୍ ବିଜୟୀ ହୋଇଥିଲେ। ଏହି ଉଦ୍ଘାଟନି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ମାଧବ ରାଓ , ପୂର୍ବତନ ବ୍ଲକ ଚେୟାରମେନ୍ ଯୋଗେନ୍ଦ୍ର ଓ୍ୱାଡାକା, ପ୍ରସିଦ୍ଧ କଳାକାର ସୁପ୍ରିତ୍ ସନ୍ତୋଷ ବଛା, ଯୁବ କଂଗ୍ରେସ ନେତା ସୁନିଲ ହୁଇକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳ ଦଶ ଓଭର୍ ମଧ୍ୟରେ ହୋଇଥିବା ବେଳେ ସମୁଦାୟ ବତିଶି ଟି ଟିମ୍ ଭାଗ ନେଇ ଖେଳିଥିବା ବିଜେତା ଟିମ୍ କୁ ବାର ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ ଟିମ୍ ଙ୍କୁ ଦଶ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଆଜିର ପ୍ରଥମ ଦିନ ଖେଳରେ ଏମ୍ପାୟର ଭାବେ ସୁରେଶ ତିଆକା ଓ କାମେଶ ପ୍ରାସ୍କା ରହିଥିବା ବେଳେ କମିଟି ସଦସ୍ୟ କାମ୍ୟା ହିକକା, ଇଶାନ୍ତ ହିକକା , ରାମଦାସ ହିକକା ଓ ଅନ୍ୟ ମାନେ ସହଯୋଗ କରିଥିଲେ। ଏହି ଖେଳ ଦେଖିବାକୁ ଆଖ ପାଖ ଅଞ୍ଚଳର ଅନେକ କ୍ରୀଡ଼ାପ୍ରେମୀ ଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ରାଉରକେଲା (ପିପିଏସ୍): ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଉପଲକ୍ଷେ ଆରଏସପିର ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତ ଧନ୍ୱନ୍ତରୀ ସମ୍ମେଳନ କକ୍ଷଠାରେ ମାର୍ଚ୍ଚ ୨୪ ତାରିଖ ଦିନ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ, ଡାକ୍ତର ଦୀପା ଲାଭାଙ୍ଗରେ କାର୍ଯ୍ୟକ୍ରମରେ ଅତିଥି ବକ୍ତା ରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ୨୫ ଜନ କର୍ମଚାରୀ ଉପସ୍ଥିତ ଥିଲେ। ଡାକ୍ତର ଦୀପା ଲାଭାଙ୍ଗରେ ଚଳିତ ବର୍ଷର ବିଷୟବସ୍ତୁ "ଯକ୍ଷ୍ମାର ନିପାତ ପାଇଁ ନିବେଶ କରନ୍ତୁ: ଜୀବନ ବଞ୍ଚାନ୍ତୁ।" ଉପରେ ଆଲୋକପାତ କରିଥିଲେ ଏବଂ ଏହି ପ୍ରୟାସରେ ନିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଅଜ୍ଞତା ଦୂର କରିବ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିକର ଖାଦ୍ୟ ଏବଂ ଉପଯୁକ୍ତ ଚିକିତ୍ସା ଉପରେ ଅଧିକ ସଚେତନତା ସୃଷ୍ଟି କରିବ। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ନିଷେଦ୍ଧ ସମ୍ବନ୍ଧୀୟ ସରକାରଙ୍କ ନିର୍ଦ୍ଦେଶାବଳୀ ଉପରେ ସେ ଆଲୋକପାତ କରିଥିଲେ ।

# କଂଗ୍ରେସ କମିଟି ପକ୍ଷରୁ ସତ୍ୟାଗ୍ରହ ପାଳନ



ପାରଳାଖେମୁଣ୍ଡି,(ପିପିଏସ୍): ରାହୁଲ ଗାନ୍ଧୀଙ୍କୁ ମୋଦି ସରକାରଙ୍କ ଉଦ୍ଦେଶ୍ୟ ମୂଳକ ଭାବରେ କରିଥିବା ମକଦ୍ଦମ ଏବଂ ଦଣ୍ଡାଦେଶ ରୋଧରେ ଗାନ୍ଧୀ ପ୍ରତିମୂର୍ତ୍ତି ସାମ୍ନାରେ ସତ୍ୟାଗ୍ରହ ପାଳନ କରିଥାନ୍ତି । ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ଛକ ନିକଟର ଗୌରହରି ପାଠାଗାରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସତ୍ୟାଗ୍ରହ ପ୍ରତିବାଦ କରାଯାଇଥିଲା। ଏହି ଅବସରରେ ଗତ ଦୁଇ ଦିନ ତଳେ ଅଖିଳ ଭାରତ କଂଗ୍ରେସ କମିଟି ର ପୂର୍ବତନ ସଭାପତି ଶ୍ରୀ ରାହୁଲ ଗାନ୍ଧୀ ଙ୍କ କାର୍ଯ୍ୟକଳାପ ଉପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଭୀତ ହୋଇ ପଡିଥିଲେ। ଶ୍ରୀ ରାହୁଲ ଗାନ୍ଧୀ ଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ କୁ ମୋଦି ସରକାର ଭୟଭୀତ ହୋଇ ପଡିଛନ୍ତି ଯାହା କି ଭାରତ ଯୋଡ ଯାତ୍ରା,କୁହାଯାଉଛି, ସାଂସଦ ଗୃହରେ ବିଦେଶୀ ସରକାର ଙ୍କ ବିରୋଧରେ ଗର୍ଜିଥିଲେ,ଆଦାନୀ ଏବଂ ମୋଦି କାର୍ଯ୍ୟକ୍ରମ ର ପର୍ଦ୍ଦାଫାଶ ହେଉଥିବା,ପରେ ସାଂସଦ ରେ ମାଇକ ବନ୍ଦ କରିବା, କୋର୍ଟରେ ଷ୍ଟେ ଥିବା କେସକୁ ପୁଣି ପୁନରାବୃତ୍ତି କରିବା, ଏବଂ ଏହି କେସରେ କୋର୍ଟ ଦୁଇ ବର୍ଷ ଜେଲ ଦଣ୍ଡ ୩୦ଦିନର ବେଲ ମଧ୍ୟ ଦେଲେ ,ଆଉ ମଦି ସରକାର ଦେଶରେ ଆଇନ ଶୃଙ୍ଖଳା ଓ ଗଣତନ୍ତ୍ରକୁ ହତ୍ୟା କରି ଏକ ଛତ୍ର ବାଦ ଶାସନ ଚଳାଇ ଗତ କାଲି ସାଂସଦ ରେ ପଦ ରଦ୍ଦ କରିଥିବାରୁ ଏହାକୁ ବିରୋଧ କରି ଗତ କାଲି ଠାରୁ ଭାରତରେ ତଥା ସମସ୍ତ ରାଜ୍ୟ ସାରା ମୋଦି ସରକାରଙ୍କୁ ବିରୋଧ କରି ଗତ କାଲି କଲେଜ ଛକ ନିକଟରେ ବିଜେପି ସରକାର ବିରୁଦ୍ଧରେ ନାରା ବାଜି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପୁଣି ଆଜି ସେହି ପରି ସକାଳ ୧୦.୦୦ଘଣ୍ଟା ଠାରୁ ଅପରାହ୍ନ ୪.୦୦ଘଣ୍ଟା ପର୍ଯ୍ୟନ୍ତ ସତ୍ୟାଗ୍ରହ ପ୍ରତିବାଦ ପାଳନ କରାଯାଇଛି ଏହି କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ ଗୁମ୍ମା ବ୍ଲକର ଜିଲ୍ଲାପରିଷଦ ସଭ୍ୟ ରେଣୁକା ପାତ୍ର, ରାୟଗଡ଼ା ବ୍ଲକ ର ମରସଉଦଆ ମଣ୍ଡଳ, ମଫେଲ ସ୍ୱଲସିଂ, ଉଦୟଗିରି ଫଇଲ୍ଲି ମାଳି, ଅଭିମନ୍ୟୁ ପଣ୍ଡା, ବସନ୍ତ ପଣ୍ଡା, ସୂର୍ଯ୍ୟନାରାୟଣ ପାତ୍ର, ଜସ୍ଟିନ ସାହିକ୍ ରାଫି, ରାଜାପାତ୍ର, କୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ସାତଭଉଣୀଙ୍କ ୨୨ତମ ଚୈତ୍ର ଯାତ୍ରା ଉତ୍ସବ



ରାୟଗଡ (ପିପିଏସ୍): ରାୟଗଡା ଜିଲ୍ଲା ଗୁଣୁପୁର ବଳରାମ ନଗର ସ୍ଥିତ ଆଇଟିଡିଏ କାର୍ଯ୍ୟାଳୟ ନିକଟରେ ଥିବା ମା'ସାତ ଭଉଣୀ ମନ୍ଦିରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଙ୍କ ୨୨ତମ ଚୈତ ଯାତ୍ରା ଉତ୍ସବ ମହା ଆଡମ୍ବରରେ ଆରମ୍ଭ ହୋଇଛି । ଏହି ଅବସରରେ ପ୍ରଥମେ କଳସ ଯାତ୍ରା ସହ ଯାଇ ବଂଶଧାରା ନଦୀରୁ ଗଙ୍ଗା ଆବାହନ କରାଯାଇ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି । ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ବିଶେଷ ପୂଜାର୍ଚ୍ଚନା ସହ ପାରମ୍ପରିକ ବାଦ୍ୟ ନୃତ୍ୟ ଓ ମା ଙ୍କ ଆନନ୍ଦ ବଜାର ରେ ମଧାହ୍ନ ଠାରୁ ରାତ୍ରି ପର୍ଯ୍ୟନ୍ତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ଏହି ଅବସରର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ ସାତଭଉଣୀଙ୍କ ଅପରୂପ ଶୋଭାକୁ ଦର୍ଶନ ଲାଭ କରିବା ସହ ପ୍ରାସାଦ ସେବନ କରିଥାନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ତଥା ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି ଉତ୍ସବ ଆଗାମୀ ତିନି ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ତନ୍ମୟ ତୁଳ, ଭାଗ୍ୟ ଲକ୍ଷ୍ମୀ ମହାନ୍ତି, ଦିଲ୍ଲୀପ କୁମାର ରାଜଗୁରୁ ମହାପାତ୍ର, ବିଭୁ ପ୍ରସାଦ ନାୟକ, ରାମ ମହାନ୍ତି, ଏସ ସୁରି, ବ୍ରଜ ସୁନ୍ଦର ପାଢ଼ୀ, ଗଣେଶ ମିଶ୍ର, ବାଣୀ ପ୍ରସାଦ ନାୟକ, ମୁନା ମହାନ୍ତି, ବାବୁଲି ରଥ,କୁନା ମହାନ୍ତି ଓ ଏଣ୍ଡୁ ଗୌଡ଼ ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ ।

# ରାହୁଲଙ୍କ ସଭ୍ୟପଦ ରଦ୍ଦ କରାଯିବାକୁ ନେଇ କଂଗ୍ରେସର ବିରୋଧ

ଜୟପୁର, (ହି.ସ): ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ କରା ଯିବା ନିଷ୍ପତିକୁ କଂଗ୍ରେସ ବିରୋଧ କରିଛି । ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜୟପୁର ଗାନ୍ଧୀ ଛକ ସ୍ଥିତ ମହାତ୍ମଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶାନ୍ତି ପୁର୍ଣ୍ଣ ନିରବ ଧାରଣା ଦେଇଥିଲେ। ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ରହି ରାହୁଲ ଗାନ୍ଧୀ ଙ୍କ ଭାରତ ଯୋଡ ଯାତ୍ରା ବେଶ ପ୍ରଭାବିତ ହୋଇଛି। ଏଣୁ ଏଥିରେ ଭୟଭୀତ ହୋଇଛନ୍ତି ମୋଦି ସରକାର । ଫଳ ସ୍ୱରୁପ ରାହୁଲ ଗାନ୍ଧୀଙ୍କୁ ଜେଲ ସଜ୍ଜା କରି ତାଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି । ରାୟରେ ରାହୁଲଙ୍କୁ ୩୦ ଦିନର ସମୟ ରହିଛି କିନ୍ତୁ ୨୪ ଘଂଟା ଭିତରେ ତାଙ୍କର ସଭ୍ୟପଦ ରଦ୍ଦ କରିବା କେତେ ଦୁର ଠିକ ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ ତାରା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋଟରେ ଗଣତନ୍ତ୍ରର ହତ୍ୟାକାରି ବୋଲି ପ୍ଲା ଗାର୍ଡ ଧରି ଧାରଣା ଦେଇଛି କଂଗ୍ରେସ । ରାହୁଲ ଗାନ୍ଧୀଙ୍କୁ ସମ୍ପୁର୍ଣ୍ଣ ସମର୍ଥନ କରି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଧାରଣା ଦିଆଯାଇଥିବା ବେଳେ ଏଠାରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପଟ୍ଟାଙ୍ଗିର ପୁବତନ ବିଧାୟକ ରାମ କାଡାମ, ବିନୋଦ ମହାପାତ୍ର, ପିଙ୍କୁ ଶତପଥି, ଅଶୋକ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ସିମେଣ୍ଟ୍ ବୋଝେଇ ଟ୍ରକ ଦୁର୍ଘଟଣା ଗସ୍ତ

ଜୟପୁର, (ହି.ସ.) ସିମେଂଟ ବୋଝେଇ ଟ୍ରକ ଦୁର୍ଘଟଣା ଗସ୍ତ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟ ନିକଟରେ ଦୁର୍ଘଟଣା ଘଟିଛି । ସିମେଂଟ ବୋଝେଇ ହୋଇ ଜୟପୁର ଦେଇ ସେମିଳିଗୁଡା ଯାଉଥିବା ବେଳେ ଅପର ପକ୍ଷେ ଆସୁ ଥିବା ଗାଡିକୁ ସାଇଡକୁ ଦେବା ସମୟରେ ଗଛ ରେ ଲାଗି ୧୮ ଚକିଆ ସିମେଂଟ ବୋଝେଇ ଟ୍ରକ ଓଲଟି ପଡିଛି । ଘଟଣା ସ୍ଥଳରେ ଜୟପୁର ସଦର ପୋଲିସ ପହଂଚି ତଦନ୍ତ କରୁଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଅର୍ଥନୀତି ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଟିଟିଲାଗଡ଼, (ପିପିଏସ୍) ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଟିଟିଲାଗଡର ଅର୍ଥନୀତି ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟରେ ରବିବାର ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ମହାବିଦ୍ୟାଳୟ ଅଧକ୍ଷ ମେଜର ଡ. ମଧୁସୁଦନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଡ. ଶକ୍ତିମୋହନ ତାଣ୍ଡି, ଅଧାପିକା ରୋଜିସ୍ମିତା ନାୟକ, ଅଲକାନନ୍ଦ ମଲ୍ଲ, ଦିଲେଶ୍ୱରୀ ମେହେର, ସୁଷମା ମିଞ୍ଜ, ଡ. ଉମେଶ ଚନ୍ଦ୍ର ସାହୁ, ଡ. ଜଗଦୀଶ ଚନ୍ଦ୍ର ଭୋଇ, ରାଜେଶ୍ୱରୀ ପ୍ରଧାନ, ଅଧାପକ କୃପାମୟ ମହାନନ୍ଦ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷୟତ କାମନା କରିଥିଲେ। ସୀମା ସାହୁ, ପ୍ରୀତମ ଭୋଇ, ବିପ୍ଳବ ପ୍ରଧାନ, କବିତା ମାଝୀ, ରୋହିତ ଦାଶ, ତୃପ୍ତି ସାହୁ, ଝୁମା ସାହୁ, ସରୋଜ ସାହୁ, ସମୀର ମାଝୀ, ସଙ୍କେତ ଗୁରୁ, ସୁନିଲ ମେହେର, ରେଣୁ ସାହୁ, ଡୋଲେଶ୍ୱରୀ ଭୋଇ, ମନୋଜ ସାହୁ, ଦିବ୍ୟା ଜାଲ, ଅନୁପମା ବାଗ, ଲିପି ସବର, ଲିପିକା ସିକା, ଜୟଦେବ ନାଗ, ସାହାଲିନୀ ବାରିକ, ଶିବାନୀ ବାରିକ, ସୋମ୍ୟରଞ୍ଜନ ସାହୁ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ଏବଂ ଅଧୟନରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନେକ ପୁରାତନ ଛାତ୍ରଛାତ୍ରୀ ମହାବିଦ୍ୟାଳୟରେ ଅଧୟନ ସମୟର ଅନୁଭୁତି କହିବା ବେଳେ ଭାବିହ୍ୱଳ ହୋଇପଡିଥିଲେ।

# ପୋକ୍‌ସୋ ଆକ୍ଟ ଉପରେ ସ୍ୱତନ୍ତ୍ର ଶିବିର

ଜୟପୁର, (ହି.ସ.): ଜିଲ୍ଲା ଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ନିର୍ଦ୍ଦେଶକ୍ରମେ "ପୀଡିତାର କ୍ଷତି ପୂରଣ ଓ ପୋକସୋ ଆକ୍ଟ ଉପରେ ସ୍ୱତନ୍ତ୍ର ଶିବିର" ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜଜ ତଥା ଅଧକ୍ଷ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ, ଜୟପୁର ଇବି ରାଓ, ପରିବାର ଅଦାଲତ ବିଚାରପତି, ଜୟପୁର ଶ୍ରୀ ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଜଜ, ଜୟପୁର ବାସୁଦେବ ପାତ୍ର, ବରିଷ୍ଠ ଦେବାନି ବିଚାରପତି, ଜୟପୁର ଶ୍ରୀମତୀ ମୁସରତ ଜାହିନ, ବରିଷ୍ଠ ଦେବାନି ବିଚାରପତି(ମହିଳା କୋର୍ଟ), ଜୟପୁର ଶ୍ରୀମତୀ ଅଞ୍ଜଳି ମାଛଖଣ୍ଡ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି, ଜୟପୁର ଶ୍ରୀ ସୁମନ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି, ଡେପୁଟି ପୋଲିସ ଅଧିକାରୀ, ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବନ୍ଧୁ ମିଳନ



ଟିଟିଲାଗଡ଼, (ପିପିଏସ୍) ନିଖିଳ ଉତ୍କଳ ସରକାରି ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ଟିଟିଲାଗଡ ଉପଖଣ୍ଡ ଶାଖାର ଏକ ବନ୍ଧୁ ମିଳନ ସ୍ଥାନୀୟ ପୁର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଛି ସଭ୍ୟସଭ୍ୟାଙ୍କ ୬୦ ବର୍ଷ ପୁରିଯାଇଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘର ସଭାପତି ରାମେଶ୍ୱର ଛତର, ସମ୍ପାଦକ ତଥା ରାଜ୍ୟ ଉପସଭାପତି ସୁରେଶ ସାହୁ, ସହ ସମ୍ପାଦିକା ସୁକାନ୍ତ ମହାକୁର, କୋଷାଧକ୍ଷ ସଦାଶିବ ରଣା, ସଂଗଠନ ସମ୍ପାଦକ ଯୋଗେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅବସର ବୟସ ସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି, ଖାଲିଥିବା ପଦ ପୁରଣ, ଯୋଗ୍ୟତା ଆଧାରରେ ତୃତୀୟ ଶ୍ରେଣୀକୁ ପଦୋନ୍ନତି ଆଦି ନେଇ ସଂଘ ନେତା ଦାବି କରିଥିଲେ। ରାଜ୍ୟ ଉପସଭାପତି ସୁରେଶ ସାହୁଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସକୁନ୍ତର ମହାକୁର, ଜନ୍ମେଜୟ ପଟେଲ, ଥବିର ସାହୁ, ଯୁଗଳ ସାହୁ, ଯଶୋବନ୍ତି ମହାନନ୍ଦ, ଦୟମନ୍ତି ଖର୍ସେଲ, ଘାସିରାମ ତାଣ୍ଡି, ପୃଥରାଜ ନାଗ, ଲଳିତ ଭୋଇ ପ୍ରମୁଖ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁ ମିଳନ



ପାରଳାଖେମୁଣ୍ଡି, (ପିପିଏସ୍): ପାରଳାଖେମୁଣ୍ଡି ସ୍ଥିତ ଶତାୟୁ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟର ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଅବସର ନେଇଥିବା କର୍ମଚାରୀ ମାନଙ୍କ ଏକ ନିଆରା ବନ୍ଧୁ-ମିଳନ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି , ଯାହାକି ଏଭଳି କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଇଛି । ନିଜର କର୍ମମୟ ଜୀବନ ଦୀର୍ଘବର୍ଷ ଧରି କିମ୍ବା ସାମୟିକ ଭାବେ ଏହି ଶତାୟୁ ମହାବିଦ୍ୟାଳୟରେ କାର୍ଯ୍ୟ କରିବା ମଧ୍ୟରେ ଏହି ଅନୁଷ୍ଠାନ ପ୍ରତି ସେମାନଙ୍କ ଅନେକ ଅବଦାନ ରହିଛି । ଆଜି ସେମାନଙ୍କ ମଧ୍ୟରୁ ଅନେକ ଜୀବନର ସାୟାହ୍ନରେ ତ ଅନେକ ତଥାପି ସାମାଜିକ ପ୍ରକ୍ରିୟା ଓ ଜୀବନ ମଧ୍ୟରେ ରହିଛନ୍ତି ଯାହାକି , ସେମାନେ ମଧ୍ୟ ରୋମନ୍ଥନ କରୁଛନ୍ତି ଏହି ଅନୁଷ୍ଠାନର ସ୍ମୃତିକୁ । ଏସବୁ ମନେ ପକାଇ ମନ ଭିତରେ ଏକ ଭାବନାର ପରିକଳ୍ପନା କରାଯାଇ ସେମାନଙ୍କୁ ପୁଣି କିଛି ମୁହୂର୍ତ୍ତ ହେଲେ ମଧ୍ୟ ଅନୁଷ୍ଠାନରେ ପାଦ ପଡୁ ଏବଂ ମହାବିଦ୍ୟାଳୟର ଅଭିବୃଦ୍ଧି ଓ ଉନ୍ନତିରେ ସେମାନଙ୍କ ଯୋଗଦାନ ରହୁ , ସେହିଭଳି ଏକ ଅଭିପସା ନେଇ ଏଭଳି କାର୍ଯ୍ୟକ୍ରମର ମହତ୍ ଉଦ୍ଦେଶ୍ୟ ବୋଲି କୁହାଯାଇଛି ।ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଅଜୟ କୁମାର ତ୍ରିପାଠୀଦ'ଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ ଡଃ ପି: ହରିଦାସ , ଅବସରପ୍ରାପ୍ତ ପ୍ରାଧାପକ ଡଃ ରାଧାକୃଷ୍ଣ ମହାପାତ୍ର ଏବଂ ଅବସରପ୍ରାପ୍ତ ପ୍ରାଧାପକ ଡଃ ନରସିଂହ ଦାସଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ଉନ୍ନା ସିମାଞ୍ଚଲମ୍ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟରେ ସେମାନଙ୍କ କର୍ମମୟ ଜୀବନର ଅତୀତ ଅନୁଭୂତି ସମ୍ପର୍କରେ କହିବା ସହ ଏହି ଐତିହ୍ୟ ସମ୍ପନ୍ନ ଶତାୟୁ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାରୁ ବଞ୍ଚିତ ହେବା ସହ ରାଜ୍ୟ ସରକାରଙ୍କ ଅବହେଳାର ଶିକାର ହୋଇଥିବା ଯୋଗୁଁ ବିଶେଷ କ୍ଷୋଭ ପ୍ରକାଶ କରି ଅନୁଷ୍ଠାନର ସେହି ମାନ୍ୟତା ଗୌରବ ଯେଭଳି ଆସିବ, ତାହା କାମନା କରିଥିଲେ । ଅଧକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ , ମୁଁ ଏହି ଐତିହ୍ୟ ସମ୍ପନ୍ନ ଶତାୟୁ ମହାବିଦ୍ୟାଳୟର ଜଣେ ପୁରାତନ ଛାତ୍ର ଏବଂ ବର୍ତ୍ତମାନ ଏହି ଅନୁଷ୍ଠାନର ଅଧକ୍ଷ ଭାବେ କାର୍ଯ୍ୟ ତୁଲାଉଛି। ସେବକ ଭାବେ ଯେଉଁ ଗୁରୁ-ଦାୟିତ୍ୱ ଭଗବାନ ମୋତେ ଦେଇଛନ୍ତି , ତାକୁ ଯଥା-ସମ୍ଭବ ମୁଁ ନିର୍ବାହ କରିବି ବୋଲି ପ୍ରତିଶ୍ରୁତି ଦେଇ କହିଥିଲେ ।

## ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ କଲେ ଚାଷୀ

# ଥାନାରେ ୪ ଜଣଙ୍କ ନାମରେ ଏତଲା, ୨ ଗିରଫ

କଣ୍ଟାବାଞ୍ଜି (ପିପିଏସ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଗୋଇମୁଣ୍ଡ ଗ୍ରାମପଞ୍ଚାୟତର ଚିତ୍ରାମୁଣ୍ଡା ଓ ଝିକିଡୁଙ୍ଗରି ଦୁଇ ଖଣ୍ଡ ଗ୍ରାମ କପାଚାଷି ୨୦ ଲକ୍ଷ ଟଙ୍କାରୁ ଅଧିକ କପା ଦେଇ ଚାଷୀ ମାନେ ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଛି କ୍ଷ ଏହାକୁ ନେଇ ଗତ ଶନିବାର ଦିନ ରାତିରେ ଉକ୍ତ ଦୁଇ ଖଣ୍ଡ ଗ୍ରାମ ଚାଷୀ ୪ ଜଣଙ୍କ ନାମରେ ଏତେଲା ହୋଇଥିଲେ। ତନ୍ମଧ୍ୟରୁ ଦୁଇ ଜଣ ଙ୍କୁ ମୁରିବାହାଲ ପୋଲିସ ଗିରଫ କରି କୋର୍ଟ ଚଲାଣ କରିଛି। ସୂଚନା କ୍ରମେ ମୁରିବାହାଲ ଥାନା ଅଧିନସ୍ତ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତ ର ଚିତ୍ରାମୁଣ୍ଡା ଓ ଝିକିଡୁଙ୍ଗରି ଗ୍ରାମର ୨୫ ଜଣ କପା ଚାଷି ଚଳିତ ବର୍ଷ ଜାନୁଆରି ମାସରେ ପ୍ରତି କ୍ୱିନଟାଲ କପା ୮୦୦୦/ ଟଙ୍କା ଦରରେ ତୁରେକେଲା ଗ୍ରାମ ର ମୁଖ୍ୟ କପା ବ୍ୟବସାୟୀ ବିବି କାନ୍ତ ସାହୁ (୨୯) ପିତା ବେଣୁଧର ସାହୁ ଓ ତାଙ୍କର ସହଯୋଗୀ ଭିଣେଇ ଚିତ୍ରାମୁଣ୍ଡା ଗ୍ରାମ ର ବିନୋଦ ସାହୁ, ଶଶୁର ଭଏରିଗୁଭା ଗ୍ରାମର ଭୈରବ ସାହୁ ଓ ଗଗରାମୁଣ୍ଡା ରାଜଖରିଆ ଗ୍ରାମ ବ୍ରାହ୍ମନନ୍ଦ ସାହୁ କପା କ୍ରୟ କରିଥିଲେ। ଓ ଆଗାମୀ ୮ ଦିନ ମଧ୍ୟରେ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇ ଅନେକ ଦିନ ପର୍ଯ୍ୟନ୍ତ ଟଙ୍କା ନଫେରାଇଥିବାରୁ ଗତ ଫେବୃଆରି ମାସ ୨୫ ତାରିଖ ମୁରିବାହାଲ ପୋଲିସ ନିକଟରେ ଜଣାଇ ବାରୁ ଏକ ଦଶ ଟାଙ୍କିଆ ଷ୍ଟାମ୍ପ ରେ ମାର୍ଚ୍ଚ ୨୫ ତାରିଖ ରେ ଟଙ୍କା ଦେବା ପାଇଁ ଏକ ଚୁକ୍ତି କରାଯାଇଥିଲା। ହେଲେ ଉକ୍ତ ଦିନ ମଧ୍ୟ ଦେଇ ପାରି ନଥିଲା। ଏହି ବିଷୟ କୁ ନେଇ ଗ୍ରାମର ଭଦ୍ର ବ୍ୟକ୍ତି ଓ ପୁଲିସ ପଚାରିବାରୁ ମୁଖ୍ୟ ଅଭିଯୁକ୍ତ ବିବି କାନ୍ତ ସାହୁ ସ୍ୱିକାର କରିଥିଲେ ମଧ୍ୟ ଟଙ୍କା ଦେବା ପାଇଁ ରାଜି ହୋଇ ନ ଥିଲେ ପରେ ଗ୍ରାମବାସୀ ତରଫରୁ ଥାନାରେ ଅଭିଯୋଗ ହୋଇଥିଲା । ଥାନାଅଧିକାରୀ ଶ୍ରୀ କମଳ ଲୋଚନ ବେହେରା ଏତେଲା ଅନୁସାରେ ମୁଖ୍ୟଅଭିଯୁକ୍ତ ବିବି କାନ୍ତ ସାହୁ ଓ ସହଯୋଗି ବିନୋଦ ସାହୁ, ନାମ ରେ ମୁରିବାହାଲ କେଶ ନ ୫୦/୨୩ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଛି ବୋଲି ମୁରିବାହାଲ ଥାନା ଅଧିକାରୀ କହିଥିଲେ। ଚିତ୍ରମୁଣ୍ଡା ଗ୍ରାମର ୧୮ ଜଣ କପା ଚାଷୀ ସୋମନାଥ ସାହୁ , ଜଗବନ୍ଧୁ ସାହୁ କର, ରୁଦ୍ରମଣୀ ସାହୁ, କମଳ ଲୋଚନ ସାହୁ, ବସନ୍ତ ସାହୁ, ନୀତେଶ ସାହୁ. ରୋଶନ ଲାଲ ସାହୁ, ଗଜିନ୍ଦ୍ର ସାହୁ, ତପିରାମ ସାହୁ, ଲମ୍ବୋଦର ଭୋଇ, କଳାବତୀ ସାହୁ,ଗଣେନ ସାହୁ, ସମ୍ବାରୁ ସାହୁ, ଦୁର୍ଯ୍ୟୋଧନ ସାହୁ, ଘନଶ୍ୟାମ ସାହୁ,ଦର୍ଶନ ସାହୁ,ସିନ୍ଧ୍ରା ସାହୁ ଓ ଭିକ ସାହୁ ନିକଟରୁ ୧୭୫୬୩୭୯ ଟଙ୍କାର କପା ଦେଇ ଥିବା ବେଳେ ଝିକିଡୁଙ୍ଗରି ଗ୍ରାମ ର ପିତାମ୍ବର ସାହୁ, ନୀଳାଚଳ ସାହୁ, ଜିତେନ୍ଦ୍ରୟ ସାହୁ, ସୁବାସ ଚନ୍ଦ୍ର ସାହୁ,ଲେଖାନା ସାହୁ ତ୍ରିଭୁବନ ସାହୁ ଓ ଟଙ୍କଧର ସାହୁଙ୍କ ନିକଟରୁ ୨୪୮୩୯୭ ଟଙ୍କା ର କପା ନେଇ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୁକ୍ତ ଙ୍କ ନାମରେ ସିନ୍ଦେକେଲା ଓ ତୁରେକେଲା ଥାନା ରେ ମଧ୍ୟ ପୂର୍ବରୁ ଅନେକ ଠକାମୀ ଅଭିଯୋଗ ହୋଇଥିବା ଜଣାପଡିଛି।

# ଆର୍‌ଏସ୍‌ପିର ସୁରକ୍ଷା ବୋର୍ଡ ବୈଠକ ଅନୁଷ୍ଠିତ

ରାଉରକେଲା (ପିପିଏସ୍): ରାଉରକେଲା ଇସ୍ପାତ କାରଖାନାର 'ମନ୍ଥନ' ସମ୍ମିଳନୀ ହଲରେ ମାର୍ଚ୍ଚ ୨୫ ତାରିଖରେ ଏକ ସୁରକ୍ଷା ବୋର୍ଡ ବୈଠକ ଆୟୋଜିତ ହୋଇଥିଲା। ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ଏହି ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ସାହୁ, ଖଣି ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି କେ ରଥ, ବିତ୍ତ ବିଭାଗର ସିଜିଏମ ଶ୍ରୀ ଏସ୍.କେ.ନାୟକ ଏବଂ ମେଷର୍ସ ଇ ଆଣ୍ଡ ଓ୍ୱାଇର ପରାମର୍ଶଦାତା ଶ୍ରୀ ରାଜା ଦେବନାଥ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ସୁରକ୍ଷା ସଂସ୍କୃତିକୁ ମଜବୁତ କରି ଦୁର୍ଘଟଣା ମୁକ୍ତ ଇସ୍ପାତ ଉତ୍ପାଦନ କରିବା ଯେଉଁଠାରେ ସୁରକ୍ଷା ପ୍ରତ୍ୟେକ କାର୍ଯ୍ୟକାରିଣୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବ, ଏହା ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଶ୍ରୀ ଅତନୁ ଭୌମିକ ଇସ୍ପାତ କାରଖାନାରେ ଶୂନ୍ୟ ଦୁର୍ଘଟଣା ହାସଲ ପାଇଁ ପ୍ରତ୍ୟେକ ବ୍ୟବଧାନକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, "ଏହା ଗ୍ୟାସ୍ ହେଉ ଅଥବା ଅଗ୍ନି, ବୈଦ୍ୟୁତିକ, ରାସାୟନିକ କିମ୍ବା ସଡକ ସୁରକ୍ଷା ହେଉ, ସୁରକ୍ଷା ଦିଗର ଆତ୍ମବିଶ୍ଲେଷଣ, ସମୀକ୍ଷା ଓ ଧ୍ୟାନ କେନ୍ଦ୍ରିତ ଦେବା ପ୍ରତ୍ୟେକଙ୍କ ଦାୟିତ୍ୱ।" ସେ ଏହା ମଧ୍ୟ କହିଥିଲେ ଯେ କର୍ମକ୍ଷେତ୍ରରେ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଯେକୌଣସି ସଂସ୍ଥାର ସଫଳତା ନିର୍ଣ୍ଣୟ କରିଥାଏ।

ପ୍ରତ୍ୟେକ କାର୍ଯ୍ୟ ଓ ଆଚରଣର ସୀମା ଅଛି । ସୀମାତୀତ ହେଲେ ଭଲ ମଧ୍ୟ ମନ୍ଦ ହୋଇଯାଇପାରେ । ଅତିଦାନ କରି ବଳି ମଧ୍ୟ ପାତାଳକୁ ଗଲା ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୦୦)

ପ୍ରଜାତନ୍ତ୍ର

ତା ୨୮।୦୩।୨୦୨୩ ■ ମଙ୍ଗଳବାର

# ନଦୀଗୁଡ଼ିକର ସ୍ୱାସ୍ଥ୍ୟ

ନଦୀମାନଙ୍କରେ ପ୍ରଦୂଷଣ ବଢୁଥିବା ନେଇ ଚିନ୍ତାପ୍ରକଟ କଲାବେଳେ ସାଧାରଣତଃ ଗଙ୍ଗା ଓ ଯମୁନା ଭଳି ବଡ଼ ନଦୀମାନଙ୍କରେ ଯେଉଁ ମଇଳା ଭସାଇ ଦିଆଯାଉଛି ତାହାକୁ ରେଖାଙ୍କିତ କରାହେଉଛି । କିନ୍ତୁ ବାସ୍ତବତା ହେଉଛି ଦେଶର ପ୍ରାୟ ସବୁ ନଦୀମାନଙ୍କର ଜଳ ପିଇବା ଯୋଗ୍ୟ ହୋଇ ଆଉ ରହିନାହିଁ । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜ ରିପୋର୍ଟରେ ଦର୍ଶାଇଛି ଯେ ଦୁଇଶହ ଉଣେଇଶ ନଦୀ ୩ଶହ ଏଗାର ଜାଗାରେ ପ୍ରଦୂଷିତ ହୋଇଯାଉଛି । ଏହି ରିପୋର୍ଟ ସଂସଦରେ ଉପସ୍ଥାପିତ ହୋଇଛି । ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ନମାମୀ ଗଙ୍ଗେ ଯୋଜନା ଓ ନଦୀ ସଂରକ୍ଷଣ ଯୋଜନା ଅନ୍ତର୍ଗତ ଚାଲୁଥିବା ପ୍ରକଳ୍ପ ଜରିଆରେ ନଦୀମାନଙ୍କର ପ୍ରଦୂଷଣ ରୋକିବାରେ ଢେର ଉପକାର ମିଳିଛି । କିନ୍ତୁ ବାସ୍ତବ ସ୍ଥିତି କ'ଣ, ଏହା ଦେଶର ଯେକୌଣସି ନଦୀକୁ ଦେଖିଲେ ସ୍ପଷ୍ଟ ହୋଇଯିବ । କେତେକ ଜାଗାରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ନଦୀକୁ ପ୍ରଦୂଷଣମୁକ୍ତ କରିବା ନେଇ ରାଜନୈତିକ ବିବାଦ ବି ଆରମ୍ଭ ହୋଇଯାଉଛି । ଅବଶ୍ୟ ଉପରୋକ୍ତ ରିପୋର୍ଟ ପରି ପୂର୍ବରୁ ବହୁ ରିପୋର୍ଟ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରକାଶ କରିଛି, କିନ୍ତୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା କଷ୍ଟକର କାହିଁକି ହୋଇଚାଲିଛି, ଯାହାର ଉତ୍ତର କେହି ଦେବାକୁ ସମ୍ଭବତଃ ଚାହୁଁ ନାହାନ୍ତି ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତ୍ୟେକ ଥର ନିଜ ଅଧ୍ୟୟନରେ ତଥ୍ୟ ଉପସ୍ଥାପନ କରି ଆସୁଛି ଯେ ବିଭିନ୍ନ ସହରରେ ଥିବା ଶିଳ୍ପଦ୍ୟୋଗ ଓ ଆବାସିକ ପରିସରରୁ ବାହାରୁଥିବା ଜଳ-ମଳ, ବିନା ଶୋଧନରେ ନଦୀରେ ଛାଡ଼ି ଦିଆଯାଉଥିବା କାରଣରୁ ଏ ପ୍ରଦୂଷଣ ବଢ଼ିଚାଲିଛି । ଜଳଶୋଧନ ଯନ୍ତ୍ର ଲଗାଇବାର ଆବଶ୍ୟକତା ବର୍ଷବର୍ଷ ହେଲା ରେଖାଙ୍କିତ କରାହୋଇ ଆସୁଛି, କିନ୍ତୁ ନା ରାଜ୍ୟ ସରକାରମାନେ ଏହାକୁ ଗମ୍ଭୀର ଭାବେ ବିଚାର କରୁଛନ୍ତି, ନା କଳକାରଖାନରେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉଛି । ଭିନ୍ନ ଭିନ୍ନ ଜାଗାମାନଙ୍କରେ ଶିଳ୍ପୋଦ୍ୟୋଗମାନଙ୍କରୁ ନିଷ୍କାସିତ ମଇଳା, ଜଳରେ ବିଷାକ୍ତ ତତ୍ତ୍ୱ ମିଶିରହିଥାଏ । ଯେଉଁ ଅଞ୍ଚଳରେ ରାସାୟନିକ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ, ସେଠାରୁ ନିଷ୍କାସିତ ଜଳକୁ ସିଧା ବୁହାଇଦେବା କୌଣସି ପ୍ରକାରେ ବିପଦମୁକ୍ତ ନୁହେଁ । ଏକଥା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭଲଭାବେ ଜାଣିଛନ୍ତି, କିନ୍ତୁ କେବେ ବି କଡ଼ାକଡ଼ି ଭାବେ ତାହାକୁ ରୋକିବା ପାଇଁ ପ୍ରୟାସ କରୁଥିବା ଲକ୍ଷ୍ୟ କରାହୋଇ ନାହିଁ । କେବେ କେବେ ପ୍ରବଳ ଚାପ ପଡ଼ିବା ପରେ ତାହା କେତେକ କାରଖାନାମାନଙ୍କ ବିରୋଧରେ ଔପଚାରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଅବଶ୍ୟ ।

କିଛି ସପ୍ତାହ ତଳେ ଜଳବାୟୁ ପରିବର୍ତ୍ତନକୁ ନେଇ ହୋଇଥିବା ବିଶ୍ୱ ସମ୍ମିଳନୀରେ ୟୁନେସ୍କୋ ସ୍ୱୀକାର କରି କହିଛି ଯେ ଭାରତରେ ନଦୀ ସବୁ ହେଉଛି ଅମୂଲ୍ୟ ସଂପଦ ଓ ତାହାର କୂଳରେ ପ୍ରାକୃତିକ ବାତାବରଣ ପ୍ରସ୍ତୁତ କରି କାର୍ବନ ଉତ୍ସର୍ଜନ ଢେର ହ୍ରାସ କରାହୋଇପାରିବ । ଏଥିଲାଗି ଆର୍ଥିକ ସହାୟତା ପ୍ରଦାନ ଲାଗି ପ୍ରସ୍ତାବ ମଧ୍ୟ ଦିଆଯାଇଛି । କିନ୍ତୁ ଏହା ତେବେ ସଫଳ ସାବ୍ୟସ୍ତ ହେବ, ଯେବେ କାରଖାନାମାନଙ୍କରୁ ଓ ନଗରାଞ୍ଚଳର ବସ୍ତିମାନଙ୍କରୁ ବାହାରୁଥିବା ମଇଳା ପାଣିକୁ ନଦୀରେ ସିଧା ପଡ଼ିବାରୁ ରୋକାଯିବ । ଶିଳ୍ପୋଦ୍ୟୋଗ ନିୟମ ମୁତାବକ ବିନା ଶୋଧନରେ କୌଣସି ବି ଶିଳ୍ପର ବର୍ଜ୍ୟବସ୍ତୁ ସିଧା ନଦୀରେ ଭସାଇ ଦିଆଯାଇ ପାରିବ ନାହିଁ । କିନ୍ତୁ ଖୋଦ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ କଡ଼ାକଡ଼ି ଭାବେ ପାଳନ କରୁନାହିଁ । ଯେପର୍ଯ୍ୟନ୍ତ ଏ ଦିଗରେ ବିନା ପକ୍ଷପାତରେ କଠୋର ପଦକ୍ଷେପ ଗ୍ରହଣ କରାନଯାଇଛି, ସେଯାଏ ନଦୀଗୁଡ଼ିକର ସ୍ୱାସ୍ଥ୍ୟ ସୁଧୁରିବାର ସମ୍ଭାବନା ସୃଷ୍ଟି ହୋଇପାରିବ ନାହିଁ । ❐❐

-ଭର୍ତ୍ତୃହରି ମହତାବ

# ରାମକୃଷ୍ଣ କଥାମୃତ

ରାମକୃଷ୍ଣ ପରମହଂସଙ୍କ ପ୍ରମୁଖ ଶିଷ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ରନାଥ ଗୁପ୍ତ ଅନ୍ୟତମ । ସେ 'ମ' ତଥା ମାଷ୍ଟର ମହାଶୟ ଭାବେ ପ୍ରସିଦ୍ଧ ଥିଲେ । ମହେନ୍ଦ୍ରନାଥଙ୍କ ସବୁଠାରୁ ଉଲ୍ଲେଖନୀୟ ଅବଦାନ ହେଉଛି ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତର ରଚନା । ସେ ବାଙ୍ଗଲା ଭାଷାରେ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ ରଚନା କରିଥିଲେ, ଯାହା ପରେ ବିଭିନ୍ନ ଭାଷାରେ ଅନୂଦିତ ହୋଇ ପାଠକ ପ୍ରିୟତା ହାସଲ କରିଥିଲା । ୧୪ ଜୁଲାଇ ୧୮୫୪ରେ କାଲକାତାର ଏକ ବୈଦ୍ୟ ବ୍ରାହ୍ମଣ ପରିବାରରେ ମହେନ୍ଦ୍ରନାଥ ଜନ୍ମ ହୋଇଥିଲେ । ୧୮୭୪ରେ କାଲକାତାର ପ୍ରେସିଡେନ୍ସି କଲେଜରୁ ସ୍ନାତକ ଉତ୍ତୀର୍ଣ୍ଣ ହେବା ପରେ ମହେନ୍ଦ୍ରନାଥ ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରିଥିଲେ । କେତେକ ମହାବିଦ୍ୟାଳୟରେ ଆଧାପନା ମଧ୍ୟ କରିଥିଲେ । ଶେଷରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ବ୍ରହ୍ମ ସମାଜ ସହ ତାଙ୍କର ସଂପୃକ୍ତି ଥିଲା ଏବଂ କେଶବ ଚନ୍ଦ୍ର ସେନଙ୍କ ସଂପର୍କୀୟା ନିକୁଞ୍ଜ ଦେବୀଙ୍କୁ ବିବାହ କରିଥିଲେ । ୧୮୮୨ରେ ପାରିବାରିକ ଅଶାନ୍ତି ଓ ଝଗଡ଼ାଝାଟି ଯୋଗୁଁ ଭାଙ୍ଗିପଡ଼ି ମହେନ୍ଦ୍ରନାଥ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥିବା ବେଳେ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ରାମକୃଷ୍ଣ ପରମହଂସଙ୍କ ସହ ସାକ୍ଷାତ ହୋଇଥିଲା ଏବଂ ତାଙ୍କର ଜୀବନର ଗତି ପଥ ବଦଳିଥିଲା । ସେ ରାମକୃଷ୍ଣଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ତେର ବର୍ଷ ବୟସରୁ ମହେନ୍ଦ୍ରାନଥଙ୍କ ଡାଏରି ଲିଖନ ଅଭ୍ୟାସ ଥିଲା । ରାମକୃଷ୍ଣଙ୍କ ନିକଟରେ ବସି ନୀତି କଥାମାନ ଶୁଣି ସେ ମନେରଖୁଥିଲେ ଏବଂ ପରେ ଡାଏରିରେ ଲେଖୁଥିଲେ । ରାମକୃଷ୍ଣ କେଉଁ ଦିନ, କେଉଁ ସମୟରେ କ'ଣ କହିଥିଲେ, ତାହା ତାଙ୍କ ଡାଏରିମାନଙ୍କୁ ମିଳେ । ସ୍ୱାମୀ ବିବେକାନନ୍ଦ, ମହେନ୍ଦ୍ରନାଥଙ୍କ ମୂଳ ଡାଏରିଗୁଡ଼ିକ ପଢ଼ି ପ୍ରକାଶ କରିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ । ୧୯୦୨-୧୦ ମଧ୍ୟରେ ଡାଏରିଗୁଡ଼ିକ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ ଭାବେ ପ୍ରକାଶିତ ହୋଇଥିଲା । ଶେଷ ଖଣ୍ଡ ୧୯୩୨ରେ ମହେନ୍ଦ୍ରନାଥଙ୍କ ମୃତ୍ୟୁ ପରେ ପରେ ପ୍ରକାଶ ପାଇଥିଲା । ମହେନ୍ଦ୍ରନାଥଙ୍କ କାଲକାତାସ୍ଥିତ ବାସଭବନର ନାମ କଥାମୃତ ଭବନ । ସେଠାରେ ବହୁ ବାର ରାମକୃଷ୍ଣ ଓ ଶାରଦା ଦେବୀଙ୍କ ପାଦ ପଡ଼ିଥିଲା । ୧୯୩୨ ଜୁନ୍ ଆଜିର ଦିନରେ ମହେନ୍ଦ୍ରନାଥଙ୍କ ଦେହାନ୍ତ ହୋଇଥିଲା ।

ରଜତ କୁମାର ବୋଷ
କୁଆଁସରପୁର, ଯାଜପୁର

# ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ରୀ

**ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର**

ଓଡ଼ିଆ ଆଧାତ୍ମିକ ଚେତନା ଓ ଧର୍ମୀୟ ଲୋକବିଶ୍ୱାସରେ ପରିପୂର୍ଣ୍ଣ ହୋଇଛି ମା'ଙ୍କ ପୂଜା ଆରାଧନା। ବିଶେଷକରି ଚୈତ୍ର ମାସରେ ମା'ବାସନ୍ତୀକ ଦୁର୍ଗାପୂଜା କେବଳ ଓଡ଼ିଆ ଆଧାତ୍ମିକ ଚେତନା ନୁହେଁ ବରଂ ସମଗ୍ର ଭାରତରେ ଏହା ଅତ୍ୟନ୍ତ ଆଧାତ୍ମିକ ଭକ୍ତିପୂତ ପରିବେଶରେ ପାଳିତ ହୋଇଥାଏ। କେବଳ ମା'ଦୁର୍ଗାଙ୍କ ଆଶ୍ରିତ ନୁହଁନ୍ତି ଆଧାତ୍ମିକ ଶ୍ରଦ୍ଧାଳୁମାନେ ଭକ୍ତି, ନିଷ୍ଠା ଓ ବିଶ୍ୱାସକୁ ନେଇ ମା'ଦୁର୍ଗାଙ୍କୁ ସମର୍ପଣ ଭିତ୍ତିକ ଚେତନା ନେଇ ପୂଜା କରିଥାନ୍ତି। ଗୋଟିଏ ବର୍ଷରେ ୫ଥର ନବରାତ୍ରୀ ଉତ୍ସବ ପାଳିତ ହୋଇଥାଏ। ଏହି ଉତ୍ସବରେ ଦେବୀ ଦୁର୍ଗାଙ୍କର ୯ଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଇଥାଏ। ଏହି ୫ଟି ନବରାତ୍ରୀ ହେଲେ - ବସନ୍ତ ନବରାତ୍ରୀ, ଆଷାଢ଼ ନବରାତ୍ରୀ, ଶରତ ନବରାତ୍ରୀ, ପୌଷ ନବରାତ୍ରୀ ଏବଂ ମାଘ ନବରାତ୍ରୀ। ଏହି ୫ଟି ନବରାତ୍ରୀ ମଧ୍ୟରୁ ଶରତ ନବରାତ୍ରୀ ବା ଶାରଦୀୟ ଦୁର୍ଗାପୂଜା ଏବଂ ବସନ୍ତ ନବରାତ୍ରୀ ବା ବାସନ୍ତିକ ଦୁର୍ଗାପୂଜା ବିଶେଷ ଭାବେ ପ୍ରସିଦ୍ଧ। ତେବେ ବସନ୍ତ ନବରାତ୍ରୀ ସାଧାରଣତଃ ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପାଳିତ ହୋଇଥାଏ। ଚୈତ୍ର ମାସ ଶୁକ୍ଲପକ୍ଷରେ ଆୟୋଜିତ ହେଉଥିବା ଏହି ନବରାତ୍ରୀକୁ ଚୈତ୍ର ନବରାତ୍ରୀ କୁହାଯାଏ। ଏହା ସାଧାରଣତଃ ଚୈତ୍ର ପ୍ରତିପଦା ଠାରୁ ଆରମ୍ଭ ହୋଇ ଦଶମୀ ଦିନ ଶେଷ ହୋଇଥାଏ। ଏହି ନବରାତ୍ରୀ ଅବସରରେ ହିନ୍ଦୁ ନବବର୍ଷ ମଧ୍ୟ ଆରମ୍ଭ ହୋଇଥାଏ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, କୋଶଳ ଦେଶର ରାଜା ଦ୍ରୁଶିବାଗ ଶିକାରକୁ ଯାଇଥିବା ସମୟରେ ତାଙ୍କୁ ଏକ ସିଂହ ଆକ୍ରମଣ କଲା। ଏଥିରେ ସେ ପ୍ରାଣ ହରାଇଲେ। ତାଙ୍କ ପୁତ୍ର ଯୁବରାଜ ସୁଦର୍ଶନଙ୍କୁ ରାଜା କରିବା ଲାଗି ପ୍ରସ୍ତୁତି ଆରମ୍ଭ ହେଲା। କିନ୍ତୁ ରାଣୀ ଲୀଳାବତୀଙ୍କ ପିତା ତଥା ଉଜ୍ଜୈନୀର ରାଜା ଯୁଦ୍ଧଜିତ୍ ଏବଂ ରାଣୀ ମନୋରମାଙ୍କ ପିତା ତଥା କଳିଙ୍ଗ ରାଜା ବୀରସେନ କୋଶଳ ରାଜସିଂହାସନ ଉପରେ ଦୃଷ୍ଟି ପକାଇଥିଲେ। ସେମାନେ ନିଜ ନିଜ ନାତିଙ୍କୁ କୋଶଳର ରାଜା ଭାବେ ଦେଖିବାକୁ ଚାହୁଁଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଏହି ଯୁଦ୍ଧରେ ବୀରସେନ ପ୍ରାଣ ହରାଇଲେ। ଏହାପରେ ମନୋରମା ଯୁବରାଜ ସୁଦର୍ଶନ ଏବଂ ଜଣେ କିନ୍ନରଙ୍କୁ ଧରି ଜଙ୍ଗଲକୁ ଚାଲିଗଲେ। ସେମାନେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆଶ୍ରୟ ନେଲେ। ଅନ୍ୟପଟେ ବିଜୟୀ ରାଜା ଯୁଦ୍ଧଜିତ୍ ନିଜ ନାତି ଶତ୍ରୁଜିତ୍‌ଙ୍କୁ କୋଶଳ ରାଜଧାନୀ ଅଯୋଧ୍ୟାର ରାଜସିଂହାସନରେ ବସାଇଲେ। ଏହାପରେ ସେ ମନୋରମା ଏବଂ ତାଙ୍କର ପୁତ୍ରକୁ ଖୋଜିବା ଲାଗି ଚାଲିଲେ। ସେ ଋଷିଙ୍କ ଆଶ୍ରମରେ ମାତା-ପୁତ୍ରଙ୍କୁ ଠାବ କଲେ। ମାତ୍ର ଋଷି କହିଲେ, ତାଙ୍କ ନିକଟରେ ଆଶ୍ରୟ ନେଇଥିବା ଲୋକଙ୍କୁ ସେ କେବେ ଛାଡ଼ିବେ ନାହିଁ। ରାଜା ଯୁଦ୍ଧଜିତ୍ ଋଷିଙ୍କୁ ଆକ୍ରମଣ କରିବା ଲାଗି ଚାହିଁଲେ। ମାତ୍ର ମନ୍ତ୍ରୀ ତାଙ୍କୁ ବାରଣ କଲେ। ଯୁଦ୍ଧଜିତ୍ ରାଜଧାନୀକୁ ଫେରିଆସିଲେ।

ଦିନେ ରାଜକୁମାର ସୁଦର୍ଶନଙ୍କ ଭାଗ୍ୟ ଉଦୟ ହେଲା। ଜଣେ ଋଷିପୁତ୍ର କିନ୍ନରକୁ ସଂସ୍କୃତ ଶବ୍ଦ କ୍ଲୀବ କହି ସମ୍ବୋଧନ କଲେ। ଏଥିରୁ ପ୍ରଥମ ଶବ୍ଦ 'କ୍ଲୀ' ରାଜପୁତ୍ରଙ୍କୁ ଭଲ ଲାଗିଲା। ସେ ବାରମ୍ବାର 'କ୍ଲୀଂ' ଉଚ୍ଚାରଣ କଲେ। ଏହା ଏକ ଶକ୍ତିଶାଳୀ ମନ୍ତ୍ର ଥିଲା। ଯାହା ମାତା ଶକ୍ତିଙ୍କର ବୀଜ ଅକ୍ଷର ମନ୍ତ୍ର ଥିଲା। ଏହି ମନ୍ତ୍ର ଜପ କରି ରାଜପୁତ୍ର ଶାନ୍ତି ପ୍ରାପ୍ତ କଲେ। ଦେବୀ ତାଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ ଏବଂ ରାଜପୁତ୍ରଙ୍କୁ ଦିବ୍ୟାସ୍ତ୍ର ଏବଂ ଅକ୍ଷୟ ତୂଣୀର ପ୍ରଦାନ କଲେ। ଇତିମଧ୍ୟରେ ଦିନେ ବାରାଣାସୀ ରାଜା ଋଷିଙ୍କ ଆଶ୍ରମ ଦେଇ ଯାଉଥିଲେ। ସେ ସୁନ୍ଦର ରାଜକୁମାର ସୁଦର୍ଶନଙ୍କୁ ଦେଖିଲେ। ନିଜ କନ୍ୟା ଶଶିକଳାଙ୍କ ସହିତ ରାଜକୁମାର ସୁଦର୍ଶନଙ୍କ ବିବାହ କରିବା ଲାଗି ପ୍ରସ୍ତାବ ଦେଲେ। ଏହାପରେ ଶଶିକଳାଙ୍କ ସ୍ୱୟମ୍ବର ଆୟୋଜନ ହେଲା। ଏହି ସ୍ୱୟମ୍ବରରେ ସୁଦର୍ଶନଙ୍କ ଗଳାରେ ବରଣମାଳା ପିନ୍ଧାଇଲେ ଶଶିକଳା। ଦୁହିଁଙ୍କ ବିବାହ ସମ୍ପନ୍ନ ହେଲା। ଏହି ବିବାହୋତ୍ସବରେ ରାଜା ଯୁଦ୍ଧଜିତ୍ ମଧ୍ୟ ଉପସ୍ଥିତ ଥିଲେ। କ୍ରୋଧିତ ହୋଇ ସେ ବାରାଣାସୀ ରାଜାଙ୍କ ସହ ଯୁଦ୍ଧ ଆରମ୍ଭ କରିଦେଲେ। ସୁଦର୍ଶନ ଏବଂ ତାଙ୍କ ଶ୍ୱଶୁରଙ୍କ ସାହାଯ୍ୟ କରିବା ଲାଗି ଦେବୀ ଶକ୍ତି ଆଗେଇ ଆସିଲେ। ଯୁଦ୍ଧଜିତ୍ ତାଙ୍କର ନିନ୍ଦା କଲେ। ଏଥିରେ ରୁଷ୍ଟ ହୋଇ ଦେବୀ ଯୁଦ୍ଧଜିତ୍‌ଙ୍କ ସୈନ୍ୟବାହିନୀକୁ ନଷ୍ଟଭ୍ରଷ୍ଟ କରିଦେଲେ। ସୁଦର୍ଶନ ତାଙ୍କ ପତ୍ନୀ ଏବଂ ଶ୍ୱଶୁର ଦେବୀଙ୍କ ମହିମା ଗାନ କଲେ। ଏହି ତିନିଜଣଙ୍କୁ ଦେବୀ ବରଦାନ ଦେଲେ ଏବଂ ବସନ୍ତ ନବରାତ୍ରୀ ଅସରରେ ହୋମ ଏବଂ ଅନ୍ୟ ପୂଜା ଅନୁଷ୍ଠାନ କରିବା ଲାଗି ନିର୍ଦ୍ଦେଶ ଦେଲେ। ଏହାପରେ ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ। ରାଜକୁମାର ସୁଦର୍ଶନ ଏବଂ ଶଶିକଳା ଋଷି ଭରଦ୍ୱାଜଙ୍କ ଆଶ୍ରମକୁ ଫେରିଗଲେ। ମହର୍ଷି ସୁଦର୍ଶନଙ୍କୁ କୋଶଳ ରାଜା ଭାବେ ଘୋଷଣା କଲେ। ଏହାପରେ ସୁଦର୍ଶନ, ଶଶିକଳା ଏବଂ ବାରାଣାସୀର ରାଜା ମିଶି ଦେବୀଙ୍କ ନିର୍ଦ୍ଦେଶ ଅନୁସାରେ ମହାସମାରୋହରେ ବସନ୍ତ ନବରାତ୍ରୀ ପୂଜା କରାଇଲେ। ଭକ୍ତିର ସହକାରେ ମା'ଙ୍କୁ ଆବାହନ କଲେ। ଫଳରେ ତାଙ୍କୁ କୋଶଳ ରାଜପଦବୀ ପ୍ରାପ୍ତ ହେଲା। ସେ ଧର୍ମପୂର୍ବକ ରାଜ୍ୟ ଶାସନ କଲେ। ଯୁଗ ବିତିଗଲା। ତ୍ରେତୟା ଯୁଗରେ ରଘୁବଂଶରେ ଜନ୍ମ ନେଇ ଭଗବାନ ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଚନ୍ଦ୍ର। ସେଥିଲେ ସୁଦର୍ଶନଙ୍କ ବଂଶଜ। ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଏବଂ ଦେବୀ ସୀତା ଓ ଅଯୋଧ୍ୟା ରାଜପରିବାରର ଅନ୍ୟ ସଦସ୍ୟମାନେ ମିଶି ଚୈତ୍ର ନବରାତ୍ରୀ ପୂଜା ବିଧିପୂର୍ବକ କରିଥିଲେ। ସେମାନଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଦେବୀ ସେମାନଙ୍କୁ ବରଦାନ ଦେଇଥିଲେ। କୃତ୍ତିବାସ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ପ୍ରଭୁ ରାମଚନ୍ଦ୍ର ଲଙ୍କା ଉପରେ ଆକ୍ରମଣ କରିବା ପୂର୍ବରୁ ଦେବୀ ଭଗବତୀ ଦୁର୍ଗାଙ୍କ ଠାରୁ ଆଶୀର୍ବାଦ ଲୋଡ଼ିଥିଲେ। ପୂର୍ବରୁ ଦୁର୍ଗାପୂଜା ଶରତ ଋତୁରେ ପାଳିତ ହେଉଥିଲା। ତେବେ ଯୁଦ୍ଧକୁ ଯିବା ପୂର୍ବରୁ ଅର୍ଥାତ୍ ସିଂହବାହିନୀଙ୍କୁ ଆବାହନ କରିଥିଲେ। ସେ ଦେବୀଙ୍କ ଅଷ୍ଟ ମହାବିଦ୍ୟା ସ୍ୱରୂପକୁ ପୂଜା କରିଥିଲେ। ରାମଚନ୍ଦ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ଦେବୀ ଦୁର୍ଗାଙ୍କୁ ଉପାସନା କରିବାରୁ ଏହାକୁ 'ଅକାଳ ବୋଧନ' କୁହାଗଲା। ବାସନ୍ତିକ ଦୁର୍ଗାପୂଜାର ବିଧି ଶାରଦୀୟ ପୂଜାବିଧି ଠାରୁ ଭିନ୍ନ ଥିଲା। ପରବର୍ତ୍ତୀ କାଳରେ ଶ୍ରୀରାମଙ୍କ ଦ୍ୱାରା ଆଗୁଆ କରାଯାଇଥିବା ଏହି ଦୁର୍ଗାପୂଜା ପୂର୍ବ ଏବଂ ଉତ୍ତର ଭାରତରେ ବିଶେଷ ପ୍ରସିଦ୍ଧି ହାସଲ କରିଥିଲା। ଓଡ଼ିଶାରେ ବାସନ୍ତୀକ ଦୁର୍ଗାପୂଜା ଅନେକ ସ୍ଥାନରେ ଅନୁଷ୍ଠିତ ହେଉଛି। ଯେଉଁ ମଣ୍ଡପରେ ବା ଆସ୍ଥାନରେ ଦେବୀ ଦୁର୍ଗାଙ୍କୁ ଆରାଧନା କରାଯାଇଥାଏ ସେହି ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା କରାଯାଏ।

କଟକର ମଙ୍ଗଳାବାଗ, କଲେଜଛକ, ବଙ୍ଗାଳିସାହି, ପିଠାପୁର, ଝାଞ୍ଜିରୀମଙ୍ଗଳା ପରି ସ୍ଥାନରେ ଏହା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି। ସାହି ମୁରବୀ ଓ ମା'ଦୁର୍ଗାଙ୍କ ଆଶ୍ରିତମାନଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେଉଛି। ପ୍ରାୟତଃ ମଙ୍ଗଳ ବାର ଠାରୁ ଚୈତ୍ର ନବରାତ୍ର ଆରମ୍ଭ ହୋଇଥାଏ। ବିଶ୍ୱାସ ରହିଛି ମା'ଦୁର୍ଗାଙ୍କ ପୂଜାଫଳ ବିଶେଷ ଭାବରେ ପ୍ରାପ୍ତି ହୋଇଥାଏ। ଜୀବନ ସାର୍ଥକ ନିମିତ୍ତ ଲୋକବିଶ୍ୱାସ ରହିଛି ନବରାତ୍ରୀ ଏଭଳି ଏକ ପରବ ଯେଉଁଥିରେ ମାତା ଲକ୍ଷ୍ମୀ, ଦୁର୍ଗା, ମହାକାଳୀ, ମାତା ସରସ୍ୱତୀଙ୍କୁ ପୂଜା କରାଯାଇଥାଏ। ବାସନ୍ତୀ ଦୁର୍ଗାପୂଜାରେ ଦୁର୍ଗା ସପ୍ତଶତୀ ପାଠ କରାଯାଏ। ମାତାଙ୍କ ବ୍ରତ ରଖି କେହି କେହି ଉପବାସ କରିଥାନ୍ତି। ତୁଳସୀ, ଫୁଲ ଓ ଦୁବ ମା'ଦୁର୍ଗାଙ୍କୁ ସମର୍ପଣ କରାଯାଏ। ପୂଜାବେଳେ ଲାଲ ବସ୍ତ୍ର ପରିଧାନ ଶୁଭଫଳ ପ୍ରାପ୍ତି ଦେଇଥାଏ ବୋଲି ବିଶ୍ୱାସ ରହିଛି। ପୂଜାସ୍ଥଳୀରେ ଭଗବତୀ ଦୁର୍ଗା, ଭଗବତୀ ଲକ୍ଷ୍ମୀ ଓ ମାତା ସରସ୍ୱତୀଙ୍କ ବିଗ୍ରହ ବା ଫଟୋଚିତ୍ର ରହିଥାଏ। ଅନେକ ସ୍ଥାନରେ ଅଖଣ୍ଡ ଦୀପ ମାତା ଦୁର୍ଗାଙ୍କୁ ସମର୍ପିତ ହୋଇ ପ୍ରଜ୍ୱଳିତ ହୋଇଥାଏ। ଚୈତ୍ର ନବରାତ୍ରର ଶେଷ ଦିନରେ ଘରେ ଥିବା ପୁସ୍ତକ, ବାଦ୍ୟଯନ୍ତ୍ର ଆଦିର ପୂଜା ହୋଇଥାଏ। ଏହି ସମୟରେ ମା'ବାସନ୍ତୀ ଦୁର୍ଗାଙ୍କୁ ମନ୍ତ୍ର - 'ଓଁ ଏଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚେ'। ଆସନ୍ତୁ ବାସନ୍ତୀ ଦୁର୍ଗାଙ୍କୁ ଶତକୋଟି ପ୍ରଣାମ କରି ତାଙ୍କ ଆଶୀର୍ବାଦ ପ୍ରାପ୍ତ ହେବା।

କଟକ,
ମୋ:୯୪୩୭୦୫୧୯୫୭

# ସମୁଦ୍ର ଉପକୂଳ ପାଇଁ ନୂଆ ସଙ୍କଟ

**ବିପିନ ବିହାରୀ ରାଉତ**

ନଦୀ ନାଳ ଦ୍ୱାରା ସମୁଦ୍ରକୁ ବିଭିନ୍ନ ପ୍ରକାର ପଥର, ଗୋଡ଼ି, ପଙ୍କ ପ୍ରବାହିତ ହୋଇ ଆସେ। ସମୁଦ୍ରକୁ ପାଣି ଯାଉଥିବା ବେଳେ ଏ ସବୁ କଠିନ ପଦାର୍ଥ ସମୁଦ୍ର ଢେଉରେ ଭାସି ଆସି କୂଳରେ ସମାନ ଭାବେ ଜମା ହୁଏ। ଏହି କଠିନ ପ୍ରାକୃତିକ ବର୍ଜ୍ୟ ଉପକୂଳରେ ଏକ ପ୍ରାକୃତିକ ସୁରକ୍ଷା ପାଚେରୀ ତିଆରି କରିଥାଏ। କିନ୍ତୁ କିଛି ବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଓ ନଦୀର ଉପରମୁଣ୍ଡରେ ଜଳକୁ ଅବରୋଧ କରିବା ଦ୍ୱାରା ଏ ବ୍ୟବସ୍ଥା ପ୍ରଭାବିତ ହୋଇଛି। ନଦୀ ନାଳରେ ଠିକ ସମୟରେ ପାଣି ଆସୁନାହିଁ ଫଳରେ ପ୍ରାକୃତିକ କଠିନ ବର୍ଜ୍ୟ ମଧ୍ୟ ଆବଶ୍ୟକ ପରିମାଣରେ ଆସୁନାହିଁ। ଏହାଛଡ଼ା ସମୁଦ୍ର କୂଳରେ ବିଭିନ୍ନ ନିର୍ମାଣ କାମ ପାଇଁ କଠିନ ବର୍ଜ୍ୟ ସମତୁଲ ଭାବେ ସମୁଦ୍ର କୂଳରେ ଜମା ହୋଇପାରୁ ନଥିବାରୁ କେଉଁଠି ଅତ୍ୟଧିକ ଜମା ହୋଇ ରହୁଛି ତ ଆଉ କେଉଁଠି ଢେଉ ସାଂଘାତିକ କୂଳ ଖାଉଛି ଯାହା ଉପକୂଳ ସୁରକ୍ଷା ପାଇଁ ସଙ୍କଟ ସୃଷ୍ଟି କରୁଛି। ନେଦରଲ୍ୟାଣ୍ଡର ପରିବେଶ ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ସାଇନ୍ସ ଅଫ ଦି ଟୋଟାଲ ଏନଭାଇରନମେଣ୍ଟ ପତ୍ରିକାରେ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଅବକ୍ଷୟର ହଟସ୍ପଟ ଚିହ୍ନଟ ହୋଇଛି। ବଡ଼ କଥା ହେଉଛି ଯେ ଏହି ପ୍ରକ୍ରିୟା ମଧ୍ୟରେ ନଦୀଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଯାହାର ପ୍ରଭାବ ସ୍ୱରୂପ କିଛି ମାସ ପୂର୍ବେ ଋଷିକୂଲ୍ୟା ନଦୀରେ ଏକ ନୂଆ ମୁହାଣ ସୃଷ୍ଟି ହୋଇ ସାରିଛି। ଗବେଷଣାରେ କୁହାଯାଇଛି ଯେ ମହାନଦୀ ଉପରମୁଣ୍ଡ ସହିତ ରାଜ୍ୟର ବିଭିନ୍ନ ନଦୀ ଉପରମୁଣ୍ଡରେ ଡ୍ୟାମ ଓ ଅନ୍ୟ କାର୍ଯ୍ୟ ପାଇଁ ସମୁଦ୍ର ପାଣିକୁ ଆସିବା କମ ହୋଇଯାଉଛି। ଏହାଦ୍ୱାରା ଗତ ୨୦-୩୦ ବର୍ଷ ମଧ୍ୟରେ ସମୁଦ୍ରକୁ ପାଣି ଓ ସେଡିମେଣ୍ଟ ଆସିବା ମଧ୍ୟ କମ ହୋଇଯାଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସମୁଦ୍ର ଉପକୂଳ ଅବକ୍ଷୟ ହେବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ରିସର୍ଚ୍ଚରେ ସାମିଲ ଥିବା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଏଥିରେ ମୁଖ୍ୟତଃ ବନ୍ଦର ଅଞ୍ଚଳ ଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବା ଜଣା ପଡ଼ିଛି। ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତ୍ତମାନ ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରର ଏହାର ପ୍ରଭାବ ଦେଖା ଦେଇ ସାରିଛି। ସେ କହିଛନ୍ତି ଯେ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢେଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭିତ୍ତି (ଷ୍ଟ୍ରକଚର) ନିର୍ମାଣ କରାଯାଉଛି। ଏହି ଲମ୍ବା ଭିତ୍ତିଟି ସମୁଦ୍ର ଢେଉକୁ ପ୍ରତିରୋଧ କରୁଛି। ଏହି ଲମ୍ବା ଭିତ୍ତି ଯୋଗୁଁ ଯେଉଁ ସେଡିମେଣ୍ଟ ଗୁଡ଼ିକ ସମାନ ଭାବେ ବାଣ୍ଟି ହୋଇଯିବା କଥା ଏହି ଷ୍ଟ୍ରକଚର ଯୋଗୁଁ ସେହି ସ୍ଥାନରେ ଏହା ଉପକୂଳକୁ ଆସିପାରୁନାହିଁ। ତେବେ ଯେଉଁ ସ୍ଥାନରେ ଏହି ବାଧା ସୃଷ୍ଟି ହେଉଛି, ଏହାର ଦକ୍ଷିଣ ଦିଗରେ ଏହି ସମସ୍ତ ସେଡିମେଣ୍ଟଗୁଡ଼ିକ ଗଦା ହେଉଛି। ମାତ୍ର ଏହାର ଉତ୍ତର ଦିଗରେ ବ୍ୟାପକ ଭାବେ ସମୁଦ୍ର ଅବକ୍ଷୟ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଯାହାର ଉଦାହରଣ ସ୍ୱରୂପ ପାରାଦ୍ୱୀପର ଉତ୍ତର ଅର୍ଥାତ ସାତଭାୟାରେ ସମୁଦ୍ର କୂଳ ଲଙ୍ଘିବା ସହିତ ଏଠାରେ ଅବକ୍ଷୟ ହୋଇ ଚାଲିଛି। ସମାନ ଭାବେ ଗୋପାଳପୁର ବନ୍ଦରର ଦକ୍ଷିଣ ଅର୍ଥାତ୍ ଟୁରିଷ୍ଟ ବିଚ ନିକଟସ୍ଥ ଅଞ୍ଚଳରେ ସେଡିମେଣ୍ଟ ଗଦା ହୋଇ ଚାଲିଥିବାବେଳେ ବନ୍ଦରର ଉତ୍ତର ଭାଗ ଅର୍ଥାତ୍ ପୋଡମପେଟାରେ କୂଳ ଅବକ୍ଷୟ ହେଉଛି। ଏହି ଅବକ୍ଷୟ ଫଳରେ ସେଉଁ ସେଡିମେଣ୍ଟ ସବୁ ସମୁଦ୍ରକୁ ଆସୁଛି ତାହା ବର୍ତ୍ତମାନ ଋଷିକୂଲ୍ୟା ମୁହାଣ ନିକଟରେ ଗଦା ହେଉଛି। ଯାହାଫଳରେ ଏହି ମୁହାଣରୁ ସମୁଦ୍ରକୁ ଠିକ ଭାବେ ପାଣି ଆସ ନପାରି ଋଷିକୂଲ୍ୟାରେ ଆଉ ଏକ ମୁହାଣ ଖୋଲିଛି ଓ ସେଠାରୁ ସମୁଦ୍ରକୁ ପାଣି ପ୍ରବେଶ କରିଛି। ବର୍ତ୍ତମାନ ଯେଉଁ ମୁହାଣ ଦେଇ ପାଣି ସମୁଦ୍ରରେ ମିଶୁଛି, ସେଠାରେ ବିରଳ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ କରିଥାନ୍ତି। ବର୍ତ୍ତମାନ ଏହି ପ୍ରକ୍ରିୟାରେ ମଧ୍ୟ ବାଧା ସୃଷ୍ଟି ହେବ ବୋଲି ପ୍ରଫେସର ମିଶ୍ର କହିଛନ୍ତି।

ତେଣୁ ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ। ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦୀପ ବରଦାନ ସାବ୍ୟସ୍ତ ହୋଇଛି। ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିବା ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପଟେ ଯେଉଁ ସ୍ଥାନ ଗୁଡ଼ିକରେ ଅବକ୍ଷୟ ହେଉଛି, ସେଠାରେ ବାରମ୍ବାର ବାଲି ଫିଲିଂ ହେବା ଆବଶ୍ୟକତା ରହିଛି। ଆମେ ସମସ୍ତେ ସଚେତନ ହୋଇ ପରିବେଶକୁ ଭଲ ପାଇବା ଅତ୍ୟନ୍ତ ଜରୁରୀ।

ଶ୍ରୀବିହାର କଲୋନୀ, କଟକ
ମୋ:୯୪୩୭୬୬୬୪୫୩

## ସଂପାଦକଙ୍କୁ ପତ୍ର

### ମାନସିକ ଚାପରେ ଯୁବପିଢ଼ି

ମହାଶୟ,

ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପିଢ଼ି ହେଉଛନ୍ତି ଆଗାମୀ କାଲିର ସ୍ୱପ୍ନ। ଭାରତର ଭବିଷ୍ୟତ ମଧ୍ୟ ନିଶ୍ଚିତ ଭାବରେ ଉଜ୍ଜ୍ୱଳ କିନ୍ତୁ ଦୁଃଖଦ ସ୍ଥିତି ହେଉଛି ଏହା ଯେ ଭାରତର ଅଧିକାଂଶ ଯୁବବର୍ଗ ବିଭିନ୍ନ କାରଣରୁ ନୈରାଶକୁ ଶୀକାର ହୋଇ ଜୀବନକୁ ହାରୁଛନ୍ତି। କହିବାକୁଗଲେ ଭାରତ ହେଉଛି କିଶୋର ଆତ୍ମହତ୍ୟାର ପୃଥିବୀର ରାଜଧାନୀ। ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋର ତଥ୍ୟ ଅନୁଯାୟୀ ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ସର୍ବାଧିକ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ। ଭାରତରେ ଆତ୍ମହତ୍ୟାର ପରିସଂଖ୍ୟାନ ହେଉଛି ଏହା ପୁରୁଷଙ୍କ ଆତ୍ମହତ୍ୟା ହାର ନାରୀଙ୍କ ଠାରୁ ପ୍ରାୟ ୪ଗୁଣ ଅଧିକ। କିନ୍ତୁ ଯେବେ କିଶୋରୀ କିଶୋର ବା ଯୁବତୀ ଯୁବକଙ୍କ ଆତ୍ମହତ୍ୟା ପ୍ରସଙ୍ଗ ଆସେ ଏହି ହାର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଥାଏ। କିଶୋରମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ହେଉଛି ସେମାନଙ୍କ ଭିତରେ ମାନସିକ ଚାପ ବଢୁଛି। ସଂପ୍ରତି ଦେଖାଯାଉଛି କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ ଅଭିଭାବକମାନେ ପିଲାର ବୌଦ୍ଧିକ ସାମର୍ଥ୍ୟ ଠାରୁ ଅଧିକ ପାଇବାର ଆଶା ରଖି ତା ଉପରେ ଏକ ପ୍ରକାର ମାନସିକ ଚାପ ସୃଷ୍ଟି କରୁଛନ୍ତି। ତେବେ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି ସେମାନେ ନିଜକୁ ଅପରାଗ ଓ ଅନ୍ୟମାନଙ୍କ ଠାରୁ ହୀନମନ୍ୟ ଭାବି ଆତ୍ମହତ୍ୟା ପାଇଁ ଦୁଃଖଦ ରାସ୍ତାକୁ ବାଛି ନେଇଥାନ୍ତି। ତେବେ ଏ କ୍ଷେତ୍ରରେ ସେମାନଙ୍କୁ ବାରଣ କରିବାକୁ ହେବ । ବର୍ତ୍ତମାନ ସମୟରେ ଯୁବ ସମାଜ ସାମାନ୍ୟ ପରିସ୍ଥିତିରେ ମଧ୍ୟ ନିଜର ସନ୍ତୁଳନ ରକ୍ଷା କରିପାରୁ ନାହାନ୍ତି । ଏଭଳି ସ୍ଥିତିରେ ଦେଶର ଭବିଷ୍ୟତକୁ ନେଇ ଚିନ୍ତା କରିବାର ସମୟ ଆସିଛି।

ନିରଞ୍ଜନ ବେହେରା, କଟକ

# ପରିବେଶ ପାଇଁ ଚିନ୍ତା

**ହଳଧର ଧୀର**

ଦେଶ ଓ ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ କରିବା କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କିନ୍ତୁ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ସୁସ୍ଥ ଜନଜୀବନ କଥା ମଧ୍ୟ ଚିନ୍ତା କରିବାର ଆବଶ୍ୟକତା ରହିଛି । ଶିଳ୍ପ ପ୍ରଦୂଷଣରୁ ରକ୍ଷା ପାଇଁ ପରିବେଶ କଥା ମଧ୍ୟ ଚିନ୍ତା କରିବାର ଅବକାଶ ରହିଛି । ପୁରାତନ ଜଙ୍ଗଲର ସୁରକ୍ଷା ଓ ସବୁଜବଳୟ ସୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁଜବଳୟ ଜନଜୀବନର ସୁରକ୍ଷା କବଚ ଏହାର ବ୍ୟତିକ୍ରମ ଘଟିଲେ ଜନଜୀବନ ବୀପର୍ଯ୍ୟସ୍ତ ହୋଇପଡେ । ଆଜି ଏହି ସମସ୍ୟା ଦେଖାଦେଇଛି ଓଡିଶାର ଖଣି ଓ ଇସ୍ପାତ ପୁଞ୍ଜି ଅଞ୍ଚଳ ଯାଜପୁର ଜିଲ୍ଲା କଳିଙ୍ଗ ନଗରର ସୁକିନ୍ଦା, ତ୍ରିଜଙ୍ଗା (ଦାନଗଦୀ) ଅଞ୍ଚଳରେ ଶିଳ୍ପ ପାଇଁ ଘଞ୍ଚ ଜଙ୍ଗଲଗୁଡିକ ନଷ୍ଟ କରିଦିଆଗଲା । ସନ୍ତୁଳିତ ପରିବେଶ ଦ୍ୱାରା ତ୍ରିଜଙ୍ଗା (ଦାନଗଦୀ) ସୁକିନ୍ଦା, କୋରେଇ, ଅଞ୍ଚଳ ସମେତ ବହୁ ଗ୍ରାମ ଓ ବ୍ୟାସ ନଗର ପୌରପରିଷଦ ଲୋକମାନଙ୍କର ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି ।

ଇସ୍ପାତ ଶିଳ୍ପଗୁଡିକର ପ୍ରତିଷ୍ଠା ପୂର୍ବରୁ ପରିବେଶ ପ୍ରତି ସାଧାରଣତଃ ଦୃଷ୍ଟି ଦିଆଯାଇଥାଏ । ସାଧାରଣ ଭାବରେ କାରଖାନାଠାରୁ ଦୁଇ କିଲୋମିଟର ଭିତରେ ଥିବା ଜଙ୍ଗଲ ଗୁଡିକ ନଷ୍ଟ କରିବା ଉଚିତ ନୁହେଁ । କାରଖାନା ପ୍ରତିଷ୍ଠା ଫଳରେ ନିକଟବର୍ତ୍ତୀ ଗ୍ରାମବାସୀମାନଙ୍କୁ ଯେପରି ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେଥିଲାଗି ପରିବେଶ ସୁରକ୍ଷା ପାଇଁ ସରକାର ଓ କାରଖାନା କର୍ତ୍ତୃପକ୍ଷମାନେ ବୃକ୍ଷରୋପଣ କରି ଗ୍ରାମ୍ୟଜଙ୍ଗଲ ସୃଷ୍ଟି କରିବା ବିଧେୟ । କିନ୍ତୁ କୌଣସି ଠାରେ କାରଖାନା ନିକଟରେ ଥିବା ଘଞ୍ଚ ଗ୍ରାମ୍ୟ ଜଙ୍ଗଲକୁ ନଷ୍ଟ କରାଯାଏ ନାହିଁ । ଦୁର୍ଭାଗ୍ୟର କଥା ଦୀର୍ଘ ବର୍ଷଧରି ଯେଉଁ ଗ୍ରାମ୍ୟ ଜଙ୍ଗଲକୁ ଗ୍ରାମବାସୀମାନେ ସୁରକ୍ଷା ବଳୟ ଭିତରେ ରଖିଥିଲେ । ତାହା କିନ୍ତୁ କେତେକ ମନ୍ଦ ଉଦ୍ଦେଶ୍ୟ ରଖି ରାଜନୈତିକ ଅଭିଳାଷ ଚରିତାର୍ଥ କରିବା ଏବଂ ଏହି ଜଙ୍ଗଲ ପ୍ରତି ଅବଦାନ ନଥିବା କେତେକ ଅଫିସର ଜଙ୍ଗଲ କଟା ଚକ୍ରାନ୍ତରେ ସାମିଲ ହୋଇଥିଲେ । ଏଥିସହ ଗାଁର କେତେକ ନ୍ୟସ୍ତସ୍ୱାର୍ଥ ରାଜନୈତିକ କର୍ମୀ ଜଙ୍ଗଲ ଧ୍ୱଂସକାରୀଙ୍କ ସହ ହାତ ମିଳାଇଥିଲେ । ଏହା ସବୁଠାରୁ ଦୁଃଖ ଓ ଲଜ୍ଜାକର ଘଟଣା ଥିଲା ଗ୍ରାମବାସୀମାନଙ୍କ ପାଇଁ । ଶିଳ୍ପ ବିଭାଗର ଇଡକୋ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଇଡକୋର ଅଫିସରମାନେ କିପରି ଚିନ୍ତା କରିପାରିଲେ ନାହିଁ ଏକ ରିଜର୍ଭ ଜଙ୍ଗଲ କିସମର ଗ୍ରାମ୍ୟ ଜଙ୍ଗଲକୁ କିପରି ଧ୍ୱଂସ କରି ସେଠାରେ ବିସ୍ଥାପିତମାନଙ୍କୁ ଥଇଥାନ କରାଯିବ । ଏଠାରେ ସାଧାରଣ ଭାବରେ ମନରେ କୌତୁହଳ ସୃଷ୍ଟିହୁଏ ଭୁବନେଶ୍ୱରର ବସ୍ତିବାସିନ୍ଦାମାନଙ୍କୁ ଉଚ୍ଛେଦ କରି ସଚିବାଳୟ ସମ୍ମୁଖ ଇନ୍ଦିରାପାର୍କର ସୌନ୍ଦର୍ଯ୍ୟ ଓ ବୃକ୍ଷଲତାକୁ ଧ୍ୱଂସକରି ସେମାନଙ୍କୁ ଅବସ୍ଥାପିତ କରାଯାଇ ପାରିବକି ? ଏହି ନ୍ୟାୟରେ ବିଚାର କରିବାକୁ ଗଲେ ଏହି ଘଞ୍ଚ ଗ୍ରାମ୍ୟ ଜଙ୍ଗଲ ନିକଟରେ ଓ ଆଖପାଖରେ ବିସ୍ତୀର୍ଣ୍ଣ ସରକାରୀ ଜାଗା ରହିଥିଲେ ମଧ୍ୟ ଜଙ୍ଗଲ ନ କାଟି ବିସ୍ଥାପିତ ମାନଙ୍କୁ ଥଇଥାନ କରିବା କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ନଥିଲା । ଏହି ସରକାରୀ ଜମିଗୁଡିକରୁ କେତେକ ଜମି ରାଜନୈତିକ କର୍ମୀଙ୍କ ଦ୍ୱାରା ଜବରଦଖଲ ହୋଇଥିବାରୁ କର୍ମୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜନୈତିକ ନେତାମାନଙ୍କ ପ୍ରରୋଚନାରେ ଇଡକୋର ଅଫିସରମାନେ ପରିବେଶ ସୁରକ୍ଷା କଥା ଚିନ୍ତା ନକରି ଚାହୁଁ ଚାହୁଁ ଘଞ୍ଚ ଜଙ୍ଗଲର ବିଶାଳକାୟ ବୃକ୍ଷଗୁଡିକୁ ଧରାଶାୟୀ କରିଦେଲେ । ରାଜନୈତିକ ପୃଷ୍ଠପୋଷକତାରେ ସ୍ୱାର୍ଥାନ୍ୱେଷୀ ସରକାରୀ ଅଫିସରମାନେ ଏହି ଅମାନବିକତା କାର୍ଯ୍ୟ କରିବାକୁ ପଛାଇ ନଥିଲେ । ଆଉ କେତେକ ସଚ୍ଚୋଟ ଓ ବିଚାରବନ୍ତ ଅଫିସର ରାଜନୈତିକ ଚାପରେ ମୁହଁ ଖୋଲି ନଥିଲେ । ଏଥିସହ ଭୟ ଓ ରାଜନୈତିକ ଆକ୍ରୋଶର ଶିକାର ହୋଇ ମୁଁହ ଖୋଲି ପାରିନଥିଲେ ଗ୍ରାମବାସୀମାନେ । ନିରବ ପ୍ରତିବାଦ ମଧ୍ୟ କରିବାର ଜୁ ନଥିଲା ଗ୍ରାମବାସୀଙ୍କର । ଜଙ୍ଗଲ ଧ୍ୱଂସ ପାଇଗଲା ବିସ୍ଥାପିତ ଲୋକମାନଙ୍କୁ ଥଇଥାନ କରାଗଲା । ଅପରପକ୍ଷରେ ପରିବେଶ ସୁରକ୍ଷା କଥା କହି ବୁଲୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନମାନେ କେବଳ ସେମାନଙ୍କର ସ୍ୱାର୍ଥରକ୍ଷା ଓ ଆର୍ଥିକ ସହାୟତା ମୋହରେ ନିଜକୁ ହଜାଇଦେବା ସହ ରାଜଧାନୀ ଓ ସହରର ଶୀତତାପ ନିୟନ୍ତ୍ରିତ ତାରକା ହୋଟେଲ କକ୍ଷରେ ସଭା ସମିତି କରିବା । ଆଉ ସରକାରଙ୍କର ତଥା ଜନସାଧାରଣଙ୍କର କଲ୍ୟାଣ ଲାଗି ଉଦ୍ଦିଷ୍ଟ କେତେକ କାର୍ଯ୍ୟକୁ ନିଜର ସ୍ୱାର୍ଥପାଇଁ ବିରୋଧ କରିବା ଆଜି ଅଭ୍ୟାସରେ ପରିଣତ ହୋଇଛି । ଆଜି ସରକାର ମଧ୍ୟ ତେଲିଆ ମୁଣ୍ଡରତେଲ ଦେବାପରି ଏହି ସଙ୍ଗଠନଗୁଡିକ ସହ ସାମିଲ ହୋଇ ସେମାନଙ୍କ ଦାବୀ ପୂରଣ କରୁଛନ୍ତି । ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଆଜି ବେଦାନ୍ତ କି ରାୟଗଡା ଷ୍ଟେରେଲାଇଟ୍ ପୋସ୍କୋ କମ୍ପାନୀ ସ୍ଥାପନ ବରୁଦ୍ଧରେ ପରିବେଶ ସୁରକ୍ଷା ନେଇ ଆନ୍ଦୋଳନ କରୁଥିବାବେଳେ ସୁକିନ୍ଦା-ଡୁବୁରୀ-ଦାନଗଦୀ ଅଞ୍ଚଳରେ ୧୯୬୦ ଦଶକରୁ ସୃଷ୍ଟି ହୋଇଥିବା ଗୁରୁତର ପରିବେଶ ସମସ୍ୟା ଏବଂ ଆଜି କାୟା ବିସ୍ତାର କରିଥିବା ଏହି ସମସ୍ୟା କଥା କୌଣସି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥା, ବ୍ୟକ୍ତି ବିଶେଷ କି ପରିବେଶ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିବା ଦୂରର କଥା ମୁହଁ ମଧ୍ୟ ଖୋଲି ନାହାନ୍ତି । ବର୍ତ୍ତମାନର ସ୍ଥିତି ନେଇ ନୁହେଁ ୧୯୫୦ ଦଶକରୁ ଖଣି, ଖାଦାନ କାର୍ଯ୍ୟ ଆରମ୍ଭ ଦିନଠାରୁ ଆଜି ପର୍ଯ୍ୟନ୍ତ କୌନସି ବ୍ୟକ୍ତି ବା ପରିବେଶ ବିତ୍ତ କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଘଞ୍ଚ ଜଙ୍ଗଲ ଅଞ୍ଚଳର ଏହି ଖଣି, ଖାଦାନ ଓ ଶିଳ୍ପାଞ୍ଚଳରେ ପରିଣତ ହୋଇଥିବା ଅଞ୍ଚଳଗୁଡିକର ସୁରକ୍ଷା ପାଇଁ ଆଗ୍ରହ ପ୍ରକାଶ କରିନାହାନ୍ତି କି ଆଜି ବି ମଧ୍ୟ ଆଗ୍ରହ ପ୍ରକାଶ କରିବା ଦେଖାଯାଏ ନାହିଁ । ତତକାଳୀନ ବିଶିଷ୍ଟ ରାଜନୈତିକ ନେତା ତଥା ବିଶିଷ୍ଟ ପରିବେଶବିତ୍ତ ସ୍ୱର୍ଗତ ବାଙ୍କବିହାରୀ ଦାସଙ୍କୁ ମଧ୍ୟ ଗ୍ରାମବାସୀମାନେ ପତ୍ର ଲେଖି କଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏହି କାରଣରୁ ସ୍ୱାଭାବିକଭାବେ କ୍ଷତିଗ୍ରସ୍ତ ଜନସାଧାରଣଙ୍କର ପରିବେଶ ସୁରକ୍ଷା ଲାଗି କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ପ୍ରତିକ୍ଷୋଭ ସୃଷ୍ଟି ହେବା ସ୍ୱଭାବିକ । ଆଜି ବି ସମୟ ଅଛି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ଜନସାଧାରଣଙ୍କର ପ୍ରକୃତ ସମସ୍ୟା ଅନୁଧ୍ୟାନ କରି ପ୍ରତିକାର ପାଇଁ ପଦକ୍ଷେପ ଗ୍ରହନ କରିପାରିଲେ ଲୋକମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିବେ ଏଥିରେ ତିଳେମାତ୍ର ସନ୍ଦେହ କରିବାର କିଛି ନାହିଁ ।

ଆଜି ଦାନଗଦୀ-ତ୍ରିଜଙ୍ଗା, ଧୁଳିଗଡ, ତେଲିବାହାଳି ମାନପୁର, ଜଖପୁରା, ମାଣତିରା, ଡୁବୁରୀ, ପଙ୍କପାଳ, ଗୋବରଘାଟି, ନଡିଆଭଙ୍ଗା ପଲ୍ଲୀଅଞ୍ଚଳ ପ୍ରଭୃତି ଅନେକ ଆଦିବାସୀ ଗ୍ରାମ ଓ ଗ୍ରାମବାସୀମାନେ ଶିଳ୍ପପୁଞ୍ଜିଦ୍ୱାରା କ୍ଷତିଗ୍ରସ୍ତ । ଏହି କ୍ଷତିଗ୍ରସ୍ତ ଗ୍ରାମଗୁଡିକର ସୁରକ୍ଷା ଓ ବିସ୍ଥାପିତମାନଙ୍କୁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇଦେବାରେ ସରକାର ଆଜି ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଜି ତ୍ରିଜଙ୍ଗା, ଧୂଳିଗଡ, ମାନପୁର, କଣ୍ଟିପୁର ଗ୍ରାମଗୁଡିକର ଗ୍ରାମ୍ୟ ଜଙ୍ଗଲକୁ ଯେପରିଭାବେ ଧ୍ୱଂସ କରାଯାଇ ବିସ୍ତାପିତ ମାନଙ୍କୁ ଥଇଥାନ କରାଗଲା ଓ ବର୍ତ୍ତମାନ କରାଯାଉଛି ଏହା ଫଳରେ ଆଜି ପରିବେଶ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜଙ୍ଗଲଧ୍ୱଂସ ହେବାପରେ ଶିଳ୍ପ ପ୍ରତିଷ୍ଠା କରିଥିବା ଶିଳ୍ପପତି, ସରକାର, ସରକାରୀ-କର୍ତ୍ତୃପକ୍ଷ, ରାଜନୈତିକଦଳଗୁଡିକର ନେତୃବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନ, ପରିବେଷ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ବିଭାଗ ନାଁ ଅଂଚଳବାସୀ କାହାରି ଆନ୍ତରିକତା ଦେଖାଯାଏ ନାହିଁ ଏହାର ପ୍ରତିକାର ପାଇଁ । ଶିଳ୍ପପୁଞ୍ଜି ନିକଟବର୍ତ୍ତୀ ଗ୍ରାମଗୁଡିକର ସୁରକ୍ଷା ପାଇଁ ଗ୍ରାମ୍ୟଜଙ୍ଗଲ ଧ୍ୱଂସ ପରେ ଗ୍ରାମ ଗୁଡିକର ଥିବା ଖୋଲ ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି କରିବା ଉଚିତ୍ ବୋଲି କେହି ଚିନ୍ତା ନ କରିବା ଦୁର୍ଭାଗ୍ୟର କଥା ।

ଭୁବନେଶ୍ୱର
ମୋ: ୯୪୩୮୬୩୯୪୫୩

## ସ୍ମାର୍ଟସିଟିରେ ବଢୁଛି ଗାଇ-ଗୋରୁ, ମଇଁଷି, ବୁଲାକୁକୁର ଓ ଘୁଷୁରୀଙ୍କ ପାର୍ଦୁଭାବ

# ଲାଗିରହୁଛି ଦୁର୍ଘଟଣାର ଆଶଙ୍କା ଓ ଟ୍ରାଫିକ ସମସ୍ୟା







ରାଉରକେଲା, (ପିପିଏସ୍): ଶିଳ୍ପ ସହର ରାଉରକେଲାର ପୌରାଞ୍ଚଳ ଅନେକ ବର୍ଷରୁ ମହାନଗର ନିଗମର ମାନ୍ୟତା ପାଇସାରିଛି। ଏହା ପରେ ପରେ ଏହାକୁ ମିଳିଛି ସ୍ମାର୍ଟସିଟିର ମଧ୍ୟ ମାନ୍ୟତା। ହେଲେ ଯେଉଁ ଆଧାରରେ ସ୍ମାର୍ଟ ସିଟିର ମାନ୍ୟତା ମିଳିଛି ଏବଂ ଏହି ମାନ୍ୟତା ପରେ ସହରର ଯେପରି ସ୍ଥିତି କେତେକ କ୍ଷେତ୍ରରେ ରହୁଛି, ତାକୁ ଯଦି ଅନୁଧ୍ୟାନ କରାଯାଏ ତେବେ ରାଉରକେଲା ବାବଦରେ ପ୍ରଦର୍ଶନ କରାଯାଉଥିବା ଚିତ୍ର ଏବଂ ବାସ୍ତବତା ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଅନୁଭୂତ ହୁଏ। ସେଥିମଧ୍ୟରୁ ଗୋଟିଏ କ୍ଷେତ୍ର ହେଲା ରାସ୍ତାଘାଟ। ରାସ୍ତାଘାଟର ସ୍ଥିତି ମହାନଗର ନିଗମ ଓ ସ୍ମାର୍ଟ ସିଟି ହେବାର ବହୁ ବର୍ଷ ଯାଏଁ ଠିକ୍ ନଥିବା, ବର୍ଷ ବର୍ଷ ଧରି କାମ ଚାଲୁଥିବା ସତ୍ତ୍ୱେ ସୁଧୁରୁ ନଥିବା ଏବଂ ରାଉରକେଲାର ଭାଗ୍ୟକୁ ବିଶ୍ୱକପ୍ ହକିର ଦ୍ୱିତୀୟ ଷ୍ଟାଡିୟମ୍ ଏଠାରେ ହେବାପରେ ହକି ପୂର୍ବରୁ ରାସ୍ତାଘାଟ ଠିକ୍ କରାଯିବା ଲକ୍ଷ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଇ ରାସ୍ତାଘାଟ ସୁଧାରି ଦିଆଗଲା। ରାସ୍ତାଘାଟ ସୁଧୁରିଗଲା ସିନା, ହେଲେ ରାସ୍ତାଘାଟରେ ସୁଗମ ଟ୍ରାଫିକ୍ ବ୍ୟବସ୍ଥା ଏଯାଏଁ ହୋଇ ପାରୁନାହିଁ। ତାର ମୁଖ୍ୟକାରଣ ହେଉଛି, ରାସ୍ତାଘାଟରେ ଗାଇଗୋରୁ, ମଇଁଷି, ଘୁଷୁରୀ ଓ ବୁଲା କୁକୁରଙ୍କ ପାର୍ଦୁଭାବ। ଏହି ପ୍ରାଣୀ ମାନଙ୍କ ଯୋଗୁଁ ସଡ଼କ ପଥରେ ଚଳାଚଳ କରୁଥିବା ଯାନବାହନ ଚାଳକ କେବଳ ଅସୁବିଧାରେ ପଡୁନାହାନ୍ତି। ବିଭିନ୍ନ ସମୟରେ ହେଉଛି ଦୁର୍ଘଟଣା। ଧନଜୀବନ ନଷ୍ଟ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ନ ହେଉଛି ନୁହେଁ; ହେଲେ ଏହି ପ୍ରକ୍ରିୟା ବଳବତ୍ତର ରହୁ ନଥିବାରୁ ସମସ୍ୟା ଲାଗି ରହୁଛି।

ରାଉରକେଲାର ମୁଖ୍ୟମାର୍ଗ (ମେନ୍ ରୋଡ଼)ହେଉ କି ବିଭିନ୍ନ ଜନବସତି(କଲୋନୀ)ର ଆଭ୍ୟନ୍ତରୀଣ ସଡ଼କ, ଇସ୍ପାତ କାରଖାନା ଅଧୀନରେ ରହୁଥିବା ଶିଳ୍ପ ସହରାଞ୍ଚଳ ହେଉ କି ମହାନଗର ନିଗମ ଅଧୀନସ୍ଥ ଅଞ୍ଚଳ, ସବୁଆଡ଼େ ଗାଇଗୋରୁ ମଇଁଷିଙ୍କ ପ୍ରକୋପ ଦେଖିବାକୁ ମିଳୁଛି। ଏପରିକି କେତେକ ଅଞ୍ଚଳକୁ ଦିନତମାମ ମଇଁଷିମାନେ କବଳିତ କରି ରଖୁଥିବା ନଜରକୁ ଆସିଛି । ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଗୁଡ଼ିକୁ ରୋକାଯାଇପାରୁନାହିଁ । ତେଣୁ ଅକାଳରେ ବହୁ ଧନଜୀବନ ହାନି ହେବାର ଦୃଷ୍ଟାନ୍ତ ମଧ୍ୟ ନଜରକୁ ଆସିଛି । ଏଭଳି ପରିସ୍ଥିତିରେ ଉଭୟ ଆର୍ଏସ୍ପି ଓ ପୌର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବା ସତ୍ତ୍ୱେ କ୍ଷେତ୍ର ସ୍ତରରେ ଏହା ଅନୁଭୂତ ହେଉନାହିଁ। ଏଥିପାଇଁ ବିଭିନ୍ନ ମହଲରେ ଅସନ୍ତୋଷ ଲାଗି ରହୁଛି। ଏହି ବୁଲା ମଇଁଷିମାନେ ଭୋର୍ ସମୟରୁ ବାହାରକୁ ଚାଲିଆସୁଛନ୍ତି ଏବଂ ଅବାଧରେ ଏଣେତେଣେ ବିଚରଣ କରୁଛନ୍ତି । ରାସ୍ତା ପାର ହେଉଛନ୍ତି । ଗାଡି ଚାଳକ ହର୍ଣ୍ଣ ବଜାଇଲେ ମଧ୍ୟ ସେମାନେ ଘୁଞ୍ଚୁନାହାନ୍ତି। ବ୍ୟସ୍ତବହୁଳ ସହରରେ ଏମାନଙ୍କ ଅବାଧ ବିଚରଣ ଉଭୟ ପ୍ରଶାସନର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଗୋରୁ ମଇଁଷି ଧରିବା ପାଇଁ ବ୍ୟବସ୍ଥା ରହିଛି, ହେଲେ ବ୍ୟବସ୍ଥାର ସୁବିନିଯୋଗ ପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମଇଁଷିଙ୍କ ଅବାଧ ବିଚରଣ ଯୋଗୁଁ ରିଂ ରୋଡ଼ ଦିନକୁ ଦିନ ବିପଦଜ୍ଜନକ ହୋଇପଡୁଛି। ଲୋକେ ଯାତାୟତ ପାଇଁ ସୁରକ୍ଷିତ ମଣୁନାହାନ୍ତି । ବିମାନ ବନ୍ଦର ଛକରୁ ସେକ୍ଟର-୨ ଛକ ପର୍ଯ୍ୟନ୍ତ ରାସ୍ତାରେ ଏଭଳି ବେଶୀ ହେଉଛି। ବିପିୟୁଟି(ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟ) ମେନ ଗେଟ୍ ସମ୍ମୁଖ ଏବଂ ସେଇ ପାଖରେ ଥିବା ଅଭିଜ୍ଞାନ ଛକ ନିକଟରେ ରାତି ୧୧ଟା ପରଠୁ ସକାଳ ଯାଏଁ ପଲ ପଲ ଗାଇ ଗୋରୁ ରହୁଛନ୍ତି। ବିଶ୍ରା ଛକ, ଟ୍ରାଫିକ୍ ଗେଟ ଛକ, ଡେଲିମାର୍କେଟ ଇତ୍ୟାଦି ଅଞ୍ଚଳରେ ଗାଇଗୋରୁ ଓ ଷଣ୍ଢଙ୍କ ଦୌରାତ୍ମ୍ୟ ଲାଗିରହୁଛି। ରେଳଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ ଏବଂ ମାଲଗୋଦାମ, ରେଲୱେ କଲୋନୀ ରାସ୍ତାରେ ମଧ୍ୟ ଗାଇଗୋରୁ, କୁକୁର, ମଇଁଷି, ଘୁଷୁରୀଙ୍କ ଉପସ୍ଥିତି ଅଧିକାଂଶ ସମୟରେ ଲାଗିରହୁଛି। ରେଳଷ୍ଟେସନର ଦ୍ୱିତୀୟ ପ୍ରବେଶପଥ ଅଞ୍ଚଳ ଏମାନଙ୍କ ଯୋଗୁଁ ଦୁର୍ଗନ୍ଧ ଓ ପ୍ରଦୂଷିତ ହୋଇରହୁଛି। ସେକ୍ଟରର ବିଭିନ୍ନ କଲୋନୀ ଅଞ୍ଚଳରେ ମଇଁଷି ମାନେ ଆଡ୍ଡା ଜମାଉଛନ୍ତି। ମାଲିକମାନେ ଗାଇଗୋରୁ, ମଇଁଷିଙ୍କୁ ବିଭିନ୍ନ ସମୟରେ ବିଶେଷ କରି ସକାଳ ପାହିଲେ, ଖୋଲିଦେଇ ନିଶ୍ଚିନ୍ତରେ ଘରେ ବସିଯାଉଛନ୍ତି । ମଇଁଷିଗୁଡ଼ିକର ଦେଖାରଖା ପାଇଁ କୌଣସି ମହିଷାଳ ନିଯୁକ୍ତ ରହୁନଥିବାରୁ ସେମାନେ ଏଣେ ତେଣେ ଘୁରି ବୁଲୁଛନ୍ତି । ଗାଡ଼ି ମଟର ଯାତାୟତ କରୁଥିଲେ ମଧ୍ୟ ସେମାନଙ୍କୁ ଖାତିର ନ କରି ସେମାନେ ରାସ୍ତା ପାର ହେଉଛନ୍ତି। ଦ୍ୱନ୍ଦ୍ୱରେ ପଡି ଅନେକ ସମୟରେ ଗାଡ଼ିଚାଳକ ତଥା ବିଶେଷ କରି ବାଇକ୍ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗାଇଗୋରୁ ଓ ମଇଁଷିଙ୍କ ପାଇଁ ମହାନଗର ନିଗମ ପକ୍ଷରୁ ପାନପୋଷ ବାଲୁଘାଟରେ କାଞ୍ଜିଆହୁଦା କରାଯାଇଛି। କିନ୍ତୁ ଆର୍ଏସ୍ପି ଅଞ୍ଚଳରୁ ମହାନଗର ନିଗମ କର୍ମଚାରୀ ଗୋରୁ ମଇଁଷି ଧରୁନାହାନ୍ତି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ଲାଗିରହୁଛି। ଅତୀତରେ ଡ. ସନକ ମିଶ୍ରଙ୍କ ଅମଳରେ ଶିଳ୍ପ ସହରାଞ୍ଚଳରେ ତଥା ବିଶେଷକରି ଆରଏସ୍ପି କ୍ୱାର୍ଟର୍ସରେ ଗାଇଗୋରୁ ରଖିବା ନେଇ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଫଳରେ ବହୁ ଗାଇଗୋରୁ, ମଇଁଷି ରଖି ବ୍ୟବସାୟ କରୁଥିବା ଅନେକ ଲୋକ ପ୍ରାଣୀ ମାନଙ୍କୁ ବିକ୍ରି କରି ଦେଇଥିଲେ। ବହୁ ଗୁଆଲା ନିଜ ପ୍ରାଣୀମାନଙ୍କ ସକାଶେ ସେକ୍ଟର ଅଞ୍ଚଳ ବାହାରେ ବ୍ୟବସ୍ଥା କରିଥିଲେ ଏବଂ ଅନେକେ ପ୍ରାଣୀ ମାନଙ୍କ ସହ ନିଜେ ମଧ୍ୟ ବାହାରକୁ ଯାଇ ରହି ଯାଇଥିଲେ। ଦୂରରେ ଜାଗା ନେଇ ଖଟାଲ କରିଥିଲେ। ଡ.ସନକ ମିଶ୍ର ଯିବା ପରେ ପରେ ପୁଣି ଆର୍ଏସ୍ପିର ବିଭିନ୍ନ ଅଞ୍ଚଳରେ ଖଟାଲମାନ ଭର୍ତ୍ତି ହୋଇ ଯାଇଛି। ଜମି ଜବରଦଖଲ କରି ଖଟାଲ ଓ ରହିବା ବ୍ୟବସ୍ଥା ସହ ସେମାନେ ବିଜୁଳି,ପାଣିର ପ୍ରାପ୍ୟ ନ ଦେଇ କ୍ଷୀର ବ୍ୟବସାୟ କରି ମହିଷାଳମାନେ ନିଜ ନିଜର ଜୀବିକା ନିର୍ବାହ କରୁଛନ୍ତି । ମାତ୍ର ସହରର ସାମୂହିକ ସ୍ୱାର୍ଥକୁ ଭୁଲି ଯାଉଛନ୍ତି । ଫଳରେ ଟ୍ରାଫିକ୍ ସମସ୍ୟା,ପ୍ରଦୂଷଣ ସୃଷ୍ଟି ହେଉଛି ।

ସେହିପରି ବୁଲା କୁକୁରଙ୍କ ବଂଶ ବଢ଼ିବାରେ ଲାଗିଛି। ସହରର ପ୍ରାୟ ସମସ୍ତ ସାହି,ବସ୍ତି,କଲୋନୀ ଅଞ୍ଚଳରେ ଦଳଦଳ ବୁଲା କୁକୁର ରହୁଛନ୍ତି। ବିଭିନ୍ନ ଅଞ୍ଚଳରେ ବିଳମ୍ବିତ ରାତିରେ ବୁଲା କୁକୁର ଗୁଡ଼ିକ ଗାଡ଼ିମଟରକୁ ଗୋଡ଼ାଉଛନ୍ତି। ସହରରେ ବିପୁଳ ବ୍ୟୟରେ ବଂଶ ହ୍ରାସ ସକାଶେ କୁକୁର ବନ୍ଧ୍ୟାକରଣ କରାଯିବାକୁ ପ୍ରକଳ୍ପ ହୋଇଛି। ହେଲେ ପ୍ରକଳ୍ପର ବିଫଳତା ଯୋଗୁଁ କୁକୁର ସଂଖ୍ୟା ବଢ଼ିବାରେ ଲାଗିଛନ୍ତି। ବୁଲା କୁକୁର ବଂଶ ହ୍ରାସ ପାଉନଥିବାରୁ ବନ୍ଧ୍ୟାକରଣ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଏବଂ ପ୍ରକଳ୍ପ ପାଣ୍ଠି ହରିଲୁଟ ହୋଇଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି।

ସେହିପରି ଉଭୟ ସହରାଞ୍ଚଳର ଅନେକ ସ୍ଥାନରେ ଆବର୍ଜନା ଜମି ରହୁଥିବା, ଡ୍ରେନ ସଫା ହେଉନଥିବାରୁ ଘୁଷୁରୀଙ୍କ ଦୌରାତ୍ମ୍ୟ ଲାଗିରହୁଛି। ପ୍ରଦୂଷଣ ଯୋଗୁଁ ରାଉରକେଲାରେ ଡେଙ୍ଗୁ, ମେଲେରିଆ ଓ ଅନ୍ୟାନ୍ୟ ସଂକ୍ରମଣ ବିଭିନ୍ନ ସମୟରେ ଲାଗିରହୁଛି। ଏବେ ବିଶ୍ୱ କପ୍ ସକାଶେ ସମସ୍ତ ରାସ୍ତାଘାଟର ପ୍ରଶସ୍ତିକରଣ ପ୍ରକ୍ରିୟା ସରିଛି ସତ; ହେଲେ ତରବରିଆ କାମ ଓ ପେଭର ବ୍ଲକ ବିଛା କାମରେ ସ୍ୱଚ୍ଛତା ରହିନଥିବାରୁ ଡ୍ରେନ ଗୁଡ଼ିକ ଅବହେଳିତ ହୋଇଯାଇଛି। ବର୍ଷା ଆସିଲେ ବର୍ଜ୍ୟଜଳ ନିଷ୍କାସନ ସମସ୍ୟା ସହରରେ ବଢ଼ିବା ସ୍ପଷ୍ଟ ବାରି ହୋଇପଡୁଛି।

ଏଭଳି ପରିସ୍ଥିତିରେ କୌଣସି ବଡ଼ ଧରଣର ସଂକ୍ରମଣ, ଅଘଟଣ ଘଟିବା ପୂର୍ବରୁ ଉଭୟ ଆରଏସ୍ପି ଓ ପୌର ପ୍ରଶାସନ ପ୍ରଶାସନ ସଜାଗ ହେବାସହ ଏମାନଙ୍କ ଉପରେ ରୋକ୍ ଲଗାଇବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ଏଥିସହ ଏହା ଶିଳ୍ପ ସହରାଞ୍ଚଳରେ ପ୍ରଦୂଷଣର କାରଣ ସାଜିବା ସହ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ କରିବାରେ ଲାଗିଛି । ତେଣୁ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଅସହ୍ୟ ହେଲାଣି ବାଲି ମାଫିଆଙ୍କ ଦୌରାତ୍ମ୍ୟ

# ବାଦ୍ ପଡ଼ିଲାନି ବିରଜାଦେବୀଙ୍କ ଜମି





ଯାଜପୁର, (କୈଳାଶ ନାୟକ): ବାଲି, ମାଟି, ମୋରମ ଓ ପଥର ମାଫିଆଙ୍କ ଦୌରାତ୍ମ୍ୟ ଯାଜପୁର ଜିଲ୍ଲାରେ ବଢି ବଢି ଚାଲିଛି । ସରକାରୀ ହେଉ କି ବେସରକାରୀ, ଗୋଚର ହେଉ କି ଜଙ୍ଗଲ ଜମି କାହାକୁ ଛାଡୁନାହାଁନ୍ତି ମାଫିଆ ମାନେ । ସ୍ଥାନୀୟ ତହସିଲ ଅଫିସ, ପୋଲିସ, ଜଙ୍ଗଲ, ପରିବେଶ, ଜଳସଂପଦ, ବିଭାଗର ଅସାଧୁ ଅଧିକାରୀଙ୍କୁ ହାତ କରି ଏବଂ ମୋଟା ଲାଞ୍ଚ ଦେଇ ସବୁ କିଛି ନିୟମକାନୁନକୁ ମୋଡିମକଚି ମାଫିଆ ମାନେ ମନଇଚ୍ଛା ବେଆଇନ କାର୍ଯ୍ୟ କରୁଛନ୍ତି। ରାଜସ୍ୱ ଲୁଟୁଛନ୍ତି, ପରିବେଶକୁ ଧ୍ୱଂସ କରୁଛନ୍ତି, ରାସ୍ତାଘାଟକୁ ନଷ୍ଟ କରୁଛନ୍ତି ଓ ଜନ ସାଧାରଣଙ୍କ ଜୀବନ ଜୀବିକାକୁ ମଧ୍ୟ ପ୍ରଭାବିତ କରୁଛନ୍ତି । ଏପରିକି ଚାରଣ ଭୂଇଁ ଗୁଡିକୁ ସଫା କରିଦେବା ଦ୍ୱାରା ପଶୁପକ୍ଷୀ ମାନେ ପେଟକୁ ଗଣ୍ଡେ ଦାନା ପାଉନାହାଁନ୍ତି । ରକ୍ଷକ ଏଠି ଭକ୍ଷକ ସାଜୁଛି । ରାଜନେତା ମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ବିରୋଧି ଦଳ ଗୁଡିକ ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି । ଜିଲ୍ଲାର ବଡଚଣା, ସୁକିନ୍ଦା, ଦାନଗଦୀ, କୋରେଇ, ଯାଜପୁର, ଦଶରଥପୁର ଅଂଚଳରେ ମାଟି ମାଫିଆ ମାନେ କାନୁନକୁ ହାତକୁ ନେଇଗଲା ଭଳି ଲାଗୁଛି । ଏମାନଙ୍କୁ ପ୍ରତିବାଦ କଲେ ପୋଲିସ ଲଗାଇ ମିଛ ମାମଲା, ମରଣାନ୍ତକ ଆକ୍ରମଣ ଏପରିକି ବାସନ୍ଦ କରିଦେବାରେ ମଧ୍ୟ ଏମାନେ ସଫଳ ହେଉଛନ୍ତି । ବଡ ବଡ ରାଜ୍ୟ ବାହାରର ଠିକାଦାର ମାନେ ସ୍ଥାନୀୟ ମାଫିଆଙ୍କୁ ଧରି ଜଙ୍ଗଲ ଜମି ଓ ଚାରଣ ଭୂଇଁକୁ ବେଆଇନ ଭାବେ ଖୋଳୁଛନ୍ତି। ଅଭିଯୋଗ ହେଲେ କି ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ତହସିଲ ଅଫିସ ନାମକୁ ମାତ୍ର ଅଳ୍ପ କିଛି ଟଙ୍କା ଜରିମାନା କରିଦେଇ ନିଜର ପାରିବାରପଣିଆକୁ ଜାହିର କରୁଛି । ମାଫିଆଙ୍କର ମନୋବଳ ଏତେ ବଢିଯାଇଛି ଯେ ଦଶରଥପୁର ତହସିଲ ଅଂଚଳର ତଥା ଯାଜପୁର ସହର ଉପକଣ୍ଠ ଅକରପଡା ପଂଚାୟତରେ ଏମାନେ ଦେବୀ ବିରଜାଙ୍କ ଜମିକୁ ମଧ୍ୟ ତାଡି ଗାଡିଆ କରିଦେଇଛନ୍ତି । ଏହି ପଂଚାୟତର ବଡଦୋଗଡା, ଖୁରୁବିଲ, ସାନଦୋଗଡା ମୌଜାରେ ଥିବା ବିରଜାମନ୍ଦିର ମାଲିକାନା ଅଧିନସ୍ଥ ଖାତା ନଂ ୫୮୫୯ ଓ ୬୨ ର ପ୍ଲଟ ନଂ ୪୭୯, ୪୮୬, ୫୦୭, ୫୦୬, ୬୭୫ ଇତ୍ୟାଦି ସମେତ ହେବାକୁ ଯାଉଥିବା ୨୦ ନଂ ଜାତୀୟ ରାଜପଥର ଅଧିଗ୍ରହଣ ହୋଇସାରିଥିବା ଜମିର ଦୋଗଡା ମୌଜାର ୧୫୭ ଓ ଖୁରବିଲ ମୌଜାର ୬୧ ନଂ ଖାତା ଜମିରୁ ଶହ ଶହ ଟ୍ରିପ ମାଟି ଖୋଳି ନିଆଯାଇଛି । ଜେସିବି ମେସିନ ଲଗାଇ ଟ୍ରାକ୍ଟରରେ ଦିନରାତି ଏହି ମାଟି ଖନନ କାର୍ଯ୍ୟ ଚାଲିବା ନେଇ ତହସିଲ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଗ୍ରାମବାସୀ ମାନେ ଅଭିଯୋଗ କରିବା ପରେ ବି କୌଣସି ସୁଫଳ ମିଳିନାହିଁ । ଓଲଟି ଅଭିଯୋଗକାରୀଙ୍କ ନାମକୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀ ମାଫିଆ ମାନଙ୍କୁ ସୂଚାଇଦେବା ଦ୍ୱାରା ସେମାନଙ୍କ ପକ୍ଷରୁ ଅଭିଯୋଗକାରୀଙ୍କୁ ଅଲଗା ଅଲଗା ଭାବେ ଧମକ ଦିଆଯାଉଥିବା ର ମଧ୍ୟ ଜଣାପଡିଛି । ତେବେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମର ସୁଶାନ୍ତ ରାଉତରାୟ, ଗୌତମ ନାୟକ, ଶରତ ରାଉତ, କପିଳ ବେହେରା, ନିରଞ୍ଜନ ନାୟକ, ଭବାନୀ ରାଉତରାୟ, ନିରଞ୍ଜନ ରାଉତରାୟ, ଭାଗିରଥି ନାୟକ, ଗଙ୍ଗାଧର ନାୟକଙ୍କ ସମେତ ବହୁ ଲୋକ ମାଟି ଲୁଟ କରୁଥିବା ବ୍ୟକ୍ତି ଓ ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି । ଉଲ୍ଲେଖଯୋଗ୍ୟ ଏହିକି ଯେ ସଂପ୍ରତି ଯାଜପୁର-ବିଂଝାରପୁର ରାସ୍ତାର ଜାଉଁଳିବନ୍ଧ ଠାରୁ କପାସି ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାକୁ ଦୋହରାକରଣ କରାଯାଉଛି । ଏହି ମାଟିକୁ ଏ ସବୁ ଅଂଚଳରେ ଆଣି ଫିଲିଂ କରାଯାଉଥିବା ବେଳେ ମାଟି ଖନନ ଏବଂ ଉତ୍ତୋଳନ ପାଇଁ କୌଣସି ଅନୁମତି ନଥିବା ମଧ୍ୟ ଅଭିଯୋଗ ହୋଇଛି ।



# କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ବୈଠକ




ବଲାଙ୍ଗିର, (ପିପିଏସ୍): କୋସଲ ରାଜ୍ୟ ସମନ୍ୱୟ ସମିତିର ଏକ ଜରୁରୀ କେନ୍ଦ୍ରୀୟ ସାଧାରଣ ବୈଠକ ବଲାଙ୍ଗିର ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରେମାଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ କେନ୍ଦ୍ରୀୟ ମୁଖ୍ୟ ସଂଯୋଜକ ପ୍ରଶାନ୍ତ ମାଝୀ ସଂଯୋଜନା କରିଥିଲେ । ବୈଠକର ପ୍ରାରମ୍ଭରେ ଦିବଙ୍ଗତ କୋସଲବାଦୀ ନେତା କେଦାରନାଥ ପଟେଲ ଓ ବେଣୁ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକେର ଆଗାମୀ ଦିନେର ସଠିକ୍ ବିଚାରଧାରା ରଖିଥିବା ସବୁ କୋସଲବାଦୀମାନଙ୍କୁ ଆଗାମୀ ଦିନେର ଗୋଟିଏ ମଂଚେର ରଖି ତଥା ଶୃଙ୍ଖଳିତ ଓ ଆତ୍ମତ୍ୟାଗୀ ଯୁବ ନେତୃତ୍ୱମାନଙ୍କୁ ସାମ୍ନାକୁ ଆଣି କୋସଲ ରାଜ୍ୟ ମୁକ୍ତି ପାଇଁ ଏକ ବୃହତ ଜନ ଆନ୍ଦୋଳନ ପୁନଃ ସଂଗଠିତ କରିବାକୁ ନିଷ୍ପତ୍ତି କରାଯାଇଥିଲା । ଏହାଛଡା କେନ୍ଦ୍ରୀୟ ସଂଗଠନର ନେତୃତ୍ୱମଣ୍ଡଳୀର ସଂପ୍ରସାରଣ ଓ ଆଦର୍ଶଗତ ଶିକ୍ଷାଶିବୀର ମାନ କରାଯିବାକୁ ମଧ ନିଷ୍ପତ୍ତି କରାଯାଇଥିଲା । ଆଗାମୀ ଏପ୍ରିଲ ୧ କୁ ପ୍ରତିବର୍ଷ ଭଳି ଏବର୍ଷ ମଧ କଳା ଦିନ ହିସାବେର ପାଳନ କରିବାକୁ ଏହି ବୈଠକରେ ସ୍ଥିର କରାଯାଇଥିଲା । ଉପସ୍ଥିତ କୋସଲବାଦୀ ନେତୃମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇ କୋସଲବାଦୀ ନେତା ପ୍ରେମାଦ ମିଶ୍ର ଆଗାମୀ ଏପ୍ରିଲ ୧ କୁ ସମଗ୍ର କୋସଲବାସୀ ଘେର ଘେର କଳା ଦିନ ହିସାବେର ପାଳନ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଏହାଛଡା ଯେଉଁମାନେ ବାସ୍ତବରେ କୋସଲ ପ୍ରତି ସମର୍ପିତ ସେଭଳି କୋସଲବାଦୀ ସଂଗଠନମାନେ ଏକଜୁଟ ହୋଇ ଏହି କଳାଦିନ ପାଳନକୁ ବ୍ୟାପକ କରନ୍ତୁ ବୋଲି ସେ ନବିେଦନ କରିଥିଲେ । ଯେଉଁମାନେ ନିଜର ରାଜେନୈତିକ କେରିଅର କିମ୍ବା ଆର୍ଥୀକ ଆବଶ୍ୟକତା ପାଇଁ କୋସଲ ଅାନ୍ଦୋଳନକୁ ବ୍ୟବହାର କିମ୍ବା ନିନ୍ଦିତ କରୁଛନ୍ତି ସେଭଳି ଲୋକଙ୍କୁ ଦୃଢ ଜବାବ୍ ଦେବାକୁ ସେ କୋସଲ ଅାନ୍ଦୋଳନକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ବିପ୍ଳବର ମିଥ୍ୟା ପ୍ରଚାର କିମ୍ବା ଚିରିତ୍ର ସଂହାରର ସ୍ଥାନ ନ ଥାଏ ତେଣୁ ଯେଉଁମାନେ ବାସ୍ତବରେ କ୍ରାନ୍ତିକାରୀ ସେମାନେ ଏଭଳି ବ୍ୟକ୍ତିମାନଙ୍କଠାରୁ ଦୂରେଇ ରହନ୍ତୁ ବୋଲି କହିବା ସହ କୋସଲ ଅଞ୍ଚଳରେ ରହି ଯେଉଁମାନେ କୋସଲ ଆନ୍ଦୋଳନର କ୍ଷତି କରିଛନ୍ତି କିମ୍ବା କରୁଛନ୍ତି ସେଭଳି ବ୍ୟକ୍ତିମାନଙ୍କୁ ଖୁବ୍‌ଶୀଘ୍ର ଦୃଢ ଜବାବ୍ ଦିଆଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଥିଲେ । ଏହି ବୈଠକେର କେନ୍ଦ୍ରୀୟ ଉପାଧ୍ୟକ୍ଷ ମେନାରଂଜନ ସିଂ ବରିହା, ସଂଗଠକ ବିଭୁଦତ୍ତ ମିଶ୍ର, କଶିୋର ହୋତା, ଡୋଳାମଣି ପ୍ରଧାନ, ରାମଚନ୍ଦ୍ର ଅମାତ, ସୁବେଦାର ଲଳିତ କୁମାର ସାହୁ, ପ୍ରେମାଦ ଝାଙ୍କର, ଗୌରୀ ତନ୍ତୀ, ଆଶ୍ରୟ ମହାନନ୍ଦ, ରଣରାଜ ସିଂଦେଓ, ଶରତ କୁମାର ହୋତା, ଦୀପକୁ କୁମାର ରଥ, କିଶୋର ପୁରୋହିତ, ରବି ଶଙ୍କର ମିଶ୍ର, ଗିରିଶ ଚନ୍ଦ୍ର ମାଝି, ସୁରେଶନ ବହିଦାର, ଶାନ୍ତନୁ କୁମାର ବୁଧିଆ, ପ୍ରସନ୍ନ ନେଗୀ, ପ୍ରଭାସ ମିଶ୍ର, ଅଭିଳାଷ ଭୋଇ ଙ୍କ ସେମତ ବହୁ ସଂଗଠକ ଯୋଗ ଦେଇଥିଲେ ।

# ମୟୂରଭଞ୍ଜ ଜିଲ୍ଲା ମୋରଡ଼ାରେ ସର୍ବାଧିକ ୫୪.୦ ମି.ମି. ବର୍ଷା ରେକର୍ଡ଼

ମୟୂରଭଞ୍ଜ : ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ମୋରଡ଼ାରେ ସର୍ବାଧିକ ୫୪.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ମାଲକାନଗିରି ଜିଲ୍ଲାର ପଡ଼ିଆରେ ୩୫.୨ ମି.ମି., ବାଲେଶ୍ୱର ଜିଲ୍ଲା ରେମୁଣାରେ ୨୫.୦, କୋରାପୁଟ ଜିଲ୍ଲା ଲମତାପୁଟରେ ୨୨.୪, ନବରଙ୍ଗପୁର ଜିଲ୍ଲା ଝରିଗାଁରେ ୧୮.୪, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିରେ ୧୭.୨, କୋରାପୁଟ ଜିଲ୍ଲା ପଟାଙ୍ଗିରେ ୧୭.୨, କେନ୍ଦୁଝର ଜିଲ୍ଲାର ହାଟଡିହିରେ ୧୧.୧, ବାଲେଶ୍ୱର ଜିଲ୍ଲାର ବାହାନଗାରେ ୧୦.୦ ଏବଂ ଭଦ୍ରକ ଜିଲ୍ଲାର ବନ୍ତରେ ୧୦.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦ ନିଷ୍ପତ୍ତି ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ



ରାଉରକେଲା(ପିପିଏସ): ଗୁଜୁରାଟର ସୁରଟରେ ଏକ ନିମ୍ନ ଅଦାଲତ ଗୋଟିଏ ମାନହାନୀ ମୋକଦ୍ଦମାର ବିଚାର କରି ରାହୁଲ ଗାନ୍ଧୀଙ୍କ ବିପକ୍ଷରେ ରାୟ ଦେବା ପରେ ଯେପରି ତରବର ଭାବେ ରାହୁଲଜୀଙ୍କ ସାଂସଦ ସଭ୍ୟ ପଦକୁ ରଦ୍ଦ କରାଯାଇଛି ସେନେଇ ଦେଶ ତମାମ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାନପୋଷ ଛକ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥାପୂର୍ବତନ ଜ୍ଲିଲା କଂଗ୍ରେସ ସଭାପତି, ପିସିସି ସଭ୍ୟ ବିରେନ ସେନାପତି, ଅନ୍ୟତମ ପ୍ରାକ୍ତନ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ସବୀର ହୁସେନ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ରଶ୍ମିରଞ୍ଜନ ପାଢୀ, କୈଳାସ ଚନ୍ଦ୍ର ସାହୁ, ପ୍ରଭାତୀ ମିଶ୍ର,ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, ରାଜେଶ ଟପ୍ପୋ,ସରୋଜ ଲେକ୍ସା, ଇଜାଜ ଅଖତର, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଇନ୍‌ଟକ ସଭାପତି ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ,ବ୍ଲକ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ,ବିଜୟ ଆପଟ ପ୍ରମୁଖ ଉପସ୍ଥିତ ରହି ମୋଦି ସରକାରର ଆକ୍ରୋଶମୂଳକ ନୀତି ଉପରେ ଆଲୋଚନା କରିଥିଲେ । ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ , ସମ୍ପାଦକ ସୁନୀଲ ସିଂହ, ଧର୍ମେନ୍ଦ୍ର ପରମାର, ପ୍ରତିମା ପାଣିଗ୍ରାହୀ, ଭାସ୍କର ଖିଲ୍ଲାର, ଗଜେନ୍ଦ୍ର ତନ୍ତୀ, ପି. କେ. ଦାସ, , ଗୀତା ସିଂ, ପ୍ରତିମା ପାଣିଗ୍ରାହୀ, ମାତା ପ୍ରସାଦ ଜୟସ୍ୱାଲ, ବିଶ୍ୱରଞ୍ଜନ ରାଉତ, ବୁଲୁ ଦାସ, ବିଜୟ ସାହୁ, ପ୍ରତାପ ସାହୁ, ନରେନ୍ଦ୍ର ବର୍ମା, ଶିବୁ ଓରାମ,ମହମଦ ଗୁଲାମ, ମହମଦ ଇମ୍‌ତିଜା,ଇସ୍ତାହାର ଅହମଦ, ବସନ୍ତ ସାମଲ , ସୋମେନ୍ଦ୍ର ମହାନ୍ତ, ବିଦ୍ୟା ସାଗର ସିଂହ ଅନ୍ୟାନ୍ୟ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।

# ପୋଷଣ ପକ୍ଷ ପାଳନ




ପାରଳାଖେମୁଣ୍ଡି,(ପିପିଏସ) : ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ବି ସୀତାପୁର ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ଠାରେ ପୋଷଣ ପକୋୱାଡା ପକ୍ଷ ପାଳିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଏକ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ କିଶୋରୀ ବାଳିକା, ଗ୍ରାମର ୱାର୍ଡ଼ ସଭ୍ୟ, ମିନି ଅଙ୍ଗନବାଡି କର୍ମୀ କେ ବିଜୟ ଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଷଣ ଦୂର କରିବା ଓ ମାତୃ ଶିଶୁ ହାର କମାଇବା ଏହାର ଲକ୍ଷ୍ୟ ।ଏହା ଉପରେ ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା ଲୋକଙ୍କୁ ସଚେତନତା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଟଣେଶ୍ୱରୀ ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା



ବଲାଙ୍ଗିର, (ପିପିଏସ୍): ବଲାଙ୍ଗିର ପାଟଣାର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀଙ୍କ ମନ୍ଦିରରେ ନବଦିନାତ୍ମକ ବାସନ୍ତିକ ନବରାତ୍ର ପୂଜା ପ୍ରତିପଦା ଦିନଠାରୁ ଆରମ୍ଭ ହୋଇଯାଇଛି । ନରସିଂହ ମନ୍ଦିରରୁ ପାଣି ଆଣି କଳସ ସ୍ଥାପନ କରାଯାଇଥିଲା । ସକାଳରୁ ସୂର୍ଯ୍ୟ ପୂଜା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇ ଚଣ୍ଡିପାଠ କରାଯାଇଥିଲା । ପ୍ରତ୍ୟହ ମଧ୍ୟାହ୍ନ ଓ ସନ୍ଧ୍ୟାରେ ମହା ଆଳତୀ ମା'ଙ୍କ ଠାରେ ଦିଆଯାଇଥିବା ବେଳେ ପଂଚବାଦ୍ୟ ହୁଳହୁଳି ଓ ଘଣ୍ଟଶଙ୍ଖ ରେ ଆଳତି ପ୍ରତିଦିନ ଦିଆଯାଉଛି । ଏହି ପୂଜାରେ ବହୁ ସଂଖ୍ୟାରେ ଭକ୍ତ ଆସି ମାଁ ଙ୍କ ଆର୍ଶୀବାଦ ଭିକ୍ଷା କରୁଛନ୍ତି । ଆସନ୍ତା ୩୦ ତାରିଖ ମହା ନବମୀ ଦିନ ପୂର୍ଣ୍ଣାହୁତି ହେବ । ଉକ୍ତ ପୂଜାରେ ମୁଖ୍ୟ ପୂଜକ ମଳୟ ଦିସ୍ରୀ ସହ ଅଭିନାଶ ଦିସ୍ରୀ ଓ କର୍ତ୍ତା ରୂପେ ଟିକେଲାଲ ମାହାଣ ଧର୍ମପତ୍ନୀ ଓ କିଶୋର ପତି ଓ ତାଙ୍କ ଧର୍ମପତ୍ନୀ, ସୋମନାଥ ମାଝି ଓ ତାଙ୍କ ଧର୍ମପତ୍ନୀ, ଗୌରହରି ଷଡଙ୍ଗି ଓ ତାଙ୍କ ଧର୍ମପତ୍ନୀ ପୂଜା କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ଫକିର ଶତପଥି ଯଜ୍ଞ ଆହୁତି ଦାୟିତ୍ୱ ତୁଲାଇଥିବା ବେଳେ ବାବୁଲୁ ମିଶ୍ର ଚଣ୍ଡିପାଠ କରିଥିଲେ ।

# ରାଜ୍ୟସ୍ତରୀୟ ସ୍କାଉଟରେ ଗଜପତିର ସଫଳତା




ପାରଳାଖେମୁଣ୍ଡି,(ପିପିଏସ୍): ଭୁବନେଶ୍ୱରର ୟୁନିଟ ୩ସ୍ଥିତ ସ୍କାଉଟ ଭବନରେ ଠାରେ ରାଜ୍ୟ ସ୍ତରୀୟ ରେନ୍‌ବୋ ସ୍କାଉଟ କ୍ୟାମ୍ପ ୨୨ ମାର୍ଚ୍ଚ ରୁ ୨୬ ମାର୍ଚ୍ଚ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୩୦ ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଡ୍ୟାନ୍ସ, ହସ୍ତକଳା, କମେଡି, ଡ୍ରାମା,ରଙ୍ଗୋଲି, ଆଞ୍ଚଳିକ ଖାଦ୍ୟ,ରାମ୍ପ ସୋ ପେପର କ୍ରାଫଟ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।ଗଜପତି ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କ ଅନୁମୋଦନ କ୍ରମେ ଏବଂ ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଗଜପତି ଜିଲ୍ଲାର ସେଞ୍ଚୁରିୟାନ ପବ୍ଲିକ ସ୍କୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ କେ ଏମ୍ ଭାଲିଆସାହି ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକୁଳି ପଦରରୁ ମୋଟ ୨୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ଛାତ୍ର ଛାତ୍ରୀ ମାନେ କ୍ୟାମ୍ପ ଫାୟାର ଗ୍ରୁପ ଡ୍ୟାନ୍ସ ରେ ପ୍ରଥମ ସ୍ଥାନ, ଗ୍ରୁପ ଡ୍ରାମା ରେ ତୃତୀୟ ସ୍ଥାନ, ରାମ୍ପ ସୋରେ ଗୋଟିଏ ସର୍ଣ୍ଣ ପଦକ ହାସଲ କରି ଜିଲ୍ଲାର ଗୌରବକୁ ଦ୍ୱିଗୁଣିତ କରିଛନ୍ତି ।ଉକ୍ତ କ୍ୟାମ୍ପରେ କିଶୋର ଚନ୍ଦ୍ର ଦାସ, ମାତଙ୍ଗୀନି ଗୁରୁ, ପ୍ରହଲ୍ଲାଦ ସିଂଅଳ,ନିଳାଚଳ ନାୟକ ପ୍ରମୁଖ ସ୍କାଉଟ ଗାଇଡ଼ ଭାବରେ ଯାଇଛନ୍ତି ।ଏହି ସଫଳତା ପାଇଁ କେ. ଏମ୍ ଭାଲିଆ ସାହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

# ମାରଣାସ୍ତ୍ରରେ ଆକ୍ରମଣ କରି ଯୁବକ ଗିରଫ

ଜୟପୁର: ଆକ୍ରମଣ କରିଥିବା ଅଭିଯୋଗରେ ଜୟପୁର ସଦର ପୋଲିସ ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ସଦର ଥାନା ଅନ୍ତର୍ଗତ ବାମୁଣି ଗାଁ ର ଅଭିଯୁକ୍ତ ରାମ ପ୍ରସାଦ ଦର୍ଜି ଏଲିୟସ ବଂଟି (୩୫) । ଗିରଫ ଅଭିଯୁକ୍ତ ଠାରୁ ଏକ ୧୨ ଇଂଚର ମାରଣାସ୍ତ୍ର ଜବତ କରିଛି ପୋଲିସ । ପୋଲିସ ସୁଚନା ଅନୁଯାୟୀ ବାମୁଣିଗାଁରେ ଶୀତଳା ମା ମନ୍ଦିର ଯାତ୍ରାର ନେଇ ତଳ ସାହି ର ୨୦ରୁ ୨୫ ଲୋକେ ଲାଠି ଯାତ୍ରା କରି ଯାଉଥିଲେ । ସେହି ସମୟରେ ଅଭିଯୁକ୍ତ ରାମ ପ୍ରସାଦ ଦର୍ଜି ଓ ତାଙ୍କ ସାନ ଭାଇ ରାଜ କୁମାର ଦର୍ଜି ଲାଠି ଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କୁ ଧମକ ଚମକ ଦେଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା । ଫଳରେ ଏହି ମାରଣାସ୍ତ୍ରଟି ବାଜି ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ହୋଇଯାଇଥିଲେ । ଏନେଇ ଜୟପୁର ସଦର ପୋଲିସ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ରାୟଗଡ଼ରେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ପ୍ରସ୍ତୁତି

ରାୟଗଡ଼(ପିପିଏସ୍): ରାୟଗଡ ଜିଲ୍ଲା ସଦର ମହକୁମା ଠାରେ ଚଳିତ ୨୮ ତାରିଖରେ ଦକ୍ଷିଣ ଓଡିଶାର ଛଅ ଗୋଟି ଜିଲ୍ଲାରୁ ଯଥା କୋରାପୁଟ, ନବରଙ୍ଗପୁର, ମାଲକାନାଗିରି, କଳାହାଣ୍ଡି, ନୂଆପଡା ଏବଂ ରାୟାଗଡ଼ ଜିଲ୍ଲାରୁ ୧୦୦୦ ଜଣ ବରିଷ୍ଠ ନାଗରିକ ମାନେ ତୀର୍ଥ ଯାତ୍ରାରେ ଯିବେ । ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ଏହି ତୀର୍ଥ ଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାୟଗଡ ଷ୍ଟେସନରୁ ବାହାରିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଟ୍ରେନକୁ ଶୁଭାରମ୍ଭ କରିବେ । ୨୭ତାରଖରେ ଏହି ତୀର୍ଥ ଯାତ୍ରୀମାନେ ରାୟଗଡରେ ପହଁଚିବେ । ଜିଲ୍ଲା ପ୍ରଶାସନ ତରଫରୁ ସେମାନଙ୍କ ଆତିଥେୟ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଅଛି । ଏହି ତୀର୍ଥ ଯାତ୍ରୀମାନେ ତିରୁପତି, ଭେଲର ଓ ଶ୍ରୀକାଳାହାସ୍ତି ଦର୍ଶନ କରି ଆସନ୍ତା ଅପ୍ରେଲ ମାସ ଦୁଇ ତାରିଖରେ ରାୟଗଡ ପହଁଚିବେ ଏବଂ ନିଜନିଜ ଜିଲ୍ଲାକୁ ଫେରିଯିବେ । ଯାତ୍ରୀମାନଙ୍କ ରହିବା ନିମନ୍ତେ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ, ଜିସିଡ଼ି ଉଚ୍ଚବିଦ୍ୟାଳୟ, ଟାଉନ ହଲ ଏବଂ ବସାଷ୍ଟାଣ୍ଡ ଦର୍ମଟାରିରେ ବ୍ୟବସ୍ଥା କରାଯାଇଛି । ଅଶୋକ କଲ୍ୟାଣ ମଣ୍ଡପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେଠାରେ ମନୋରନ କାର୍ଯ୍ୟକ୍ରମ ରଖାଯାଇଛି ।

# ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ




ବଲାଙ୍ଗିର, (ପିପିଏସ୍): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭ ରେ ମଂଚର ସଭ୍ୟ ତଥା ଓଡିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଏକ ଜଗନ୍ନାଥ ଜଣାଣ ଗାନ କରିଥିଲେ । ତତ୍ପରେ ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ପୂର୍ବ ସଭାର ବିବରଣୀ ଉପସ୍ଥାପନ କାଟିଥିଲେ ଯାହାକୁ କରତାଳି ମାଧ୍ୟମରେ ଅନୁମୋଦନ କରାଯାଇଥିଲା । ଏହା ପରେ ଶ୍ରୀ ମିଶ୍ର ସମ୍ପାଦକ ସଭାରେ ଆଲୋଚନା ହେବାକୁ ଥିବା ଏଜେଣ୍ଡା ଉପସ୍ଥାପିତ କରିଥିଲେ । ଅନୁଷ୍ଠାନିକ ବିଷୟ ଆଲୋଚନା ରେ ସମସ୍ତ ସବଡିଭିଜନ ଶାଖା ସ୍ଥାପନ କରିବାକୁ ସ୍ଥିର ହେଲା । ତତ୍ପରେ ଆର୍ଥିକ ବିଷୟ ଆଲୋଚନା ହେଲା । ଆୟ ବ୍ୟୟ ଖର୍ଚ୍ଚ ଉପସ୍ଥାପନ କରିଥିଲେ କୋଷାଧ୍ୟକ୍ଷ ନରେନ୍ଦ୍ର କବାଟ । ସଭ୍ୟମାନଙ୍କୁ ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା । ଯେଉଁ ସଭ୍ୟମାନେ ଦିର୍ଘ ଦିନରୁ ବାର୍ଷିକ ଦେୟ ଦେଇନାହାନ୍ତି ସେମାନଙ୍କୁ ଏହା ଯଥାଶିଘ୍ର ପୈଠ କରିବାକୁ ସଭାପତି ଅନୁରୋଧ କରିଥିଲେ । ସଭାରେ ନିଜସ୍ୱ ମତାମତ ଉପସ୍ଥାପନ କରବାକୁ ଆହ୍ୱାନ କରାଯାଇଥିଲା । ଉପସଭାପତି ଦ୍ୱୟ ପ୍ରଫୁଲ୍ଲ ସାହୁ, ବିରଞ୍ଚି ହୋତା, ଧର୍ମବ୍ରତ ରଥ, ଧନଞ୍ଜୟ ମିଶ୍ର, ମଲିଆ ଗଡୁଆ, ପୀତବାସ ପଣ୍ଡା, ଲୋଇସିଂହା , ଆଗଲପୁର ଶାଖାର ସମ୍ପାଦକ ରାଜେନ୍ଦ୍ର ବିଶ୍ୱାଲ, ଗୁଡଭେଲା - ତୁଷୁରା- ସଇଁତଲା ବ୍ରାଞ୍ଚର ସମ୍ପାଦକ ସୁଧାଂଶୁ ଶେଖର ବାବୁ, ହରେକୃଷ୍ଣ ମେହେର ଓ ପ୍ରଭାତ ମେହେର ଆଦି ଆଲୋଚନାରେ ଭାଗ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ମତାମତ ଉପସ୍ଥାପନ କରିଥିଲେ । ମଂଚର ପ୍ରତିଷ୍ଠା ଦିବସ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବା ବିଷୟ ସଭାପତି ଉପସ୍ଥାପିତ କରିଥିଲେ । ନିକଟରେ ମହିଳା ଶାଖା ଖେଲିବା ପାଇଁ ସଭାରେ ସିଦ୍ଧାନ୍ତ ଗ୍ରହଣ କରାଗଲା । ଶେଷରେ ଅତିରିକ୍ତ ସାଧାରଣ ସଂପାଦକ ସୁନିଲ ବିଶ୍ୱାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶା ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲାର ନୂତନ କମିଟି ଗଠନ

ଜୟପୁର: ପୂର୍ବତନ ସଭାପତି ଓଡିଶା ଅମଲା ସଂଘ ଜୟପୁର ଉପଖଣ୍ଡ ଶାଖା ଶଶିଭୂଷଣ ଦାଶ ଓଡିଶା ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସଭାପତି ମନୋନୀତ ହୋଇଛନ୍ତି । କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗର ଅମଲା ମାନଙ୍କୁ ନେଇ ଏକ ମିଳିତ ଅମଲା ମଂଚ ବୈଠକ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଶଶିଭୂଷଣ ଦାଶ ସଭାପତି ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ରାଜସ୍ୱ ବିଭାଗ, କୋଷାଧ୍ୟକ୍ଷ ବିଭାଗ ଓ ନିବନ୍ଧକ ବିଭାଗ ସମେତ ୩୨ ଟି ବିଭାଗର ଶତାଧିକ ଅମଲା ମାନେ ବୈଠକରେ ଯୋଗଦାନ କରିଥିଲେ । ଏହି ଅବସରରେ ପୂର୍ବତନ ସଭାପତି ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସୁନାକର ରାଉତ, ରାଜ୍ୟ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ରାଜସ୍ୱ ଅମଲା ସଂଘ ପ୍ରସନ୍ନ କୁମାର ନାୟକ, କୋରାପୁଟ ଜିଲ୍ଲା ରାଜସ୍ୱ ଅମଲା ସଂଘ ସଭାପତି ମନୋଜ କୁମାର ବାରିକ୍ ଓ କୋରାପୁଟ ଜିଲ୍ଲା ରାଜସ୍ୱ ଅମଲା ସଂଘ ସମ୍ପାଦକ ନିତ୍ୟାନନ୍ଦ ଭତରା ପ୍ରମୁଖ ଯୋଗଦାନ କରିବା ସହିତ ନିଜ ନିଜର ମତବ୍ୟକ୍ତ କରିଥିଲେ । ରାଜ୍ୟ ମିଳିତ ଅମଲା ମଂଚର ଆହ୍ୱାନ କ୍ରମେ ମିଳିତ ଅମଲା ମଂଚର କମିଟି ଗଠନ କରା ଯାଇଥିଲା । ସର୍ବସମ୍ମତିକ୍ରମେ ସୁନାକର ରାଉତଙ୍କୁ ମୁଖ୍ୟ ଉପଦେଷ୍ଟା, ମନୋଜ କୁମାର ବାରିକଙ୍କୁ ଉପଦେଷ୍ଟା, ପ୍ରସନ୍ନ କୁମାର ନାୟକଙ୍କୁ ଅଧ୍ୟକ୍ଷ, ନିତ୍ୟାନନ୍ଦ ଭତରାଙ୍କୁ ସମ୍ପାଦକ, ରାଜିବ ଲୋଚନ ପ୍ରଧାନଙ୍କୁ କୋଷାଧ୍ୟକ୍ଷ, ସୌମେନ୍ଦ୍ର ବେଉରାଙ୍କୁ ମିଡିଆ ସମ୍ପାଦକ ଭାବରେ ଚୟନ କରିଥିବା ସ୍ଥଳେ ଶଶୀଭୂଷଣ ଦାଶଙ୍କୁ ସଭାପତି ଭାବରେ ଚୟନ କରିଥିଲେ ।

ଅମଲା ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ଦାବିରେ ଅମଲା ସଂଘ ଅଟଳ । ସରକାର ଶିଘ୍ର ଯଦି ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ଆଗାମି ଦିନରେ ଆନ୍ଦୋଳନ ଜୋରଦାର ହେବା ନେଇ ସମସ୍ତ ଉପସ୍ଥିତ ସଦସ୍ୟ ମତବ୍ୟକ୍ତ କରିଥିଲେ । ପରିଶେଷରେ ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭା ସାଙ୍ଗ କରିଥିଲେ ।

# ସମବାୟ ବ୍ୟାଙ୍କ କର୍ମଚାରୀ ସମବାୟ ସମିତି ଲିଃ ବର୍ଷିକ ସାଧାରଣ ସଭା

ଜୟପୁର : କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରି ସମବାୟ ସମତି ଲିଃ ଜୟପୁରର ବର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାଗୃହରେ ଅନୁଷ୍ଠିତ ହୋଇଛି । ଏଥିରେ ସମିତିର ସଭାପତି ଅଶୋକ କୁମାର ରଥ, ଉପ ସଭାପତି ଅନୀତା କୁମାରୀ ଶତପଥୀ, ବରିଷ୍ଠ ନିଦ୍ଦେଶକ ହରିହର ତ୍ରିପାଠୀ, ଅରୁଣ କୁମାର ସାହୁ, ବିଦ୍ୟାଧର ପ୍ରଧାନ, ଗୋଲକ ବିହାରୀ ପାଇକରାୟ ସହ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସମିତିର ସମ୍ପାଦକ ପ୍ରଦୀପ ପଟ୍ଟନାୟକ ସାଗତ ଭାଷଣ ଦେବା ସହ ନିଦ୍ଧାରିତ ଅନୁସାରେ ସଭା କାଯ୍ୟ ପରିଚାଳନା କରିଥିଲେ । ଏହି ସଭାରେ ଆଗମୀ ଦିନରେ ସମିତିର କାଯ୍ୟକତ୍ତା ଉପରେ ଆଲୋଚନା କରାଯିବା ସହ ଆୟ ବ୍ୟୟ ଗୃହିତ କରାଯାଇଥିଲା ।

# ଜୀବନ କୌଶଳ ଶିକ୍ଷା ତାଲିମ କାର୍ଯ୍ୟକ୍ରମ



ରାଉରକେଲା(ପିପିଏସ): ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସେକ୍ଟର-୬ର କିଶୋର କିଶୋରୀଙ୍କ ଉଦ୍ଦେଶ୍ୟରେ ଜୀବନ କୌଶଳ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ କୈଶୋରରେ ପାଦ ଥାପୁଥାପୁ, ଦ୍ରୁତ ପରିବର୍ତ୍ତନଶୀଳ ଶରୀରରେ ପ୍ରତ୍ୟହ କିଛିକିଛି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର କ୍ଷମତା ସହିତ ନିଜକୁ ନିୟନ୍ତ୍ରଣରେ ରଖିବାର ବିବିଧ କୌଶଳ ଶିକ୍ଷା କରିଥିଲେ । ଏହି ତାଲିମ ଶିବିରରେ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ , ସମ୍ମାନିତ ଅତିଥି ଭାବେ ଲୁଆକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ରାଉଳ ବିଦ୍ୟାଳୟର ଅନ୍ତରୀଣ ଶିକ୍ଷକ ବକ୍ତା ଓ ଛାତ୍ରଛାତ୍ରୀ ମାନଙ୍କୁ ସାଗତ ଅଭିନନ୍ଦନ ଜଣାଇବା ସହିତ ଏହି ଅନନ୍ୟ କାର୍ଯ୍ୟକ୍ରମର ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଶ୍ରୀ ରାଉଳ ଛାତ୍ରଛାତ୍ରୀଙ୍କ ଭିତରେ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଏକ ପ୍ରାସଙ୍ଗିକ ଭଜନରୁ ନିଜର ବକ୍ତବ୍ୟ ଆରମ୍ଭ କରି ଚିନ୍ତନ,ଯୋଜନା ଓ କାର୍ଯ୍ୟକାରିତା ସଂପର୍କରେ ଗୋଟିଏ ଶିକ୍ଷଣୀୟ ଗଳ୍ପ ମାଧ୍ୟମରେ ଜୀବନରେ ସଫଳ ହେବାର ମନ୍ତ୍ର ପିଲାଙ୍କୁ ଶିଖାଇଥିଲେ କ୍ଷ ଏହାପରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପା ତନ୍ତୀ, ଶିବ ପ୍ରସାଦ ଅଙ୍ଗରାଇ, ସରିତା ପରିଡ଼ା, ପାର୍ବତୀ ବାରିକ ଓ ଅନିମା ମିଶ୍ରଙ୍କ ଦ୍ୱାରା ଦଶଟି ବିନ୍ଦୁ ଯଥା- ଆତ୍ମ ସଚେତନତା, ସମାନୁଭୂତି, ସମସ୍ୟା ସମାଧାନ, ନିଷ୍ପତ୍ତି ନିର୍ଦ୍ଧାରଣ, ସୃଜନାତ୍ମକ ଚିନ୍ତା, ବିଶ୍ଳେଷଣାତ୍ମକ ଚିନ୍ତା, ପାରସ୍ପରିକ ସମ୍ପର୍କ, ଫଳପ୍ରଦ ଯୋଗାଯୋଗ, ଆବେଗ ସହିତ ଅବସ୍ଥାନ ଓ ମାନସିକ ଚାପର ପରିଚାଳନା ଉପରେ ସୁନ୍ଦର ସୁନ୍ଦର ଗଳ୍ପ, ଚିତ୍ର ହସ୍ତଶିଳ୍ପ ଓ ସକ୍ରିୟାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ବିସ୍ତୃତ ଆଲୋଚନା ପୂର୍ବକ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀବୃନ୍ଦ ସ୍ୱତଃପ୍ରବୃତ୍ତ ଭାବେ ସହଯୋଗ କରିବା ସହିତ ପିଲାମାନଙ୍କୁ ଚକୋଲେଟ ବଣ୍ଟନ କରିଥିଲେ । ଖେଳ ଶିକ୍ଷକ ଗୌରବ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ




ରାଉରକେଲା(ପିପିଏସ): ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପାଠାଗାରର କାର୍ଯ୍ୟକାରୀ ସଭାପତି ବିଭୁଦତ୍ତ ବେହେରାଙ୍କ ସଭାପତିତ୍ୱ ଓ ସାଧାରଣ ସଂପାଦକ ବିକ୍ରମଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱ ଏବଂ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ରାଜୀବ ପାଣି ଆଲୋଚକ ଭାବେ ଯୋଗଦେଇ ରାଧା ତତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ଶ୍ରୀ ପାଣି ଏହି ଅବସରରେ କହିଲେ ଯେ କୃଷ୍ଣ ଏକ ଆନନ୍ଦମୟ ସତ୍ତା । ଏହା ସହିତ ସମାଧି ଭାଷା, ପରକୀୟା ଭାଷା ଓ ଲୌକିକ ଭାଷା ତଥା ରାଧାଙ୍କ ଉତ୍ପତ୍ତି ଓ ବ୍ୟୁତ୍ପତି ସଂପର୍କରେ ଆଲୋଚନା କରିଥିଲେ । ଏଥିସହ ଶ୍ରୀକୃଷ୍ଣଙ୍କ ପାଖରେ ରାଧା କିପରି ଆହ୍ଲାଦିନୀ ଶକ୍ତି ଓ ରାଧା କିପରି ନିଧି, ସିଦ୍ଧି ଓ ମୁକ୍ତିର ଦ୍ୱାର ସେ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅଜୟ କୁମାର ମହାନ୍ତି ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବି କୁଞ୍ଜବିହାରୀ ରାଉତ ଓ କିଶୋରୀ ମୋହନ କରଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସର୍ବଶ୍ରୀ ପିନାକୀ ମିଶ୍ର, ଉପେନ୍ଦ୍ର ବସ୍ତିଆ, ମଞ୍ଜୁଳା ରଥ, ଗଦାଧର ରଥ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଅଜୟ ମହାନ୍ତି, ଗୌତମ ଦାସ,ଅର୍ଚ୍ଚନା ପାତ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ପଟ୍ଟନାୟକ, ବିଜୟିନୀ ଜେନା, ସୁପ୍ତି କର, ଉର୍ବଶୀ ଦାଶ, ବ୍ରହ୍ମାନନ୍ଦ ପାଢୀ, ହିମାଂଶୁ ସାହୁ, ନିବେଦିତା ନନ୍ଦ, ସୁବାସିନୀ ସାହୁ,ରଶ୍ମି ସାହୁ ଓ ସଂଯୋଜକ ଦ୍ୱୟ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଗଦାଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ପି.ପି.ରାୟ,ରାଜକୁମାର ମହାନ୍ତି,ଅକ୍ଷୟ ଦାସ, ବସନ୍ତ ମହାରଣା, ଗୀତାଞ୍ଜଳୀ ମହାରଣା,ଡଃ ସୁବାସ ଲେଙ୍କା,କମଳ ଆଚାର୍ଯ୍ୟ, ଶରତ ରାଉତ, ପ୍ରିୟା ପାତ୍ର,ନିରୁପମା ଚାନ୍ଦ,କବିତା ଦାଶ,ବିଭୁତି ଭୂଷଣ ଦାସ, ହୃଷିକେଶ ବଳିଆରସିଂହ,ହରିହର ଶତପଥୀ,ସୁରେନ୍ଦ୍ର ସାବତ, କୁଳମଣି ଦାସ,ଡଃ ଶକ୍ତି ପ୍ରସାଦ ସାମନ୍ତରାୟ, ସୁଶାନ୍ତ ନାୟକ, ବସନ୍ତ କୁମାର ନାୟକ, ରାଧା ମୋହନ ନାୟକ, ସନ୍ତୋଷ ଜେନା, ସୁନିଲ୍ ମହାନ୍ତି, ରବିନ୍ଦ୍ର ଠାକୁର, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ଅଙ୍ଗାରପଡ଼ା ଗ୍ରାମ୍ୟ ଜଙ୍ଗଲର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଚନ୍ଦକା ଥାନା ପୁଲିସ। ମୃତ ଯୁବକ ଜଣକ ହେଉଛନ୍ତି ସୁରେଶ ଚନ୍ଦ୍ର ମହାପାତ୍ର (୪୩)। ଘର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ମଳିପଡ଼ାରେ। ସୂଚନା ଅନୁସାରେ, ମୃତକ ସୁରେଶ ବିବାହିତ ହୋଇଥିବାବେଳେ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେ ସପରିବାର ଭୁବନେଶ୍ୱର ଗାଡ଼କଣରେ ରହିବା ସହ ପଟିଆ ଅଞ୍ଚଳରେ ଥିବା ଏକ ଘରୋଇ ନର୍ସିଂ କଲେଜର ବସ୍ ଚଳାଉଥିଲେ। ସୁରେଶଙ୍କର ଆଉଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ମତାନ୍ତର ଲାଗି ରହିବା ସହ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ୩ ଦିନ ପୂର୍ବେ ପତ୍ନୀଙ୍କ ସହିତ ଝଗଡ଼ା ହେବାରୁ ସୁରେଶ ଘରୁ ରାଗିକରି ପଳାଇ ଆସିଥିଲେ। ଆଜି ସକାଳୁ ସ୍ଥାନୀୟ ଲୋକେ ଜାଳେଣି ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିବାବେଳେ ଜୋରରେ ଦୁର୍ଗନ୍ଧ ହୋଇଥିଲା। ସନ୍ଦେହରେ ଲୋକମାନେ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲା। ପ୍ରାୟ ଦୁଇଶହ ମିଟର ଜଙ୍ଗଲ ଭିତରେ ଥିବା ଏକ ଗଛରେ ରଶି ଲଗାଇ ସୁରେଶ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ମୃତଦେହ ଠାବ ହେବାପରେ ମଧ୍ୟ ପୁଲିସ ପରିଚୟ ପାଇନଥିଲା। ତେବେ ଦୁଇଦିନ ପୂର୍ବରୁ ଅଙ୍ଗାରପଡ଼ା ଗାଁ ମୁଖ୍ୟ ରାସ୍ତାରୁ ସୁରେଶଙ୍କ ଅଟୋ ଜବତ କରି ଥାନାକୁ ଆଣିଥିଲା ମେଣ୍ଢାଶାଳ ପୁଲିସ। ସେହି ଅଟୋର ଫଟୋକୁ ବିଭିନ୍ନ ଅଟୋ ଚାଳକ ସଙ୍ଘକୁ ପଠାଇବା ପରେ ହିଁ ସୁରେଶଙ୍କ ପରିବାର ଲୋକେ ପୁଲିସକୁ ଯୋଗାଯୋଗ କରିଥିଲେ। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରଦୀପ ସେବା ଟ୍ରଷ୍ଟର ଆମ୍ବୁଲାନ୍ସ ସହାୟତାରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ଡାକ୍ତରଖାନା ପଠାଇଥିଲା। ସ୍ଥାନୀୟ ନାଏବ ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ଭୁବନେଶ୍ୱର (ପିପିଏସ୍):** ସାଲିଆସାହିରେ ରହୁଥିବା ୭ବର୍ଷୀୟା ଭିନ୍ନକ୍ଷମ ବାଳିକା ମଧୁସ୍ମିତା ନାୟକଙ୍କୁ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଯୋଗାଇ ଦିଆଯାଇଛି ଆର୍ଥିକ ସହାୟତା। ମଧୁସ୍ମିତାଙ୍କ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ୮ହଜାର ଟଙ୍କାର ଅର୍ଥରାଶି ମଧୁସ୍ମିତାଙ୍କ ସାଲିଆ ସାହି ଘରେ ତାଙ୍କ ମା'ସୁଣ୍ଡିଆଣି ନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ଆର୍ଥିକ ସହାୟତା ପାଇବା ପରେ ତାଙ୍କ ମା' ଉପଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଛନ୍ତି।

ସୂଚନା ଅନୁସାରେ, ଜନ୍ମରୁ ମଧୁସ୍ମିତା ଭିନ୍ନକ୍ଷମ ହୋଇଥିବାବେଳେ ଆର୍ଥିକ ଅଭାବରୁ ତାଙ୍କର ପିଲାଦିନରୁ ଚିକିତ୍ସା ହୋଇ ନପାରିବାରୁ ସେ ସଳଖି ଛିଡ଼ା ହୋଇପାରୁନଥିବା ତାଙ୍କ ମା' କହିଛନ୍ତି। ଖାଇବା, ଶୋଇବା ବ୍ୟତୀତ ଖେଳିବା, ବୁଲିବା ଆଦି ସ୍ୱପ୍ନ ପାଲଟିଛି। ଅନ୍ୟମାନଙ୍କ ଭଳି ଉଠି ଛିଡ଼ାହେବାକୁ ଇଚ୍ଛା ଥିଲେ ବି ସମ୍ଭବ ହେଉନି। ୨ମାସର ହୋଇଥିବାବେଳେ ବାପା ଟୁନା ନାୟକ କେଉଁଆଡ଼େ ଚାଲିଯାଇଥିବା ବେଳେ ମା' ବାବୁଘରେ ପାଇଟି କରି ଘରେ ଚୂଲି ଜଳେ। ମଧୁସ୍ମିତାର ଜନ୍ମ ପରେ ୨ବର୍ଷ ଯାଏ ଶାରୀରିକ ବିକାଶ ନହେବା ସାଙ୍ଗକୁ କଥା ନକହିବାରୁ ଡାକ୍ତରଙ୍କ ପରାମର୍ଶ କରାଯାଇଥିଲା। ନିୟମିତ ଫିଜିଓଥେରାପି ଓ ସ୍ପିଚ୍ ଥେରାପି ଚିକିତ୍ସା କରାଗଲେ ମଧୁସ୍ମିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ବୋଲି ଡାକ୍ତର ପରାମର୍ଶ କରିଥିଲେ ମଧ୍ୟ ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରିଲାନି। ସବୁଠୁ ବଡ଼କଥା ହେଉଛି ମା' କାମକୁ ଯିବା ପରେ ମଧୁସ୍ମିତାଙ୍କ ପାଖରେ ଦେଖାଶୁଣା କରିବାକୁ କେହି ନାହିଁ। ରୋଜଗାରର ଏକମାତ୍ର ମାଧ୍ୟମ ବାବୁଘର ପାଇଟି ହୋଇଥିବାରୁ ସେ ଝିଅର ଚିକିତ୍ସା ପାଇଁ ସରକାରୀ ସାହାଯ୍ୟ ଲୋଡ଼ିଛନ୍ତି। ତେଣୁ ତୁରନ୍ତ ସରକାର ସାହାଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।

# ବର୍ଣ୍ଣବୋଧ ପ୍ରତିଯୋଗିତା




**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷାକୁ ଆଦର ଓ ଅକ୍ଷରକୁ ପରିଚୟ ପାଇଁ ଭୁବନେଶ୍ୱରର ଯଶୋଦା ମା' ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଛି ବର୍ଣ୍ଣବୋଧ ପ୍ରତିଯୋଗିତା। ଉତ୍କଳ ଦିବସ ଅବସରରେ ନୀଳାଦ୍ରି ବିହାର ଅଞ୍ଚଳର ୪ଟି ବସ୍ତିର ଛୋଟ ବଡ଼ ପିଲା ଏଥିରେ ଭାଗ ନେଇଥିଲେ। ଓଡ଼ିଆ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣକୁ ସୁନ୍ଦର ଓ ନିର୍ଭୁଲ ଲେଖିବା ନେଇ ଏହି ପ୍ରତିଯୋଗିତା ହୋଇଥିଲା। ଏହାସହ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ନିବେଦିତା ଲେଙ୍କା ଦୀର୍ଘ ବର୍ଷେ ହେବ, ବର୍ଣ୍ଣବୋଧ ପାଠଶାଳା ମାଧ୍ୟମରେ ଅକ୍ଷର, ବର୍ଣ୍ଣ, ସୃଜନ ପ୍ରତିଭାକୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ତେବେ ଏହି ପ୍ରତିଯୋଗିତାରେ ଜଗନ୍ନାଥ ଆମ୍ବତୋଟା ବସ୍ତି, ସୋମନାଥ ବସ୍ତି, ପଣ୍ଡା ପାର୍କ ବସ୍ତି, ସୀତାନାଥ ବସ୍ତିର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଲେଙ୍କା, ଶକ୍ତି ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଆସନ୍ତା ଏପ୍ରିଲ ମାସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ପ୍ରତିମାସରେ ବର୍ଣ୍ଣବୋଧ ପ୍ରତିଯୋଗିତା ଆୟୋଜନ କରି ଭାଷା ପ୍ରତି ମମତା ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀମତୀ ଲେଙ୍କା କହିଛନ୍ତି।

# ଛାତ୍ର ବିଜେଡି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ଭୁବନେଶ୍ୱର (ପିପିଏସ୍):** ବିଜୁ ଜୟନ୍ତୀରୁ ଶ୍ରାଦ୍ଧ ବାର୍ଷିକୀ ପର୍ଯ୍ୟନ୍ତ ଛାତ୍ର ସମାଜ ଉଦ୍ଦେଶ୍ୟରେ ଆୟୋଜନ ହେବ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା। ଛାତ୍ର ବିଜେଡି ପକ୍ଷରୁ ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ରବିବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ 'ବିଜୁ ବାବୁ ଓ ନବୀନ ବାବୁଙ୍କ ସହ ଓଡ଼ିଶା ବିକାଶ' ବିଷୟବସ୍ତୁ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ଶ୍ରେଷ୍ଠ ୫୦ଜଣ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ସହ ବିଭିନ୍ନ ସେମିନାର ଆୟୋଜନ କରାଯାଇ ବିଜୁ ବାବୁ ଓ ନବୀନ ବାବୁଙ୍କ ଜୀବନୀ ସହ ଓଡ଼ିଶା ବିକାଶ ଚିତ୍ରକୁ ପ୍ରତିଫଳିତ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଏହି ପ୍ରତିଯୋଗିତା ସମସ୍ତ ଛାତ୍ର ସମାଜ ନିମନ୍ତେ ପ୍ରେରଣାଦାୟୀ ହେବ। ଆଗାମୀ ଦିନରେ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପର୍ଯ୍ୟନ୍ତ ଛାତ୍ର ବିଜେଡି ପକ୍ଷରୁ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜୁ ବାବୁଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ପ୍ରତ୍ୟେକ ଛାତ୍ର ବିଜେଡି କର୍ମକର୍ତ୍ତା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ରାଜ୍ୟ ବରିଷ୍ଠ ଉପସଭାପତି ପ୍ରଦୋଷ ପରିଡ଼ା, ବିଜୟ ବସନ୍ତିଆ, ରାଜ୍ୟ ଉପସଭାପତି ସୁଜିତ୍ ପାଲଟା ସିଂ ପ୍ରମୁଖ ବହୁ କର୍ମକର୍ତ୍ତା ଓ ଛାତ୍ରନେତା ଉପସ୍ଥିତ ଥିଲେ।

## ଓୟୋ ରୁମରେ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ହାର୍ଡଡିସ୍କ ଜବତ କରି ଛାନ୍‌ଭିନ୍ କରୁଛି ସାଇଣ୍ଟିଫିକ ଟିମ୍



**ଭୁବନେଶ୍ୱର (ପିପିଏସ୍):** ଗତକାଲି ଓୟୋ ରୁମ୍‌ରୁ ଉଦ୍ଧାର ଯୁବକଙ୍କ ମୃତଦେହ ଘଟଣାକୁ ନେଇ ଏବେ ପୁଲିସ ଛାନଭିନ କରୁଥିବାବେଳେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆଗେଇଛି। ଯୁବକ ବେକରେ ପ୍ରେମିକାର ଓଢ଼ଣୀ(ଷ୍ଟଲ) ଲଗାଇ ଆତ୍ମହତ୍ୟା କରିଥିବାବେଳେ ପ୍ରେମିକା ଓ ଅନ୍ୟ ଦୁଇ ପ୍ରେମୀ ଯୁଗଳ ଚେଷ୍ଟା କରି ମଧ୍ୟ ଜୀବନ ବଞ୍ଚାଇ ପାରିନଥିବା କୁହାଯାଉଛି। ଶନିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା ଖାନ୍ ବସେରା ଓୟୋରେ ଏଭଳି ଘଟଣା ଘଟିଛି। ମୃତକ ଜଣକ ହେଉଛନ୍ତି ନିଆଳି ଥାନା ଅନ୍ତର୍ଗତ ଜଲାରପୁର ଅଞ୍ଚଳର ସିଭିଲ୍ କଣ୍ଟ୍ରାକ୍ଟର ଦୁର୍ଗାପ୍ରସାଦ ମିଶ୍ର (୨୮)। ମିଳିଥିବା ସୂଚନା ଅନୁସାରେ, ଦୁର୍ଗାପ୍ରସାଦ ଉତ୍ତରା ଛକ ନିକଟରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବେଳେ ସେଠାରେ ପଢୁଥିବା ପୁରୁଣା ଭୁବନେଶ୍ୱର ଅଞ୍ଚଳର ପ୍ରାଚୀଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମ ସମ୍ପର୍କ ବାବଦରେ ଉଭୟଙ୍କ ପରିବାର ଲୋକେ ଅବଗତ ଥିଲେ ଓ ଦୁର୍ଗାପ୍ରସାଦ ବିଭିନ୍ନ ସମୟରେ ପ୍ରେମିକା ପ୍ରାଚୀଙ୍କ ଘରକୁ ଯା ଆସ କରୁଥିଲେ। ଏମିତିକି ଦୁର୍ଗାପ୍ରସାଦଙ୍କ ପରିଚୟ ପତ୍ରରେ ପ୍ରାଚୀଙ୍କ ଘରର ଠିକଣା ରହିଛି। ପ୍ରାଚୀଙ୍କ ସାଙ୍ଗ ତଥା ଜଟଣୀ ଅଞ୍ଚଳର ବିଷ୍ଣୁପ୍ରିୟାଙ୍କର ଜନ୍ମଦିନ ପାଳନ କରିବା ପାଇଁ ଗତକାଲି ଜାଗମରା ସ୍ଥିତ ଖାନ ବସେରା ଓୟୋରେ ଦୁଇଟି ରୁମ୍ ନେଇଥିଲେ। ଗୋଟିଏ ରୁମରେ ଦୁର୍ଗାପ୍ରସାଦ ଓ ପ୍ରାଚୀ ଏବଂ ଅନ୍ୟ ରୁମରେ ବିଷ୍ଣୁପ୍ରିୟା ଓ ତାଙ୍କ ପ୍ରେମିକ ତଥା ପିପିଲି ଅଞ୍ଚଳର ବିକାଶ ସାଇଁ ଥିଲେ। ବିକାଶଙ୍କ ରୁମରେ ୪ଜଣ ଯାକ ଏକାଠି ହୋଇ କେକ୍ କାଟିଥିଲେ। ଖିଆ ପିଆ କରିସାରିବା ପରେ ଦୁର୍ଗାପ୍ରସାଦ ନିଜ ରୁମକୁ ପଳାଇ ଆସିଥିଲେ। ହେଲେ ପ୍ରାଚୀ ଅନ୍ୟ ରୁମରେ ବିକାଶ ଓ ବିଷ୍ଣୁପ୍ରିୟାଙ୍କ ପାଖରେ ଥିଲେ। କୌଣସି କାରଣରୁ ଦୁର୍ଗାପ୍ରସାଦ ରାଗିଯାଇ ନିକଟରେ ଥିବା ରୋଷେଇ ଘରର ଏକ କାଚକୁ ଭାଙ୍ଗି ଦେଇଥିଲେ ଓ ପ୍ରାଚୀଙ୍କୁ ରୁମକୁ ଆସିବାକୁ ବାରମ୍ବାର କହିଥିଲେ। ରାତି ପ୍ରାୟ ୧ଟା ୪୫ ସମୟରେ ପ୍ରାଚୀ ନିଜ ରୁମକୁ ଆସି ବାଥରୁମକୁ ଯାଇଥିଲେ। ସେହି ସମୟରେ ଦୁର୍ଗାପ୍ରସାଦ ପ୍ରାଚୀଙ୍କ ଓଢ଼ଣୀ (ଷ୍ଟଲ)କୁ ବେକରେ ଲଗାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିବାକୁ ପ୍ରସ୍ତୁତ ହୋଇ ଯାଇଥିଲେ। ପ୍ରାଚୀ ବାଥରୁମରୁ ବାହାରିବା କ୍ଷଣି ଦୁର୍ଗାପ୍ରସାଦ ଚଢିଥିବା ଚେୟାରକୁ ଗୋଇଠା ମାରି ହଟାଇ ଦେଇଥିଲେ। ଚାହୁଁ ଚାହୁଁ ପ୍ରାଚୀଙ୍କ ଆଖି ଆଗରେ ଦୁର୍ଗାପ୍ରସାଦ ଛଟପଟ ହୋଇଥିଲେ। ପ୍ରାଚୀ ଅନ୍ୟ ରୁମରେ ଥିବା ବିକାଶ ଓ ବିଷ୍ଣୁପ୍ରିୟାଙ୍କୁ ଡାକିବା ସହ ତଳ ଫ୍ଲୋରକୁ ଯାଇ ଛୁରୀ ଆଣିଥିଲେ। ଛୁରୀରେ ଓଢ଼ଣୀକୁ କାଟି ଦୁର୍ଗାପ୍ରସାଦଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସା ପାଇଁ ଏମ୍‌ସରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏମ୍‌ସରୁ ଖବରପାଇ ଖଣ୍ଡଗିରି ଥାନା ପୁଲିସ ଓୟୋରେ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଆତ୍ମହତ୍ୟାରେ ବ୍ୟବହୃତ ଓଢ଼ଣୀକୁ ଜବତ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିବା ସହିତ ହାର୍ଡଡିସ୍କକୁ ପୁଲିସ ଜବତ କରିଛି। ସେପଟେ ଭାଇକୁ ହତ୍ୟା କରାଯାଇଥିବା ଦୁର୍ଗାପ୍ରସାଦଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ପ୍ରାଚୀ, ବିକାଶ ଓ ବିଷ୍ଣୁପ୍ରିୟାଙ୍କୁ ଥାନାକୁ ଡକାଇ ପଚରାଉଚରା କରିବା ପରେ ଛାଡି ଦେଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସ ଅପେକ୍ଷା କରିଛି।

## ଔଷଧ ବ୍ୟବସାୟୀଙ୍କୁ ଅପହରଣ ଘଟଣା

# ଅପହରଣରେ ସାମିଲ୍ ଥିଲେ ସମ୍ପର୍କୀୟ

**ଭୁବନେଶ୍ୱର (ପିପିଏସ୍):** ବନ୍ଧୁକ ଦେଖାଇ ଜଗନ୍ନାଥନଗର ଲେନ୍-୮ର ବ୍ୟବସାୟୀ ମନୋଜ କୁମାର ମହାପାତ୍ର ଅପହରଣ ମାମଲାରେ ଆସିଛି ନୂଆ ମୋଡ଼। ଏହି ଅପହରଣ ପଛରେ ମନୋଜଙ୍କ ଜଣେ ସମ୍ପର୍କୀୟଙ୍କ ହାତ ଥିବା ପୁଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଅପହରଣ ପଛର ମାଷ୍ଟରମାଇଣ୍ଡ ଫେରାର ଥିବାରୁ ତାକୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ଭୁବନେଶ୍ୱର ଏବଂ ପୁରୀରେ ଚଢ଼ଉ ଜୋରଦାର କରାଯାଇଛି। ମନୋଜଙ୍କ ଆର୍ଥିକ ସ୍ୱଚ୍ଛଳ ଥିବା ଅଭିଯୁକ୍ତ ଜାଣିବାକୁ ପାଇଥିଲେ। ତେଣୁ ୫ ଦିନ ତଳୁ ଅପହରଣ କରିବା ପାଇଁ ଯୋଜନା କରାଯାଇଥିଲା। ଶେଷରେ ଗତକାଲି ସକାଳେ ମନୋଜ ଜଗନ୍ନାଥ ନଗରରେ ଥିବା ଘର କାମ ଦେଖିବାକୁ ଯାଇଥିବାବେଳେ ପୂର୍ବ ଯୋଜନା ଅନୁସାରେ ଅପହରଣ କରି ନେଇଥିଲେ। ପୁଲିସ ଅଟକ ରଖିଥିବା ୪ଜଣ ଯୁବକଙ୍କ ସଂପୃକ୍ତି ନେଇ ଖୋଳତାଡ଼ କରାଯାଉଛି। ସେମାନଙ୍କ ମଧ୍ୟରୁ କାହାର ଏହି ଅପହରଣରେ ସଂପୃକ୍ତି ରହିଛି ତାହା ଯାଞ୍ଚ କରାଯାଉଛି। ଆହୁରି ମଧ୍ୟ ଅଭିଯୁକ୍ତଙ୍କୁ ସିଡିଆର୍ ମଧ୍ୟ ଯାଞ୍ଚ କରାଯାଉଛି। ସେମାନଙ୍କର ସଂପୃକ୍ତି ସ୍ପଷ୍ଟ ହେବା ପରେ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ମନୋଜଙ୍କର ଜଗନ୍ନାଥ ନଗର ଲେନ୍-୮ରେ ଏକ ଘର ନିର୍ମାଣ କରାଯାଉଛି। ମନୋଜ ଉକ୍ତ ଘରକୁ ଯାଇଥିଲେ ଦେଖିବା ପାଇଁ। ସକାଳ ସାଢ଼େ ୧୧ଟା ସମୟରେ ଉକ୍ତ ଘର ଚାରିପଟେ ବୁଲି ଦେଖିବା ସମୟରେ ଏକ କାର୍ ଆସି ସେଠାରେ ଲାଗିଥିଲା। କାର୍‌ରୁ ୪ଜଣ ଯୁବକ ଆସି ମନୋଜଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କାର୍‌ରେ ବସିବାକୁ କହିଥିଲେ। ମନୋଜ ମନା କରିବାରୁ ତାଙ୍କୁ ମାଡ଼ ମାରି ଜବରଦସ୍ତ କାର୍ ଭିତରକୁ ଟେକି ନେଇଯାଇଥିଲେ।

# ଏନ୍‌କାଉଣ୍ଟରରେ ଆହତ ଜିତେନ୍ଦ୍ର ନାଁ'ରେ ରହିଛି ୩୫ରୁ ଊର୍ଦ୍ଧ୍ୱ ମାମଲା



**ଭୁବନେଶ୍ୱର (ପିପିଏସ୍):** ଶନିବାର ବିଳମ୍ବିତ ରାତିରେ କମିସନରେଟ୍ ପକ୍ଷରୁ ହୋଇଥିବା ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ଜିତେନ୍ଦ୍ର ପଲେଇ ଓରଫ ଜିତୁ(୪୦) ଆହତ ହୋଇଛି। ତା' ବାମ ଗୋଡ଼ରେ ଗୁଳି ବାଜିଛି। ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଛି। ତେବେ ଜିତୁ ନାମରେ ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ଥିବା ଜଣାପଡ଼ିଛି। ଜିତୁ ଘର କଟକ ଜିଲ୍ଲା ନିଆଳି ଥାନା ଶାସନପଡ଼ାରେ। ଏଠାରେ ବଡ଼ଗଡ଼ ଥାନା ଗୌତମନଗର ଅଞ୍ଚଳରେ ରହି ଅପରାଧିକ କାଣ୍ଡ ଘଟାଉଥିଲା। ଅନ୍ୟପଟେ ତା'ର ସହଯୋଗୀ ତୋଫାନୀ ରାଉତ(୪୬) ଓ ଅନ୍ୟତମ ଅଭିଯୁକ୍ତ ଜଗତସିଂହପୁର ପଟ୍ଟସରା ଅଞ୍ଚଳର ଭାଗିରଥୀ ସ୍ୱାଇଁ(୪୪)ଙ୍କୁ ପୁଲିସ ଗିରଫ କରିଛି। ଗତ ୧୮ ତାରିଖ ରାତିରେ ଖାରବେଳନଗର ଥାନା ଅଞ୍ଚଳରେ ଥିବା ଶ୍ରୀ ଜୁଏଲାରୀ ମାଲିକ ରମାକାନ୍ତ ମହାରଣାଙ୍କ ଉପରକୁ ବୋମାମାଡ଼ ଘଟଣାର ଖୋଳତାଡ଼ କରୁକରୁ ପୁଲିସ ଜିତୁର ସମ୍ପୃକ୍ତି ଜାଣିବାକୁ ପାଇଥିଲା। ଖାରବେଳନଗର ଥାନା ପୁଲିସ ତା' ଗତିବିଧି ଉପରେ ନଜର ରଖିଥିଲା। ଶନିବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟା ସମୟରେ ସେ ଟଙ୍କପାଣି ରୋଡ୍ ଅଞ୍ଚଳରେ ଥିବା ପୁଲିସ ଜାଣିବାକୁ ପାଇଥିଲା। ଯୋଜନା ମୁତାବକ ଖାରବେଳନଗର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ଓ ସ୍ପେସାଲ୍ ସ୍କ୍ୱାଡ୍ ଏସିପି ହିମାଂଶୁ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସର ଦୁଇଟି ଟିମ୍ ଅପରେସନ୍‌ରେ ବାହାରି ଯାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଜିତୁର କାରକୁ ଠାବ କରିଥିଲେ। ଜିତୁ ପୁଲିସ ଭ୍ୟାନ୍ ଦେଖି ଫେରାର ହେବାକୁ ଉଦ୍ୟମ କରିଥିଲା। ପୁଲିସ ଟିମ୍ କିଛି ବାଟ ଜିତୁକୁ ଗୋଡ଼ାଇବା ପରେ ସେ କାରକୁ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଛାଡ଼ି ଦେଇ ଦୌଡ଼ିଥିଲା। ପୁଲିସ ପିଛା କରୁଥିବା ଦେଖି ଜିତୁ ଖସିବା ପାଇଁ ପୁଲିସ ଉପରକୁ ୪ରାଉଣ୍ଡ ଗୁଳି କରିଥିଲା। ଆଇଆଇସି ପାଲଟା ୩ ରାଉଣ୍ଡ ଗୁଳି କରିଥିଲେ। ଗୋଟିଏ ଗୁଳି ଜିତୁ ବାମ ଗୋଡ଼ରେ ବାଜିଥିଲା। ବା ପରେ ସେ ପଡ଼ିଯାଇଥିଲା। ତା'ଠାରୁ ଗୋଟିଏ ବନ୍ଧୁକ, ୬ ରାଉଣ୍ଡ ଗୁଳି ଓ କାର୍‌କୁ ଜବତ କରିଥିଲା। ତାକୁ ଚିକିତ୍ସା ପାଇଁ ହସ୍ପିଟାଲ୍ ପଠାଇଥିଲା।

# ଏଫ୍‌ଏଫ୍‌ସି ପକ୍ଷରୁ 'ଜୟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମ



**ଭୁବନେଶ୍ୱର (ପିପିଏସ୍):** ୱାକର୍ସ ଇଣ୍ଟରନ୍ୟାସନାଲ ସହ ସହବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ୍ ପକ୍ଷରୁ 'ଜୟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମ ନୂଆପଲ୍ଲୀ ସ୍ଥିତ ଦୁର୍ଗାପୂଜା ମଣ୍ଡପ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏଥିରେ ଜୟ ଓଡ଼ିଶାର ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ୱାକର୍ସ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସୀମାଞ୍ଚଳ ପାଣିଗ୍ରାହୀ ଯୋଗଦେଇ ବ୍ୟସ୍ତବହୁଳ ଜୀବନଶୈଳୀକୁ ଆନନ୍ଦମୟ କରିବାକୁ ହେଲେ ନିଜ ଉପାର୍ଜନର ବଞ୍ଚିତ ଅର୍ଥରାଶି ଗରିବ, ଦିବ୍ୟାଙ୍ଗ ଛାତ୍ର ଓ ବୟସ୍କ ବ୍ୟକ୍ତିଙ୍କ ଅସମୟରେ ପ୍ରଦାନ କରିବା ହେଉଛି ମହାପୁଣ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ, ୧୦୦ରୁ ଊର୍ଦ୍ଧ୍ୱ ମହିଳା, ଦିବ୍ୟାଙ୍ଗ, ବୟସ୍କ ବ୍ୟକ୍ତି, ବିଏମ୍‌ସି ସଫେଇ କର୍ମଚାରୀଙ୍କୁ ନୂଆ ଓ ପୁରୁଣା ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି କେଦାର ପଟ୍ଟନାୟକ, ସମ୍ପାଦକ ଆଶିଷ ପଟ୍ଟନାୟକ, ଭେଷଜ ବିଭାଗ ପ୍ରଫେସର ଡ. ଏସ୍‌ଏନ୍ ସ୍ୱାଇଁ, ଅଜିତ ପ୍ରସାଦ ସାହୁ, ଶିବିର ପରିଡ଼ା ପ୍ରମୁଖଙ୍କ ସମେତ ଜୟ ଓଡ଼ିଶା, ସନରାଇଜ୍ ୱାକର୍ସ କ୍ଲବ୍, ବ୍ରହ୍ମପୁର ୱାକର୍ସ କ୍ଲବ୍, ନୂଆପଲ୍ଲୀ ଦୁର୍ଗାପୂଜା ସମିତି କର୍ମକର୍ତ୍ତା ଯୋଗଦେଇଥିଲେ।

# ଫାକଲ୍‌ଟିମାନେ ଠିକ୍ ସମୟରେ ଓପିଡି ଆସିବା ନେଇ ଅଧୀକ୍ଷକଙ୍କ ଚିଠି

**ଭୁବନେଶ୍ୱର (ପିପିଏସ୍):** ଏମ୍‌ସରେ ଫାକଲଟିଙ୍କ ଓପିଡି ଆସିବା ସମୟ ନିର୍ଘଣ୍ଟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ଅଧୀକ୍ଷକ ପକ୍ଷରୁ ଜାରି ଇ-ମେଲ୍‌ରେ ସମସ୍ତ ଫାକଲଟିଙ୍କୁ ନିର୍ଧାରିତ ସମୟ ପୂର୍ବାହ୍ନ ୯ଟାରେ ପହଞ୍ଚିବା ପାଇଁ କୁହାଯାଇଥିଲା। କିଛି ଫାକ୍‌ଲଟି ବିଳମ୍ବରେ ପହଞ୍ଚୁଛନ୍ତି ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ଏହାକୁ ନେଇ ଅସନ୍ତୁଷ୍ଟ ଆଉ କିଛି ଫାକଲଟି ଏମ୍‌ସ ଡେପୁଟି ଡାଇରେକ୍ଟର (ପ୍ରଶାସନ)ଙ୍କୁ ଏକ ପତ୍ର ଦେଖାଇଥିଲେ। ସେଥିରେ ଫାକଲଟିଙ୍କ ଆସିବା ସମୟ ପୂର୍ବାହ୍ନ ସାଢ଼େ ୯ଟା ଉଲ୍ଲେଖ ରହିଛି। ପ୍ରକୃତରେ ଏମ୍‌ସ ଓପିଡିକୁ ଫାକଲଟି ଆସିବା ସମୟ ପୂର୍ବାହ୍ନ ୯ଟା କିମ୍ବା ସାଢ଼େ୯, ଏହାକୁ ନେଇ ମଧ୍ୟ ଫାକଲଟିଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଅଧୀକ୍ଷକ ପ୍ରଫେସର ଦିଲ୍ଲୀପ ପରିଡ଼ା କହିଛନ୍ତି, ଏମ୍‌ସରେ ପାଠପଢ଼ା ୮ଟା ଏବଂ ଓପିଡି ସାଢ଼େ ୮ଟାରେ ଆରମ୍ଭ ହୁଏ। ଓପିଡିକୁ ପ୍ରଥମେ କନିଷ୍ଠ, ପରେ ବରିଷ୍ଠ ଆବାସିକ ଡାକ୍ତର ଏବଂ ପରେ ୯ଟାରେ ଫାକ୍‌ଲଟି ଆସିଥାଆନ୍ତି। ଡାକ୍ତରଙ୍କ ସିଫ୍ଟ ଅନୁଯାୟୀ ସେମାନେ ଆସନ୍ତି। ଏହା କାର୍ଯ୍ୟାଳୟ ନୁହେଁ। ଡାକ୍ତରଙ୍କ ଯିବା ସମୟ ମଧ୍ୟ ନିର୍ଦ୍ଦିଷ୍ଟ ନଥାଏ। ତେଣୁ ଡାକ୍ତରଙ୍କ ପାଇଁ କଡ଼ା ନିୟମ ନାହିଁ। କିନ୍ତୁ ଠିକ୍ ସମୟରେ ଡାକ୍ତରଙ୍କୁ ଆସିବା ପାଇଁ କିଛି ଦିନ ପୂର୍ବରୁ ଚିଠି କରାଯାଇଥିବା ଡାକ୍ତର ପରିଡ଼ା କହିଛନ୍ତି। କୌଣସି ଡାକ୍ତର ବିଳମ୍ବରେ ଆସୁଥିବା ସଂପର୍କିତ ସୂଚନା ତାଙ୍କ ପାଖରେ ନଥିବା ସେ ଜଣାଇଛନ୍ତି।

# ହୋଲ୍ଡିଂ ଟିକସ ଆଦାୟକୁ ବିଏମ୍‌ସିର ଗୁରୁତ୍ୱ

**ଭୁବନେଶ୍ୱର (ପିପିଏସ୍):** ରାଜସ୍ୱ ବର୍ଷ ସରିବାକୁ ବସିଥିବା ବେଳେ ବିଏମ୍‌ସିକୁ ରାଜସ୍ୱ ଚିନ୍ତା ଘାରିଛି। ବିଶେଷକରି ହୋଲ୍ଡିଂ ଟ୍ୟାକ୍ସ ଉପରେ ଗୁରୁତ୍ୱ ଦେଇଛି ବିଏମ୍‌ସି। ପ୍ରତିଦିନ ଘରକୁ ଘର ବୁଲି ୱାର୍ଡ ଅଫିସର ବକେୟା କର ଆଦାୟ କରୁଥିବା ବେଳେ ନିୟମିତ ସମୀକ୍ଷା ଚାଲିଛି। କିନ୍ତୁ ସରକାରୀ ଅଫିସ୍‌ରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ହେଉନାହିଁ କିମ୍ବା ଅଫିସ୍ ମଧ୍ୟ ଆପଣାଛାଏଁ ଏହି କର ଦେଉନାହିଁ। ଏଣୁ ସରକାରୀ ଅଫିସ୍‌କୁ ବିଏମ୍‌ସି ଟାର୍ଗେଟ୍ କରିଛି। ନିକଟ ଅତୀତରେ ଟିପିସିଓଡିଏଲ୍‌ଠାରୁ ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବା ପାଇଁ ସେସୁ (ଏବେ ଟିପିସିଓଡିଏଲ୍) ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ବିଏମ୍‌ସି ଓପିଡିଆର (ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରି) ଆଇନ ବଳରେ ମାମଲା ରୁଜୁ କରିଥିବା ବେଳେ ଏବେ ଦୁଇ ସରକାରୀ ଅଫିସ୍‌କୁ ନୋଟିସ୍ କରିଛି। ଅସନ୍ତା ୩ ଦିନ ମଧ୍ୟରେ ଆଉ ୧୫ଟି କାର୍ଯ୍ୟାଳୟକୁ ନୋଟିସ୍ କରାଯିବାକୁ ଯୋଜନା ରହିଛି। ଟିପିସିଓଡିଏଲ୍ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ନେବା ପୂର୍ବରୁ ସେସୁ ରହିଥିଲା। ସେତେବେଳୁ ବିଭିନ୍ନ ଅଫିସ୍‌ରୁ ହୋଲ୍ଡିଂ କର ଆଦାୟ ହେଉ ନଥିଲା। ବିଏମ୍‌ସି କେବଳ ଡିମାଣ୍ଡ ନୋଟିସ୍ ପଠାଉଥିଲା। ଏହି କର ବଢ଼ି ବଢ଼ି ୧ କୋଟି ୭୩ ଲକ୍ଷ ୬ ହଜାର ୩୭୯ ଟଙ୍କାରେ ପହଞ୍ଚିଥିଲା। ଶେଷରେ ବିଏମ୍‌ସି ଓପିଡିଆର ଆକ୍ଟରେ ମାମଲା ରୁଜୁ କରିଥିଲା। ସେହିଭଳି ଜଳ ସମ୍ପଦ ବିଭାଗର ହୋଲ୍ଡିଂ ଟ୍ୟାକ୍ସ ବାବଦକୁ ୧୪ ଲକ୍ଷ ୭୯ ହଜାର ୫୭୨ ଟଙ୍କା ବାକି ପଡ଼ିଛି। ୱାର୍ଡ ନମ୍ବର ୪୮ରେ ଥିବା ପ୍ରାଚୀ ଡିଭିଜନ୍‌ର ୭୪ ହଜାର ୫୭୧ ଟଙ୍କା ବାକି ପଡ଼ିଥିବା ବେଳେ ରାଜୀବ ଭବନ ପ୍ରାଚୀ ଡିଭିଜନ୍‌ର ୩ ଲକ୍ଷ ୫୦ହଜାର ୮୬୧, ୱାଟର ପ୍ଲାନିଂ ଅର୍ଗାନାଇଜେସନ୍‌ର ୮୪ ହଜାର ୨୪, ଡାଟା ଆର୍କାଇଭିଂ ଆଣ୍ଡ ପବ୍ଲିସିଂର ୮ ଲକ୍ଷ ୯୪ ହଜାର ୧୪୪ ଓ ଆଗ୍ରୋନୋମିଷ୍ଟ ମାଇନର ଇରିଗେସନର ୭୫ ହଜାର ୯୭୨ଟଙ୍କା ବାକି ପଡ଼ିଛି।

# ବୁଲେଟ-କାର୍ ଧକ୍କାରେ ଜଣେ ମୃତ, ଅନ୍ୟଜଣେ ଗୁରୁତର

**ଭୁବନେଶ୍ୱର (ପିପିଏସ୍):** ଶନିବାର ବିଳମ୍ବିତ ରାତିରେ ଏକ କାର୍ ବୁଲେଟ୍ ପଛରେ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱର-ଖୋରଧା ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଭୁଆସୁଣିଠାରେ ଓଡି ୦୨ ୟୁ ୯୦୯୩ ନମ୍ବରର ବିଶିଷ୍ଟ ବୁଲେଟ୍ ପଛରେ ଓଡି ୦୨ ଏଏସ୍ ୪୯୯୧ ନମ୍ବରର କାର୍ ପିଟିଥିଲା। ଫଳରେ ବୁଲେଟ୍ ଚାଳକ ଦିବ୍ୟଦର୍ଶନ ପ୍ରଧାନ(୩୩)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଗୁରୁତର ହୋଇଥିବାବେଳେ ଉଭୟ ମୃତାହତଙ୍କୁ ଏମ୍‌ସ ଡାକ୍ତରଖାନା ନିଆଯାଇଥିଲା। ପୁଲିସ ଦୁଇଟି ଗାଡ଼ିକୁ ଜବତ କରିଛି। କାର୍ ଚାଳକକୁ କୋର୍ଟଚାଲାଣ କରାଯାଇଛି। ବୁଲେଟ୍ ଚାଳକ ଖୋରଧା ଅଞ୍ଚଳର ବୋଲି ଜଣାପଡ଼ିଛି।

# ଜନଜାତି ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ଅନ୍ତର୍ଗତ ପଥରବନ୍ଧ ବସ୍ତିର ଟାଇଗର କ୍ଲବ ପରିସରରେ ରବିବାର ଜାତି ଜନଜାତି କଲ୍ୟାଣ ପରିଷଦ ତରଫରୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ସିମାଞ୍ଚଳ ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳକ ବାଳିକା ମାନଙ୍କୁ ନିଜର ପାଠପଢ଼ା ପ୍ରତି ଅଧିକ ପ୍ରଯତ୍ନ ରହିବାକୁ ପରାମର୍ଶ ଦେଇଥିଲେ। ଏହାସହ ବସ୍ତିର ଅଭିଭାବକ ମାନେ ପିଲାଙ୍କ ପାଇଁ କିଛି ସମୟ ଦେବାକୁ ସେ କହିଥିଲେ। ଗୁଜୁରାଟରୁ ଆସିଥିବା କଲ୍ୟାଣ ଆଶ୍ରମର ସର୍ବ ଭାରତୀୟ ସହ ପ୍ରଚାର ପ୍ରମୁଖ ପ୍ରକାଶ କାଲେ ଯୋଗଦେଇ ସମସ୍ତେ ସକାଳ ଓ ସନ୍ଧ୍ୟାରେ ନିୟମିତ ପାଠ ପଢ଼ିବା ପାଇଁ ଉପଦେଶ ଦେଇଥିଲେ। ଜନଜାତି କଲ୍ୟାଣ ପରିଷଦର କୋଷାଧ୍ୟକ୍ଷ ସୁବାସ ରାୟ ଓ ସମ୍ପାଦକ ବିଶ୍ୱାମିତ୍ର ମହାନ୍ତି ଉପସ୍ଥିତ ଥିଲେ।

# ଅଧିକାଂଶ ୱାଟର୍ ଏଟିଏମ୍ ଅଚଳ, ପଥଚାରୀ ହତାଶ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୱାଟର୍ ଏଟିଏମ୍ ସ୍ଥାପନ କରାଯାଇଥିଲା। ବିଶେଷକରି ଖରାଦିନରେ ଏହି ୱାଟର୍ ଏଟିଏମ୍ ପଥଚାରୀମାନଙ୍କୁ ବେଶ୍ ସହାୟକ ହେଉଥିବା ବେଳେ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଏଗୁଡ଼ିକ ଅଚଳାବସ୍ଥାରେ ପଡ଼ି ରହିଛି। ଦିନକୁ ଦିନ ତାପମାତ୍ରା ବଢୁଥିବା ବେଳେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଥଚାରୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଣୀବିହାର ଛକରେ ରହିଥିବା ୱାଟର ଏଟିଏମ୍‌ରେ। ଏଠାରେ ରହିଥିବା ବସଷ୍ଟପ୍ ରେ ବସ୍‌କୁ ଅପେକ୍ଷା କରୁଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଯାତ୍ରୀମାନେ ପାଣି ଆଣିବାକୁ ଯାଇ ଫେରୁଥିବା ଦେଖିବାକୁ ମିଳିଛି।

୨୦୧୬ ମସିହାରେ ଭୁବନେଶ୍ୱର ମହାନଗର ପକ୍ଷରୁ ସହରର ପ୍ରାୟ ବିଭିନ୍ନ ଜନଗହଳି ସ୍ଥାନଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ୱାଟର ଏଟିଏମ୍ ସ୍ଥାପନ କରାଯାଇଥିଲା। ହେଲେ ସେଥିମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ ୱାଟର ଏଟିଏମ୍ ଦିନ କେଇଟା ପରେ ଅଚଳାବସ୍ଥାରେ ପଡ଼ି ରହିଛି। ତେବେ ସହରର ସୁବଠୁ ଜନଗହଳି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବାଣୀବିହାର ଛକରେ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ଏଠାରେ ଅଟୋ କିମ୍ବା ବସ୍‌କୁ ଅପେକ୍ଷା କରିଥାନ୍ତି ଛାତ୍ରଛାତ୍ରୀଙ୍କ ଠାରୁ ସରକାରୀ ଓ ବେସରକାରୀ କର୍ମଚାରୀ ଏବଂ ଦିନମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକମାନେ। ଏହି ୱାଟର ଏଟିଏମ୍‌ରେ ମାତ୍ର ୧ଟଙ୍କାରେ୧ ଲିଟର ଥଣ୍ଡା ପାଣି ମିଳୁଥିବାରୁ ସହରବାସୀଙ୍କ ସମେତ ସହରକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କର ମଧ୍ୟ ପାଣି ବୋତଲ କିଣିବା ଖର୍ଚ୍ଚ ବଞ୍ଚାଉଥିଲା। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ, ପଥଚାରୀମାନେ ଏଥିରୁ ସୁବିଧା ପାଉଥିଲେ। ହେଲେ ପ୍ରାୟ ୨ବର୍ଷ ହେବ ଅଚଳାବସ୍ଥାରେ ପଡ଼ି ରହିଛି ବିଭିନ୍ନ ସ୍ଥାନର ୱାଟର ଏଟିଏମ୍। ଗତବର୍ଷ ଖରାଦିନରେ ଏହାକୁ ସଜାଡ଼ିବା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ବିଏମସିକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ସେହିପରି ନଟାଲା, ଶିରିପୁର, ଇଣ୍ଡୋସିଟି ଆଦି ସ୍ଥାନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଖରାଦିନରେ ପାଣି ବୁନ୍ଦେ ପାଇଁ ସମସ୍ତେ ତହଳବିକଳ ହେଉଥିବା ବେଳେ ଲିଟର ପିଛା ୨୦ଟଙ୍କା ଏବଂ ଅଧା ଲିଟର ପାଣି ବୋତଲକୁ ୧୦ ଟଙ୍କାରେ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ହେଲେ ବର୍ଷରେ ଅଧାରୁ ଅଧିକ ଦିନ ଖରାପ ହେଉଥିବା ଏହି ୱାଟର ଏଟିଏମ୍ ବାବଦକୁ ଖର୍ଚ୍ଚ ହୋଇଥିବା ଅର୍ଥ ପାଣିରେ ବୁଡ଼ିଥିବା କୁହାଯାଉଛି। କାରଣ ଲୋକମାନଙ୍କ ସୁବିଧା ପାଇଁ କରାଯାଇଥିବା ଏହି ବ୍ୟବସ୍ଥାର ଆବଶ୍ୟକ ତଦାରଖ ଏବଂ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଲୋକମାନେ ଏଥିରୁ କୌଣସି ଲାଭ ପାଉ ନ ଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ଏନେଇ ବିଏମ୍‌ସି ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ଉତ୍ତର ଦେଇ ନ ଥିଲେ।

# ନବରାତ୍ର ପୂଜାର ଷଷ୍ଠ ଦିନ


ଗଡ଼ଚଣ୍ଡୀଙ୍କ ଗାୟତ୍ରୀବେଶ।


କଟକଚଣ୍ଡୀଙ୍କ ସୁନାବେଶ।


ବାସନ୍ତୀ ଦୁର୍ଗାଙ୍କ କାତ୍ୟାୟିନୀବେଶ।

(ଫଟୋ : ସରୋଜ)

# ୫୯ ନଂ ଜାତୀୟ ରାଜପଥ ଡିଭାଇଡରକୁ ପିଟିଲା ପଥର ବୋଝେଇ ଟ୍ରଲର



ହିଞ୍ଜିଳିକାଟୁ, (ପିପିଏସ) : ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ସହରର ଜଗନ୍ନାଥ ମନ୍ଦିର ନିକଟସ୍ଥ ଛକଠାରେ ଡିଭାଡରକୁ ପିଟିଲାଏକ ପଥର ବୋଝେଇ ଟ୍ରଲର। ବିଳମ୍ବିତ ରାତିରେ ଘଟିଥିବା ବେଳେ ଜାତୀୟ ରାଜପଥ ୫୯ ହିଞ୍ଜିଳିକାଟୁର ଖବର ଲେଖା ସୁଦ୍ଧା ଗାଡିଟି ପଡି ରହିଛି। ବଡ଼ ବଡ଼ ଓଜନର ୨ଟି ପଥର ବୋଝେଇ ସହ ଡ୍ରାଇଭର କିମ୍ବା ଅନ୍ୟ କୌଣସି ବ୍ୟକ୍ତି ମୃତ କିମ୍ବା ଆହାତ ହୋଇନଥିବା ଜଣାପଡିଛି। ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି କରୁଛି ତଦନ୍ତ। ଖବରମୁତାବକ ଆସିକା ପଟୁ ଆସୁଥିବା ପଥର ବୋଝେଇ ଟ୍ରଲର ବ୍ରହ୍ମପୁର ଅଭିମୁଖେ ଯାତ୍ରା ସମୟରେ ଏହି ଘଟଣା ଘଟିଛି। ଗାଡିଟିରେ ପ୍ରାୟ ୩୦ଟନରୁ ଅଧିକ ୨ଟି ପଥର ରହିଛି। ଆସିକା ନିକଟସ୍ଥ କୌଣସି ଏକ ପାହାଡରୁ ପଥର ଆସିଥିବା ସୂଚନା ମିଳିଛି। ହେଲେ ଏଥିରେ କେହି ମୃତ କିମ୍ବା ଆହତ ହୋଇନଥିବା ବେଳେ ଗାଡିଟି ପ୍ରାୟ ୧୦୦ଫୁଟ ସିମେଣ୍ଟ ଡିଭାଡରକୁ ପିଟିଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କରିବା ପୁର୍ବରୁ ରଙ୍ଗ ଦିଆଯାଇଥିବା ଶକ୍ତ ଲୁହା ଗୁଡିକ ମଧ୍ୟ ଗାଡି ଚଢି ଚାଲିଛି। ହୁଏତ ସିମେଣ୍ଟର ଡିଭାଡର ନଥିଲେ ରାସ୍ତାରେ କଣ ହୁଅନ୍ତା ତାହା ଏହି ସ୍ପଷ୍ଟ ଚିତ୍ର ସଂକେତ ଦେଉଛି। ହିଞ୍ଜିଳିକାଟୁ ସହର ମଧ୍ୟ ଦେଇ ୫୯ ନଂ ଜାତୀୟ ରାଜପଥ ଥିବା ବେଳେ ସର୍ବଦା ଚାରିଚକିଆ ଯାନବାହନ ଚଳାଚଳ ରହିଛି। ଏପରିକି ବାଣିଜ୍ୟିକ ସହର ହିଞ୍ଜିଳିକାଟୁ ହେତୁ ସଦସର୍ବଦା ଅନେକ ଯାନବାହନ ଚଳାଚଳ ସହିତ ସ୍କୁଲ କଲେଜ କାର୍ଯ୍ୟାଳୟକୁ ଯିବାଆସିବା ସାଧାରଣଜନତାଙ୍କ ସ୍ୱାଭାବିକ ଲାଗିରହିଥିବା ସମୟରେ ଦୁର୍ଘଟଣା ଘଟିଥିବା ଗାଡିକୁ ହଟାଇବା ପାଇଁ ଲାଗିପଡିଛନ୍ତି ଗାଡି ମାଲିକଙ୍କ ଦଳ। ବୋଝେଇ ଥିବା ପଥର ଗାଡିକୁ ୨ଟି ହାଇଡ୍ରା ଓ ଅନ୍ୟ ଏକ ଟ୍ରଲର ଠେଲିବା ଓ ଉଠାଇବା ନେଇ ଚାଲିଥିବା ବେଳେ ଯାତ୍ରୀବାହୀ ବସ, ଟ୍ରକ ମୋଟର ସାଇକେଲ ଓ ପଦଯାତ୍ରାରେ ଜନତା ଥିଲେ। ଯାଦ୍ୱାରା ଚଳାଚଳ ବନ୍ଦ ସମୟରେ ଉଠାଇବା କାର୍ଯ୍ୟ ନକରି ସ୍ୱାଭାବିକ ଚଳାଚଳ ସମୟରେ ଉଠାଇବା କାର୍ଯ୍ୟ କରିବା ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଦେଖା ଦେଇଥିବା ବେଳେ କିଛି ଅଘଟଣ ଘଟିବ ନାହିଁ ବୋଲି କିଏ କହିପାରେ। ତେବେ ଗାଡିଟି କେଉଁ କାରଣରୁ ଏବଂ କାହିଁକି ବିଳମ୍ବିତ ରାତିରେ ଘଟଣା ଘଟିଥିଲା ତାହା ଜନତାଙ୍କ ସନ୍ଦେହ ସୃଷ୍ଟି କରିଛି। ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡିଚଳାଚଳ କରିଥିଲେ କି? ନା ଚଳାଚଳ ସମୟରେ ଆଖିକୁ ନିଦ ଲାଗିଥିଲା ନା ଦ୍ରୁତଗତିରେ ଅସବଧାନତା ଥିଲା ତାହର ତଦନ୍ତ ହିଞ୍ଜିଳି ପୋଲିସ କରୁଥିବା ଜଣାପଡିଛି।

# ରତାପାଟରେ ବିଶ୍ୱ ନାଟ୍ୟ ଦିବସ ପାଳିତ

ବଡମ୍ବା, (ପିପିଏସ) : ବଡମ୍ବା ବ୍ଲକ ଅନ୍ତର୍ଗତ ରତାପାଟରେ ଗ୍ରାମ ପଞ୍ଚାୟତର ମିଳିତ ଜାତୀୟ ଯୁବକ ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସଂଘର ସଦସ୍ୟ ଓ କର୍ମକର୍ତ୍ତା ମାନଙ୍କ ଦ୍ୱାରା ସାରଳା ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଭବୀ ମଞ୍ଚ ଅଭିନେତା ତଥା ଶିକ୍ଷକ ନେତା ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ ପରନ୍ତୁ ସମାଜ ସଂସ୍କାରର ଅମୋଘ ଅସ୍ତ୍ର ବୋଲି ମତ ବ୍ୟକ୍ତ କରିଥିଲେ। ମଞ୍ଚ ନାଟକ ପରିବେଷଣ ଦର୍ଶକଙ୍କୁ ବିଭୋର କରିବା ସହ ସମାଜରେ ସତ୍ୟ, ଶାନ୍ତି, ମୈତ୍ରୀ ଓ ପ୍ରଗତି ପ୍ରତିଷ୍ଠା କରୁବୋଲି କାମନା କରିଥିଲେ। ବରିଷ୍ଠ କର୍ମକର୍ତ୍ତା ସଦାନନ୍ଦ ରାଉତ ମୁଖ୍ୟ ଅତିଥି ଶ୍ରୀ ଧଳଙ୍କ ଦ୍ୱାରା ରଚିତ 'ପଡିବନି ଆଉ ତୋ ପ୍ରେମରେ' ଚଳିତ ବର୍ଷ ମଂଚସ୍ଥ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଧ୍ରୁବ ଚରଣ ରାଉତ, ସୁଶାନ୍ତ କୁମାର ରାଉତ ଓ କୁମର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ଗିରିଧାରୀ ମଲ୍ଲିକ ଯୁବ ଗୋଷ୍ଠୀର ଏହି କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନରେନ୍ଦ୍ର ମୋଦି ଓ ଗୌତମ ଆଦାନୀଙ୍କ ସଂପର୍କର ତଦନ୍ତ ଦାବିରେ ବିକ୍ଷୋଭ

କଟକ, (ପିପିଏସ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୌତମ ଆଦାନୀଙ୍କ ଘନିଷ୍ଠତାର ତଦନ୍ତ ଦାବିରେ ଆଜି ସି.ପି.ଆଇ.(ଏମ୍) ତରଫରୁ କଟକ ଜିଲ୍ଲାପାଳଙ୍କ ଅଫିସ୍ ନିକଟରେ ବିକ୍ଷୋଭ କରାଯାଇଛି। କେନ୍ଦ୍ରର ବିଜେପି ସରକାର ପୁଞ୍ଜି ସମ୍ରାଟ ଗୌତମ ଆଦାନୀଙ୍କ ବେଆଇନ୍ ସଂପଦକୁ ସୁରକ୍ଷା ଦେବା ପାଇଁ ସମସ୍ତ ଅପକୌଶଳ ପ୍ରୟୋଗ କରୁଛି ବୋଲି ସି.ପି.ଆଇ.(ଏମ୍) ତରଫରୁ ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାର ମରିସସ୍‌ରେ ଥିବା ଗୌତମ ଆଦାନୀଙ୍କ ଜାଲ କମ୍ପାନୀଗୁଡିକରେ ୨୦ ହଜାର କୋଟି ଟଙ୍କା ବିନିଯୋଗ ପ୍ରସଙ୍ଗରେ ତଦନ୍ତ କରିବା, ଏପରିକି ପାର୍ଲାମେଣ୍ଟରେ ଆଲୋଚନା କରିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି। ଓଲଟା ମୋଦି ଓ ଆଦାନୀଙ୍କ ଏହି ୨୦ ହଜାର କୋଟି ଟଙ୍କାର ଉତ୍ସ ସଂପର୍କରେ ବିରୋଧୀ ଦଳମାନଙ୍କର ଦାବିକୁ ବନ୍ଦ କରି ଦେବା ପାଇଁ ନରେନ୍ଦ୍ର ମୋଦି ସରକାର ଅଦାଲତ ଜରିଆରେ ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟପଦ ରଦ୍ଦ କରିଛନ୍ତି। ଭାରତର ପାର୍ଲାମେଣ୍ଟରେ ରାହୁଲ ଗାନ୍ଧୀ ବକ୍ତବ୍ୟ ରଖିବା ପାଇଁ ଅନୁମତି ନ ଦେବା, ତାଙ୍କ ବକ୍ତବ୍ୟକୁ କକ୍ଷ କରିବା, ଲୋକସଭାର ବିବରଣୀରୁ ତାଙ୍କ ବକ୍ତବ୍ୟକୁ ବାଦ ଦେବା ଆଦି ଘଟଣାବଳୀ ଆମ ଦେଶର ସଂସଦୀୟ ଗଣତନ୍ତ୍ର ପ୍ରତି ଏକ ବିପଦ ହୋଇ ଠିଆ ହୋଇଛି। ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦ ରଦ୍ଦ କରିବା ଓ ତାଙ୍କୁ ବକ୍ତବ୍ୟ ରଖିବାକୁ ଅନୁମତି ନ ଦେବା ଘଟଣା କେବଳ ରାହୁଲ ଗାନ୍ଧୀଙ୍କ ଉପରେ ଆକ୍ରମଣ ନୁହେଁ, ଏହା ସତ୍ୟ ଓ ନ୍ୟାୟ ପାଇଁ ଦାବି କରୁଥିବା ଶକ୍ତି ଓ ସଂଗଠନଗୁଡିକ ଉପରେ ଆକ୍ରମଣ ବୋଲି ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି। ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଅଦାଲତ ବ୍ୟବସ୍ଥାକୁ ସମ୍ମାନ ଦେବା ସହିତ ଭାରତର ସଂସଦୀୟ ଗଣତନ୍ତ୍ର ଓ ନାଗରିକମାନଙ୍କର କଥା କହିବା, ନ୍ୟାୟ ଦାବି କରିବା ଇତ୍ୟାଦି ଅଧିକାରକୁ ସୁରକ୍ଷା ଦେବା ପାଇଁ ଦାବି କରୁଛି। ଏହି ପଟ୍ଟଭୂମିରେ ସମସ୍ତ ଗଣତାନ୍ତ୍ରିକ ଶକ୍ତି, ଗଣତନ୍ତ୍ରପ୍ରେମୀ ଜନଗଣ ଏକତ୍ରିତ ହୋଇ ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ଅଧିକାରକୁ ବଞ୍ଚାଇ ରଖିବା ପାଇଁ ଆଗେଇ ଆସିବାକୁ ଦଳ ତରଫରୁ ଅନୁରୋଧ କରାଯାଉଛି।




ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସି.ପି.ଆଇ.(ଏମ୍) କଟକ ଜିଲ୍ଲା ସଂପାଦକ ବଦ୍ରି ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ, କଟକ ଆଞ୍ଚଳିକ କମିଟି ସଂପାଦକ ପ୍ରତାପ ମହାପାତ୍ର, କୃଷକ ନେତା ଡମ୍ବୁରଧର ସାହୁ, ଶ୍ରମିକ ନେତା ରଶ୍ମି ରଞ୍ଜନ ତ୍ରିପାଠୀ, ଚନ୍ଦ୍ରକାନ୍ତ ବେହେରା, ଇଂ ମନମୋହନ ପତି, ନାରୀନେତ୍ରୀ ଶୁଭ୍ରା ମହାପାତ୍ର, ଗୋପାଳ ରାଉତ ପ୍ରମୁଖ ବକ୍ତବ୍ୟ ରଖି ହିନ୍ଦୁତ୍ୱବାଦୀ ସାଂପ୍ରଦାୟିକ ଶକ୍ତି ଓ କର୍ପୋରେଟ ମଧ୍ୟରେ ଗଢି ଉଠିଥିବା ରାଜନୈତିକ ସଂପର୍କ (ଉକ୍ସକ୍ଷଭଛ ଉବକ୍ଷସଷ୍ୱବକ୍ଷସଷ୍ୱଙ୍କ) ଦେଶର ଗଣତନ୍ତ୍ର ଓ ଦେଶବାସୀଙ୍କ ଅଧିକାରର ସୁରକ୍ଷା ଦିଗରେ ବଡ଼ ବିପଦ ହୋଇ ଠିଆ ହୋଇଥିବାରୁ ସମାଜର ପ୍ରତ୍ୟେକ ଅଂଶର ଜନଗଣ ଏହା ବିରୋଧରେ ଐକ୍ୟବଦ୍ଧ ହୋଇ ସଂଗ୍ରାମକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ।

# ଏକବିଂଶ ଶତାବ୍ଦୀରେ ଗାନ୍ଧୀବାଦର ପ୍ରାସଙ୍ଗିକତା : ଆଲୋଚନାଚକ୍ର

କଟକ, (ପିପିଏସ) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର୍ ଭଏସ୍‌ଲେସ୍‌ର ଗବେଷଣା ସଂସ୍ଥା ସେଣ୍ଟର ଫର ଥାର୍ଡ ଭଏସ ଷ୍ଟଡିଜ ତରଫରୁ ,ଏକବିଂଶ ଶତାବ୍ଦୀରେ ଗାନ୍ଧୀବାଦର ପ୍ରାସଙ୍ଗିକତା ଶିର୍ଷକ ଏକ ଆଲୋଚନା ଚକ୍ର କଟକ ସ୍ଥିତ ସ୍ୱରାଜ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜର ରାଜନୀତି ବିଭାଗର ଛାତ୍ରଛାତ୍ରୀ ଓ ଅଧାପିକା ଡଃ ମମତା ଖଣ୍ଡାୟତ ରାୟ ଓ ତପସ୍ୱିନୀ ବେହେରା ଅଂଶ ଗ୍ରହଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ସମାଜସେବୀ ଡଃ ଦ୍ୱିପାୟନ ପଟ୍ଟନାୟକ ସଭାପତିତ୍ୱ କରି ସାଂପ୍ରତିକ ସମାଜରେ ଯେଉଁ ଭଳି ଭାବରେ ହିଂସା,ଦଙ୍ଗା, ଅସତ୍ୟ ଓ ଅନ୍ୟାୟ ସୃଷ୍ଟି ହେଉଛି, ଏହାର ପ୍ରତିକାର ସ୍ୱରୂପ ଆଜିର ଯୁବ ପିଢି ଗାନ୍ଧୀଜୀଙ୍କ ଅହିଂସା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ସତ୍ୟ ଓ ଅହିଂସାକୁ ପାଥେୟ କରି ସମାଜରେ ବିକାଶରେ ସାମିଲ ହେବା ଅବଶ୍ୟକ ବୋଲି କହିଥିଲେ। ଉକ୍ତ ସଭାରେ ମୂଖ୍ୟ ଅତିଥି ରୁପେ ଶିକ୍ଷାବିତ ଡଃ ବିଶ୍ୱମୋହନ ଜେନା ଯୋଗଦେଇ ଛାତ୍ରଛାତ୍ରୀ ମାନେ କିଭଳି ଗାନ୍ଧୀଙ୍କ ନୀତି, ସରଳ ଜୀବନ ଯାପନ ଓ ଉଚ୍ଚ ଚିନ୍ତାଧାରାକୁ ଅପଣେଇବେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରିଯୁକ୍ତ ନଳିନୀ କାନ୍ତ ସାହୁ ବିଶିଷ୍ଟ ଅତିଥି ରୁପେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଗାନ୍ଧୀଙ୍କ ବାଣୀକୁ କେବଳ ଉଚ୍ଚାରଣ ରେ ସୀମିତ ନରଖି କିଭଳି ଆଚରଣରେ ପରିପ୍ରକାଶ କରିବେ ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଲେଖିକା ମୀରା ବେଉରା ବକ୍ତା ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ ବିସୃଙ୍ଖଳିତ ଯୁବ ସମାଜକୁ ଏହି ସଂକଟପୁର୍ଣ ପରିସ୍ଥିତିରୁ ଉଦ୍ଧାର କରିବାକୁ ହେଲେ ଗାନ୍ଧୀଙ୍କ ନୀତି ଆଦର୍ଶକୁ ସେମାନଙ୍କ ପାଖରେ ନିଜକୁ ସେହିଭଳିଭାବେ ଉପସ୍ଥାପନ କରିବାର ସମୟ ଆସିଛି ମତବ୍ୟକ୍ତ କରିଥିଲେ। ଏହି ସଭାକୁ ଡଃ ଭୀଷ୍ମନାରାୟଣ ଶବର, ପ୍ରଦିପ ସାମଲ, ବନଜ୍ୟୋସ୍ନା ମହାପାତ୍ର, ବିଜୟ କୁମାର ପଣ୍ଡା ପରିଚାଳନା କରିଥିଲେ। ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତ ରାୟ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାନ ଚନ୍ଦ୍ର ଏକାଡେମୀରେ ପ୍ଲାଷ୍ଟିକ ମୁକ୍ତ କର୍ମଶାଳା

ବରୀ, (ପିପିଏସ୍) : ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନ ବାଲିଆପାଳ ଛକ ସ୍ଥିତ ବିଧାନ ଚନ୍ଦ୍ର ଏକାଡେମୀ ପରିସରରେ ସୋମବାର ଇକୋ କ୍ଲବ ଓ ଏନ୍ଆର୍ଜି କ୍ଲବ ମିଳିତ ଆନୁକୁଲ୍ୟରେ ପ୍ଲାଷ୍ଟିକ ମୁକ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି, ପ୍ରଧାନଶିକ୍ଷକ ସୀତାକାନ୍ତ ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କର୍ମଶାଳା ରେ ଅତିଥିଭାବେ ନବ ଭାରତୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିକ୍ଷକ ସଙ୍କର୍ଷଣ କର, ଏବି ଏମ୍ ହାଇସ୍କୁଲ ର ପ୍ରଧାନଶିକ୍ଷକ ପାବ କ ମହାପାତ୍ର, ପ୍ଲାଷ୍ଟିକ ଇଞ୍ଜିନିୟର୍ ଅକ୍ଷୟ କୁମାର ସାହୁ ପ୍ରମୂଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ, ଶିକ୍ଷକ ଜତି କୃଷ୍ଣ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ,ଶିକ୍ଷୟତ୍ରୀ ସୌମ୍ୟ ଶ୍ରୀ ଦାସ, ଜୟଶ୍ରୀ ବେହେରା, କର୍ମଶାଳା ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ, କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ଜିଲ୍ଲା ର ଏକ ନମ୍ବର ବିଦ୍ୟାଳୟ ର ଏଭଳି କାର୍ଯ୍ୟକ୍ରମକୁ ଅଭିଭାବକ ମହଲ ପକ୍ଷରୁ ପ୍ରସଂଶା କରାଯାଇଛି।

## ସୀମା ଟପିଲାଣି ଟାଟା ପାୱାର

# ସେବା ବଦଳରେ ଜୁଲମ ବିରୋଧରେ ସାମ୍ବାଦିକ ସମ୍ମିଳନୀ

ବରୀ, (ପିପିଏସ୍) : ଯାଜପୁର ଜିଲ୍ଲା କୁଆଖିଆ ବିଦ୍ୟୁତ ଖଣ୍ଡ ଅଧିନରେ ଥିବା ଧର୍ମଶାଳା, ବରୀ ଓ କୁଆଖିଆ ଉପଖଣ୍ଡର ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ଟାଟା ପାୱାରର ଜୁଲମ ସୀମା ଟପିଲାଣି। ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଟିପିଏନ୍ଓଡିଏଲ(ଟାଟାପାୱାର) ବିଦ୍ୟୁତ ସେବା ପ୍ରଦାନ କରିବା ବଦଳରେ ଉପଭୋକ୍ତାମାନଙ୍କୁ ଶୋଷଣ କରିବା ଅଭିଯୋଗ ହେଉଛି। ଏଥିପାଇଁ କୁଆଖିଆ ଖଣ୍ଡ ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି ଉପଲକ୍ଷେ କମିଟି ପକ୍ଷରୁ କୁଆଖିଆ ବଜାର କିର୍ତ୍ତୀ ପାଲେସ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କମିଟିର ସଭାପତି ପଦ୍ମନାଭ ବାଭି ଅଧକ୍ଷତା କରିଥିଲେ। ସମ୍ପାଦକ ଅମୁଲ୍ୟ ବରାଳ ବିଭିନ୍ନ ତଥ୍ୟ ସମ୍ବଳିତ ଅଭିଯୋଗମାନ ଉପସ୍ଥାପନା କରିଥିଲେ। ସୂଚନା ଅନୁସାରେ ନେସ୍କୋ ହାତରୁ ଟାଟାପାୱାର ଦାୟିତ୍ୱ ନେବାପରଠାରୁ ଅଧିକାଂଶ ଗ୍ରାହକମାନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବିଲ୍ ରିଭିଜନ, ତ୍ରୁଟି ସଂଶୋଧନ ଭଳି ଅତି ଆବଶ୍ୟକ କାର୍ଯ୍ୟ ଉପଖଣ୍ଡ କିମ୍ବା ଖଣ୍ଡ କାର୍ଯ୍ୟାଳୟରେ ହେଉନାହିଁ। ବିଭିନ୍ନ ଆଳରେ ସାଧାରଣ ଗ୍ରାହକମାନଙ୍କଠାରୁ ଅଧିକା ବିଲ୍ ହୋଇଥିବା ଆଳରେ ଅର୍ଥ ଆଦାୟ କରାଯାଉଛି। ସରକାରୀ ଯୋଜନାରେ କେବଳ ଅନ୍ତର୍ଭୁକ୍ତ ହୋଇ ବିଦ୍ୟୁତ ସଂଯୋଗ ହୋଇନଥିବା ସମୟର ମିଥ୍ୟା ବିଲ୍ କରାଇ ଘରୋଇ ଲୋକମାନଙ୍କଠାରୁ ବେଆଇନଭାବେ ଅର୍ଥ ଆଦାୟ କରାଯିବା ଏବଂ ଅନ୍ୟାୟପୂର୍ଣ୍ଣଭାବେ ଲୋକଙ୍କ ବିଦ୍ୟୁତ ସଂଯୋଗ କାଟିବା। ଗ୍ରାହକମାନଙ୍କୁ ଡରାଇ କିମ୍ବା ଦୁର୍ବ୍ୟବହାର ଦେଖାଇ ସେମାନଙ୍କ ଘରେ ଜୋରଜବରଦସ୍ତ ପସିବା। ବେଆଇନଭାବେ ଫାଇନ ଆଦାୟକରିବା। ବର୍ଷ ତମାମ ରହିଥିବା ଅନାଦେୟ ଅର୍ଥକୁ ଠିକ୍ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ ସଂଯୋଗ କାଟିବାର ଭୟଦେଖାଇ ଏକା ସମୟରେ ସମ୍ପୁର୍ଣ୍ଣ ଆଦାୟକରିବା ଭଳି ଅନେକ ଅମାନବୀୟ ପଦକ୍ଷେପ ସମ୍ପର୍କରେ କମିଟି ପକ୍ଷରୁ ଦୃଢନିନ୍ଦା କରାଯାଇଛି। ଏ ସମ୍ପର୍କରେ ସରକାର ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ବିଦ୍ୟୁତ ଯୋଗାଣ ନାମରେ କମ୍ପାନୀରାଜକୁ ତୀବ୍ର ବିରୋଧ କରାଯିବାକୁ ଆଗାମୀ ଦିନରେ ହେଉଥିବା ପ୍ରସ୍ତୁତି ସମ୍ପର୍କରେ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସଂଗଠନର ଉପସଭାପତି କଳ୍ପତରୁ ପଣ୍ଡା, କୋଷାଧ୍ୟକ୍ଷ ବାବୁଲି ସାହୁ, ବରିଷ୍ଠ ସଭ୍ୟ ପ୍ରହଲ୍ଲାଦ ପଣ୍ଡା, କାଳନ୍ଦି ଚରଣ କଣ୍ଡୁ, ଶ୍ରୀଧର ବେହେରା, ବଟକୃଷ୍ଣ ସାହୁ, ଅରୁଣ କୁମାର ସାହୁ, କାର୍ତ୍ତି ପଣ୍ଡା, ଆନନ୍ଦ ଚନ୍ଦ୍ର ସାହୁ, ଅଭୟ ତ୍ରିପାଠୀ, ଦେବେନ ପାଢୀ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଯୋଗଦେଇ ବିଭିନ୍ନ ଅଞ୍ଚଳରେ ରହିଥିବା ବିଦ୍ୟୁତ ସମସ୍ୟା ଓ କମ୍ପାନୀର ଶୋଷଣ ନୀତି ଉପରେ ଆଲୋଚନା କରିଥିଲେ।

# ବିଦ୍ୟାଭାରତୀର ବାର୍ଷିକ ଉତ୍ସବ

କୁଜଙ୍ଗ, (ପିପିଏସ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଠାରେ ଥିବା ବି.କେ.ଚୌଧୁରୀ ସ୍ମାରକୀ ସ୍କୁଲ ବିଦ୍ୟାଭାରତୀର ଅଷ୍ଟାଦଶ ବାର୍ଷିକ ଉତ୍ସବ ମୁଖ୍ୟ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ରଙ୍କ ପୌର ହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୁପେ ଆଶ୍ୱସ୍ତି ଫାଉଣ୍ଡେସନର ଅଧକ୍ଷା ବିଜୟଲକ୍ଷ୍ମୀ ମହାପାତ୍ର, ମୁଖ୍ୟବକ୍ତାରୁପେ ଗୋବିନ୍ଦ ଭଗବାନ, ସମ୍ମାନୀତ ଅତିଥିଭାବେ ସ୍ମାଇଲ ଚ୍ୟାରିଟେବୁଲ ଟ୍ରଷ୍ଟର ସଭାପତି ଡା. ସଚିତ୍ର ରାଉତ, କଳ୍ପନା ସୂତାର, ବ୍ୟାଙ୍କ ଅଧିକାରୀ ରଜତ କୁମାରମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଶିକ୍ଷାକମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ଡ. ଅରୁଣ କୁମାର ପାଣି ପ୍ରମୁଖ ଯୋଗଦେଇ ପ୍ରକୃତି ଶିକ୍ଷା ମୁଳ ଲକ୍ଷଠାରୁ ଦୂରେଇଯାଉଥିବାରୁ ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଅଭିଭାବକମାନେ ଏଥିପାଇଁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ।

## ସାହାଡାପଦା ସେବା ସମବାୟ ସମିତି ପକ୍ଷରୁ

# ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ କୃଷି ଋଣ କର୍ମଶାଳା ଓ ସାଧାରଣ ସଭା

ବାଙ୍କୀ, (ପିପିଏସ) : ଆଜି ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ସାହାଡାପଦା ସେବାସମବାୟ ସମିତି ପକ୍ଷରୁ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ କୃଷି ଋଣ କର୍ମଶାଳା ସହ ସାଧାରଣ ସଭା ମା'ବ୍ରହ୍ମେଇଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ସାହାଡା ପଦା ସେବା ସମବାୟ ସମିତି ସଭାପତି ତଥା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ପିତେଇ ସ୍ୱାଇଁ , ପରିଚାଳନା କମିଟି ସଭ୍ୟ ସୁବାସିନୀ ମହାରଣା, ପ୍ରବୋଧ କୁମାର ମହାପାତ୍ର, ଧର୍ମାନନ୍ଦ ସ୍ୱାଇଁ, ପ୍ରତାପ ରାଉତ, ଦୁର୍ଯ୍ୟୋଧାନ ସ୍ୱାଇଁ ପ୍ରଭୃତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚାଷୀମାନଙ୍କୁ ବିନା ସୁଧରେ ଏକଲକ୍ଷ ଟଙ୍କା ଋଣ ଏବଂ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା ରହିଛି ବୋଲି ସଭାପତି ଶ୍ରୀ ପାଢ଼ୀ ପ୍ରକାଶ କରିଥିଲେ। ଏହା ସହିତ ଚାଷୀମାନଙ୍କୁ କିପରି ସମିତି ଜରିଆରେ ସାର,ବିହନ ଓ କୀଟନାଶକ ଔଷଧ ଯୋଗାଇ ଦିଆଯିବ ତାହାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ରହିଛି। ସମିତି ସଂପାଦକ ପ୍ରିୟବ୍ରତ ପରିଡା ଗତ ସାଧାରଣ ସଭାର ବିବରଣୀ ପାଠ କରିବା ସହିତ ୨୦୨୨-୨୩ବର୍ଷର ଜମାଖର୍ଚ୍ଚ ଉପସ୍ଥାପନ କରିଥିଲେ। ୨୦୨୩-୨୪ବର୍ଷ ନିମନ୍ତେ ଆୟବ୍ୟୟର ଅଟକଳ , ସମୀକ୍ଷା ରିପୋର୍ଟ ପଠନ କରାଯିବା ପରେ ତୃଟି ସଂଶୋଧନ କରାଯାଇଥିଲା। ସମସ୍ତ ବିଷୟ ଆଲୋଚନା ପରେ ସର୍ବସମ୍ମତିକ୍ରମେ ଏହାକୁ ଗ୍ରହଣ କରାଯାଇଥିଲା। ଶେଷରେ ସଭାପତି ଶ୍ରୀ ପାଢ଼ୀ ଉପସ୍ଥିତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱ ନାଟ୍ୟ ଦିବସ କଳାକାରଙ୍କ ଅସ୍ମିତାର ପରିଚାୟକ : ବରିଷ୍ଠ କଳାକାର ସଂଘ

ବ୍ରହ୍ମପୁର, (ପିପିଏସ) : କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ପକ୍ଷରୁ ସ୍ଥାନୀୟ ପ୍ରକାଶମ୍ ହଲ୍ ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜ ସମ୍ମିଳନୀ କକ୍ଷ ଠାରେ 'ବିଶ୍ୱ ନାଟ୍ୟ ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ କଳାପ୍ରାଣ କୈଳାସ ପାଣିଗ୍ରାହୀ ଏବଂ ନାଟ୍ୟକାର ରମେଶ ମହାରଣା ଓ ହିଞ୍ଜିଳି ବ୍ଲକ ଜିଲ୍ଲା ପରିଷଦ ସଦସ୍ୟା ପ୍ରୀତି ସାହୁ ନାଟ୍ୟ ଦିବସ ପାଳନ ତାତ୍ପର୍ଯ୍ୟ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ । ତାଙ୍କୁ ସହଯୋଗ କରିଥିଲେ କିରାଣବାଳା ମିଶ୍ର । ବେଲପୁର ଶ୍ରୀ ନୀଳକଣ୍ଠେଶ୍ୱର ଘଣ୍ଟ ସଙ୍କୀର୍ତ୍ତନ ମୃଦଙ୍ଗ ବାଦ୍ୟ, ସାତକୁଟୁଣୀ ଶ୍ରୀ ହରଗୌରୀ ନାଟ୍ୟ ସଂଘ ଓ ବୁରିପଦର ଶ୍ରୀ କୁଠାରୀଶ୍ୱରୀ ପାଲା ସଂଘ ତରଫରୁ ଘଣ୍ଟ ବାଦ୍ୟ, ଦଣ୍ଡ ସୁଆଙ୍ଗ ଓ ପାଲା ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ସମାଜସେବୀ ଡ଼ ସବିତା ସୁଆର ପାଣିଗ୍ରାହୀ, ବରିଷ୍ଠ ସଙ୍ଗୀତଜ୍ଞ ଗୁରୁ ସୀମାଞ୍ଚଳ ଦାସ, ସଂସ୍କୃତିପ୍ରାଣ ବ୍ୟକ୍ତିତ୍ୱ ଇଂ. ଯାମିନୀକାନ୍ତ ଦାସ, ବରିଷ୍ଠ ଶିକ୍ଷାବିତ୍ ଶଙ୍କର୍ଷଣ ସାବତ, ନାଟ୍ୟ ସଂଘ ଉପସଭାପତି ଇଂ. ମନୋଜ କୁମାର ଦଣ୍ଡପାଟ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସ ଜଗତରେ କଳାକାରଙ୍କ ଅସ୍ମିତାର ପରିଚାୟକ ବୋଲି ମତବ୍ୟକ୍ତ କରିବା ସହ ସଂଘର ଅଙ୍ଗୀକାରବଦ୍ଧତା ନେଇ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସର୍ବଶ୍ରୀ କେ. ବଳରାମ ଦାସ, ଭବାନୀ ଶଙ୍କର ମିଶ୍ର, ସି.ଏଚ୍. ସନ୍ତୋଷ କୁମାର ସୁବୁଦ୍ଧି, ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ, ଶ୍ରୀମତୀ ଗୀତା ସ୍ୱାଇଁ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ବଳଦେବ ସାହୁ, କୁନୁ ବେହେରା, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, କିଶୋର କପୁର, ସୁଦାମ ପଟ୍ଟନାୟକ, ଚନ୍ଦ୍ରଭାନୁ ନାୟକ, ବନ୍ଦନା ନନ୍ଦ, ବନ୍ଦନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ପ୍ରାରମ୍ଭରେ ସଂଘ ସଂପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ପରିଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।




# ୟୁରୋ କିଡ୍ସ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ପାଳିତ




ବ୍ରହ୍ମପୁର, (ପିପିଏସ) : ୟୁରୋ କିଡ୍ସ ଇଣ୍ଟର୍ନେସ୍ନାଲ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବକୁ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀକାନ୍ତ ସାତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଥିବା ବେଳେ ସମ୍ମାନୀୟ ଅତିଥି ଭାବେ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କାଜୁନିଗମ ଅଧକ୍ଷ ସୁବାଷ ମହାରଣା , ୩୧ନଂ ୱାର୍ଡର କର୍ପୋରେଟର ସୋନାଲି ଗନ୍ତାୟତ, କଳିଙ୍ଗ ଟିଭି ମୁଖ୍ୟ ପ୍ରକାଶ ପଟନାୟକ ଉପସ୍ଥିତ ଥିଲେ। ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କ ନାଚ ଗୀତରେ ଦର୍ଶକମାନଙ୍କ ମନକୁ ବାନ୍ଧି ରଖିଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କୋମଳ ମତି ଶିଶୁ ମାନେ ଆସନ୍ତାକାଲିର ଦେଶର ମାନଦଣ୍ଡ ସେମାନଙ୍କୁ କିଭଳି ଭାବରେ ଗଢିବା ସେହି ଦିଗରେ ବିଭିନ୍ନ ପନ୍ଥା ଅବଲମ୍ବନ କରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯାଇଛି ବୋଲି ଅଭିଭାବକ ମାନେ ମତବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ଅଧାପିକା ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ସାବତ ନିଜର ସ୍ନେହ ଶ୍ରଦ୍ଧାରେ ଛାତ୍ରଛାତ୍ରୀ ମାନଙ୍କୁ ଉଚିତ ଶିକ୍ଷା ପ୍ରଦାନ କରାଯାଇଛି ବୋଲି ମଧ୍ୟ କହିଛନ୍ତି।

# ଚନ୍ଦନ ମହୋତ୍ସବର ନୂତନ କର୍ମକର୍ତ୍ତା ଚୟନ



ବଡମ୍ବା, (ପିପିଏସ) : ବଡମ୍ବାର ଐତୀହ ଚନ୍ଦନ ମହୋତ୍ସବ ୨୦୨୩ର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ବଡମ୍ବା ଟେନିସ ପଡିଆ ସ୍ଥ ବୈକୁଣ୍ଠ ନାଥ ସଂସଦ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏକ ବୈଠକ ରବିବାର ଦିନ ସନ୍ଧ୍ୟା ସମୟରେ ଆୟୋଜିତ କରାଯାଇଥିଲା। ଉକ୍ତ ବୈଠକରେ ଅସ୍ଥାୟୀ ସଭାପତି ଭାବେ ନିଜିଗଡ଼ର ପ୍ରାକ୍ତନ ସମିତି ସଭ୍ୟ ମୁରଲୀଧର ମହାପାତ୍ରଙ୍କ ତତ୍ୱାବଧାନରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଥମେ ପୂର୍ବବର୍ଷର ଚନ୍ଦନ ମହୋତ୍ସବର ସଭାପତି ଜ୍ଞାନ ରଞ୍ଜନ ପରିଡା ଓ ସମ୍ପାଦକ ତ୍ରିବିକ୍ରମଦେବ ପଡିଆରି ଦ୍ୱୟ ଐତିହ ୨୦୨୨ ଚନ୍ଦନ ମହୋତ୍ସବର ବିବରଣୀ ପାଠ କରି, ଆୟ ବ୍ୟୟର ହିସାବ ଉକ୍ତ ବୈଠକରେ ଉପସ୍ଥାପନ କରିଥିଲେ। ପରେ ପରେ ଚଳିତ ବର୍ଷର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ପାଇଁ ଅସ୍ଥାୟୀ ସଭାପତି ଶ୍ରୀମହାପାତ୍ର ପ୍ରସ୍ତାବ ଆଗତ କରିଥିଲେ। ସର୍ବ ସମ୍ମତି କ୍ରମେ ଚଳିତ ବର୍ଷର ନୂତନ ସଭାପତି ଭାବେ ସମାଜସେବୀ ଚିନ୍ମୟ ପଟ୍ଟନାୟକ, ଉପ ସଭାପତି ନିଜିଗଡ଼ ପ୍ରାକ୍ତନ ସରପଞ୍ଚ ମହେନ୍ଦ୍ର ପଡିଆରି, ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, ସହ ସମ୍ପାଦକ ରବୀନ୍ଦ୍ର କୁମାର ବାରିକ ଓ କୋଷାଧକ୍ଷ୍ୟ ଭାବେ ଡିବାକର ସାହୁ ମନୋନୀତ ହୋଇଥିଲେ ଓ ଏହା ପରେ ନବ ନିର୍ବାଚିତ ଚନ୍ଦନ ମହୋତ୍ସବ ର ନୂତନ ସଭାପତି ଶ୍ରୀ ପଟ୍ଟନାୟକ ସମସ୍ତର ସହଯୋଗର କାମନା କରିବା ସଙ୍ଗେ ସଙ୍ଗେ ଐତିହ ଚନ୍ଦନ ମହୋତ୍ସବ ଚଳିତ ବର୍ଷ ମହା ଆଡମ୍ବର ରେ ପାଳନ କରାଯିବ ବୋଲି ମତ ଦେଇ ଥିଲେ ଏବଂ କହିଥିଲେ ଯେ ପୂର୍ବ ବର୍ଷ ଭଳି ବିଭିନ୍ନ ଗାଡି ମଟର ରୁ ଯେଉଁ ଚନ୍ଦନ ମହୋତ୍ସବ ପାଇଁ ଚାନ୍ଦା ଆଦାୟ କରା ଯାଉଥିଲା ତାହା ଚଳିତ ବର୍ଷ ଗାଡି ମାନଙ୍କ ଠାରୁ ଟଙ୍କା ଟିଏ ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ଉକ୍ତ ବୈଠକ ରୋକଠୋକ ମନା କରିଥିଲେ ଓ ବୈଠକରେ ଏହି ପ୍ରସ୍ତାବ କୁ ସମସ୍ତେ ସହମତି ପ୍ରକାଶ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଦୀପକ କୁମାର ସାହୁ,ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ଦେବରାଜ ପାଟ୍ଟଶାଣି, ସନ୍ତୋଷ ପଟ୍ଟନାୟକ ଓ ସାମ୍ବାଦିକ ପୁପୁ ମହାନ୍ତି ଙ୍କ ସମେତେ ନିଜିଗଡ଼ ବଡମ୍ବା ର ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ।

# କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ

କେନ୍ଦ୍ରାପଡ଼ା: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ର ମୋଦୀ ସରକାରର କ୍ରମବର୍ଦ୍ଧିଷ୍ଣୁ ଅକ୍ରୋଶ ରାଜନୀତିର ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ତରଫରୁ ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପ୍ରତିମୂର୍ତି ନିକଟରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଛି ଓ ସତ୍ୟାଗ୍ରହୀମାନେ ରାମଧ୍ୱନି ଜପକରି ପ୍ରତିହିଂସା ପରାୟଣ ରାଜନୀତି ବିରୋଧରେ ଗାନ୍ଧୀଙ୍କ ମାର୍ଗ ଅନୁସରଣ କରି ନିରବ ପ୍ରତିବାଦ କରିଥିଲେ । ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି ସତ୍ୟାଗ୍ରହୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜିଲ୍ଲା କଂଗ୍ରେସ ରାହୁଲ ଗାନ୍ଧୀଙ୍କ ସହ ଅଛି ଓ ପ୍ରତ୍ୟେକ ସରକାରୀକୁ ଚକ୍ରାନ୍ତର ଜବାବ ଦେବାକୁ ପଛାଇବ ନାହିଁ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ବିଜେପି ସରକାରକୁ ଚେତାବନୀ ଦେଇ କହିଥିଲେ ଗଣତନ୍ତ୍ର, ସମ୍ବିଧାନ ତଥା ବ୍ୟକ୍ତି ସାଧୀନତା ଅପହରଣ କରିବା ମାର୍ଗରୁ ଓହରି ନଆସିଲେ ଦେଶ ତଥା ରାଜ୍ୟବାସୀ କେବେ କ୍ଷମା ଦେବେ ନାହିଁ ଓ ରାହୁଲ ଗାନ୍ଧୀଙ୍କ 'ଡରୋ ମତ୍' ଆହ୍ୱାନ ଗ୍ରହଣ କରିବାକୁ ନିବେଦନ କରିଥିଲେ । ଆଜିର ଏହି ସତ୍ୟାଗ୍ରହ ଆନ୍ଦୋଳନରେ କଂଗ୍ରେସ ନେତୃମଣ୍ଡଳୀଙ୍କ ମଧ୍ୟରେ ସର୍ବଶ୍ରୀ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଆକବର ଅଲ୍ଲୀ, ରାଜେଶ ମହାନ୍ତି, ଚିତ୍ରସେନ ପରିଡା, ଅମୂଲ୍ୟ ପ୍ରଧାନ, ମଳୟ ଦାସ, ଜୟନ୍ତ ମହାନ୍ତି, ବିଭ୍ରାଂଶୁ ଲେଙ୍କା, ସତ୍ୟପ୍ରିୟ ସାମଲ, ପରଭେଜ ଅକତର, ପ୍ରଦୀପ ପ୍ରଧାନ, କବିନ୍ଦ୍ର ସାମଲ, ରାକେଶ ମହାନ୍ତି, ଅବିନାଶ ଲେଙ୍କା, ନାରାୟଣ ପରିଡା, ମୁକ୍ତାର ଖାଁ, ଉମାଶଙ୍କର ଜେନା, ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ, ରଘୁନାଥ ଶତପଥୀ, ବାବୁରାମ ଜେନା, ମଙ୍ଗୁଳି ପ୍ରସାଦ ବେହେରା, ରବିନ୍ଦ୍ର କୁମାର ବେହେରା, ସତ୍ୟ ରଞ୍ଜନ ପରିଡା, ରଞ୍ଜନ କୁମାର ପରିଡା, ଅନନ୍ତ ସେଠୀ, ମଳୟ ଓଝା, ଯଦୁମଣି ଦାସ, ସମୀର ଜେନା, ସର୍ବେଶ୍ୱର ସେଠୀ, ଶକ୍ତି ପ୍ରସାଦ ସ୍ୱାଇଁ , ସମ୍ରାଟ ଜେନା, ଅନନ୍ତ କୁମାର ସ୍ୱାଇଁ, ରତିକାନ୍ତ ସାମଲ, ପିତାମ୍ବର ଜେନା, ବିଚିତ୍ର ଲେଙ୍କା, ସୃଜୟ ଦାସ, ପ୍ରମୋଦ କୁମାର ନାଥ, ଗୁଣାକର ମିଶ୍ର, ଅଶୋକ ବଳ, ବିଭୂତି ଭୂଷଣ ଦାଶ, ବାବାଜୀ ଭୋଳ, ସେକ୍ ମ୍ୟୁନିସ୍, କୁଳମଣୀ ସାମଲ, ସୁଧୀର ରାଉତ ଓ ନିରଞ୍ଜନ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଆମ ପାଠଶାଳା କାର୍ଯ୍ୟକ୍ରମ

ଭଦ୍ରକ, (ପିପିଏସ୍): ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଆମ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ରହଣିଆ ପଞ୍ଚାୟତ ଅନ୍ତର୍ଗତ ଆକୁଳିକଣା ଆଦିବାସୀ ବସ୍ତିରେ ପିଲାମାନଙ୍କୁ ଶିକ୍ଷା ସହିତ ପାଠ୍ୟ ଉପକରଣ, ବିସ୍କୁଟ, ଚକ୍‌ଲେଟ୍ ପ୍ରଦାନ କରାଯାଇଥିଲା ।

# ପୋଚାଲୁଣ୍ଡିରେ ଶ୍ୟାମାକାଳୀଙ୍କ ଦଣ୍ଡଯାତ୍ରା ଶୁଭାରମ୍ଭ



ବୁଗୁଡା(ପିପିଏସ୍): ବୁଗୁଡା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଶ୍ୟାମାକାଳୀଙ୍କ ପବିତ୍ର ଦଣ୍ଡଯାତ୍ରା ସୋମବାର ଦିନ ଶୁଭାରମ୍ଭ ହୋଇ ଯାଇଛି । ଚଳିତ ବର୍ଷ ଏହି ଯାତ୍ରା ନୀତି ନିୟମକୁ ଆଧାର କରି ୧୯ ଦିନ ଯାଏଁ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଭଗବାନ ଜେନା ସୂଚନା ଦେଇଛନ୍ତି । ସୋମବାର ଦିନ ପାରମ୍ପରିକ ରୀତି ନୀତି ଅନୁଯାୟୀ ଦଣ୍ଡୁଆ ମାନେ ମା ଶ୍ୟାମା କାଳୀ ମନ୍ଦିରରୁ ଦଣ୍ଡକାଳୀଙ୍କୁ ଧରି ଢୋଲ, ଝାଞ୍ଜ ବାଦ୍ୟର ତାଳେ ତାଳେ ଗ୍ରାମ୍ୟ ପରିକ୍ରମା କରିଥିଲେ । ଏଥି ସହ ଦଣ୍ଡୁଆ ମାନେ ନିଷ୍ଠାର ସହିତ ନୀତି ନିୟମ ଅନୁଯାୟୀ ପୂଜା ଅର୍ଚ୍ଚନା କରି ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ କରିଥିଲେ । ସନ୍ଧ୍ୟାରେ ମା ଦଣ୍ଡ କାଳୀଙ୍କ ଆଳତି ହେବା ପରେ ମଧ୍ୟ ରାତିରେ ମା କାଳୀଙ୍କୁ ଆବାହନ କରାଯାଇଥିଲା । ଶେଷରେ ଭକ୍ତଙ୍କ ଦୁଆରେ ମା କାଳୀଙ୍କୁ ଉଭା କରା ଯାଇଥିଲା । ତାପରେ କଳାକାର ମାନଙ୍କଦ୍ୱାରା ସାମାଜିକ ନାଟକ 'ମଝି ନଈରେ ମୋ ଜୀବନ ଡଙ୍ଗା' ମଂଚସ୍ଥ ହୋଇଥିଲା । ଦଣ୍ଡ ଯାତ୍ରାକୁ ମୁଖ୍ୟ ପରିଚାଳକ ଭାବେ ଭଗବାନ ଜେନା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୋଚାଲୁଣ୍ଡି ଗ୍ରାମବାସୀ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ଶ୍ରାଦ୍ଧବାର୍ଷିକୀ



କଟକ,(ପିପିଏସ୍): ବିଶିଷ୍ଟ କଣ୍ଠଶିଳ୍ପୀ ବାସୁଦେବ ରଥଙ୍କ ଶ୍ରାଦ୍ଧବାର୍ଷିକୀ କଟକ ସାହେବଜାଦା ବଜାର ବାସଭବନରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଣ୍ଠଶିଳ୍ପୀ ପୂର୍ଣ୍ଣେନ୍ଦୁ ପ୍ରଧାନ (ରାଜେଶ କୁମାର), ଅଜିତ୍ କୁମାର ତ୍ରିପାଠୀ, ଅଲେଖ ମହାପାତ୍ର, ଚୈତନ୍ୟ କୁମାର ନାୟକ, ଆଶିଷ କୁମାର ଦାସ, ଧ୍ରୁବଚରଣ କଣ୍ଡ, ବିକାଶ ମହାପାତ୍ର, ମାନସୀ ନାୟକ ପ୍ରମୁଖ ଯୋଗ ଦେଇ ଓଡ଼ିଆ ସଂଗୀତକୁ ଶୀର୍ଷରେ ପହଞ୍ଚାଇବାରେ ବାସୁଦେବ ରଥଙ୍କ ଉଦ୍ୟମ ପ୍ରଶଂସନୀୟ । ଚଳଚ୍ଚିତ୍ର ଓ କ୍ୟାସେଟ୍ ଜଗତରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିଲା । ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ, ବାସୁଦେବ ରଥ ଭାରତୀୟ ବିଭିନ୍ନ ଭାଷାର ଚଳଚ୍ଚିତ୍ରରେ ସଂଗୀତ ସଂଯୋଜନା କରିବା ସହିତ ଆମ ସଂଗୀତ ଶିଳ୍ପର ବିକାଶରେ ବ୍ରତୀ ହୋଇଥିଲେ । ଆଧୁନିକ ସଂଗୀତକୁ ଏକ ସ୍ୱତନ୍ତ୍ର ଦିଶା ଦେଖେଇବା ଓ କଣ୍ଠଶିଳ୍ପୀ ସୃଷ୍ଟି କରିବାରେ ତାଙ୍କର ଭୂମିକା ପ୍ରଶଂସନୀୟ ବୋଲି ମତ ଦେଇଥିଲେ । ବାସୁଦେବଙ୍କ ସଂଗୀତରୁ ମହେଶ୍ୱତା ନାୟକ ପରିବେଷଣ କରିଥିଲେ । ଶେଷରେ ସଂଜିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଳ ପାଖରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ନେଇ ଅସନ୍ତୋଷ

## ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ନିଶ୍ଚନ୍ତପୁର ଗ୍ରାମରେ ଏକ ନାଳ ଓ ସ୍ମଶାନ ନିକଟରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ସମ୍ପର୍କରେ ଗ୍ରାମର ସୁକାନ୍ତ କୁମାର ବିଶ୍ୱାଳ, ପ୍ରଭାକର ନାୟକ, ଶଶଧର ବିଶ୍ୱାଳ, ଶଶଧର ନାୟକ, ଭାଗିରଥି ନାୟକ, ଜଗବନ୍ଧୁ ନାୟକ, ଗୋପବନ୍ଧୁ ନାୟକ, କରୁଣାକର ନାୟକ, ଗଣେଶ ପରିଡ଼ା, ଦୟାନିଧି ପରିଡ଼ା, ଅଜୟ କୁମାର ନାୟକ, ଯୁଧିଷ୍ଠିର ବେହେରା ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଜିଲାପାଳ, ବିଡିଓ, ତହସିଲଦାର, ବ୍ଲକ ଅଧକ୍ଷା ଓ ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରି ଉଚିତ୍ ସରକାରୀ ଜମିରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାର କରାଯିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ପ୍ରକାଶ ଯେ, ନିଶ୍ଚନ୍ତପୁର ଗ୍ରାମରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କ ଠାରୁ ଅନୁଦାନ ଯୋଗାଇ ଦିଆଯାଇଛି । ଏହି ଅଙ୍ଗନୱାଡ଼ି କେନ୍ଦ୍ର ଅଙ୍ଗନୱାଡ଼ି କର୍ମୀଙ୍କ ନିଜ ଘର ପାଖରେ ଯେଉଁଠି ନାଳ ଓ ସ୍ମଶାନ ରହିଛି ସେହି ଜମିରେ କେନ୍ଦ୍ର ନିର୍ମାଣ କରାଯାଉଛି । ସେହି ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଗଲେ ଛୋଟଛୋଟ ପିଲାମାନେ ଭବିଷ୍ୟତରେ ଅସୁବିଧାରେ ସମ୍ମୁଖୀନ ହେବେ । ତେବେ ପ୍ଲଟ ନଂ ୫୦୬୨ରେ କର ନୟାଇ ୫୧୧୬ରେ କରାଗଲେ ଗ୍ରାମାବାସୀମାନଙ୍କ ମଧ୍ୟରେ କୌଣସି ଅସନ୍ତୋଷ ରହିବ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଇତି ପୂର୍ବରୁ ପଞ୍ଚାୟତର ସମିତସଭ୍ୟା ରୋଜାଲିଶା ବିଶ୍ୱାଳ ବିଡିଓଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଶିଶୁମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

କଟକ ସଦର, (ପିପିଏସ୍): "ଘର ହିଁ ବିଦ୍ୟାଳୟ" ଶୀର୍ଷକ ଏକ କାର୍ଯ୍ୟକ୍ରମ ରବିବାର ଜ୍ଞାନକୁଞ୍ଜ, ନୂଆପଡ଼ା, କଟକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ସୁପ୍ରିୟା ମହାପାତ୍ର ଉଦ୍ଦେଶ୍ୟ କଥନ କରିଥିଲେ । ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ନାଥ ଯୋଗଦେଇ "ସମଗ୍ର ଶିକ୍ଷାରେ ପରିବାର ଭୂମିକା" ବିଷୟରେ ମା'ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ପ୍ରାତଃ ଅଧିବେଶନ ଶୈକ୍ଷିକ ପ୍ରମୁଖ ଶ୍ରୀମତୀ ଜୟନ୍ତୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଟିକାର ୨ଟି କାନ୍ଦାଂଶ କରାଯାଇଥିଲା । ଏଥିରେ ଶିଶୁ ବାଟିକାରେ ଶିକ୍ଷାଦାନ କରୁଥିବା ପ୍ରଜ୍ଞାବାଳା ଚୌଧୁରୀ ଓ ମିତାରାଣୀ ରାଉତ ସହଯୋଗ କରିଥିଲେ ।

# ଦଣ୍ଡ ନାଚକୁ କେନ୍ଦ୍ର କରି ଆକ୍ରମଣ, ଜଣେ ଗୁରୁତର



ହିଞ୍ଜିଳିକାଟୁ (ପିପିଏସ୍): ହିଞ୍ଜିଳି ଥାନା ଅନ୍ତର୍ଗତ ସାରୁ ଗ୍ରାମରେ ରବିବାର ସନ୍ଧ୍ୟାରେ କାତିରେ ଆକ୍ରମଣ କରିବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଗୁରୁତର ସାରୁ ଗ୍ରାମ ଧୋବା ପୁଞ୍ଜା ଦଣ୍ଡ ନାଚ ଅଧିକାରୀ ଟୁନା ସେଠି (୪୩) । ଟୁନା ରବିବାର ନିଜ କାମ ସାରି ବ୍ରାହ୍ମଣ ବନ୍ଧରେ ଗାଧୋଇ ଘରକୁ ଫେରୁଥିବା ସମୟରେ ସେହି ଗ୍ରାମର ବାପା ଓ ପୁଅ କାତିରେ ମାରାଣାତ୍ମକ ଆକ୍ରମଣ କରିଥିଲେ । ଟୁନା ଙ୍କ ମୁଣ୍ଡ, ଦୁଇ ହାତ ଓ ପିଠିରେ କାତିରେ ଆଘାତ ହେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭର୍ତ୍ତି କରିଥିଲେ । ଖ୍ୱରରୁ ପ୍ରକାଶ ସାରୁ ଗ୍ରାମ ଧୋବା ପୁଞ୍ଜା ଦଣ୍ଡ ନାଚ ଆରମ୍ଭ କରିବା ନେଇ ବୁଧବାର ଗ୍ରାମରେ ଏକ ପାକ ପ୍ରସ୍ତୁତି ବୈଠକ କରିଥିଲେ । ସେଥିରେ ଉକ୍ତ ଗ୍ରାମର ବୈଠକକୁ କେନ୍ଦ୍ର କରି ଡାକିନଥିଲେ । ଫଳରେ ବାପା ଓ ପୁଅ ଆସି ଆମକୁ କାହିଁକି ଡକାଯାଇ ନାହିଁ ବୋଲି ପଚାରି ପାଟିତୁଣ୍ଡ କରିଥିଲେ । ପାଟି କଥା କଟାକଟି ହୋଇ ହାତାହାତି ହୋଇଥିଲେ । ପରେ ଆପୋଷ ବୁଝାମଣା ହୋଇଥିଲା । ରବିବାର ଧୋବା ପୁଞ୍ଜା ଦଣ୍ଡ ନାଚ ଅଧିକାରୀ ଟୁନା ସେଠି ନିଜ କାମ ସାରି ସନ୍ଧ୍ୟାରେ ଘର ନିକଟସ୍ଥ ବ୍ରାହ୍ମଣ ବନ୍ଧ ରେ ଗାଧୋଇ ଘରକୁ ଫେରୁଥିବା ବେଳେ ରାସ୍ତାରେ ପୂର୍ବ ଶତ୍ରୁତାକୁ ନେଇ ଜଗି ରହିଥିବା ବାପାଓ ପୁଅ କାତିରେ ମାରାଣାତ୍ମକ ଆକ୍ରମଣ କରିଥିଲେ । ମୁଣ୍ଡରେ ଗଭୀର ଆଘାତ ସହ ଦୁଇ ହାତ ଓ ପିଠିରେ କାତିରେ ଆଘାତ ହେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତୁରନ୍ତ ସ୍ଥାନୀୟ ଲୋକେ ଟୁନାଙ୍କୁ ଚିକିତ୍ସା ନିମନ୍ତେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଠାଇ ଥିଲେ । ଏଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

# ପ୍ରାଚୀ ପ୍ରତିଭା ପ୍ରତିଯୋଗିତା



ଫୁଲନଖରା (ପିପିଏସ୍) : ଓଡିଶାର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଓ ସେବା ସଙ୍ଗଠନ ପ୍ରାଚୀ ପ୍ରଜ୍ଞା ପରିଷଦ ତରଫରୁ ଏପ୍ରିଲ ୧ ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା 'ପ୍ରାଚୀ ମହୋତ୍ସବ-୨୦୨୩' ଉପଲକ୍ଷେ ପ୍ରାଚୀ ଉପତ୍ୟକାର ଛାତ୍ର ଛାତ୍ରୀମାନଙ୍କୁ ନେଇ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ତା.୩୧ରିଖ ଦିନ ମହିଳା ମାନଙ୍କ ଦ୍ୱାରା ଓଡିଶାର ପ୍ରାରମ୍ଭରିକ ଖ୍ରାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ତରଫରୁ ପ୍ରକାଶ କରାଯାଇଛି । ଏହି କାର୍ଯ୍ୟ କ୍ରମକୁ ଅଶ୍ୱିନୀ ମହାପାତ୍ର, ହଂସନାଥ ସାହୁ, ଚିନ୍ମୟ ଦାସ, ଅନୁପ କୁମାର ସାସମଲ, କବିନାରାୟଣ ଜେନା, ଅରୁଣ କୁମାର ସାହୁ, ମନୋରଞ୍ଜନ ଦାଶ, ଦିଲ୍ଲିପ କୁମାର ବେହେରା, କୃଷ୍ଣ ଚନ୍ଦ୍ର ପାଣିଗ୍ରାହି, କଳ୍ପତରୁ ଖୁଂଟିଆ, ବିଶ୍ୱଜିତ ବେହେରା, ଧିରେନ୍ଦ୍ର ସାହୁ , ବିଷ୍ଣୁ ନାୟକ, ଭିକାରି ଚରଣ ସାହୁ, ସ୍ମୃତି ମହାପାତ୍ର, ସୁରୋନ୍ଦ୍ର ଛୋଟରାୟ, ଯୁଧିଷ୍ଠିର ଖଟୁଆ,ପ୍ରତାପ ପଣ୍ଡା, ଦିବ୍ୟାଶ୍ରୀ ସାହୁ, ରାଧାଶ୍ୟାମ ମହାନ୍ତି ଓ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୧୦ମାସ ହେଲା ଭିନ୍ନକ୍ଷମ ଯୁବକ ନିଖୋଜ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ନିଶ୍ଚନ୍ତପୁର ଗ୍ରାମର ମାନସିକ ଭିନ୍ନକ୍ଷମ ଯୁବକ ପଦ୍ମଲୋଚନ ନାୟକ (୨୪) ନାମକ ଜଣେ ଯୁବକ ନିଖୋଜ ହୋଇ ଯାଇଛନ୍ତି । ଏ ସମ୍ପର୍କରେ ତାଙ୍କ ବାପା ପ୍ରଭାତ କୁମାର ନାୟକ ତିହିଡ଼ି ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ପଦ୍ମଲୋଚନ ଜୁନ୍ ୨୧ ତାରିଖ ଅପରାହ୍ନ ୪ଟା ସମୟରୁ କେଉଁଆଡ଼େ ପଳାଇ ଯାଇଛନ୍ତି । ତାଙ୍କ ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ନପାଇବାରୁ ତାଙ୍କ ବାପା ଥାନାରେ ଲିଖିତ ଭାବେ ଜଣାଇବା ସହିତ ପଦକ୍ଷେପ ନେଇ ପୁଅର ସନ୍ଧାନ ନେବାକୁ ନିବେଦନ କରିଛନ୍ତି । ଦୀର୍ଘ ୧୦ମାସ ହେବ ପୁଅକୁ ବିଭିନ୍ନ ଆଡ଼େ ଖୋଜାଖୋଜି କରୁଥିଲେ ମଧ୍ୟ କୌଣସି ସନ୍ଧା ମିଳିପାରୁ ନାହିଁ । ଫଳରେ ବୃଦ୍ଧ ବାପା ଏବେ ପୁଅକୁ ନପାଇ ରୋଗଶଯ୍ୟାରେ ପିଡ଼ିତ ହୋଇଗଲେଣି । ଯଦି କୌଣସି ସହୃଦୟ ବ୍ୟକ୍ତି ଯୁବକର ସନ୍ଧାନ ପାଆନ୍ତି ତେବେ ନିକଟସ୍ଥ ଥାନା କିମ୍ବା ତାଙ୍କ ବାପାଙ୍କ ମୋବାଇଲ ନମ୍ବର ୭୬୦୮୯୮୭୦୧୨ରେ ଜଣାଇବାକୁ ନିବେଦନ କରାଯାଇଛି ।

# ମର୍ଜିତାପୁରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା: ଗ୍ରୀଷ୍ମ ପ୍ରବାହରେ ରାଜ୍ୟରେ ରକ୍ତର ଘୋର ଅଭାବ ଦେଖା ଦେଇଛି । ଫଳରେ ରୋଗୀମାନେ ରକ୍ତ ନ ପାଇ ବିପଦ ମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଧର୍ମଶାଳା ବ୍ଲକ ମର୍ଜିତାପୁରସ୍ଥିତ ହିଙ୍ଗୁଳା ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଂଚଳର ଯୁବ ସ୍ୱେଚ୍ଛାସେବୀ ମନୋଜ କୁମାର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯାଜପୁର ସଚେତନ ନାଗରିକ ମଂଚ ଅନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସଚେତନ ନାଗରିକ ମଂଚ ସଭାପତି ସରୋଜ କୁମାର ବେହେରାଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ, ଯୁବ ସଂଗଠକମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବେ ରାକ୍ତଦାନ କରିଥିଲେ । କଟକ ରେଡକ୍ରସ ତରଫରୁ ଅଭିଜ୍ଞ ଡାକ୍ତର ଯୋଗ ଦେଇ ରକ୍ତ ସଂଗୃହିତ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି , ସାମାଜିକ କର୍ମୀ ଓ ସାମ୍ବାଦିକମାନେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଭଳି ମହତ କାର୍ଯ୍ୟକୁ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।ପାତ୍ର, ସୌମ୍ୟରଂଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ତରଫରୁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା: ବିଜେପି ଓବିସି ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ପ୍ରସ୍ତୁତି ବୈଠକ ଇଛାପୁର ସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି ସତ୍ୟ ପ୍ରକାଶ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ସଭାପତି ସୁରତ ବିଶ୍ୱାଳ, ସଂପାଦକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ କାର୍ଯ୍ୟକର୍ତାଙ୍କ ସହିତ ଦଳର ଆଗାମୀ କାର୍ଯ୍ୟକ୍ରମ ଗାଁ ଗାଁ ଚାଲ ଘର ଘର ଚାଲ ଅଭିଯାନ ବିଷୟରେ ଆଲୋଚନା କରିଥିଲେ । ଏଥିସହିତ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ଜିଲ୍ଲା ଓବିସି ମୋର୍ଚ୍ଚା ସଂପାଦକ ସିଲୁ ପ୍ରସଦ ମହାରଣା, କୋଷାଧ୍ୟକ୍ଷ ଅମୁଲ୍ୟ ଦାସ, ଉପ ସଭାପତି ଜ୍ଞାନ ରଞ୍ଜନ ପ୍ରଧାନ, ସଧାରଣ ସଂପାଦକ ଅମୁଲ୍ୟ ପରିଡା, ମହିଳା ମୋର୍ଚ୍ଚା ସଂପାଦିକା ଝିଲ୍ଲୀ ଦାସ, ରଶ୍ମି ରଞ୍ଜନ ରାଉତରାୟ ପ୍ରମୁଖ ନେତୃ ମଣ୍ଡଳୀ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଭଦ୍ରକ ବାର୍ ଆସୋସିଏସନ୍ ନିର୍ବାଚନ

## ବରିଷ୍ଠ ଅଧିବକ୍ତା ନିରାକାର ଜେନା ସଭାପତି ଓ ଦିବ୍ୟସିଂହ ନାୟକ ସଂପାଦକ

ଭଦ୍ରକ,(ପିପିଏସ୍): ଭଦ୍ରକ ବାର୍ ଆସୋସିଏସନ୍ ନିର୍ବାଚନ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିବାବେଳେ ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନା ସଭାପତି ଓ ଦିବ୍ୟସିଂହ ନାୟକ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନ ପୁରୁଣା କୋର୍ଟ ପରିସରରେ ଥିବା ଓକିଲ ସଂଘ ସଦନରେ ଅନୁଷ୍ଠିତ ହୋଇଥିଲା । ଚୂଡାନ୍ତ ଭୋଟର ତାଲିକାରେ ୮୭୩ ଜଣ ସଦସ୍ୟ ନାମ ପ୍ରକାଶ ପାଇଥିଲେ ମଧ୍ୟ ସେଥିମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିସାରିଛନ୍ତି । ନିର୍ବାଚନରେ ମୋଟ ୮୦୩ ଜଣ ସଦସ୍ୟ ନିଜର ମତ ସାବ୍ୟସ୍ତ କରିଥିଲେ । ବରିଷ୍ଠ ଅଧିବକ୍ତା ଶ୍ରୀ ଜେନା ସଭାପତି ଭାବେ ୫୫୪ ଖଣ୍ଡ ଭୋଟ୍ ଓ ଦିବ୍ୟସିଂହ ନାୟକ ସଂପାଦକ ଭାବେ ୫୭ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ସେହିପରି ଉପସଭାପତି ଭାବରେ ମନୋରଞ୍ଜନ ଦାସ ୨୩୪ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଛନ୍ତି । ଯୁଗ୍ମ ସଂପାଦକ ଭାବରେ ନିକୁଞ୍ଜ କିଶୋର ପୁହାଣ, ସହ ସଂପାଦକ ଭାବରେ ଗିରିଜା ଶଙ୍କର ଦାସ, ଲାଇବ୍ରେରୀ ସହ ସଂପାଦକ ଭାବରେ ବିଶ୍ୱଜିତ୍ ରାଉତ, କୋଷାଧକ୍ଷ ଭାବରେ କିଶୋର ବଳ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଲକ୍ଷ୍ମୀଧର ପଣ୍ଡା, ସଂଜୟ କୁମାର ନାୟକ, ବିଶ୍ୱପ୍ରକାଶ ଘଡେଇ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବରେ ନିରାକାର ଜେନା ମୋଟ ୫୫୪ ଖଣ୍ଡ ଭୋଟ୍ ପାଇଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷ କୁମାର ଆଚାର୍ଯ୍ୟ ୧୮୪ ଖଣ୍ଡ ଓ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଧନେଶ୍ୱର ମଲିକ ମୋଟ ୪୭ ଖଣ୍ଡ ଭୋଟ୍ ପାଇଛନ୍ତି । ଏହି ନିର୍ବାଚନକୁ ଅଧିବକ୍ତା ଦୁର୍ଗାପ୍ରସନ୍ନ ରାୟ ମହାପାତ୍ର ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରୁଥିଲେ ।

# ବିଜେପିର ନୂତନ ରାଜ୍ୟ ସଭାପତି ଶିଖରପୁରରେ ସମ୍ବର୍ଦ୍ଧିତ

କଟକ ସଦର, (ପିପିଏସ୍): ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ତରଫରୁ ଶିଖରପୁରଠାରେ ନୂତନ ଭାବେ ରାଜ୍ୟ ସଭାପତି ଦାୟିତ୍ୱ ନେଇଥିବା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧନା ସମୟରେ ଦଳର ବରିଷ୍ଠ ନେତା ଜଗଦାନନ୍ଦ ତ୍ରିପାଠୀ, କଟକ ନଗର ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, କଟକ ନଗର ଭାଜପା ଉପସଭାପତି ଭାଗୀରଥି ଦଳାଇ, ନୂଆବଜାର ମଣ୍ଡଳ ସଭାପତି ତଥା କର୍ପୋରେଟର ଗୋପାଳ ବେହେରା, ମହାନଦୀ ମଣ୍ଡଳ ସଭାପତି ନିତାଇଗୌର ମହାନ୍ତି, ନଗର ସମ୍ପାଦକ ବିଶ୍ୱରଥୀ ସ୍ୱାଇଁ, କର୍ପୋରେଟର ଦୀପକ ଦାସ, ଦିଲ୍ଲୀପ ସାହୁ, ପୃଥ୍ୱିରାଜ ସ୍ୱାଇଁ, କବିତା ଦଳାଇ, ସଞ୍ଜୟ ସାହୁ, ଭାରତୀ ପାଣି, ପପୁ ତ୍ରିପାଠୀ, ବିଶ୍ୱମ୍ବର ପ୍ରଧାନ, ସଞ୍ଜୟ ନାୟକ, ବିଶ୍ୱଜିତ୍ ମହାନ୍ତି, ସୁଶାନ୍ତ ବେହେରା, ଅରୁଣ ବେହେରା, ଅମିତ୍ କୁମାର ସ୍ୱାଇଁ ଓ ଚୌଦ୍ୱାର-କଟକ ବିଧାନସଭାର ସଂଯୋଜକ ଚିରଞ୍ଜିବୀ ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଓସ୍ତପୁର ସମବାୟ ସମିତିରେ ଋଣ ଆଦାୟ ମେଳା

କେନ୍ଦ୍ରାପଡ଼ା: ଓସ୍ତପୁର କୃଷି ସମବାୟ ସମିତିରେ ଋଣ ଆଦାୟ ମେଳା ଓ କୃଷକ ସମସ୍ୟା ସଂପର୍କରେ ଆଲୋଚନା ହୋଇଯାଇଛି । ସମବାୟ ସମିତିର ସଭାପତି ତଥା ପୂର୍ବତନ ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଋଣ ମେଳାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡା ଶାଖାର ମୁଖ୍ୟ ପରିଚାଳକ ତାପସ ପ୍ରସାଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମେଳାରେ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇ ତାଙ୍କର ଋଣ ପରିଶୋଧ କରିଥିଲେ । ସଂପାଦକ ପ୍ରେମାଞ୍ଜନ ସାହୁଙ୍କ ସହିତ ଚାଷୀ ମାନେ ବିଭନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଋଣ ଆଦାୟ ମେଳାରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ଦାସ, କବି ଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ରାଉତ ନିର୍ଦ୍ଦେଶକ ପ୍ରମୁଖ ସହଯୋଗ କରିଥିଲେ ।

# ୧୯୯୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଫୁଲନଖରା ( ପିପିଏସ ): ସଇନ୍ଧା ହାଇସ୍କୁଲ ର ୧୯୯୩ ମସିହା ମାଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀ ଙ୍କ ଏକ ବନ୍ଧୁ ମିଳନ ଜରିପଡା ସ୍ଥିତ ସମୃଦ୍ଧି ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଦୀର୍ଘ ୩୦ ବର୍ଷ ପରେ ପରସ୍ପର ପରସ୍ପରଙ୍କୁ ଦେଖି ସମସ୍ତେ ଖୁବ ରୋମାଂଚିତ ହୋଇଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ ରେ ତତ୍କାଳୀନ ପ୍ରଧାନ ଶିକ୍ଷକ ଡଃ ଶରତ କୁମାର ରଥ ଙ୍କୁ ପୁରାତନ ଛାତ୍ରଛାତ୍ରୀ ମାନେ ପୂଜା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପ୍ରାରମ୍ଭରେ ଦିବଂଗତ ସଂସ୍କୃତ ଶିକ୍ଷକ ନବଘନ ପଣ୍ଡା, ସାହିତ୍ୟ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଏବଂ ସହପାଠିନୀ ଜ୍ୟୋତ୍ସ୍ନାମୟୀ ନାୟକଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା କ୍ଷ ନିଜ ନିଜ ପରିବାର ସହ କଳ୍ପନା ନାୟକ, କବିତା ସାହୁ, ସବିତା ବେହେରା, ମିଳି ମଞ୍ଜରୀ ନାୟକ, ସୁଷମା ପରିଡା, ମଞ୍ଜୁଲତା ବେହେରା, ଦ୍ୱିପଞ୍ଜଳି ବେଉରା, ବୈଜୟନ୍ତୀମାଳା ସ୍ୱାଇଁ, କାଳୁଳା ଓଝା, ନିରଞ୍ଜନ ଖୁଣ୍ଟିଆ, ସୁକାନ୍ତ ରାଉତ, ବିନୋଦ ରାଉତରାୟ, ନବକିଶୋର ଭୋଇ, ରାମଶଙ୍କର ଦାଶ, ଚିତ୍ତରଞ୍ଜନ ନାୟକ ଓ ସଂଜୀବ ଜେନା ପ୍ରମୁଖ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ସାହୁ, ଅଜୟ ନାୟକ, ପ୍ରଦୀପ ସାହୁ, କାର୍ତ୍ତିକ ସାହୁ, ସୋମନାଥ ଶତପଥୀ, ଦିବାକର ଦାଶ ପରିଚାଳନା କରିଥିଲେ ।

# ବାସନ୍ତୀ ଦୁର୍ଗା ପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ଧୂଳିପଦା ଠାରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମା' ବାସନ୍ତୀ ଦୁର୍ଗା ପୂଜା ପାଳିତ ହେବ ।

ଏହି ପରିପ୍ରେକ୍ଷୀରେ ମା'ଙ୍କର ପ୍ରତିମୂର୍ତ୍ତି ତିଆରି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କାରିଗରମାନେ ଚଳଚଞ୍ଚଳ ହୋଇ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲାଗି ପଡ଼ିଛନ୍ତି । ମା' ବାସନ୍ତୀ ପୂଜା ଏଠାରେ ୭ଦିନ ଧରି ମହା ସମାରୋହରେ ଅନୁଷ୍ଠିତ ହୋଇଥାଏ । ପ୍ରକାଶ ଯେ, ସୟା ଧୂଳିପଦା ଠାରେ ୧୯୮୮ ମସିହାରେ ମା'ଙ୍କର ପୂଜା ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ପାଳିତ ହେଉଛି । ଚଳିତ ବର୍ଷ କର୍ତ୍ତା ଭାବରେ ବାବୁରାମ ରାଉତ ଓ ମୁକ୍ତିକାନ୍ତ ନାୟକ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ମୁଖ୍ୟ ପୂଜକ ଦେବେନ୍ଦ୍ର ପାଢ଼ୀ, ପୂଜକ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ, କୃପାସିନ୍ଧୁ ପାଢ଼ୀ ବିଭିନ୍ନ ରୀତିନୀତି ସମ୍ପନ୍ନ କରୁଛନ୍ତି । ସଭାପତି ଧୀରେନ୍ଦ୍ର ସେଠୀ, ସମ୍ପାଦକ ପ୍ରାଣବନ୍ଧୁ ନାୟକ, ସଦସ୍ୟ ସୁରେନ୍ଦ୍ର ପ୍ରସାଦ ନାୟକ, ବୁଦ୍ଧିରାମ ରାଉତ, ପଫୁଲ୍ଲ ନାୟକ, ଦେବାଶିଷ ନାୟକ, କମଳାକାନ୍ତ ମଲ୍ଲିକ, ବିଜୟ କୁମାର ପଣ୍ଡା, ବାସୁଦେବ ପଲାଇ, ରବିନ୍ଦ୍ର ପଲେଇ, ପୂର୍ଣ୍ଣଚନ୍ଦ୍ର ନାୟକ, ଶରତ ନାୟକ, ଜୀବନ କୁମାର ନାୟକ, ଚିନ୍ତାମଣି ସାହୁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜା ଉତ୍ସବରେ ସ୍ଥାନୀୟ ନଟିଆପାଳ, ମୂଳଣାସାହି, ଧୂଳିପଦା, ଜାଗୁଳାଇସାହି, ପଲାଇ ସାହି ଓ ପାଢ଼ୀସାହି ଗ୍ରାମର ଗ୍ରାମବାସୀମାନେ ସହଯୋଗ କରୁଛନ୍ତି ।

# କନ୍ଧମାଳ ଜିଲ୍ଲା ରଜକ ସମିତିର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ଚୟନ

କନ୍ଧମାଳ: କନ୍ଧମାଳ ଜିଲ୍ଲା ରଜକ ସମିତିର ବାର୍ଷିକ ଅଧିବେଶନ ଓ ନୁତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀରେ ଥିବା ଜିଲ୍ଲା ଫୁଟବଲ ଆସୋସିଏସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ ଥିବା ରଜକ(ଧୋବା) ଜାତିର ସମସ୍ତ ସଦସ୍ୟ ମାନେ ଏକାଠି ହୋଇ କିଭଳି ଭାବରେ ଜାତିର ଉନ୍ନତି ହୋଇପାରିବ ଏବଂ ଆବଶ୍ୟକତା ବେଳେ ସମିତି,ଜାତିର ଗରିବ ଶ୍ରେଣୀର ଲୋକଙ୍କର ସାସ୍ଥ୍ୟ ସେବା, ଝିଅ ବାହାଘର ପାଇଁ ଆବଶ୍ୟକ ସହାୟତା, ପିଲାଙ୍କ ପାଠାପଢା ଓ ଗରିବ ଅସହାୟ ମହିଳାମାନଙ୍କର ସହାୟତା ଦିଗରେ ସାହାଯ୍ୟର ହାତ ବଢାଇ ପାରିବ ଏ ନେଇ ଆଲୋଚନା ହୋଇଥିଲା । ପରେ ସଂଘର ନୁତନ କର୍ମକର୍ତା ଚୟନ କରାଯାଇଥିଲା । ଏଥିରେ ସମିତିର ନୁତନ ସଭାପତି ଭାବରେ ଶଙ୍କର ବେହେରା ସର୍ବ ସମ୍ମତିରେ ନିର୍ବାଚିତ ହୋଇଥିଲେ । ସେହିପରି ଉପସଭାପତି ଭାବରେ ପୁର୍ବତନ ଫୁଲବାଣୀ ବିଧାୟକ ଦାସରଥି ବେହେରା,ଅନ୍ତର୍ଯ୍ୟାମୀ ବେହେରା ଓ ବିରୁପାକ୍ଷ ବେହେରାଙ୍କୁ ନିର୍ବାଚିତ କରାଯାଇଥିଲା । ସମ୍ପାଦକ ଭାବରେ ଟୁକୁନ୍ଦର ସେଠୀ ନିର୍ବାଚିତ ହୋଇଥିବା ବେଳେ । ହସ-ସମ୍ପାଦକ ଭାବରେ କାହ୍ନୁଚରଣ ବେହେରା ଓ ଶ୍ରୀମତୀ ଗିତାଞ୍ଜଳି ବେହେରା, କୋଷାଧ୍ୟକ୍ଷ ଭାବରେ ସରୋଜ କୁମାର ବେହେରାଙ୍କୁ ଚୟନ କରାଯାଇଥିଲା । ସମିତିର ଉପଦେଷ୍ଟା ଭାବରେ, ଫୁଲବାଣୀ କଲେଜର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବସନ୍ତ କୁମାର ବେହେରା,ଭାଗିରଥି ବେହେରା ଓ ଚକ୍ରଧର ବେହେରା କାର୍ଯ୍ୟକାରୀ ସଦସ୍ୟ ଭାବରେ କୁଳ ବେହେର ଭାବରେ, ସୁଧିର ବେହେରା ଓ ସହ ବେହେରା ଭାବରେ ହରିହର ବେହେରାଙ୍କୁ ଚୟନ କରାଯାଇଥିଲା । ଶେଷରେ ସଭାପତି କୁଳର ମଙ୍ଗଳ ଦିଗରେ ସମସ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ସହିତ ଏଥିପାଇଁ ସମସ୍ତ କର୍ମକର୍ତା ମାନଙ୍କର ସହଯୋଗ କାମନା କରି ଧନ୍ୟବାଦ ଦେଇଥିଲେ ।

# ଆଉ ଆଇପିଏଲ୍ ଖେଳିବେ ନାହିଁ ଶ୍ରୀଲଙ୍କା ଓ ବାଂଲାଦେଶ ଖେଳାଳି




ନୂଆଦିଲ୍ଲୀ(ଏଜେନ୍ସୀ): ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ୧୬ତମ ସଂସ୍କରଣ ମାର୍ଚ୍ଚ ୩୧ରୁ ଆରମ୍ଭ ହେବାକୁ ଯାଉଛି । ସମସ୍ତ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଛି । ଟୁର୍ଣ୍ଣାମେଣ୍ଟକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି । କାରଣ ପୁଣି ଥରେ ଭାରତର ଅନେକ ସହରରେ ମ୍ୟାଚ୍‌ର ଆୟୋଜନ ହେବ । ଖେଳାଳିଙ୍କୁ ନିଜ ଘରୋଇ ଗ୍ରାଉଣ୍ଡରେ ଦେଖିବାକୁ ମିଳିବ । ସାଧାରଣତଃ ଆଇପିଏଲ ସମୟରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଯାଏ ନାହିଁ । ମାତ୍ର ଏମିତି କିଛି ଦେଶ ରହିଛନ୍ତି ଯେଉଁମାନେ ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ । ଏହାକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଅସନ୍ତୁଷ୍ଟ ରହିଛି ଏବଂ ଉକ୍ତ ଦେଶର ଖେଳାଳିଙ୍କ ଉପରେ କଟକଣା ଲଗାଇବା ନେଇ ବିଚାର କରୁଛି । ବାଂଲାଦେଶ ଏବଂ ଶ୍ରୀଲଙ୍କା ଦଳର ଖେଳାଳି ଆଇପିଏଲ୍‌ରେ ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜିର ଅଂଶ ବିଶେଷ । ତେବେ ସେମାନେ ବିଳମ୍ବରେ ନିଜ ଦଳରେ ଯୋଗ ଦେବେ । ବିସିସିଆଇ ଏହାକୁ ନେଇ ଖପ୍ପା ଏବଂ ଏହି ଦୁଇ ଦେଶର ଖେଳାଳିଙ୍କୁ ଆଇପିଏଲ୍ ଖେଳିବା ଉପରେ ରୋକ୍ ଲଗାଇପାରେ । ଏମିତି ହେଲେ ବାଂଲାଦେଶ ଏବଂ ଶ୍ରୀଲଙ୍କାର ଖେଳାଳିଙ୍କୁ ଆଇପିଏଲ୍‌ରେ ଆଉ ଦେଖିବାକୁ ମିଳିବ ନାହିଁ । ଏହାର କାରଣ ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଜାତୀୟ ଦଳର କ୍ରୀଡାସୂଚୀ ଆଇପିଏଲ୍‌ର ସିଡ୍ୟୁଲ ସହ ସମାନ ରହିଛି । ଗତ ଅନେକ ବର୍ଷ ହେବ ବିସିବି ଏମିତି କରି ଆସୁଛି । ଏଥିଯୋଗୁଁ ସାକିବ ଅଲ ହସନ, ଲିଟନ ଦାସ ଏବଂ ମୁସଫିକର ରହିମଙ୍କୁ ଏପ୍ରିଲ ୯ରୁ ମେ ୫ ଏବଂ ଏହା ପରେ ମେ ୧୫ରୁ ଆଇପିଏଲ୍ ଖେଳିବାକୁ ଅନୁମତି ମିଳିଛି । ବିସିବିର ଏମିତି ଆଭିମୁଖ୍ୟରେ ବିସିସିଆଇ ଅସନ୍ତୁଷ୍ଟ ଛି । ଅନ୍ୟପକ୍ଷେ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା, ମଥିଶା ପଥିରାନା, ଭାନୁକ ରାଜପକ୍ଷ ଏବଂ ମହୀଶ ଥୀକ୍ଷଣା ଟୁର୍ଣ୍ଣାମେଣ୍ଟର ପ୍ରଥମ ସପ୍ତାହ ପରେ ନିଜ ଦଳ ସହ ଯୋଗ ଦେବେ । କାରଣ ଶ୍ରୀଲଙ୍କା ବର୍ତ୍ତମାନ ନ୍ୟୁଜିଲାଣ୍ଡ ଗସ୍ତରେ ରହିଛି । ତେବେ ଏହି ସମୟରେ ନ୍ୟୁଜିଲାଣ୍ଡର ଖେଳାଳି ଆଇପିଏଲ୍ ଖେଳିବାକୁ ଆସୁଥିବା ବେଳେ ଶ୍ରୀଲଙ୍କା ଖେଳାଳି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ । ବାଂଲାଦେଶ କ୍ରିକେଟ୍ ବୋର୍ଡର ଚେୟାରମ୍ୟାନ ନଜମୁଲ ହସନ ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଜାତୀୟ କର୍ତ୍ତବ୍ୟ ପାଇଁ ଖେଳାଳି ଆଇପିଏଲ୍‌ରେ ଉପଲବ୍ଧ ହେବେ ନାହିଁ । କେବଳ ବିସିସିଆଇ ନୁହେଁ ବରଂ ଆଇପିଏଲ୍ ଫ୍ରାଞ୍ଚାଇଜି ମଧ୍ୟ ଖେଳାଳିଙ୍କ ଉପଲବ୍ଧତାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି । ଗୋଟିଏ ଫ୍ରାଞ୍ଚାଇଜି କହିଛି ଯେ, ବିସିସିଆଇ ଅନ୍ୟ ବୋର୍ଡ ସହ ଆଲୋଚନା କରୁଛି, ମାତ୍ର ଏହା ଦେଖିବା ଉଚିତ୍ ଯେ, ଆମେ କେଉଁ ଖେଳାଳିଙ୍କୁ ଦଳରେ ଚୟନ କରୁଛୁ । ଯଦି ଖେଳାଳିଙ୍କୁ ଛାଡିବେ ନାହିଁ ତେବେ ପଞ୍ଜିକରଣ କରାନ୍ତୁ ନାହିଁ ବୋଲି ଫ୍ରାଞ୍ଚାଇଜି କହିଛନ୍ତି ।

# କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେବେ ନୀତିଶ ରାଣା



ନୂଆଦିଲ୍ଲୀ(ଏଜେନ୍ସୀ): ଆହତ ଶ୍ରେୟସ ଆୟରଙ୍କ ସ୍ଥାନରେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ କିଏ ନେବ ତାକୁ ନେଇ ଜାରି ରହିଥିବା କଳ୍ପନା ଜଳ୍ପନା ଉପରେ ପଡିଛି ପୂର୍ଣ୍ଣଚ୍ଛେଦ । ଆଇପିଏଲର ୧୬ତମ ସଂସ୍କରଣ ପାଇଁ ନୂତନ ଅଧିନାୟକ ଘୋଷଣା କରିଛି କୋଲକାତା ନାଇଟ୍ ରାଇଡର୍ସ । ଶ୍ରେୟସଙ୍କ ସ୍ଥାନରେ ନୀତିଶ ରାଣାଙ୍କୁ ଦଳର ଅଧିନାୟକ କରାଯାଇଛି । ସୋମବାର ଇନଷ୍ଟାଗ୍ରାମ ଜରିଆରେ କେକେଆର ଫ୍ରାଞ୍ଚାଇଜ ଏହାର ଘୋଷଣା କରିଛି । ପିଠିର ତଳ ଭାଗରେ ଆଘାତ ଲାଗିଥିବା ଶ୍ରେୟସ ଫିଟ୍ ହୋଇ ପାରି ନାହାନ୍ତି । ତେବେ ସେ ଫିଟ୍ ହୋଇ ପଡିଆକୁ ଫେରିଲେ ଦଳର ନେତୃତ୍ୱ ଦାୟିତ୍ୱ ସମ୍ଭାଳିବେ ବୋଲି ଫ୍ରାଞ୍ଚାଇଜି ପକ୍ଷରୁ କୁହାଯାଇଛି । କୋଲକାତା ନାଇଟ୍ ରାଇଡର୍ସ ନିକଟରେ ଅଧିନାୟକ ଭାବେ ଅନେକ ବିଦେଶୀ ଖେଳାଳିଙ୍କ ବିକଳ୍ପ ରହିଥିଲା । ମାତ୍ର ଫ୍ରାଞ୍ଚାଇଜି ଚୂଡାନ୍ତ ଏକାଦାଶର କମ୍ବିନେସନକୁ ଦୃଷ୍ଟିରେ ରଖି ବିଦେଶୀ ଅଧିନାୟକଙ୍କୁ ନେଇ ରିସ୍କ ନେବାକୁ ଚାହିଁନଥିଲା । ଦଳ ନିକଟରେ ଭାବେ ଆନ୍ଦ୍ରେ ରସେଲ, ସୁନିଲ ନାରିନେ, ଟିମ୍ ସାଉଦି ଏବଂ ସାକିବ ଅଲ ହସନଙ୍କ ପରି ବିଦେଶୀ ଖେଳାଳି ଅଛନ୍ତି । କେକେଆର ଏଥିରୁ କୌଣସି ବରିଷ୍ଠ ଖେଳାଳିଙ୍କୁ ଏଥିପାଇଁ ଅଧିନାୟକ ନିଯୁକ୍ତ କରିନାହିଁ, ଯଦି କୌଣସି ବିଦେଶୀ ଅଧିନାୟକଙ୍କ ପ୍ରଦର୍ଶନ ଖରାପ ରହେ ତେବେ ତାଙ୍କୁ ଦଳରୁ ବାଦ୍ ଦେବା ଏବଂ ନୂତନ ଅଧିନାୟକ ଚୟନ କରିବା ଦଳର ସନ୍ତୁଳନକୁ ବିଗାଡିପାରେ । ଶ୍ରେୟସ ଆୟର ଆଇପିଏଲ୍‌ରୁ ଆନୁଷ୍ଠାନିକ ଭାବେ ବାଦ୍ ପଡିନାହାନ୍ତି । ସଂପ୍ରତି ତାଙ୍କର ଆୟୁର୍ବେଦିକ ଚିକିତ୍ସା ଜାରି ରହିଛି । ଯଦି ସେ ଫିଟ୍ ହୁଅନ୍ତି ତେବେ ଆଇପିଏଲର ମଧ୍ୟ ଭାଗରେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି । ଯଦି ପିଠିର ସର୍ଜରୀ କରାନ୍ତି ତେବେ ସେ ସଂପୂର୍ଣ୍ଣ ଆଇପିଏଲ୍‌ରୁ ବାଦ୍ ପଡିବେ । ଏପରିକି ତାଙ୍କୁ ପାଞ୍ଚରୁ ଛଅ ମାସ କ୍ରିକେଟ୍‌ରୁ ଦୂରରେ ରହିବାକୁ ପଡିପାରେ । ନୀତିଶଙ୍କ କ୍ୟାରିୟର ନୀତିଶ ରାଣା ୨୦୧୬ରେ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ । ସେ ଏ ପର୍ଯ୍ୟନ୍ତ ଆଇପିଏଲ୍‌ରେ ୯୧ଟି ମ୍ୟାଚ୍ ଖେଳି ୮୫ଟି ଇନିଂସରେ ୨୭.୯୬ ହାରରେ ୨୧୮୧ ରନ କରିଛନ୍ତି । ଏଥିରେ ୧୫ଟି ଅର୍ଦ୍ଧଶତକ ସାମିଲ୍ । ସର୍ବୋଚ୍ଚ ସ୍କୋର ୮୭ ରନ ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୧୩୪ରୁ ଅଧିକ ରହିଛି । ଆଇପିଏଲ୍‌ରେ ସେ ଅନେକ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଛନ୍ତି ।

# ବାର୍ଷିକ କଣ୍ଟ୍ରାକ୍ଟ ଲିଷ୍ଟରୁ କିଛି ସିନିୟର ଖେଳାଳିଙ୍କୁ ବାଦ୍ ଦେଲା ବିସିସିଆଇ




ମୁମ୍ବାଇ(ଏଜେନ୍ସୀ)ବିସିସିଆଇ ଖେଳାଳିଙ୍କ ବାର୍ଷିକ କଣ୍ଟ୍ରାକ୍ଟ ଲିଷ୍ଟ ଜାରି କରିଛି । ଏଥିରେ ଅନେକ ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯାଇଥିବା ବେଳେ କିଛି ଯୁବ କ୍ରିକେଟରଙ୍କୁ ପ୍ରଦର୍ଶନ ବଦଳରେ ପୁରସ୍କାର ମିଳିଛି । ରବିନ୍ଦ୍ର ଜାଡେଜା, ରୋହିତ ଶର୍ମା, ବିରାଟ କୋହଲି, ଜସପ୍ରୀତ୍ ବୁମ୍‌ରାହ ଶ୍ରେଣୀରେ ସ୍ଥାନ ପାଇଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ଶ୍ରେଣୀକୁ ଆସିଛନ୍ତି । ବିସିସିଆଇ ପକ୍ଷରୁ ଜାରି ହୋଇଥିବା ତାଲିକା ଅନୁସାରେ, ବାର୍ଷିକ କଣ୍ଟ୍ରାକ୍ଟ ଲିଷ୍ଟରେ ଅନେକ ସିନିୟର ଖେଳାଳି ବାଦ୍ ପଡିଛନ୍ତି ।କିଛି ବର୍ଷ ଧରି କେବଳ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଏଥର ବିସିସିଆଇ କଣ୍ଟ୍ରାକ୍ଟରୁ ବାହାର କରିଦେଇଛି । ସେହିପରି ଆଉ ଜଣେ ବୋଲର ମଧ୍ୟ କଣ୍ଟ୍ରାକ୍ଟ ଲିଷ୍ଟରୁ ବାହାର ରଖିଛି ବିସିସିଆଇ । ସେ ହେଉଛନ୍ତି ଦ୍ରୁତ ବୋଲର ଭୁବନେଶ୍ୱର କୁମାର । ଭୁବନେଶ୍ୱର କୁମାର ଟି-୨୦ ବିଶ୍ୱକପ୍ ପରଠାରୁ ଆହତ ସମସ୍ୟା ଲାଗି ଟିମ୍‌ରୁ ବାଦ୍ ପଡିଛନ୍ତି । ଗତ ବର୍ଷ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ଦଳରେ ନିଜ ସ୍ଥାନକୁ ପକ୍କା କରିଥିଲେ । ଟି-୨୦ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସାମିଲ ଥିଲେ । ନଭେମ୍ବର ୨୦୨୨ ପରଠାରୁ ଭୁବନେଶ୍ୱର କୁମାର କୌଣସି ମ୍ୟାଚ୍ ଖେଳିନାହାନ୍ତି । ଜାନୁଆରୀ ୨୦୨୨ରେ ଭୁବନେଶ୍ୱର କୁମାର ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ । ସେହିପରି ଇଶାନ୍ତ ଶର୍ମାଙ୍କ ମଧ୍ୟ ଶେଷ ହେବା ପରି ମନେ ହେଉଛି । ଲମ୍ବା ସମୟ ଧରି ଫିଟ୍‌ନେସ୍ ସମସ୍ୟାରେ ଛନ୍ଦି ହୋଇଛନ୍ତି ଇଶାନ୍ତ । ନଭେମ୍ବର ୨୦୨୧ରେ ଇଶାନ୍ତ ଶର୍ମା ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ସେବେଠାରୁ ଇଶାନ୍ତ ଟିମ୍‌ରେ ନିଜ ପାଇଁ ଏକ ଜାଗା ସୃଷ୍ଟି କରିବାରେ ବିଫଳ ହୋଇଛି । ଆଉ ଏବେ ବିସିସିଆଇ ବାର୍ଷିକ କଣ୍ଟ୍ରାକ୍ଟ ଲିଷ୍ଟରୁ ବାହାର ରଖିବା, ଇଶାନ୍ତ କ୍ୟାରିୟର ଶେଷ ହେଲା ଭଳି ସଙ୍କେତ ଦେଉଛି । ଏହାପୂର୍ବ ତାଙ୍କ ନାମ 'ଇ' ଶ୍ରେଣୀରେ ସାମିଲ ଥିଲା । ଇଶାନ୍ତ ଭାରତ ପକ୍ଷରୁ ୧୦୫ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି । ଏହି ସମୟ ମଧ୍ୟରେ ଇଶାନ୍ତ ୩୧୧ଟି ୱିକେଟ୍ ନେଇଛନ୍ତି । ତାଙ୍କ କ୍ୟାରିୟର ସର୍ବଶ୍ରେଷ୍ଠ ପ୍ରଦର୍ଶନ ୭୪ ରନ ଦେଇ ୭ଟି ୱିକେଟ୍ ନେଇଛନ୍ତି । ସେହିପରି ୮୦ଟି ଦିନିକିଆ ମ୍ୟାଚ୍ ଖେଳି ଇଶାନ୍ତ ୧୧୫ ୱିକେଟ୍ ନିଜ ନାମରେ କରିଛନ୍ତି । ଇଶାନ୍ତ ନିଜ କ୍ୟାରିୟରରେ ୧୪ଟି ଟି-୨୦ ମ୍ୟାଚ୍ ଖେଳି ମାତ୍ର ୮ଟି ୱିକେଟ୍‌ନେଇଛନ୍ତି ।

# ଟ୍ୱେଣ୍ଟି ଟ୍ୱେଣ୍ଟି ଫର୍ମାଟ୍ କ୍ରିକେଟରେ ବିରଳ ମ୍ୟାଚ୍



ସେଞ୍ଚୁରିୟନ(ଏଜେନ୍ସୀ): ଟ୍ୱେଣ୍ଟି ଟ୍ୱେଣ୍ଟି ଫର୍ମାଟ୍ କ୍ରିକେଟରେ ରବିବାର ବିରଳ ମ୍ୟାଚ୍ ଦେଖିବାକୁ ମିଳିଛି । ବିଶାଳ ସ୍କୋରକୁ ପିଛା କରି ଜିତିଛି ଦକ୍ଷିଣ ଆଫ୍ରିକା । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ହରାଇ ୱେଷ୍ଟଇଣ୍ଡିଜ୍ ସଂଗ୍ରହ କରିଥିଲା ୨୫୮ ରନ୍ । ତେବେ ଆଶ୍ଚର୍ଯ୍ୟକର କଥା ହେଉଛି ବିଶାଳ ରନ୍‌ର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ୧୮.୫ ଓଭରରେ ୪ ୱିକେଟ୍ ହରାଇ ୨୫୯ ରନ୍ ସଂଗ୍ରହ କରିନେଇଛି । କ୍ରିକେଟ୍ ଇତିହାସରେ ଏତେ ବଡ ସ୍କୋରକୁ ପିଛା କରି ଜିତିବାରେ ସାଉଥ୍‌ଆଫ୍ରିକା ଏକମାତ୍ର ଦଳ । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା । ଯାହା କି ଦଳ ପାଇଁ ବୁମେରାଂ ହୋଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ପକ୍ଷରୁ ବ୍ରାଣ୍ଡନ୍ କିଙ୍ଗ୍ ମାତ୍ର ୧ ରନ୍ କରି ଆଉଟ ହୋଇଥିବା ବେଳେ କାଇଲ୍ ମେୟର୍ସ ମାତ୍ର ୨୭ ବଲ ଖେଳି ୫ଟି ଚୌକା ସ ୪ଟି ଛକା ସହାୟତାରେ ୫୧ ରନ କରି ଆଉଟ ହୋଇଥିବା ବେଳେ ଜନସନ୍ ଚାର୍ଲସ୍ ମାତ୍ର ୪୬ ବଲ ଖେଳି ୧୦ଟି ଚୌକା ଓ ୧୧ଟି ଛକା ସହାୟତାରେ ୧୧୮ ରନ୍ କରି ଆଉଟ ହୋଇଥିଲେ । ସେହିଭଳି ନିକୋଲାସ୍‌ପୂରନ୍ ୨ରନ, ରୋବମନ ପୋୱେଲ ୨୮ରନ ରନ କରି ଆଉଟ ହୋଇଥିଲେ । ରୋମାରିଓ ସେଫାର୍ଡ ୧୮ ବଲରୁ ୪୧ ରନ୍ ଓ ଓଡେନ୍ ସ୍ମିଥ୍ ୧୧ରନ କରି ନଟଆଉଟ୍ ଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ୱେନ୍ ପାର୍ନେଲ ୨ଟି ୱିକେଟ ନେଇଥିବା ବେଳେ ମାର୍କୋ ଜନସେନ୍ ୩ଟି ୱିକେଟ ନେଇଥିଲେ । ୨୫୯ ରନ୍ ବିଜୟଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଦୁର୍ଦ୍ଦଶ ଆରମ୍ଭ କରିଥିଲା । ଦଳ ପକ୍ଷରୁ କ୍ୱିଣ୍ଟନ୍ ଡି' କକ୍ ମାତ୍ର ୪୪ ବଲ ଖେଳି ୯ଟି ଚୌକା ଓ ୮ଟି ଛକା ସହାୟତାରେ ୧୦୦ ରନ କରି ଆଉଟ ହୋଇଥିବା ବେଳେ ରିଜା ହେଣ୍ଡରିକ୍ସ ୨୮ ବଲ ଖେଳି ୧୧ ଚୌକା ଓ ୨ ଛକା ସହ ୬୮ ରନ୍ କରି ଆଉଟ ହୋଇଥିଲେ । ପ୍ରଥମ ୱିକେଟ୍ ଯୋଡିରେ ଡି' କକ୍ ଓ ରିଜା ହେଣ୍ଡରିକ୍ସ ପ୍ରଥମ ୱିକେଟ ପାର୍ଟନରସିପରେ ୧୦.୫ ଓଭର ଖେଳି ୧୫୨ ରନ୍ କରିଥିଲେ । ସେହିଭଳି ରିଲେ ରୋଷୋ ୧୬ ରନ୍, ଡେଭିଡ୍ ମିଲର ୧୦ରନ କରି ଆଉଟ୍ ହୋଇଥିଲେ । ପରେ ଏଡେନ୍‌ମାର୍କରମ୍ ୩୮ରନ୍‌ଓ ହେନରିଚ୍ କ୍ଲାସେନ ୧୬ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ । ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜେସନ୍ ହୋଲଡର, ଓଡେନ୍ ସ୍ମିଥ୍, ରେମନ୍ ରେଫର ଓ ରୋବମାନ୍ ପୋୱେଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ମହିଳା ଆଇପିଏଲ୍ ଚାମ୍ପିୟନ୍




ନୂଆଦିଲ୍ଲୀ(ଏଜେନ୍ସୀ): ମହିଳା ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି ମୁମ୍ବାଇ ଇଣ୍ଡିଆନ୍ସ । ଦିଲ୍ଲୀ କ୍ୟାପିଟାଲ୍ସକୁ ୭ ୱିକେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହୋଇଛି ମୁମ୍ବାଇ । ଲୋ ସ୍କୋରିଂ ମୁକାବିଲାରେ ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ପରାସ୍ତ ହୋଇଛି ଦିଲ୍ଲୀ କ୍ୟାପିଟାଲ୍ସ ମହିଳା ଦଳ । ୧୩୨ ରନ୍ ବିଜୟଲକ୍ଷ୍ୟ ପିଛା କରିବାକୁ ଯାଇ ମୁମ୍ବାଇ ଇଣ୍ଡିଆନ୍ସ ୧୯.୩ ଓଭରରେ ୩ ୱିକେଟ୍ ହରାଇ ୧୩୪ ରନ୍ କରିନେଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ଦଳ ସଂଗ୍ରହ କରିଥିଲା ୧୩୧ ରନ୍ । ୧୩୨ ରନ୍ ବିଜୟଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ମୁମ୍ବାଇ ୧୯.୩ ଓଭରରେ ୩ ୱିକେଟ ହରାଇ ୧୩୪ ରନ୍ କରିବା ସହିତ ଚାମ୍ପିୟନ୍ ହୋଇଛି । ଦଳ ପକ୍ଷରୁ ହେଲେ ମାଥ୍ୟୁଜ୍ ୧୩ ରନ କରି ଆଉଟ ହୋଇଥିବା ବେଳେ ୟାସ୍ତିକା ଭାଟିଆ ୪ ରନ କରି ଆଉଟ ହୋଇଥିଲେ । ନାଟ୍ ସ୍କିଭରପ୍ରଣ୍ଟ ଶେଷ ପର୍ଯ୍ୟନ୍ତ ରହିବା ସହିତ ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି । ସେ ବ୍ୟକ୍ତିଗତ ଭାବେ ୫୫ ବଲ ଖେଳି ୭ଟି ଚୌକା ସହାୟତାରେ ୬୦ ରନ କରି ଅପରାଜିତ ଥିବା ବେଳେ ଆମେଲିଆ କେ୧୪ରନ୍ କରି ନଟଆଉଟ୍ ଥିଲେ । ଅଧିନାୟିକା ହରମନପ୍ରୀତ କୌର ୩୯ ବଲ ଖେଳି ଉପଯୋଗୀ ୩୭ ରନ୍ କରି ରନ୍ ଆଉଟ ହୋଇଥିଲେ । ଦିଲ୍ଲୀ ପକ୍ଷରୁ ରାଧା ଯାଦବ ଓ ଜେସ୍ ଜୋନାସନ୍ ଗୋଟିଏ ଲେଖାଏଁ ୱିକେଟ ନେବାକୁ ସକ୍ଷମ ହୋଇଥିଲେ । ଅନ୍ୟ କେହି ବି ୱିକେଟ ପାଇବାକୁ ସଫଳ ହୋଇନଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଓପନର ମେଗ୍ ଲାନିଙ୍ଗ ୩୫ ରନ କରି ଥିବା ବେଳେ ସେଫଳୀ ବର୍ମା ୧୧ରନ, ମାରିଜାନେ୍ କାପ୍ ୧୮ରନ, ଶିଖା ପାଣ୍ଡେ ୨୭ ରନ (ନଟଆଉଟ) ଓ ରାଧା ଯାଦବ ଅପରାଜିତ ୨୭ରନ କରିଥିଲେ । ଅନ୍ୟ କେହି ଆଖି ଦୃଶିଆ ରନ୍ କରିପାରିନଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଇସେ ୱଙ୍ଗ ୪୨ ରନ୍‌ଦେଇ ୩ଟି ୱିକେଟ ନେଇଥିବା ବେଳେ ଆମେଲିଆ କେ୧୮ ରନ୍‌ଦେଇ ୨ଟି ଓ ହେଲେ ମାଥ୍ୟୁଜ୍ ୪ ଓଭରରେ ମାତ୍ର ୫ରନ୍‌ଦେଇ ୩ଟି ୱିକେଟ ନେଇଥିଲେ ।

# ପୁଣି ବିବାହ କରିବେ ଷ୍ଟାର ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ

ନୂଆଦିଲ୍ଲୀ(ଏଜେନ୍ସୀ): ଭାରତୀୟ କ୍ରିକେଟ୍ ଟିମ୍‌ର ଷ୍ଟାର ଓପନର୍ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ । ସର୍ବଦା ନିଜର ବୟାନ ପାଇଁ ଜଣାଶୁଣା । କ୍ରିକେଟ୍ ପଡ଼ିଆ ହେଉ କିମ୍ବା ପର୍ସନାଲ୍ ଲାଇଫ୍, ସର୍ବଦା ଖୋଲାଖୋଲି ଭାବରେ ବଞ୍ଚିବାକୁ ପସନ୍ଦ କରନ୍ତି ସେ । କିନ୍ତୁ ଆଜିକାଲି ଶିଖର ସମସ୍ୟା ଭିତରେ ଫସି ଯାଇଛନ୍ତି । ଟିମ୍ ଇଣ୍ଡିଆରୁ ନିଜର ସ୍ଥାନ ହରାଇଥିବା ବେଳେ, ଅନ୍ୟପକ୍ଷେ ତାଙ୍କ ପତ୍ନୀ ଆୟେଶା ମୁଖାର୍ଜୀଙ୍କ ସହ ଛାଡପତ୍ର ମାମଲା ଚାଲିଛି । ବର୍ତ୍ତମାନ ଶିଖର ଏକ ସାକ୍ଷାତକାରରେ ତାଙ୍କ ଜୀବନ ସହ ଜଡିତ ପ୍ରତ୍ୟେକ ପ୍ରସଙ୍ଗରେ ଖୋଲାଖୋଲି ଭାବେ କଥା ହୋଇଛନ୍ତି । ବିବାହ ଭାଙ୍ଗିବା ପରେ ଶିଖର ତାଙ୍କ ସାକ୍ଷାତକାରରେ କହିଛନ୍ତି, 'ମୋର ବିବାହ ଭାଙ୍ଗିବା ପ୍ରସଙ୍ଗ ଏବେ ବି କୋର୍ଟରେ ଅଛି । ମୁଁ ସ୍ୱୀକାର କରୁଛି ଯେ ମୋର ଭୁଲ ଅଛି । ବିବାହ ଚାଲି ପାରିଲା ନାହିଁ, ମୁଁ ଏଥିରେ ବିଫଳ ହେଲି । ମୁଁ ବିଫଳ ଏଥିପାଇଁ ହେଲି କାରଣ ମୋର ସେହି କ୍ଷେତ୍ରରେ କୌଣସି ଧାରଣା ନଥିଲା । କ୍ରିକେଟର୍ ଆହୁରି କହିଛନ୍ତି, 'ମୋର ବିବାହର ମାମଲା ଏବେ କୋର୍ଟରେ ଅଛି । କିନ୍ତୁ ଏହାର ସମାଧାନ ପରେ ଯେତେବେଳେ ମୋତେ ବିବାହ କରିବାକୁ ପଡ଼ିବ, ସେତେବେଳେ ମୁଁ ଅଧିକ ବୁଦ୍ଧିମାନ ହୋଇଯିବି । ଯେତେବେଳେ ମୋତେ ଦ୍ୱିତୀୟ ବିବାହ କରିବାକୁ ପଡିବ, ମୁଁ ବର୍ତ୍ତମାନ ଅଧିକ ସମ୍ବେଦନଶୀଳ ହେବି ଯାହା ଦ୍ୱାରା ମୁଁ ସମସ୍ତ ପ୍ରକାରର ସମ୍ଭାବନା ବିଷୟରେ ପରିଚିତ ରହିବି । ଶିଖର ଧାୱନ ୨୦୧୨ ରେ ଆୟେଶା ମୁଖାର୍ଜୀଙ୍କୁ ବିବାହ କରିଥିଲେ । ଆୟେଶା ପୂର୍ବରୁ ବିବାହିତ ଥିଲେ ଏବଂ ତାଙ୍କର ସନ୍ତାନ ଥିଲେ । ତେବେ ଏହା ସତ୍ତ୍ୱେ ଧାୱନ ବିବାହ କରିଥିଲେ । ୨୦୧୪ ରେ ଉଭୟଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା । ଉଭୟଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିଥିଲା କିନ୍ତୁ ହଠାତ୍ ଖବର ଆସିଲା ଯେ ସେମାନେ ଛାଡପତ୍ର ନେବାକୁ ଯାଉଛନ୍ତି ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୬ମାର୍ଚ୍ଚ-୧ଅପ୍ରେଲ ୨୦୨୩




ଏଥରର ଓସ୍କାର ବିଜୟୀ

ଭାରତୀୟ ଫିଲ୍ମ ଆର୍ ଆର୍ ଆର୍‌ର ତେଲୁଗୁ ଗୀତ 'ନାଟୁ ନାଟୁ' ଏକାଡେମୀ ପୁରସ୍କାରରେ ସର୍ବଶ୍ରେଷ୍ଠ ଅରଜିନାଲ ଗୀତର ଶ୍ରେଣୀରେ ଓସ୍କାର ଜିତିକରି ଇତିହାସ ସୃଷ୍ଟି କରିଥିଲାବେଳେ ଆମେରିକାର ଲସ ଏଞ୍ଜେଲସଠାରେ ଆୟୋଜିତ ୯୫ ତମ ଓସ୍କାର ସମାରୋହରେ ପ୍ରଥମ କରି ଭାରତକୁ ୨ଟି ପୁରସ୍କାର ମିଳିଛି । ନାଟୁ ନାଟୁର ସଫଳତା ସହିତ ତାମିଲ ଭାଷାର ଡକ୍ୟୁମେଣ୍ଟାରୀ ଦ ଏଲିଫ୍ୟାଣ୍ଟ ହ୍ୱିସ୍ପର୍ସକୁ ଡକ୍ୟୁମେଣ୍ଟାରୀ ସର୍ଟ ସବଜେକ୍ଟ ଶ୍ରେଣୀରେ ଭାରତ ଲାଗି ପ୍ରଥମ ଓସ୍କାର ପୁରସ୍କାର ମିଳିଛି । କାର୍ତ୍ତିକି ଗୁଞ୍ଜାଲିଭ୍ସ ଦ୍ୱାରା ନିର୍ଦ୍ଦେଶିତ ତଥା ଓଟିଟି ପ୍ଲାଟଫର୍ମରେ ପ୍ରସାରିତ ଏହି ଡକ୍ୟୁମେଣ୍ଟାରୀ ଏହି ଶ୍ରେଣୀରେ 'ହଲ୍ ଆଉଟ', ହାଓ ଟୁ ୟୁ ମେଜରମେଣ୍ଟ ଏ ଇୟର, ଦ ମାର୍ଥା ମିସେଲ ଇଫେକ୍ଟ ଏବଂ ଷ୍ଟ୍ରେଞ୍ଜର ଆର୍ଟ ଦ ଗେଟ୍‌କୁ ମାତ୍ ଦେଇ ପୁରସ୍କାର ହାସଲ କରିବାରେ ସଫଳ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଟୁ ନାଟୁର ସଫଳତାକୁ ନେଇ ଟ୍ୱିଟ କରି କହିଛନ୍ତି ଏହା ଅସାଧାରଣ । ନାଟୁ ନାଟୁର ଲୋକପ୍ରିୟତା ବୈଶ୍ୱିକ । ଏହା ଏକ ଏଭଳି ଗୀତ ହେବ ଯାହାକୁ କି ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ସ୍ମରଣ କରାଯିବ ।

**ଜାତୀୟ:** ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ବିଜେପି ଓ ଚୀନରେ ମୋଦୀଙ୍କ ପ୍ରଶଂସା

**ସ୍ୱତନ୍ତ୍ର ପ୍ରସଙ୍ଗ:** ରାଜଧାନୀରେ 'ଟାଟୁ' ମାନିଆ

**ନାରୀ:** ସୋରିଷ ତେଲ ମାସ୍କ

**କ୍ଷୁଦ୍ରଗଳ୍ପ:** ହୁଣ୍ଡାକୁ ଗଛଭୂତ ଲାଗିଛି

**ଚଳଚ୍ଚିତ୍ର:** ରାମ ଚରଣଙ୍କୁ ଜବରଦସ୍ତ ସ୍ୱାଗତ,ବିବାଦରେ ଅଭିନେତା ସାକିବ ଖାନ,୩୩ ବର୍ଷରେ ପାଦ ଦେଲେ କ୍ରିଷ୍ଟାଲ୍ ଡିସୁଜା,ବିବାହ କଲେ ଟେଲି ଅଭିନେତ୍ରୀ ଦଲଜିତ୍ କୌର,ଆହତ ହେଲେ ଅଭିନେତା ଶାର୍ଲିନ ଭନୋଟ୍,ମରାଠୀ ଅଭିନେତା ଭାଲଚନ୍ଦ୍ର କୁଲକର୍ଣ୍ଣିଙ୍କ ଦେହାନ୍ତ,ଦୁର୍ଘଟଣାର ସମ୍ମୁଖୀନ ହେଲେ କାର୍ତ୍ତିକ ଆର୍ଯ୍ୟନ,ଚର୍ଚ୍ଚାରେ କେଆର୍‌କେ

**ଖେଳ:** କୋଲକାତାର ଅଧିନାୟକ ହେବେ ଯୁବ ବ୍ୟାଟ୍ସମ୍ୟାନ୍ ରିଙ୍କୁ ସିଂ,ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ହେଲେ ବରିଷ୍ଠ ଖେଳାଳି ଡେଭିଡ ୱାର୍ଣ୍ଣର,ଆଇସିସି ଟେଷ୍ଟ ରାଙ୍କିଙ୍ଗ୍‌ରେ ବିରାଟଙ୍କ ଜବରଦସ୍ତ ପ୍ରତ୍ୟାବର୍ତ୍ତନ,ସଚିନଙ୍କ ଐତିହାସିକ ରେକର୍ଡକୁ ପୂରିଲା ୧୧ବର୍ଷ,ଅଣ୍ଡରୱେୟାର ପିନ୍ଧି ଚର୍ଚ୍ଚାରେ ଇଂଲଣ୍ଡ ଟେଷ୍ଟ ଟିମର ଅଧିନାୟକ ବେନ ଷ୍ଟୋକ୍ସ ,ସୁସ୍ଥ ହେବା ପରେ ପାଣିରେ ଚାଲିଲେ ଋଷଭ ପନ୍ତୁ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ " ଯୋଡ଼ିବା ପାଇଁ ଯାତ୍ରା: ଯାତରା ପାଇଁ ଯୋଡ଼''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବେ ଜଶପ୍ରୀତ ବୁମରାହ

ନୂଆଦିଲ୍ଲୀ(ଏଜେନ୍ସୀ): ଦୀର୍ଘ ସମୟରୁ ପିଠିରେ ଆଘାତ ଯୋଗୁଁ କ୍ରିକେଟରୁ ଦୂରେଇ ରହିଛନ୍ତି ଟିମ ଇଣ୍ଡିଆର ୟର୍କର କିଙ୍ଗ ଜଶପ୍ରୀତ ବୁମରାହ । ଏଥିପାଇଁ ଟି-୨୦ ବିଶ୍ୱକପ ସହିତ ଏସିଆ କପରୁ ମଧ୍ୟ ବାଦ୍ ପଡିଥିଲେ । ଏହାସହିତ ଆଗାମୀ ଆଇପିଏଲରେ ମଧ୍ୟ ସେ ନଖେଳିବା ନେଇ ଚର୍ଚ୍ଚା ହେଉଥିଲା । କିନ୍ତୁ ବର୍ତ୍ତମାନର ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହାକୁ ଦେଖି ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠିଛି, ମୁମ୍ବାଇ ପାଇଁ ଆଇପିଏଲ ଖେଳିବେ କି ବୁମରାହ ସୂଚନା ଅନୁସାରେ, ମୁମ୍ବାଇ ଇଣ୍ଡିଆନ୍ସ ଶିବିରରେ ବୁମରାହଙ୍କ ଉପସ୍ଥିତିର ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହେଉଛି । ଭିଡିଓରେ ବୁମରାହ ଏବଂ ଜୋଫ୍ରା ଆର୍ଚରଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନଙ୍କୁ ଦେଖିବାକୁ ମିଳିଛି । ତେବେ ବୁମରାହଙ୍କ ଖେଳିବା ନେଇ ପ୍ରଶ୍ନର ଉତ୍ତର ହେଉଛି ନା, ବୁମରାହ ଚଳିତବର୍ଷ ଆଇପିଏଲରେ ଯୋଗ ଦେବେ ନାହିଁ । ପ୍ରକୃତରେ ଭାଇରାଲ ହେଉଥିବା ଏହି ଭିଡିଓଟି ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ନିଜ ଅପିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଅପଲୋଡ କରାଯାଇଛି । ତେବେ ବୁମରାହ ମହିଳା ପ୍ରିମିୟର ଲିଗର ଫାଇନାଲ ମ୍ୟାଚ ଦେଖିବା ପାଇଁ ଷ୍ଟାଡିୟମ ଆସିଥିବା ବେଳେ ଦଳର ସଦସ୍ୟମାନଙ୍କୁ ଭେଟିଥିଲେ ।


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583